DHARITRI

ଗୁରୁବାର, ଏପ୍ରିଲ ୩୦/୨୦୨୦ (୧୮ ପୃଷ୍ଠା) | Thursday, April 30/2020

୪୭ଶ ଭାଗ ୧୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



**ଓଡ଼ିଶା ଏଫ୍‌ସିରୁ ପୁଣି ୩ ବର୍ଷ ଖେଳିବେ ଶୁଭମ୍**

ପ୍ରତିଭାସମ୍ପନ୍ନ ଓଡ଼ିଆ ଫୁଟବଲ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଓଡ଼ିଶା ଏଫ୍‌ସିରୁ ଆହୁରି ୩ବର୍ଷ ଖେଳିବା ଲାଗି ଚୁକ୍ତି କରିଛନ୍ତି।

୧୮

୧୧

**ସ୍ୱାସ୍ଥ୍ୟକର୍ମୀଙ୍କୁ ସହଯୋଗ ଲାଗି ଅପିଲ**

ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ନିଜ ସୋସିଆଲ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରି ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ସ୍ୱର ଉଠାଇବାକୁ କହିଛନ୍ତି।



# ପରଲୋକରେ ଇର୍ଫାନ

## କ୍ୟାନ୍‌ସର ଲଢ଼େଇରେ ହାରିଗଲେ



ଇର୍ଫାନ ଖାନ୍
୧୯୬୭-୨୦୨୦

ମୁମ୍ବାଇ,୨୯।୪(ପି.ଟି.): ଅସାଧାରଣ ଅଭିନୟ କଳା ମାଧ୍ୟମରେ ବଲିଉଡ୍ ସମେତ ପାଶ୍ଚାତ୍ୟ ଚଳଚ୍ଚିତ୍ର ଜଗତରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଖ୍ୟାତନାମା ଅଭିନେତା ଇର୍ଫାନ ଖାନ୍‌ଙ୍କର ବୁଧବାର ପରଲୋକ ହୋଇଯାଇଛି। ଦୀର୍ଘ ଦୁଇବର୍ଷ ଧରି କ୍ୟାନ୍‌ସର ସହ ଲଢ଼ିବା ପରେ ଶେଷରେ ତାଙ୍କୁ ହାର ମାନିବାକୁ ପଡ଼ିଛି। ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୫୩ ବର୍ଷ ହୋଇଥିଲା। ଅପରାହ୍ଣ ୩ଟାରେ ମୁମ୍ବାଇର ଭେର୍‌ସୋଭା କବରସ୍ଥାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶେଷକୃତ୍ୟ ବେଳେ ପରିବାର ସଦସ୍ୟ, ବନ୍ଧୁ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ ପ୍ରତିଭାଶାଳୀ ଅଭିନେତା ଇର୍ଫାନ୍ ତାଙ୍କର ୩୦ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ଏସୀୟ ଚଳଚ୍ଚିତ୍ର ପୁରସ୍କାର, ୪ଟି ଫିଲ୍ମଫେୟାର ଆୱାର୍ଡ ସମେତ ୨୦୧୧ରେ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ। ହିନ୍ଦୀ ଚଳଚ୍ଚିତ୍ର ସମେତ ହଲିଉଡ୍‌ରେ ସେ ଅଭିନୟ କରି ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର ମଧ୍ୟରେ ରହିଛି 'ଦି ଆମାଜିଙ୍ଗ୍ ସ୍ପାଇଡରମ୍ୟାନ' ଏବଂ ' ଦି ଲଞ୍ଚବକ୍ସ'।

ସପ୍ତାହକ ମଧ୍ୟରେ ଇର୍ଫାନଙ୍କ ପରିବାର ଲାଗି ଏହା ଦ୍ୱିତୀୟ ଦୁଃଖଦ ଘଟଣା। ୪ ଦିନ ପୂର୍ବରୁ ତାଙ୍କ ମାଆ ୯୫ ବର୍ଷୀୟା ସାୟିଦା ବେଗମ୍‌ଙ୍କର ଜୟପୁରରେ ପରଲୋକ ହୋଇଥିଲା। ଲକ୍‌ଡାଉନ ଯୋଗୁ ଇର୍ଫାନ ତାଙ୍କ ମାଆଙ୍କ ଶେଷକୃତ୍ୟରେ ଯୋଗଦେଇପାରି ନ ଥିଲେ। ଭାରତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଏହି ଅସାଧାରଣ ଅଭିନେତାଙ୍କଠାରେ କୋଲୋନ ସଂକ୍ରମଣ ଯୋଗୁ ତାଙ୍କୁ କୋକିଲାବେନ୍ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ସୁତପା, ପୁଅ ବବିଲ ଓ ଅର୍ଯ୍ୟନ ଉପସ୍ଥିତ ଥିଲେ। ☞ପୃଷ୍ଠା-୪

ଅଧିକ ରିପୋର୍ଟ: ପୃଷ୍ଠା-୨

# ୩ ସପ୍ତାହର ବନ୍ଧୁତା

## ମୋଦିଙ୍କୁ ଅନ୍‌ଫଲୋ କଲେ ଟ୍ରମ୍ପ, ହ୍ୱାଇଟ୍ ହାଉସ୍

ୱାଶିଂଟନ,୨୯।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟୁଇଟର୍‌ରେ ଅନ୍‌ଫଲୋ କରିଛନ୍ତି। କେବଳ ବ୍ୟକ୍ତିଗତ ଭାବେ ଟ୍ରମ୍ପ ନୁହନ୍ତି, ବରଂ ପ୍ରେସିଡେଣ୍ଟ ଅଫ୍ ଦି ୟୁନାଇଟେଡ୍ ଷ୍ଟେଟ୍ସ (ପିଓଟିୟୁଏସ୍) ଏବଂ ଆମେରିକାର ପାୱାର ପଏଣ୍ଟ ତଥା ତାଙ୍କ ସରକାରୀ ବାସଭବନ ହ୍ୱାଇଟ୍ ହାଉସ୍ ମଧ୍ୟ ମୋଦିଙ୍କୁ ଟୁଇଟରରୁ ହଟାଇଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ପଦକ୍ଷେପ ପରେ ନାନା ପ୍ରଶ୍ନ ଉଠିଛି ଓ ବିଭିନ୍ନ କଥାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସାଧାରଣତଃ ହ୍ୱାଇଟ୍ ହାଉସ୍ ଏବଂ ପିଓଟିୟୁଏସ୍ ଅନ୍ୟ କୌଣସି ରାଷ୍ଟ୍ରମୁଖ୍ୟଙ୍କୁ ଟୁଇଟରରେ ଫଲୋ କରି ନ ଥାନ୍ତି। କିଛିଦିନ ତଳେ ହ୍ୱାଇଟ୍ ହାଉସ୍‌ର ଟୁଇଟର୍ ହ୍ୟାଣ୍ଡଲ ପ୍ରଧାନମନ୍ତ୍ରୀ ମୋଦି, ଆମେରିକାରେ ଥିବା ଭାରତୀୟ ଦୂତାବାସ ଓ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଫଲୋ କରିଥିଲା। ହ୍ୱାଇଟ୍ ହାଉସ୍‌କୁ ୨୨ ନିୟୁତ ୟୁଜର୍ସ ଫଲୋ କରୁଥିବାବେଳେ ବିଶ୍ୱର ଏହି କ୍ଷମତାକେନ୍ଦ୍ର ମାତ୍ର ୧୯ ଜଣଙ୍କୁ ଫଲୋ କରିଥିଲା, ଯାହାଙ୍କ ମଧ୍ୟରେ ମୋଦି ଓ କୋବିନ୍ଦ ଥିଲେ। ଏଥିଯୋଗୁ ହ୍ୱାଇଟ୍ ହାଉସ୍‌ର ଭାରତ ପ୍ରେମକୁ ନେଇ ଇଣ୍ଟରନେଟରେ ଚର୍ଚ୍ଚା ଜୋର୍ ଧରିଥିଲା। ଏବେ ହ୍ୱାଇଟ୍ ହାଉସ୍ ମାତ୍ର ୧୩ ଜଣଙ୍କୁ ଫଲୋ କରୁଛି, ଯାହାଙ୍କ ମଧ୍ୟରେ ସର୍ବାଧିକ ରହିଛି ଆମେରିକା ପ୍ରଶାସନର ବିଭିନ୍ନ ବିଭାଗ।

ପ୍ରଶ୍ନ ଉଠୁଛି ଟ୍ରମ୍ପ ଓ ହ୍ୱାଇଟ୍ ହାଉସ୍ କାହିଁକି ଏପରି କଲେ। ଏହାର ଉତ୍ତର ଖୋଜିବା ପାଇଁ ହେଲେ ଟିକେ ପଛକୁ ଫେରିବାକୁ ହେବ। କରୋନାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଆମେରିକା। ଏହି ମହାମାରୀରୁ ଦେଶବାସୀଙ୍କୁ ମୁକ୍ତ କରିବା ପାଇଁ ଆମେରିକାକୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ (ଏଚ୍‌ସିକ୍ୟୁ) ବଟିକା ଦରକାର ଥିଲା। ଭାରତରେ ଶସ୍ତାରେ ଉପଲବ୍ଧ ମ୍ୟାଲେରିଆ ନିରୋଧୀ ଏହି ଔଷଧ ରପ୍ତାନି ଉପରେ ନୂଆଦିଲ୍ଲୀ ଗତ ମାର୍ଚ୍ଚ ୨୪ରେ କଟକଣା ଜାରି କରିଥିଲା। ହେଲେ ଏହି ବଟିକାରେ କରୋନା ବ୍ୟାଧି ଦୂର ହେଉଛି ମନେକରି ଆମେରିକା ପର୍ଯ୍ୟାପ୍ତ ପରିମାଣର ହାଇଡ୍ରୋକ୍ସିକ୍ଲୋରୋକୁଇନ ଆମଦାନୀ ପାଇଁ ଭାରତକୁ ବରାଦ କରିଥିଲା। ଏହାପରେ ଟ୍ରମ୍ପ ଓ ହ୍ୱାଇଟ୍ ହାଉସ୍ ମୋଦି ଏବଂ କୋବିନ୍ଦଙ୍କୁ ଟୁଇଟରରେ ଫଲୋ କରିଥିଲେ। ଭାରତ ପକ୍ଷରୁ ଏଚ୍‌ସିକ୍ୟୁ ଦିଆ ନ ଯିବାରୁ ଟ୍ରମ୍ପ ଧମକ ମଧ୍ୟ ଦେଇଥିଲେ। ଟ୍ରମ୍ପଙ୍କ ଧମକର କିଛି ସମୟ ପରେ ଭାରତ ଏଚ୍‌ସିକ୍ୟୁ



ରପ୍ତାନି ଉପରେ କଟକଣାକୁ ସାମୟିକ ଭାବେ ହଟାଇଦେଇଥିଲା। ଫଳରେ ଆମେରିକା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକ ଭାରତରୁ ଏଚ୍‌ସିକ୍ୟୁ ନେଇ କରୋନା ଚିକିତ୍ସା କରିବାରେ ଲାଗିଲେ। ଟ୍ରମ୍ପ ସେତେବେଳେ କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଭାରତର ସହଯୋଗକୁ ଭୁଲିହେବ ନାହିଁ ବୋଲି ପ୍ରଶଂସା କରିଥିଲେ। ମୋଦି ମଧ୍ୟ ଦୁଇଦେଶକୁ ଘନିଷ୍ଠ ବନ୍ଧୁ ଭାବେ ଅଭିହିତ କରି ଖୁସି ହୋଇଯାଇଥିଲେ। ସ୍ୱାର୍ଥ ସାଧନ ହେବା ପରେ ଆମେରିକା ଏବେ ଟୁଇଟରରୁ ମୋଦିଙ୍କୁ ହଟାଇଦେଇଥିବା କୁହାଯାଉଛି। ଟ୍ରମ୍ପ କିମ୍ବା ହାଇଟ୍ ହାଉସ୍ ପକ୍ଷରୁ ଏନେଇ କିଛି ମନ୍ତବ୍ୟ ଆସିନାହିଁ।

# ଆଉ ୩ ଜିଲ୍ଲାକୁ ବ୍ୟାପିଲା କରୋନା

ଭୁବନେଶ୍ୱର, ୨୯।୪(ବ୍ୟୁରୋ)

ରାଜ୍ୟରେ କାୟା ବିସ୍ତାର କରିଚାଲିଛି କରୋନା। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ବ୍ୟାପିବାରେ ଲାଗିଛି କୋଭିଡ୍-୧୯। କିଛି ଜିଲ୍ଲାରେ ସୀମିତ ଥିବା ଏହି ଭୂତାଣୁ ଏବେ ରାଜ୍ୟର ପ୍ରାୟ ଅଧା ଜିଲ୍ଲାକୁ ଡେଇଁ ସାରିଲାଣି। ଆଉ ୩ ଜିଲ୍ଲାରେ ପ୍ରଥମଥର କରୋନା ପଜିଟିଭ୍ ଚିହ୍ନଟ ହେବା ପରେ କରୋନା କବ୍‌ଜାକୁ ୧୪ ଜିଲ୍ଲା ଚାଲି ଆସିଛି। ପୂର୍ବରୁ ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, କଳାହାଣ୍ଡି, କେନ୍ଦ୍ରାପଡ଼ା, ପୁରୀ, ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏବେ ଏହି ତାଲିକାରେ ଝାରସୁଗୁଡ଼ା, ଦେବଗଡ଼ ଓ କେନ୍ଦୁଝର ଯୋଡ଼ି ହୋଇଯାଇଛି। ବୁଧବାର ରାଜ୍ୟର ୭ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ଭୁବନେଶ୍ୱରର ଜଣେ ଥିବାବେଳେ ବାଲେଶ୍ୱର ୩, ଝାରସୁଗୁଡ଼ା, ଦେବଗଡ଼ ଓ କେନ୍ଦୁଝରର ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୬ଜଣ କୋଲକାତା ଫେରନ୍ତା ରହିଥିବାବେଳେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଜଣେ ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏହାକୁ ମିଶାଇ ରାଜ୍ୟରେ ☞ପୃଷ୍ଠା-୪



## ନେଗେଟିଭ୍ ଥିଲା, ଏବେ ପଜିଟିଭ୍

ଭୁବନେଶ୍ୱର, ୨୯।୪(ବ୍ୟୁରୋ): ରାଜ୍ୟରେ ବୁଧବାର ଚିହ୍ନଟ ହୋଇଥିବା ୭ଜଣ କରୋନା ପଜିଟିଭ୍‌ଙ୍କ ମଧ୍ୟରୁ ପ୍ରଥମ ଅର୍ଥାତ୍ ୧୧୯ ନଂ. ଆକ୍ରାନ୍ତଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ହଟ୍‌ସ୍ପଟ କୁହାଯାଉଥିବା ରାଜଧାନୀରେ ୧୪ଦିନ ମଧ୍ୟରେ କୌଣସି ନୂଆ କେସ୍ ବାହାରି ନ ଥିଲା। ଗାଇଡ୍‌ଲାଇନ୍ ଅନୁଯାୟୀ ରେଡ୍ ଜୋନ୍‌ରେ ରହିଥିବା ଭୁବନେଶ୍ୱରକୁ ଅରେଞ୍ଜ୍ ଜୋନ୍ ଘୋଷଣା ନେଇ ଚିନ୍ତା କରାଯାଉଥିଲା। ହେଲେ ସକାଳୁ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ସବୁକିଛି ବଦଳାଇ ଦେଲା।

**ଅରେଞ୍ଜ୍ ଜୋନ୍ ହୋଇପାରିଲାନି ଭୁବନେଶ୍ୱର**

ମଧୁସୂଦନ ନଗର ଅଞ୍ଚଳରୁ ଜଣେ ୭୭ବର୍ଷୀୟ ବ୍ୟକ୍ତି କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିବା ପରେ ଆଶ୍ୱସ୍ତ ଭୁବନେଶ୍ୱରବାସୀ ଓ ସରକାରଙ୍କ ପୁଣି ଚିନ୍ତା ବଢ଼ିଯାଇଛି। ☞ପୃଷ୍ଠା-୪

## 'ବିପଦକୁ ଡାକିବ ହେଳା'

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ଟିକିଏ ଅବହେଳା ଆମ ସମସ୍ତଙ୍କୁ ବିପଦରେ ପକାଇ ପାରେ। ଏହା ହେଉଛି ଜୀବନ ଓ ମୃତ୍ୟୁର କଥା। ଏପରିକି ୧୦ପ୍ରତିଶତ ଲୋକଙ୍କ ଭୁଲ ଦ୍ୱାରା ସମସ୍ୟା ୧୦୦ଗୁଣ ବଢ଼ିଯିବ। ଓଡ଼ିଶାର ପରିସ୍ଥିତି ଅନ୍ୟ ରାଜ୍ୟଗୁଡ଼ିକଠାରୁ ବହୁତ ଭଲ ଅଛି। ଆମେ ଯଦି ସରକାରଙ୍କ ନିୟମ ମାନି ଚଳିବା ଓ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବା ତେବେ ଓଡ଼ିଶା କରୋନା ନିୟନ୍ତ୍ରଣ କରିବାରେ ସାରା ଦେଶରେ ଇତିହାସ ସୃଷ୍ଟି କରିପାରିବ ବୋଲି ☞ପୃଷ୍ଠା-୪



୧୦% ଲୋକଙ୍କ ଭୁଲ୍ ପାଇଁ ସମସ୍ୟା ୧୦୦ ଗୁଣ ବଢ଼ିଯିବ

# ଭୁଶୁଡ଼ିଲା ସୁକ୍‌ତେଲ ବ୍ରିଜ୍: ୨ ମୃତ

- ୭ କୋଟି ଟଙ୍କାରେ ନିର୍ମାଣ ହୋଇଥିଲା
- ୨୦୧୫ ମସିହାରେ ସରିଥିଲା ନିର୍ମାଣ କାମ
- ଠିକାସଂସ୍ଥାକୁ ମିଳିଥିଲା ପୁରସ୍କାର
- ୩ ମାସ ତଳେ ଦବି ଯାଇଥିଲା ବ୍ରିଜ୍ ପିଲର
- ନିମ୍ନମାନର କାମ ଅଭିଯୋଗ ହୋଇଥିଲା
- କାର୍ଯ୍ୟାନୁଷ୍ଠାନ ବଦଳରେ ହେଉଥିଲା ମରାମତି କାମ



ଭୁଶୁଡି ପଡିଥିବା ତମିଆଁ-ମୁଦଲସର ସୁକ୍‌ତେଲ ବ୍ରିଜ୍।

ବଲାଙ୍ଗୀର ଅଫିସ/ପାଟଣାଗଡ, ୨୯।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ତମିଆଁ-ମୁଦଲସର ସୁକ୍‌ତେଲ ନଦୀ ବ୍ରିଜ୍ ବୁଧବାର ସକାଳେ ମରାମତି ବେଳେ ଭୁଶୁଡି ପଡିଛି। ଫଳରେ ବ୍ରିଜ୍ ସ୍ଲାବ୍ ତଳେ ଚାପିହୋଇ ଦୁଇଜଣ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଦୁଇ ଶ୍ରମିକ ହେଲେ ପପୁ କୁଶୱାହ ଓ ମନୀଷ କୁଶୱାହ। ଗୁରୁତର ଆହତ ଶ୍ରମିକ ସୋନ୍ କୁଶୱାହଙ୍କୁ ଉଦ୍ଧାର କରାଯାଇ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଶ୍ରମିକମାନେ ମଧ୍ୟପ୍ରଦେଶର ଭିଣ୍ଡ ଜିଲ୍ଲାର ଅଧିବାସୀ ବୋଲି ଜଣାପଡିଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୪ରେ ତମିଆଁ-ମୁଦଲସର ସୁକ୍‌ତେଲ ନଦୀ ବ୍ରିଜ୍ କାମ ଆରମ୍ଭ ହୋଇଥିଲା। ପ୍ରାୟ ୭କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଏହି ବ୍ରିଜ୍ କାମ ନିର୍ଦ୍ଧାରିତ ସମୟ ପୂର୍ବରୁ ୨୦୧୫ ଜୁଲାଇରେ ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ଏହି ବ୍ରିଜ୍ କାମ ଶେଷ ହୋଇଥିବାରୁ ଠିକା ସଂସ୍ଥା ରାମକୁମାର ଅଗ୍ରୱାଲ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡକୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଗତ ୩ ମାସ ତଳେ ଏହି ବ୍ରିଜ୍‌ର ଗୋଟିଏ ପିଲର ହଠାତ୍ ଦବି ଯାଇଥିଲା। ବ୍ରିଜ୍‌ରେ ନିମ୍ନମାନର କାମ ହୋଇଥିବାରୁ ପିଲର ଦବି ଯାଇଥିବା ନେଇ ସେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ବ୍ରିଜ୍ ☞ପୃଷ୍ଠା-୪

**ଲକ୍‌ଡାଉନ ଉଠିଲେ ହେବ ବାକି ଯୁକ୍ତ ୨ ପରୀକ୍ଷା**

୪

**ଆଜିର ସମ୍ପାଦକୀୟ**

ପ୍ରାଣୀପ୍ରେମୀଙ୍କୁ ନିର୍ଯାତନା

**ଆଜିର ମନ୍ତବ୍ୟ**

" ଖୁବ୍‌ଶୀଘ୍ର ସମଗ୍ର ଉତ୍ତର-ପୂର୍ବାଞ୍ଚଳ କରୋନା ମୁକ୍ତ ହୋଇପାରେ।
-ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ

## ଶିଳ୍ପ ଜଗତରେ କୋଭିଡ୍ ବିପର୍ଯ୍ୟୟ | ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ

ନୂଆଦିଲ୍ଲୀ,୨୯।୪

କୋଭିଡ୍-୧୯ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ୧୦ ଲକ୍ଷ କୋଟି ଟଙ୍କାର କ୍ଷତି ସହିବା ନେଇ ବିଭିନ୍ନ ଏଜେନ୍ସି ଆକଳନ କରିଛନ୍ତି। ଘରୋଇ ବଜାର ପୂର୍ବରୁ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ କରୋନା ଜନିତ ଲକ୍‌ଡାଉନ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ଠପ୍ ରହିଛି। କୋଭିଡ୍-୧୯ ବିରୋଧରେ ଲଢିବା ଲାଗି ଜର୍ମାନୀ, ଇଟାଲୀ ଭଳି ଧନୀ ରାଷ୍ଟ୍ରଗୁଡିକ ବିତ୍ତୀୟ ସହାୟତା ଏବଂ ବ୍ୟାଙ୍କ ଗ୍ୟାରେଣ୍ଟି ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ରାଷ୍ଟ୍ରଗୁଡିକ ସେମାନଙ୍କ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ପ୍ରାୟ ୩୦%ରୁ ଅଧିକ ଅର୍ଥ ସହାୟତା ଭାବେ ପ୍ରଦାନ କରିଛନ୍ତି। ମାତ୍ର ଭାରତ ବର୍ତ୍ତମାନ ସୁଦ୍ଧା ଏହି ବାବଦକୁ ୧%ରୁ କମ୍ ଖର୍ଚ୍ଚ କରିଥିବା ଜଣାପଡିଛି। ସେହିଭଳି ଜି-୨୦ ଦେଶଗୁଡିକ କଥା ବିଚାର କଲେ ଜାପାନ ସର୍ବାଧିକ ୨୧.୧% ସହାୟତା ଯୋଗାଇ ଦେଇଛି। ଭାରତ ୦.୮% ସହାୟତା ସହ ୧୬ତମ ସ୍ଥାନରେ ରହିଛି, ଯାହା ବହୁତ ନଗଣ୍ୟ। ୪୦ ଦିନର ଲକ୍‌ଡାଉନରେ କାରବାର କ୍ଷତିଗ୍ରସ୍ତ ହୋଇଥିବାରୁ ଶିଳ୍ପ ଜଗତ ପକ୍ଷରୁ ଆର୍ଥିକ ସହାୟତା ଦେବା ଲାଗି



- ଜିଡିପିର ୧%ରୁ କମ୍ ସହାୟତା ଦେଇଛି ଭାରତ
- ଚଳିତ ସପ୍ତାହରେ ଆସିପାରେ ପ୍ୟାକେଜ
- ଜି-୨୦ ଦେଶ ମଧ୍ୟରେ ଜାପାନ ୧ ନମ୍ବର
- ଜର୍ମାନୀ, ଇଟାଲୀର ସହାୟତା ପ୍ରାୟ ୩୦%

ବାରମ୍ବାର ଦାବି ହେଲାଣି। ହେଲେ ସରକାର ବର୍ତ୍ତମାନ ଯାଏ କିଛି ଘୋଷଣା କରିନାହାନ୍ତି। ମାର୍ଚ୍ଚ ୨୬ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୧.୭ ଲକ୍ଷ କୋଟିର ସହାୟତା ଘୋଷଣା କରିଛନ୍ତି। ଏହା ସାଧାରଣ ଲୋକଙ୍କ ଲାଗି ଉଦ୍ଦିଷ୍ଟ ଥିବା ବେଳେ କ୍ଷତିଗ୍ରସ୍ତ ଅର୍ଥବ୍ୟବସ୍ଥାକୁ ସୁଧାରିବା ଲାଗି ଏବେ ଯାଏ ପଦକ୍ଷେପ ନିଆଯାଇନାହିଁ। ଦେଶର ଅଣୁ,କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡିକ ଏବେ ବନ୍ଦ ହୋଇ ରହିଛି। କାମ ନ ଥିବା ବେଳେ କର୍ମଚାରୀଙ୍କୁ ପେମେଣ୍ଟ, ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ କରିବାକୁ ପଡୁଛି। ପରିଚାଳନା ପୁଞ୍ଜି ଲାଗି କମ୍ପାନୀଗୁଡିକ ନାନା ସମସ୍ୟା ଦେଇ ଗତି କରୁଛନ୍ତି। କଟକଣା ବଢିଲେ ଏଭଳି କଷ୍ଟକର ସ୍ଥିତିରେ ଦେଶର ପ୍ରାୟ ୩୦ରୁ ୪୦% କ୍ଷୁଦ୍ର ଶିଳ୍ପ ତିଷ୍ଠି ରହିବେ ବୋଲି ମୁମ୍ବାଇ ଭିତ୍ତିକ ଶିଳ୍ପ ସଂଘ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ☞ପୃଷ୍ଠା-୪

# ସରି ନଥିଲା ସ୍ୱପ୍ନ..

**ଇର୍ଫାନ୍ କେବଳ ଜଣେ ଭର୍ସାଟାଇଲ୍ ଅଭିନେତା ନଥିଲେ, ଥିଲେ ଜଣେ ସରଳ ଓ ବନ୍ଧୁବତ୍ସଳ ମଣିଷ । ବଲିଉଡ୍ ଠାରୁ ହଲିଉଡ୍ ଯାଏ ସବୁଠି ଥିଲା ତାଙ୍କର ସ୍ୱତନ୍ତ୍ର ପରିଚୟ। ସ୍ୱପ୍ନ ଥିଲା ଅସରନ୍ତି, ହେଲେ ସେସବୁ ରୂପ ନେବା ଆଗରୁ ପରପାରିର ଯାତ୍ରୀ ସାଜିଛନ୍ତି ଏହି ମହାନ୍ ଅଭିନେତା...**

ରାଜସ୍ଥାନର ଜୟପୁର ସହରରେ ୧୯୬୭ ଜାନୁୟାରୀ ୭ରେ ଜନ୍ମ ଗ୍ରହଣ କରିଥିଲେ ଇର୍ଫାନ୍। ତାଙ୍କର ପ୍ରକୃତ ନାମ ଥିଲା ସାହେବଜାଦେ ଇର୍ଫାନ୍ ଅଲ୍ଲୀ ଖାଁ (ମା' ବେଗମ ଖାଁ, ବାପା-ଜାଗିରଦାର ଖାଁ)। ପିଲାଦିନେ ଇର୍ଫାନ୍ କ୍ରିକେଟ ଖେଳିବାକୁ ଭଲ ପାଉଥିଲେ। ଏପରି କି ସି.କେ. ନାଇଡୁ ଟୁର୍ନାମେଣ୍ଟ ପାଇଁ ମନୋନୀତ ହୋଇଥିଲେ। କିନ୍ତୁ ଅର୍ଥାଭାବରୁ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ସେ ଅଭିନୟ ପ୍ରତି ଆକୃଷ୍ଟ ହୋଇଥିଲେ। ୧୯୮୪ରେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ସ୍କୁଲ ଅଫ ଆକ୍ଟିଂରୁ ସ୍କଲାରଶିପ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହାର ଚାରି ବର୍ଷ ପରେ ଅର୍ଥାତ୍ ୧୯୮୮ରେ ମୀରା ନାୟାରଙ୍କ ଚର୍ଚ୍ଚିତ ତଥା ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଅନେକ ପୁରସ୍କାର ହାସଲ କରିଥିବା 'ସଲାମ ବମ୍ବେ'ରୁ ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ନିଜର ଅଭିନୟ ଦକ୍ଷତା ବଳରେ ସେ ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। କେବଳ ବଲିଉଡ୍ ନୁହେଁ, ହଲିଉଡ୍‌ରେ ମଧ୍ୟ ସେ ସାଉଁଟିଥିଲେ ପ୍ରଶଂସା। ତାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା 'ଅଙ୍ଗ୍ରେଜି ମିଡିୟମ'। ଏହାବ୍ୟତୀତ ସେ ଟିଭି ସିରିଏଲ୍‌ରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ପ୍ରମୁଖ ଧାରାବାହିକଗୁଡିକ ମଧ୍ୟରେ ରହିଛି- 'ଭାରତ ଏକ ଖୋଜ୍', 'ଚାଣକ୍ୟ', 'ଚନ୍ଦ୍ରକାନ୍ତା', 'ଜୟ ହନୁମାନ', 'ଦ ଗ୍ରେଟ୍ ମରାଠା' ଏବଂ 'ବନେଗି ଅପନି ବାତ୍'। ୧୯୯୫ରେ ସେ ପ୍ରଯୋଜିକା ଏବଂ ସଂଳାପ ଲେଖିକା ସୁତପା ସିକଦାରଙ୍କୁ ବିବାହ କରିଥିଲେ। ତାଙ୍କର ବବିଲ୍ ଓ ଆୟାନ୍ ନାମରେ ଦୁଇ ପୁଅ ଅଛନ୍ତି। ଜଣେ ବିଶିଷ୍ଟ ଅଭିନେତା ଭାବରେ ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ଇଣ୍ଟରନ୍ୟାଶନାଲ ଫେମ୍

ଇର୍ଫାନ୍ କେବଳ ବଲିଉଡ୍ କି ଭାରତରେ ନୁହେଁ, ଅନ୍ତର୍ଜାତୀୟସ୍ତରରେ ଜଣେ ଲୋକପ୍ରିୟ କଳାକାର ଥିଲେ। ନିଜ ନିଖୁଣ ଅଭିନୟ ବଳରେ ସେ ଆଙ୍ଗ ଲି, ଟମ୍ ହାଙ୍କ୍ସଙ୍କ ଭଳି ଇଣ୍ଟରନ୍ୟାସନାଲ ସେଲିବ୍ରିଟିଙ୍କ ପସନ୍ଦ ପାଲଟିଥିଲେ। 'ଜୁରାସିକ୍ ପାର୍କ' ନିର୍ଦ୍ଦେଶକ କଲିନ୍ ଟ୍ରେଭୋରୋ ତାଙ୍କ ବିୟୋଗରେ ଏକ କୋହଭରା ଟୁଇଟ୍ କରି କଠିନ ସମୟରେ ସେ କିଭଳି ନିଜେ ହସୁଥିଲେ ଓ ଅନ୍ୟମାନଙ୍କୁ ହସାଉଥିଲେ ତାହା ଉଲ୍ଲେଖ କରିଛନ୍ତି। ସେହିଭଳି ଆମରିକାନ୍ ଫିଲ୍ମମେକର ଆଭା ଡଭର୍ନେ ଇର୍ଫାନ୍‌ଙ୍କ ଅଭିନୟର ଜଣେ ବଡ଼ ପ୍ରଶଂସକ ବୋଲି କହିଛନ୍ତି।'ଲାଇଫ୍ ଅଫ୍ ପାଇ'ର ନିର୍ଦ୍ଦେଶକ ଆଙ୍ଗ ଲି ଇର୍ଫାନ୍‌ଙ୍କୁ ଜଣେ ବିରଳ ଅଭିନେତାଭାବେ ବର୍ଣ୍ଣନା କରିବା ସହ ତାଙ୍କ ସହିତ କାମ କରିବା ସୌଭାଗ୍ୟର କଥା ବୋଲି କହିଥିଲେ। 'ଇନ୍‌ଫର୍ଣ୍ଣୋ'ରେ ଇର୍ଫାନ୍‌ଙ୍କ ସହ ସ୍କ୍ରିନ୍ ଶେୟାର କରିଥିବା ଆମରିକାନ୍ ଆକ୍ଟର ତଥା ଫିଲ୍ମମେକର ଟମ୍ ହାଙ୍କ୍ସ ତାଙ୍କଠାରୁ ଇର୍ଫାନ୍ ବହୁଗୁଣରେ ଜଣେ ଭଲ ଅଭିନେତା ଓ କୁଲ୍ ମଣିଷ ଥିବା କହିଥିଲେ। ଇର୍ଫାନ ଡ୍ୟାନି ବୟଲଙ୍କ ବହୁଚର୍ଚ୍ଚିତ 'ସ୍ଲମ୍‌ଡଗ୍ ମିଲିୟନେୟାର୍' ଏବଂ ୱେସ୍ ଆଣ୍ଡରସନ୍‌ଙ୍କ 'ଦି ଦାର୍ଜିଲିଂ ଲିମିଟେଡ୍'ରେ ଅଭିନୟ କରି ବିଶ୍ୱବାସୀଙ୍କ ହୃଦୟ ଜିତିଥିଲେ।





ଅଙ୍ଗ୍ରେଜି ମିଡିୟମ


ନେମ୍‌ସେକ୍


ଦ ଲାଇଫ ଅଫ ପାଏ


ପରିବାର ଗହଣରେ ଇର୍ଫାନ୍

## ଚର୍ଚ୍ଚିତ ଡାଏଲଗ୍

**ଇର୍ଫାନ୍ ଖାନ୍‌ଙ୍କର କେତେକ ସ୍ମରଣୀୟ ଡାଏଲଗ୍...**

- ବିହାଡ୍ ମେଁ ତୋ 'ବାଗି' ହୋତେ ହେଁ, 'ଡକାଏତ୍' ମିଲ୍‌ତେ ହେଁ ପାର୍ଲାମେଣ୍ଟ ମେଁ... (ପାନ୍ ସିଙ୍ଗ୍ ତୋମାର)।
- ହମାରୀ ତୋ ଗାଲୀ ପର୍ ଭି ତାଲି ପଡ୍‌ତି ହୈ... (ସାହେବ୍, ବିବି ଔର ଗ୍ୟାଙ୍ଗ୍‌ଷ୍ଟର ରିଟର୍ଣ୍ଣସ)।
- ଏକ୍ ବାର୍ ତୋ ୟୁଁ ହୋଗା, ଥୋଡ଼ା ସା ସୁକୁନ୍ ହୋଗା... ନା ଦିଲ୍ ମେଁ କଶକ୍ ହୋଗୀ, ନା ସର୍ ମେଁ ଜୁନୁନ୍ ହୋଗା.. (ସାତ୍ ଖୁନ୍ ମାଫ୍)।
- ଆଇ ସପୋଜ୍, ଇନ୍ ଦି ଏଣ୍ଡ ଦି ହୋଲ୍ ଅଫ୍ ଲାଇଫ୍ ବିକମ୍‌ସ ଆନ୍ ଆର୍ଟ ଅଫ୍ ଲେଟିଙ୍ଗ୍ ଗୋ, ବଟ୍ ହ୍ୱାଟ୍ ଅଲୱେଜ୍ ହର୍ଟସ ଦି ମୋଷ୍ଟ ଇଜ୍ ନଟ୍ ଟେକିଙ୍ଗ୍ ଏ ମୁଭମେଣ୍ଟ ଟୁ ସେ ଗୁଡ୍‌ବାଏ.. ( ଲାଇଫ୍ ଅଫ୍ ପାଏ)।

## ପ୍ରଶଂସା କରିଥିଲେ ମାର୍କ ରୁଫାଲୋ

୨୦୧୦ରେ 'ସ୍ଲମ୍‌ଡଗ୍ ମିଲିୟନେୟାର'ର ସଫଳତା ପରେ ନ୍ୟୁୟର୍କର ଏକ ରେଷ୍ଟୁରାଣ୍ଟରେ ଇର୍ଫାନ୍ ଏବଂ ତାଙ୍କ ବନ୍ଧୁ ଆଦିତ୍ୟ ଭଟ୍ଟାଚାର୍ଯ୍ୟ ଏକାଠି ଖାଉଥିବା ବେଳେ ପାଖ ଟେବୁଲରେ ବସିଥିଲେ 'ଆଭେଞ୍ଜର୍ସ: ଏଣ୍ଡ୍‌ଗେମ୍' ଷ୍ଟାର୍ ତଥା ହଲିଉଡ୍‌ର ଖ୍ୟାତନାମା କଳାକାର ମାର୍କ ରୁଫାଲୋ। ମାର୍କଙ୍କ ଜଣେ ବଡ଼ ପ୍ରଶଂସକ ଥିବା ଇର୍ଫାନ୍‌ଙ୍କ ନଜର ତାଙ୍କ ଉପରେ ପଡ଼ିବାପରେ ଆଦିତ୍ୟଙ୍କୁ ଆଖିଠାରରେ କଥାହେବାକୁ ଇଙ୍ଗିତ କରିଥିଲେ। ହେଲେ ମାର୍କ ତାଙ୍କ ପରିବାର ସହ ଥିବାରୁ ପାଖକୁ ଯିବାଲାଗି ଆଦିତ୍ୟ ମନା କରିଥିଲେ। କେବଳ ସାକ୍ଷାତ ସହ ହ୍ୟାଣ୍ଡ୍‌ସେକ୍ କରିବାକୁ ଇଚ୍ଛା ଥିଲେ ବି ତାହା କରି ନ ପାରିବାରୁ ତାଙ୍କ ମୁହଁ ଶୁଖିଯାଇଥିଲା। ହେଲେ ହଠାତ୍ ଆମେରିକାନ୍ ଆକ୍ଟର ତଥା ମାର୍ଭେଲ ସୁପରହିରୋ ନିଜେ ଉଠିଆସି ଇର୍ଫାନ୍‌ଙ୍କୁ ନିଜ ହାତ ବଢାଇ ହ୍ୟାଣ୍ଡ୍‌ସେକ୍ କରିଥିଲେ। କେବଳ ଏତିକି ନୁହେଁ ତାଙ୍କ ଅଭିନୟର ସେ ଜଣେ ବଡ଼ ପ୍ରଶଂସକ ବୋଲି ମଧ୍ୟ କହିଥିଲେ। ଏହାପରେ ଇର୍ଫାନଙ୍କ ଶୁଖିଯାଇଥିବା ମୁହଁ ଚମକି ଉଠିଥିଲା ବୋଲି ଆଦିତ୍ୟ ଅସିମ ଛାବ୍ରାଙ୍କ ପୁସ୍ତକ 'ଇର୍ଫାନ୍ ଖାନ୍: ଦି ମ୍ୟାନ୍, ଦି ଡ୍ରିମର୍, ଦି ଷ୍ଟାର୍'ରେ ଉଲ୍ଲେଖ କରିଥିଲେ।


ଆଙ୍ଗ୍ ଲି (ମଝି)ଙ୍କ ସହ ଇର୍ଫାନ୍


ଟମ୍ ହାଙ୍କ୍ସଙ୍କ ସହ ଇର୍ଫାନ୍


ଦ ୱାରିୟର ଫିଲ୍ମରେ ଇର୍ଫାନ୍

## ଅପାସୋରା ଇର୍ଫାନ୍

ଇର୍ଫାନ୍‌ଙ୍କୁ ଆଜି ଝୁରୁଛି ସାରା ଦେଶ ଓ ସାରା ବିଶ୍ୱ। ତାଙ୍କସହ କାର୍ଯ୍ୟ କରିଥିବା ଆଉ ବ୍ୟକ୍ତିଗତଭାବେ ମିଶିଥିବା ଓଡ଼ିଆ ଅଭିନେତା, ଫିଲ୍ମନିର୍ମାତା ଓ ନିର୍ଦ୍ଦେଶକ ବିତାଇଥିବା ପ୍ରତିଟି ମୁହୂର୍ତ୍ତକୁ ମନେପକାଇଛନ୍ତି..

### ଜଣେ ଚୁପ୍‌ଚାପ୍ ମଣିଷ ଥିଲେ



ମୁଁ 'ତଲ୍‌ୱାର୍' ଫିଲ୍ମରେ ଇର୍ଫାନ୍‌ଙ୍କସହ କାମ କରିବାର ସୁଯୋଗ ପାଇଥିଲି। ତାଙ୍କସହ ମିଶିବା ଓ କଥାହେବା ପାଇଁ ଫିଲ୍ମ ସେଟ୍‌ରେ ବହୁତ କମ୍ ସମୟ ମିଳିଥିଲା। ପ୍ରାୟ ୧୨ଦିନ ଆମେ ଏକାଠି କାମ କରିଥୁ। ସେ ଜଣେ ଚୁପ୍‌ଚାପ୍ ସ୍ୱଭାବର ମଣିଷ ଥିଲେ। ମୁଁ ଆହୁରି ଚୁପ୍‌ଚାପ୍ ରହିବା ଲୋକ। ତେଣୁ କେବେ ସାହସ କରି ବ୍ୟକ୍ତିଗତଭାବେ କଥା ହୋଇପାରି ନ ଥିଲି। ସେ ଜଣେ ପ୍ରତିଭାଧାରୀ କଳାକାର ଥିଲେ। ସେଟ୍‌ରେ ସେ ନିଜକୁ ଯେପରି କ୍ୟାରି କରୁଥିଲେ ଓ କାମକୁ ଗୁରୁତ୍ୱର ସହ ନେଉଥିଲେ ତାହା କୌଣସି କଳାକାର ନିକଟରେ ପାଇବା ବିରଳ। କାର୍ଯ୍ୟ ପ୍ରତି କିଭଳି ନିଜକୁ ଉତ୍ସର୍ଗ କରିହୁଏ ତାହା ତାଙ୍କଠାରୁ ଶିଖିବାର କଥା ଥିଲା।

**- ଚିତ୍ତରଞ୍ଜନ ତ୍ରିପାଠୀ, ଅଭିନେତା ଓ ନିର୍ଦ୍ଦେଶକ**

### ଏନ୍‌ଏସ୍‌ଡିରେ ଦେଖା ହୋଇଥିଲା



ଇର୍ଫାନ୍ ଜଣେ ଭଲ ମଣିଷ ଥିଲେ। ମୁଁ ତାଙ୍କସହ କାମ କରିନି, ହେଲେ ଥରେ କଥା ହେବାର ଅବସର ପାଇଥିଲି। 'ମକ୍‌ବୁଲ୍' ଫିଲ୍ମ ଯେବେ ରିଲିଜ ହୋଇଥିଲା ତା'ପରେ ଏନ୍‌ଏସ୍‌ଡିରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ସେଠାକୁ ଇର୍ଫାନ୍ ଆସିଥିଲେ। ମୁଁ ତାଙ୍କ ନିକଟକୁ ଯାଇ 'ଦାଦା ଆପ୍‌ନେ ବହତ୍ ଆଚ୍ଛା ଆକ୍ଟିଂ କିୟା ହୈ' ବୋଲି କହିବାରୁ ତାଙ୍କ ଉତ୍ତର ଥିଲା 'ଆରେ ଆଚ୍ଛା ଆକ୍ଟିଂ ତୋ ମୈ ପହେଲେ ସେ ହି କର୍ ରାହା ହୁଁ, ପର୍ ଲୋଗୋଁନେ ଅଭି ଠହରାୟା'। ସେ ଫିଲ୍ମ ପରଦାରେ ଯେପରି ଥିଲେ ବାସ୍ତବ ଜୀବନରେ ବି ସେମିତି ଜଣେ ମଣିଷ ଥିଲେ। ଏ କଠିନ ସମୟରେ ଲଢିବା ପାଇଁ ମହାପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ଶକ୍ତି ଦିଅନ୍ତୁ। ସେ ସବୁଦିନ ପାଇଁ ଆମ ଭିତରେ ଅମର ରହିବେ।

**- ସମରେଶ ରାଉତରାୟ, ଅଭିନେତା**

### ତାଙ୍କ ସହ କାମକରି ଢେର କିଛି ଶିଖିଛି



ମୁଁ କୌଣସି ଅଭିନେତା, ଅଭିନେତ୍ରୀଙ୍କ ମୃତ୍ୟୁରେ କେବେ କାନ୍ଦି ନ ଥିଲି କି ମୋ ଆଖିକୁ କେବେ କାହାପାଇଁ ଲୁହ ଆସି ନ ଥିଲା। ହେଲେ ଏ ମଣିଷଟି ଆଜି ମୋତେ ପ୍ରଥମଥର ପାଇଁ କନ୍ଦେଇ ଚାଲିଯାଇଛି। ଇର୍ଫାନ୍ ଭାଇ ଏତେ ଜଲ୍‌ଦି ଚାଲିଯିବେ ବୋଲି କେବେ ଭାବି ନ ଥିଲି। ଏନ୍‌ଏସ୍‌ଡିରୁ ଡିଗ୍ରୀସାରିବା ପରେ ଆମେ ତାଙ୍କର ପ୍ରଥମ ଇଣ୍ଟରନ୍ୟାସନାଲ ପ୍ରୋଜେକ୍ଟରେ ଏକାଠି କାମ କରିବାର ସୁଯୋଗ ପାଇଥିଲୁ। ତାଙ୍କଠାରୁ ବହୁତ କିଛି ଶିଖିବାକୁ ମିଳିଥିଲା। ହେଲେ ଆଉ କେବେ ଏକାଠି କାମ କରିବାର ସୁଯୋଗ ମିଳିନି। ସେ ଜଣେ ଶ୍ରେଷ୍ଠ କଳାକାର ଥିଲେ। ସବୁବେଳେ ସେ ମୋ ପାଇଁ ଆଦର୍ଶ ହୋଇ ରହିବେ।

**- ମନୋଜ ମିଶ୍ର, ଅଭିନେତା**

### ଭଲ ବନ୍ଧୁ ଥିଲେ ଇର୍ଫାନ୍



ମୁଁ ଇର୍ଫାନ୍‌ଙ୍କ ସହ କେବେ କାମ କରିନି। ହେଲେ ସେ ଜଣେ ମୋର ଭଲ ବନ୍ଧୁ ଥିଲେ। ଆମର ପ୍ରାୟ ୧୫ବର୍ଷ ପୁରୁଣା ସମ୍ପର୍କ ଥିଲା। ଜଣେ ବନ୍ଧୁଙ୍କ ମାଧ୍ୟମରେ ତାଙ୍କସହ ମିଶିବାର ସୁଯୋଗ ପାଇଥିଲି। ଯେବେ ବି ଆମେ କଥା ହେଉ ଭଲ ସିନେମା ବିଷୟରେ କଥାହେଉ। ଫିଲ୍ମରେ ସେ ଯେପରି ଭଲ ଅଭିନୟ କରୁଥିଲେ, ବାସ୍ତବ ଜୀବନରେ ସେହିଭଳି ଜଣେ ଭଲ ମଣିଷ ଥିଲେ। କ୍ୟାନ୍‌ସରେ ପୀଡିତ ହେବାପରେ ମଧ୍ୟ ସେ ଲଢିବା ଛାଡ଼ି ନ ଥିଲେ। ଦୁଇବର୍ଷ ତଳୁ ତାଙ୍କୁ ଏହି ମାରାତ୍ମକ ରୋଗ ହୋଇଥିଲେ ବି ଏହାଭିତରେ ସେ ''ଅଙ୍ଗ୍ରେଜି ମିଡିୟମ୍'ର ଶୁଟିଂ କରିଥିଲେ। ତାଙ୍କର ଏହି ବିୟୋଗ ମୋ ପାଇଁ ବ୍ୟକ୍ତିଗତ ଭାବେ ବଡ କ୍ଷତି।

**- ନୀଳମାଧବ ପଣ୍ଡା, ଫିଲ୍ମନିର୍ମାତା, ନିର୍ଦ୍ଦେଶକ**

### ସମ୍ମାନ-ପୁରସ୍କାର

ଇର୍ଫାନ୍ ଖାଁ ହାସଲ କରିଥିବା ପ୍ରମୁଖ ପୁରସ୍କାର ଗୁଡିକ ମଧ୍ୟରେ ରହିଛି- ପଦ୍ମଶ୍ରୀ ସହିତ ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ଫିଲ୍ମଫେୟାର ଆୱାର୍ଡ, ଜୀ ସିନେ ଆୱାର୍ଡ, ଇଣ୍ଡିପେଣ୍ଡେଣ୍ଟ ସ୍ପିରିଟ୍ ଆୱାର୍ଡ, ଆଇଫା ଆୱାର୍ଡ, ଏସିଆନ ଫିଲ୍ମ ଆୱାର୍ଡ, ପ୍ରଡ୍ୟୁସର୍ସ ଗିଲ୍‌ଡ ଫିଲ୍ମ ଆୱାର୍ଡ,ଷ୍ଟାରଡଷ୍ଟ ଆୱାର୍ଡ ଏବଂ ଆହୁରି ଅନେକ।

### ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର

**ବଲିଉଡ୍**

'କମଲା କି ମୌତ୍', 'ଏକ ଡକ୍ଟର କି ମୌତ୍', 'ଦ୍ରିଷ୍ଟି', 'କ୍ରେଜି ୪', 'ମୁଝେ ଦୋସ୍ତି କରୋଗି', 'ବଡା ଦିନ୍', 'କସୁର୍', 'ଗୁନାହ', 'ଫୁଟପାଥ୍', 'ରୋଡ୍ ଟୁ ଲଦାଖ', 'ଅପନା ଆସମାନ', 'ମୁମ୍ବାଇ ମେରି ଜାନ୍', 'ହିନ୍ଦୀ ମିଡିୟମ', 'ରୋଗ୍', 'ଚେହେରା', 'ଅପନା ଆସମାନ୍', 'ପାନ୍ ସିଂ ତୋମାର', 'ଗୁଣ୍ଡେ','ହାଇଦର', ''ଅଙ୍ଗ୍ରେଜି ମିଡିୟମ' ଇତ୍ୟାଦି।

**ଅନ୍ତର୍ଜାତୀୟ ଚଳଚ୍ଚିତ୍ର**

'ଦ ୱାରିୟର', 'ଦ ନେମ୍‌ସେକ୍', 'ଦ ଦାର୍ଜିଲିଂ ଲିମିଟେଡ୍', 'ସ୍ଲମଡଗ ମିଲିୟନେୟାର', 'ନ୍ୟୁୟର୍କ ଆଇ ଲଭ୍ ୟୁ', 'ଲାଇଫ ଅଫ୍ ପାଏ', ଏବଂ 'ଜୁରାସିକ ୱାର୍ଲ୍ଡ' ଇତ୍ୟାଦି।

## ସଂକ୍ଷେପରେ

### ୩୪ ଓଏଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୨୯।୪(ବ୍ୟୁରୋ):** କରୋନା ସଂକ୍ରମଣ ମୁକାବିଲା ମଧ୍ୟରେ ରାଜ୍ୟ ସରକାର ପ୍ରୋବେଶନରେ ଥିବା ୩୪ଜଣ ଓଏଏସ୍ ଅଫିସରଙ୍କୁ ନୂଆ ନିଯୁକ୍ତି ପ୍ରଦାନ କରିଛନ୍ତି। ଗତବର୍ଷ ଜୁନ୍‌ରୁ ପ୍ରଶିକ୍ଷଣରେ ଥିବା ଏହି ଅଫିସରମାନଙ୍କ ନିଯୁକ୍ତି ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଶଶୀଭୂଷଣ ମହାପାତ୍ରଙ୍କୁ ବେଲଗୁଣ୍ଠା ବିଡ଼ିଓ, ଏମ ଅନୁରୋଧାଙ୍କୁ ତୁମୁଡିବନ୍ଧ ତହସିଲଦାର, ଆୟୁଷୀ ମହାପାତ୍ରଙ୍କୁ ନୟାଗଡ଼ ଉପଜିଲାପାଳ, ଲୀଲାବତୀ ଆଚାରୀଙ୍କୁ ରାୟଗଡ଼ା ତହସିଲଦାର, ପୁନମ ମହାପାତ୍ରଙ୍କୁ ଚିକିଟି ତହସିଲଦାର, ସ୍ମୃତିପ୍ରଭା ପ୍ରିୟଦର୍ଶିନୀଙ୍କୁ କୁଜଙ୍ଗ ତହସିଲଦାର, ମାନସ ରଞ୍ଜନ ସାହୁଙ୍କୁ ରାଉରକେଲା ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅନ୍ୟ ସ୍ଥାନରେ ଅନ୍ୟ କେତେଜଣ ଓଏଏସ୍‌ଙ୍କୁ ନିଯୁକ୍ତି ଦିଆଯାଇଛି।

### ଖୋର୍ଦ୍ଧା ଜିଲାରେ ରେଡ୍‌ଜୋନ୍ ବଳବତ୍ତର

**ଭୁବନେଶ୍ୱର, ୨୯।୪(ବ୍ୟୁରୋ):** ଖୋର୍ଦ୍ଧା ଜିଲାରେ ବଳବତ୍ତର ରହିଲା ରେଡ୍ ଜୋନ୍ କଟକଣା। ଗତ ୧୪ ଦିନ ମଧ୍ୟରେ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବାରୁ ଜିଲାକୁ ଅରେଞ୍ଜ ଜୋନ୍‌କୁ ଆଣିବାକୁ ବୁଧବାର ନିଷ୍ପତ୍ତି ନିଆଯିବାର ଥିଲା। ଲକ୍‌ଡାଉନ୍ କଟକଣାରେ ମଧ୍ୟ କିଛିଟା କୋହଳ କରାଯାଇଥିଲା। ହେଲେ ସକାଳୁ ଭୁବନେଶ୍ୱରରେ ଆଉଜଣେ ସଂକ୍ରମିତ ଚିହ୍ନଟ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୪୭ରେ ପହଞ୍ଚିଛି। ଏଥିସହ ଖୋର୍ଦ୍ଧା ଜିଲାକୁ ରେଡ୍ ଜୋନ୍‌ରେ ହିଁ ରଖିବାକୁ ସଚିବ ସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି, ଯଦି ଆଗାମୀ ଦିନରେ ଆଉ ଅଧିକ ପଜିଟିଭ୍ ଚିହ୍ନଟ ହୁଅନ୍ତି ତେବେ ପୁନର୍ବାର କଟକଣାକୁ କଡ଼ାକଡ଼ି କରାଯିବ।

# ଆମେରିକାର ପ୍ରଥମ କରୋନା ମୃତକଙ୍କ ହୃତ୍‌ପିଣ୍ଡ ଫାଟିଯାଇଥିଲା


ଝିଅ କାଇଲାଙ୍କ ସହ ପାଟ୍ରିସିଆ ଦାଉଦ(ବାମ)

**ନ୍ୟୁୟର୍କ,୨୯।୪**

ମହାମାରୀ କରୋନାର ସର୍ବାଧିକ ପ୍ରକୋପ ଆମେରିକାରେ ଦେଖିବାକୁ ମିଳୁଛି। ଅଦ୍ୟାବଧି ଦେଶରେ ପ୍ରାୟ ସାଢ଼େ ୧୦ ଲକ୍ଷ ଲୋକ କରୋନାରେ ସଂକ୍ରମିତ ହୋଇଥିବାବେଳେ ୬୦ହଜାରରୁ ଊର୍ଦ୍ଧ୍ୱ ଆମେରିକୀୟଙ୍କ ଜୀବନ ଗଲାଣି। ହେଲେ ଆମେରିକାର ପ୍ରଥମ କରୋନା ମୃତ୍ୟୁ ହୃତ୍‌ପିଣ୍ଡ ଫାଟିଯିବା ଯୋଗୁ ଘଟିଥିବା ନେଇ ଏକ ଚକିତ କରିଦେବା ଭଳି ତଥ୍ୟ ସାମ୍ନାକୁ ଆସିଛି। 'ଦ ମର୍କୁରି ନ୍ୟୁଜ୍'ରେ ପ୍ରକାଶିତ ଖବର ଅନୁଯାୟୀ, କାଲିଫର୍ନିଆର ସାନ୍ ଜୋସ୍ ସହରର ପାଟ୍ରିସିଆ ଦାଉଦ(୫୭) ଫ୍ଲୁରେ ପୀଡ଼ିତ ଥିବାବେଳେ ହୃଦ୍‌ଘାତଜନିତ ଯନ୍ତ୍ରଣା ଅନୁଭବ କରିଥିଲେ। ଗତ ଫେବୃୟାରୀ ୬ରେ ନିଜ ଘରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରଥମେ ତାଙ୍କ ମୃତ୍ୟୁ ହୃଦ୍‌ଘାତଜନିତ ବୋଲି ସମସ୍ତେ ଭାବିଥିଲେ। ହେଲେ ନିୟମିତ ବ୍ୟାୟମ କରିବା ସହ ଭଲ ସ୍ୱାସ୍ଥ୍ୟ ଥିବାରୁ ଦାଉଦ୍‌ଙ୍କର ହୃଦ୍‌ଘାତରେ ମୃତ୍ୟୁ ହେବା କଥାକୁ ତାଙ୍କ ସ୍ୱାମୀ ସହଜରେ ଗ୍ରହଣ କରିପାରି ନ ଥିଲେ। ଅନ୍ୟପକ୍ଷରେ ସେତେବେଳେ କାଲିଫର୍ନିଆରେ କରୋନା ମହାମାରୀର ସଂକ୍ରମଣ ଦେଖିବାକୁ ମିଳିସାରିଥିଲା। ତେଣୁ ଦାଉଦଙ୍କ ସ୍ୱାମୀ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ଅନୁରୋଧ କରିଥିଲେ। ଏହାପରେ ଟେଷ୍ଟ କରାଯିବା ପରେ ଦାଉଦ୍ କରୋନା ସଂକ୍ରମିତ ଥିଲେ ବୋଲି ଜଣାପଡ଼ିଥିଲା। ତଦନୁଯାୟୀ ଏହାକୁ ଆମେରିକାର ପ୍ରଥମ କରୋନା ମୃତ୍ୟୁ ଭାବେ ଗଣତି କରାଯାଇଥିଲା।

ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ସୀମକ୍ଷା କରି ଫୋରେନସିକ୍ ପାଥୋଲୋଜିଷ୍ଟ ଜୁଡି ମେଲିନେକ୍ କହିଛନ୍ତି ଯେ, ରୋଗ ପ୍ରତିରୋଧକ ଶକ୍ତି ଏହି ଭୂତାଣୁ ଉପରେ ଆକ୍ରମଣ କରୁଥିଲା। ଭୂତାଣୁକୁ ଆକ୍ରମଣ କରିବା ଦ୍ୱାରା ତାହା ହୃତ୍‌ପିଣ୍ଡକୁ କ୍ଷତି ପହଞ୍ଚାଇଥିଲା। ମାଂସପେଶୀ ସଂକ୍ରମିତ ହୋଇଥିଲା। ଫଳରେ ହୃତ୍‌ପିଣ୍ଡ ଫାଟିଯାଇଥିଲା ବୋଲି ମେଲିନେକ୍ କହିଛନ୍ତି।

କାଲିଫର୍ନିଆର ସାନ୍ତା କ୍ଲାରା କଣ୍ଟିରେ ଦାଉଦଙ୍କ ମୃତ୍ୟୁ ପରେ ଫେବୃୟାରୀ ୧୭ ଏବଂ ମାର୍ଚ୍ଚ ୬ରେ ଆଉ ୨ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିଲା। ଏହି ୩ ମୃତ୍ୟୁ ସେହି ଅଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ଯୋଗୁ ହୋଇଥାଇପାରେ ବୋଲି କୁହାଯାଉଛି। ସାନ୍ତା କ୍ଲାରା କଣ୍ଟିର ସ୍ୱାସ୍ଥ୍ୟ ଅଧିକାରୀ ଡା. ସାରା କୋଡି କହିଛନ୍ତି ଯେ, ଏହି ୩ଜଣଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ନ ଥିଲା। ତେଣୁ ଆମେ ଭାବୁଛି ଯେ, ସେମାନେ ଗୋଷ୍ଠୀ ସଂକ୍ରମଣର ଶିକାର ହୋଇଛନ୍ତି ଏବଂ ଫେବୃୟାରୀ ପ୍ରାରମ୍ଭରେ ସଂକ୍ରମଣ ବ୍ୟାପିଥାଇପାରେ।

# କେନ୍ଦ୍ର, ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

**କଟକ ଅଫିସ୍,୨୯।୪**

**ଗ୍ୟାସ୍, ରାଶନ୍, ବିଦ୍ୟୁତ୍ ବିଲ୍, ସ୍କୁଲ ଫି' ଛାଡ଼ ପ୍ରସଙ୍ଗ**

ଲକ୍‌ଡାଉନ୍ ଯୋଗୁ ଏବେ ସମସ୍ତେ ପ୍ରଭାବିତ ହୋଇଛନ୍ତି। କିନ୍ତୁ ସରକାରଙ୍କ ଅଧିକାଂଶ ସହାୟତା କେବଳ ଗରିବ ଲୋକମାନେ ପାଉଥିବା ବେଳେ ମଧ୍ୟବିତ୍ତ ଏଥିରୁ ବଞ୍ଚିତ ହେଉଛନ୍ତି। ସେହିଭଳି ରୋଜଗାର ନ ଥିବା ଯୋଗୁ ଲୋକମାନେ ବିଦ୍ୟୁତ୍ ବିଲ୍ ଦେବା ଏବଂ ପିଲାମାନଙ୍କ ସ୍କୁଲ ଫି' ଦାଖଲ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ସମସ୍ତ ଗ୍ୟାସ୍ ଏବଂ ପିଡିଏସ୍ ସାମଗ୍ରୀ ପ୍ରଦାନ ସହ ବିଦ୍ୟୁତ୍ ବିଲ୍ ଏବଂ ସ୍କୁଲ ଫି' ଛାଡ଼ କରିବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହାର ଶୁଣାଣି କରି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରାଯାଇଛି। ପ୍ରହଲ୍ଲାଦ ରାଉତଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଏବଂ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନୋଟିସ୍ ଜାରି କରିଛନ୍ତି। ଏଥି ସହ କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ସଚିବ, ଉଚ୍ଚଶିକ୍ଷା ସଚିବ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ସଚିବ, ଶକ୍ତି ସଚିବ, ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର, ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି), ରାଜ୍ୟର ସମସ୍ତ ଡିସ୍‌କମ୍(ବିଦ୍ୟୁତ୍ ବଣ୍ଟନ କମ୍ପାନୀ)ଙ୍କ ସହ ୧୩ ପକ୍ଷଙ୍କୁ ନୋଟିସ୍ ହୋଇଛି। ପୂର୍ବରୁ ଏନେଇ ରୁଜୁ ହୋଇଥିବା ଅନ୍ୟ ଏକ ଜନସ୍ୱାର୍ଥ ମାମଲାକୁ ଏହା ସହିତ ମିଶାଇ ଶୁଣାଣି କରାଯିବ ବୋଲି ଉଲ୍ଲେଖ କରାଯାଇଛି।

ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ଯେଉଁମାନଙ୍କ ପାଖରେ ରାଶନ୍‌କାର୍ଡ଼ ଅଛି, ସେମାନେ ସରକାରଙ୍କ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ପାଇବା ସହ



'ଉଜ୍ଜ୍ୱଳା' ଯୋଜନାରେ ଗ୍ୟାସ୍ ପାଉଛନ୍ତି। କିନ୍ତୁ ଏମାନଙ୍କୁ ଛାଡ଼ିଦେଲେ, ସମାଜରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ଲକ୍‌ଡାଉନ୍ ଯୋଗୁ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ସେମାନେ ସରକାରୀ ସହାୟତା ପାଉନାହାନ୍ତି। ସେମାନଙ୍କ ପକ୍ଷେ ଚଳିବା କଷ୍ଟକର ହୋଇପଡ଼ିଲାଣି। ବିଶେଷକରି ମଧ୍ୟବିତ୍ତ ଏବଂ ଛୋଟ ବ୍ୟବସାୟୀମାନେ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏମାନଙ୍କୁ ଅନ୍ତତଃ ଲକ୍‌ଡାଉନ୍ ଉଠିବା ପର୍ଯ୍ୟନ୍ତ ସରକାରୀ ସହାୟତାର ଆବଶ୍ୟକତା ରହିଛି। ଅନ୍ୟ ଏକ ସମସ୍ୟା ହେଲା ବିଦ୍ୟୁତ୍ ଦେୟ। ରୋଜଗାର ନ ଥିବା ଯୋଗୁ ଦାନା ଯୋଗାଡ଼ କରିବା କଷ୍ଟ ହେଉଥିବା ବେଳେ ସେମାନେ ବିଦ୍ୟୁତ୍ ବିଲ୍ ପଇଠ ପାଇଁ ଟଙ୍କା ଆଣିବେ କେଉଁଠୁ। କେବଳ ଘରୋଇ ଉପଭୋକ୍ତା ନୁହନ୍ତି, ଛୋଟ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ବିଲ୍ ପଇଠ କରିପାରିବେ ନାହିଁ। ଏଣୁ ଘରୋଇ ଉପଭୋକ୍ତାଙ୍କୁ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଦେୟ ଛାଡ କରାଯାଉ। ବ୍ୟବସାୟିକ ବିଦ୍ୟୁତ୍ ସଂଯୋଗକାରୀଙ୍କ କ୍ଷେତ୍ରରେ ଡିମାଣ୍ଡ ଚାର୍ଜ, ଇଲେକ୍ଟ୍ରିସିଟି ଡ୍ୟୁଟି ଛାଡ କରିବା ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ସେହିଭଳି ସମସ୍ତ ପ୍ରକାର ସ୍କୁଲ ଫି' ମଧ୍ୟ ଛାଡ଼ କରାଯିବାକୁ କୁହାଯାଇଛି। ଏ ସମସ୍ତ ଆବେଦନ ଉପରେ ହାଇକୋର୍ଟ ବୁଧବାର ଶୁଣାଣିକରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

# ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ଦଇତାପତି ସେବକ


ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ଦଇତାପତିମାନେ ଆଲୋଚନା କରୁଛନ୍ତି।

**ପୁରୀ ଅଫିସ୍,୨୯।୪:** କରୋନା ପାଇଁ ରଥଯାତ୍ରାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଜୁନ୍ ୨୩ରେ ପଡୁଥିବା ରଥଯାତ୍ରା ହେବ କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସି ନ ଥିବାବେଳେ ଦଇତାପତି ସେବକମାନେ ବୁଧବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି। କଟକଣା ଭିତରେ ଯେପରି ମହାପ୍ରଭୁଙ୍କ ରଥଯାତ୍ରା କରାଯାଇପାରିବ ସେ ବିଷୟରେ ଜଣାଇଛନ୍ତି। ପୂର୍ବରୁ ଅନେକ ପ୍ରତିକୂଳ ପରିସ୍ଥିତି ଆସିଥିଲେ ବି ରଥଯାତ୍ରା ହୋଇଛି। ଚଳିତବର୍ଷ ରଥଯାତ୍ରା

**ଅନିଶ୍ଚିତତାରେ ରଥଯାତ୍ରା**

ପାଇଁ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସି ରଥ ନିର୍ମାଣ ଅନୁକୂଳ ସରିଛି। ସେହିପରି ମହାପ୍ରଭୁ ବାହାରକୁ ଆସିଲେ ନିଶ୍ଚିତ ଏହି କରୋନା ଭୂତାଣୁ ଦୂର ହୋଇଯିବ ବୋଲି ସେବକମାନେ ଗୁରୁଜୀଙ୍କୁ କହିଥିଲେ। ରଥଯାତ୍ରା କିପରି ହେବ ତା'ର ବ୍ୟବସ୍ଥା କରିବା ଲାଗି ଜଣାଇଥିଲେ। ଶଙ୍କରାଚାର୍ଯ୍ୟ ସବୁ ବିଷୟ ଶୁଣିବା ପରେ ସେବାୟତଙ୍କ ସହ ସେ ଅଛନ୍ତି, କିନ୍ତୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିବା ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ତିନିରଥ ନିର୍ମାଣ କରିବାକୁ ଅନୁମତି ଦେବା ଲାଗି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଶ୍ରୀଜଗନ୍ନାଥ ସେନା ଅନୁରୋଧ କରିଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ରଥଯାତ୍ରା ପାଇଁ ବିଧି ମୁତାବକ ଆଜ୍ଞାମାଳ ଆସି ରଥ ନିର୍ମାଣ ଅନୁକୂଳ ହୋଇଛି। ତେଣୁ ତିନିରଥ ତିଆରି ପାଇଁ ଗୁରୁଜୀ ଅନୁମତି ଦେବାକୁ ନିବେଦନ କରାଯାଇଛି।

# ହ୍ୱାଟ୍ସଆପ୍‌ରେ ପାଠପଢ଼ିବେ ଛାତ୍ରୀଛାତ୍ର

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

- ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ
- ଓଡ଼ିଶା ଶିକ୍ଷା ସଂଯୋଗ ଜରିଆରେ ଶିକ୍ଷାଦାନ



କରୋନା ଭୂତାଣୁ ସଂକ୍ରମଣକୁ ନେଇ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ଠପ୍ ହୋଇଯାଇଛି। କେତେକ ଘରୋଇ ସ୍କୁଲ୍‌ରେ ଅନ୍‌ଲାଇନ୍ ଜରିଆରେ ପାଠପଢ଼ା ଯାଉଛି। ଏହି ଅନ୍‌ଲାଇନ ପାଠପଢ଼ାକୁ ରାଜ୍ୟର ସମସ୍ତ ସରକାରୀ ସ୍କୁଲ୍‌ରେ ଲାଗୁ କରିବା ପାଇଁ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ସମସ୍ତ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ହ୍ୱାଟ୍ସଆପ୍ ଜରିଆରେ ଶିକ୍ଷାଦାନ ପାଇଁ 'ଓଡ଼ିଶା ଶିକ୍ଷା ସଂଯୋଗ' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ବୁଧବାର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଏହି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ସମସ୍ତ ବିଦ୍ୟାଳୟ ମାର୍ଚ୍ଚ ୧୭ରୁ ବନ୍ଦ ରହିଛି। ତେଣୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଲକ୍ଷ୍ୟରେ ରଖି ଟିଭି ଏବଂ ଅନ୍‌ଲାଇନ କିମ୍ବା ଡିଜିଟାଲ ଶିକ୍ଷାଦାନର ପଦ୍ଧତିକୁ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦଶମ ଶ୍ରେଣୀ ପାଇଁ ବିଜ୍ଞାନ, ଗଣିତ, ଇଂଲିଶ ଏବଂ ଭୂଗୋଳର ପାଠ୍ୟକ୍ରମର କିଛି ଭିଡିଓ ଦୂରଦର୍ଶନ ଓଡ଼ିଆରେ ପ୍ରସାରିତ ହେଉଛି। ଏହି କାର୍ଯ୍ୟକ୍ରମ ମେ' ୧୨ରେ ଶେଷ ହେବ। ବିଭିନ୍ନ ବିଷୟର ଅଧିକ ଭିଡିଓ ରେକର୍ଡିଂ ଏବଂ ପ୍ରସାରଣ ପାଇଁ ପଦକ୍ଷେପ ନିଆଯାଉଛି। ବିଭିନ୍ନ ସ୍ତରରେ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ଶିକ୍ଷାଦାନ ପଦ୍ଧତିକୁ ଆପଣାଇବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍‌ଲାଇନ୍‌ରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ସହଜ ହେବ। ଏହିପରି ଏକ କାର୍ଯ୍ୟକ୍ରମ ଯଥା 'ଶିକ୍ଷା ସଂଯୋଗ' ଖୋର୍ଦ୍ଧା ଜିଲାରେ ୧୯ ଏପ୍ରିଲରୁ ଆରମ୍ଭ ହୋଇଛି। 'ଓଡ଼ିଶା ଶିକ୍ଷା ସଂଯୋଗ' ନାମରେ ରାଜ୍ୟର ଅନ୍ୟାନ୍ୟ ଜିଲାରେ ଏଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ପାଠ୍ୟସୂଚୀ ପ୍ରସ୍ତୁତ ସହ ସମୟ ନିର୍ଘଣ୍ଟ ହେବ। ଜିଲା ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କ ପର୍ଯ୍ୟନ୍ତ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରାଯିବ। ସେଥିରେ ପାଠ୍ୟ ଉପକରଣ ପ୍ରଦାନ କରାଯିବ। ମେ' ୭ତାରିଖ ସୁଦ୍ଧା ଏହି କାର୍ଯ୍ୟକ୍ରମ ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଇର୍ଫାନ୍ ଖାନ୍‌ଙ୍କ ପରଲୋକରେ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ





" ଇର୍ଫାନ ଖାନ୍ ବିରଳ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କର ଉଲ୍ଲେଖନୀୟ ଅଭିନୟ ଦର୍ଶକ ମହଲରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ତାଙ୍କର ପରଲୋକ ଚଳଚ୍ଚିତ୍ର ଜଗତ ଓ ଲକ୍ଷ ଲକ୍ଷ ସିନେପ୍ରେମୀଙ୍କ ପାଇଁ ବଡ଼ କ୍ଷତି।

\- ରାମନାଥ କୋବିନ୍ଦ, ରାଷ୍ଟ୍ରପତି



" ବିଭିନ୍ନ ମାଧ୍ୟମରେ ନିଜର ବହୁମୁଖୀ ଅଭିନୟ ଲାଗି ଅଭିନେତା ଇର୍ଫାନ ଖାନ୍ ସ୍ମରଣୀୟ ହୋଇ ରହିବେ। ତାଙ୍କର ପରଲୋକ ଚଳଚ୍ଚିତ୍ର ତଥା ଯାତ୍ରାଜଗତ ପାଇଁ ଏକ ବଡ଼ କ୍ଷତି। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

\- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



" ଇର୍ଫାନ ଥିଲେ ଅସାଧାରଣ ଅଭିନେତା ଓ ଜଣେ ଅତି ଭଦ୍ର ଓ ଦୟାଳୁ ବ୍ୟକ୍ତି। ସେ ଜଣେ ବହୁମୁଖୀ ପ୍ରତିଭା, ଯାହାଙ୍କ ଅଭିନୟ ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଦେଇଥିଲା। ସେ ଭାରତୀୟ ଚଳଚ୍ଚିତ୍ରଶିଳ୍ପ ପାଇଁ ଥିଲେ ମୂଲ୍ୟବାନ ସମ୍ପଦ।

\- ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ



" ଇର୍ଫାନଙ୍କ ଅକାଳ ବିୟୋଗ ଖବର ଶୁଣି ଅତ୍ୟନ୍ତ ମର୍ମାହତ। କଳାତ୍ମକ ପ୍ରତିଭାର ପ୍ରତୀକ 'ଲଞ୍ଚ୍ ବକ୍ସ' ଭଳି ଚଳଚ୍ଚିତ୍ରରେ ନିଜର ଉଚ୍ଚକୋଟୀର ପ୍ରଦର୍ଶନ ଦ୍ୱାରା ଦର୍ଶକମାନଙ୍କୁ ରୋମାଞ୍ଚିତ କରିଥିଲେ। ଚଳଚ୍ଚିତ୍ର ଜଗତକୁ ତାଙ୍କର ଅବଦାନ ପାଇଁ ସେ ସବୁବେଳେ ମନେ ରହିବେ।

\- ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ



" ଇର୍ଫାନ ଖାନ୍‌ଙ୍କ ପରଲୋକ ଖବର ଶୁଣି ମୁଁ ଅତ୍ୟନ୍ତ ବ୍ୟଥିତ। ଏହି ପ୍ରତିଭାଧର ଅଭିନେତା ବିଶ୍ୱ ଚଳଚ୍ଚିତ୍ର ଓ ଟେଲିଭିଜନ ଜଗତରେ ଥିଲେ ଲୋକପ୍ରିୟ ଭାରତୀୟ ବ୍ରାଣ୍ଡ୍ ଆମ୍ବାସାଡର। ତାଙ୍କ ପରଲୋକ ଏକ ବଡ଼ କ୍ଷତି।

\- ରାହୁଲ ଗାନ୍ଧୀ, କଂଗ୍ରେସ ନେତା



" ଇର୍ଫାନ ଜଣେ ପରିଶ୍ରମୀ ଓ ପ୍ରତିଭାଧର ଅଭିନେତା। ଭାରତୀୟ ସିନେମାଠାରୁ ଆରମ୍ଭ କରି ହଲିଉଡ୍ ପର୍ଯ୍ୟନ୍ତ ତାଙ୍କର ଅଭିନୟର ଜୟଯାତ୍ରା ନୂଆ ପିଢ଼ିର ଅଭିନେତା ଅଭିନେତ୍ରୀମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇରହିବ।

\- ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ



" ଅସାଧାରଣ ଦକ୍ଷତାସମ୍ପନ୍ନ ସହକର୍ମୀ ଇର୍ଫାନଙ୍କ ପରଲୋକରେ ବିଶ୍ୱ ଚଳଚ୍ଚିତ୍ର ଜଗତରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ବିଶ୍ୱ ଚିତ୍ରଜଗତକୁ ଅବଦାନ ଥିବା ଏହି ଅଭିନେତା ଆମ୍ଭମାନଙ୍କୁ ଏତେଶୀଘ୍ର ଛାଡ଼ି ଚାଲିଯିବେ ବିଶ୍ୱାସ ହେଉନାହିଁ। ଈଶ୍ୱର ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

\- ଅମିତାଭ ବଚ୍ଚନ, ବଲିଉଡ୍ ସୁପରଷ୍ଟାର



" ଇର୍ଫାନ ଅଭିନୟର ଯେଉଁ ପ୍ରତିଭା ଦେଖାଇଛନ୍ତି ତାହା ସମ୍ପୂର୍ଣ୍ଣ ମ୍ୟାଜିକ୍ ଭଳି। ଏହା ଅନ୍ୟ ଅଭିନେତା ଅଭିନେତ୍ରୀଙ୍କୁ ବହୁବର୍ଷ ଧରି ଅନୁପ୍ରାଣିତ କରିରଖିବ। ଚଳଚ୍ଚିତ୍ର ଜଗତ ନିଶ୍ଚୟ ତାଙ୍କର ଅଭାବ ଅନୁଭବ କରିବ।

\- ପ୍ରିୟଙ୍କା ଚୋପ୍ରା, ବଲିଉଡ୍ ଅଭିନେତ୍ରୀ



" ଅଭିନେତାଙ୍କ ଅତୁଳନୀୟ ଚଳଚ୍ଚିତ୍ର ସ୍ମୃତି ସବୁଦିନ ପାଇଁ ମନେରହିବ। ଚଳଚ୍ଚିତ୍ର ଜଗତକୁ ଋଦ୍ଧିମନ୍ତ କରିଥିବା ଇର୍ଫାନଙ୍କ ଅବର୍ତ୍ତମାନର ଅଭାବକୁ ସମସ୍ତେ ଅନୁଭବ କରିବେ। ଚଳଚ୍ଚିତ୍ର ଜଗତ ତାଙ୍କ ପାଖରେ ସବୁଦିନ ପାଇଁ କୃତଜ୍ଞ ରହିବ।

\- କରନ ଜୋହାର, ଚଳଚ୍ଚିତ୍ର ପ୍ରଯୋଜକ

# ସ୍ୱାବ୍ ପରୀକ୍ଷା ପରେ ଛଡ଼ାଯିବ: ହାଇକୋର୍ଟ

- ସଙ୍ଗରୋଧ ପରେ ସଙ୍ଗରୋଧ ଘଟଣା
- ଯାଜପୁର ଜିଲା ପ୍ରଶାସନର ଜବାବ ଦାଖଲ

**କଟକ ଅଫିସ୍,୨୯।୪:** ସଙ୍ଗରୋଧରେ ଗୋଟିଏ ମାସ ରଖିବା ପରେ ପୁଣି ଥରେ ସ୍ୱତନ୍ତ୍ର ସଙ୍ଗରୋଧରେ ରଖାଗଲା। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜବାବ ଦାଖଲ ହୋଇଥିଲା। ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ନେଗେଟିଭ୍ ଆସିବା ପରେ ତାଙ୍କୁ ଛଡ଼ାଯିବ ବୋଲି ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଏବଂ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବୃତ୍ତାନ୍ତ ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ, ଅଞ୍ଜନ ତନୟ ପଣ୍ଡା କୋଲକତାର ଏକ କମ୍ପାନୀରେ କାମ କରୁଥିଲେ। ସେଠାରୁ ସେ ପ୍ରାୟ ଏକ ମାସ ପୂର୍ବେ ଫେରିଥିଲେ। ଏନେଇ ସେ ସ୍ଥାନୀୟ ପ୍ରଶାସନକୁ ଅବଗତ କରିଥିଲେ। ତାଙ୍କ ଘର ଆଗରେ ପ୍ରଶାସନ ତରଫରୁ ନୋଟିସ୍ ମରାଯିବା ସହ ତାଙ୍କୁ ୧୪ ଦିନିଆ ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେ ପ୍ରାୟ ଗୋଟିଏ ମାସ ଘରେ ସଙ୍ଗରୋଧରେ ଥିଲେ। ତାଙ୍କର କରୋନା ଲକ୍ଷଣ ଦେଖାଯାଇ ନ ଥିଲା। ପୁଣି ଥରେ ପ୍ରଶାସନ ତାଙ୍କୁ ଆଣି ସ୍ଥାନୀୟ ଏକ ବିଦ୍ୟାଳୟରେ ସଙ୍ଗରୋଧରେ ରଖିଛି। ଏହାକୁ ସେ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଶୁଣାଣିରେ ହାଇକୋର୍ଟ ଏହି ମାମଲାରେ ଯାଜପୁର ଜିଲାପାଳଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ କରିଥିଲେ। ବୁଧବାର ଏହାର ଜବାବ ଦାଖଲ କରାଯାଇଥିଲା।

# ଲକ୍‌ଡାଉନ୍ କଟକଣା ଆହୁରି କୋହଳ

**ଭୁବନେଶ୍ୱର, ୨୯।୪(ବ୍ୟୁରୋ)**

- ଗ୍ରାମାଞ୍ଚଳରେ ଖୋଲିବ ଶିଳ୍ପାନୁଷ୍ଠାନ
- ଗ୍ରାମାଞ୍ଚଳରୁ ହଟିବ ବେଆଇନ ବ୍ୟାରିକେଡ୍
- ପରିବହନ ବ୍ୟବସ୍ଥା ଉପରେ ଜିଲାପାଳ ନେବେ ନିଷ୍ପତ୍ତି

କରୋନା ଯୋଗୁ ଦେଶରେ ଲକ୍‌ଡାଉନ ଜାରି ରହିଛି। ଆଗକୁ ଲକ୍‌ଡାଉନ ବଢ଼ିବ ନା ନାହିଁ ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି। ଏଭଳି ସମୟରେ ଲକ୍‌ଡାଉନ କଟକଣାକୁ କୋହଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଲୋକଙ୍କ ଆର୍ଥିକସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟ ଶାସନ ସଚିବ ସବୁ ଜିଲାର ଆର୍ଥିକ ସ୍ଥିତିର ସମୀକ୍ଷା କରିଥିଲେ। କରୋନା ବିରୋଧରେ ଲଢ଼େଇ ଏକ ଲମ୍ବା ସଂଗ୍ରାମ। ଅଜଣା ଶତ୍ରୁ ବିରୋଧରେ ଏହା ଏକ ଅଜଣା ଯୁଦ୍ଧ। ସ୍ଥିତିକୁ ଲକ୍ଷ୍ୟକରି ରଣନୀତି ବଦଳାଇବାର ଆବଶ୍ୟକତା ରହିଛି। ତେଣୁ ଗ୍ରାମାଞ୍ଚଳ ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ଆର୍ଥିକ କାର୍ଯ୍ୟକଳାପ ବଢ଼ାଇବାକୁ ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ଆସନ୍ତା ୩ ତାରିଖ ପରେ ଅନ୍ୟ ରାଜ୍ୟଗୁଡ଼ିକରେ ଅଟକି ରହିଥିବା ଓଡ଼ିଆଙ୍କୁ ଫେରାଇ ଅଣାଯିବ। ସେମାନଙ୍କ ଲାଗି ପଞ୍ଚାୟତର କ୍ୱାରେଣ୍ଟାଇନ ସେଣ୍ଟର ଏବଂ ମେଡିକାଲ କ୍ୟାମ୍ପରେ ବ୍ୟବସ୍ଥା ନିଶ୍ଚିତ କରାଯାଉ। ମହିଳା ଓ ପୁରୁଷଙ୍କ ଲାଗି ଭିନ୍ନଭିନ୍ନ ବ୍ୟବସ୍ଥା କରାଯାଉ। ସେହିପରି କୃଷିକାର୍ଯ୍ୟ ପାଇଁ ଆବଶ୍ୟକ ସାର, ବିହନର ପରିବହନ ସହିତ ବିକ୍ରିବଟା ଆଦିକୁ କଟକଣାମୁକ୍ତ କରାଯାଇଥିବା ସେ ଜିଲାପାଳଙ୍କୁ କହିଛନ୍ତି।

ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ଏବଂ ଗ୍ରାମୀଣ ପାଇପ ଜଳ ଯୋଗାଣ ବିଭାଗ କାର୍ଯ୍ୟ ସହ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟକୁ ମଧ୍ୟ କଟକଣାମୁକ୍ତ କରାଯାଇଛି। ଏଥିଲାଗି ଶ୍ରମିକମାନଙ୍କ ଯାତାୟାତ ସହ ମାଲ ପରିବହନ ଲାଗି କୌଣସି କଟକଣା କରାଯିବ ନାହିଁ। କେନ୍ଦୁପତ୍ର ତୋଳିବା, ସଂଗ୍ରହ ସହିତ ଚାରାରୋପଣ, ଜଙ୍ଗଲ ସୃଷ୍ଟି ଏବଂ ନର୍ସରି ଆଦି କାର୍ଯ୍ୟକୁ କଟକଣା ମୁକ୍ତ କରାଯାଇଛି। ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର, ମଧ୍ୟମ ଶିଳ୍ପାନୁଷ୍ଠାନଗୁଡିକ ସହିତ ବିଭିନ୍ନ ଶିଳ୍ପାଞ୍ଚଳରେ ପୂର୍ଣ୍ଣ କାର୍ଯ୍ୟକଳାପ ଓ ଉତ୍ପାଦନ ପ୍ରକ୍ରିୟାକୁ କଟକଣାମୁକ୍ତ କରିବାକୁ ଶିଳ୍ପ ସଚିବ ହେମନ୍ତ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସବୁ ଜିଲାରେ ପରିବହନ, ଶିଳ୍ପ ଓ ବ୍ୟବସାୟିକ ସଂଘଗୁଡ଼ିକ ସହିତ ବୈଠକ କରି ସବୁ କ୍ଷେତ୍ରରେ କାର୍ଯ୍ୟକଳାପ ବୃଦ୍ଧି କରିବାକୁ ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। କରୋନା ଭୟ ଯୋଗୁ ଗ୍ରାମାଞ୍ଚଳରେ କରାଯାଇଥିବା ବ୍ୟାରିକେଡ୍ ହଟାଯିବ। ମାଲ ପରିବହନ ଓ ଶ୍ରମିକଙ୍କ ଯାତାୟତରେ ଅସୁବିଧା ସୃଷ୍ଟି କରୁଥିବାରୁ ଏହାକୁ ହଟାଯିବ। କେବଳ ସଂକ୍ରମଣ ନିରୋଧ ଓ ଆବଦ୍ଧ ଅଞ୍ଚଳରେ ବ୍ୟାରିକେଡ୍ ରହିବ। ପ୍ରଶାସନକୁ ଛାଡ଼ି କେହି ହେଲେ କୌଣସି ସ୍ଥାନରେ ବ୍ୟାରିକେଡ୍ ବସାଇପାରିବେ ନାହିଁ।

ଜିଲାରେ ଶ୍ରମିକ ଏବଂ ଠିକାଦାର ସମ୍ପୂର୍ଣ୍ଣ ଯାତାୟାତ କରିପାରିବେ। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ ଆରମ୍ଭ କରିଥିବା କାରଖାନାର କର୍ମଚାରୀଙ୍କ ଯାତାୟାତକୁ କଟକଣାମୁକ୍ତ କରାଯିବ। ବିଭିନ୍ନ କମ୍ପାନୀ ନିଜ ବସ୍‌ରେ କର୍ମଚାରୀଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇପାରିବେ। ହେଲେ ଉକ୍ତ ବସ୍‌ର ସିଟ୍ ସଂଖ୍ୟାର ୪୦ଭାଗରୁ ଅଧିକ ପୂରଣ ହୋଇପାରିବ ନାହିଁ। ଏମ୍‌ଜିଏନ୍‌ଆରିଜିଏସ୍ କାର୍ଯ୍ୟ ବଢ଼ାଇବା ସହ ଅଧିକ କର୍ମନିଯୁକ୍ତି ସୃଷ୍ଟି କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସଲାମ୍ ବମ୍ବେରୁ ଅଙ୍ଗ୍ରେଜି ମିଡିୟମ

ମୁମ୍ବାଇ,୨୯।୪: ସାହାବ୍‌ଜାଦେ ଇର୍ଫାନ୍ ଅଲି ଖାନ୍ ହିନ୍ଦୀ ଫିଲ୍ମ ଜଗତର ଏକ ଜଣାଶୁଣା ନାଁ। ଦୀର୍ଘ ୩୦ ବର୍ଷ ଧରି ବଲିଉଡ୍‌ରେ ତାଙ୍କର ନିଖୁଣ ଅଭିନୟ ତାଙ୍କୁ ସ୍ମରଣୀୟ କରି ରଖିଛି। ସଂକ୍ଷେପରେ ସେ ଇର୍ଫାନ୍ ଖାନ୍ ଭାବେ ଦର୍ଶକଙ୍କ ନିକଟରେ ପରିଚିତ। ଆମେରିକାନ୍ ଫିଲ୍ମ, ବ୍ରିଟିଶ୍ ଫିଲ୍ମରେ ମଧ ତାଙ୍କ ଅଭିନୟର ଯାଦୁ ଦେଖିବାକୁ ମିଳେ। ଅନେକ ମଞ୍ଚ, ଟେଲି ସିରିୟଲରେ ତାଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିପାରିଛି। ପ୍ରଥମେ ୧୯୮୮ରେ ସେ 'ସଲାମ୍ ବମ୍ବେ' ଫିଲ୍ମରେ ଏକ ଛୋଟ କ୍ୟାରେକ୍ଟରରୁ ନିଜର ଅଭିନୟ ଆରମ୍ଭ କରିଥିଲେ। ଏହା ପରେ ସେ ଅନେକ ଛୋଟ ବଡ଼ ଫିଲ୍ମରେ ଅଭିନୟ କରିଥିଲେ ହେଁ 'ପାନ୍ ସିଂ ତୋମାର' ତାଙ୍କୁ ନୂଆ ପରିଚୟ ଆଣିଦେଇଥିଲା। ୨୦୧୧ରେ ରିଲିଜ୍ ହୋଇଥିବା ଏହି ବଲିଉଡ୍ ଫିଲ୍ମରେ ସେ ବେଷ୍ଟ ଆକ୍ଟର ଭାବେ ନ୍ୟାଶନାଲ ଫିଲ୍ମ ଆୱାର୍ଡ ପାଇଥିଲେ। ୨୦୧୩ରେ 'ଲଞ୍ଚ୍‌ବକ୍ସ', ୨୦୧୫ରେ 'ପିକୁ' ଓ 'ତଲ୍‌ୱାର୍', ୨୦୧୭ରେ କମେଡି ଡ୍ରାମା 'ହିନ୍ଦୀ ମିଡିୟମ୍'ଓ ୨୦୨୦ରେ ଶେଷ ଫିଲ୍ମ 'ଅଙ୍ଗ୍ରେଜି ମିଡିୟମ୍' ଜବରଦସ୍ତ ଧମାକା ସୃଷ୍ଟି କରିଥିଲା। 'ହିନ୍ଦୀ ମିଡିୟମ୍'ରେ ବେଷ୍ଟ ଆକ୍ଟର ହେବା ସହ ଫିଲ୍ମ ଫେୟାର ଆୱାର୍ଡ ତାଙ୍କୁ ମିଳିଥିଲା। 'ଅଙ୍ଗ୍ରେଜି ମିଡିୟମ୍' ମଧ ବକ୍ସ ଅଫିସ୍‌ରେ ହିଟ୍ ହୋଇଛି।



## କ୍ରିକେଟର ହେବାକୁ ଚାହୁଁଥିଲେ

ପିଲାବେଳୁ କ୍ରିକେଟ ପ୍ରତି ଥିଲା ଇର୍ଫାନ୍ ଖାନ୍‌ଙ୍କ ଦୁର୍ବଳତା। ବଡ଼ହୋଇ ଜଣେ ଭଲ କ୍ରିକେଟର ହେବା ଥିଲା ତାଙ୍କର ଲକ୍ଷ୍ୟ। ପିତା ୟାସିନ ଅଲି ଖାନ୍ ଓ ମା' ସଇଦା ବେଗମ୍ ଖାନ୍ ତାଙ୍କୁ ଏଥିଲାଗି ପ୍ରୋତ୍ସାହନ ମଧ ଦେଇଆସୁଥିଲେ। ରାଜସ୍ଥାନର ଏକ ଗରିବ ମୁସଲମାନ ପରିବାରରେ ଜନ୍ମହୋଇ ପାଠପଢ଼ା ସହ ସବୁବେଳେ କ୍ରିକେଟକୁ ସେ ଗୁରୁତ୍ୱ ଦେଇଆସୁଥିଲେ। ନିଜକୁ ସେ ଜଣେ ଦକ୍ଷ କ୍ରିକେଟର ଭାବେ ଉପସ୍ଥାପିତ କରିବାରେ ସମର୍ଥ ହୋଇଥିଲେ। ଏମିତିକି ଅଣ୍ଡର ୨୩ ସି.କେ. ନାଇଡୁ ଟ୍ରଫି ଲାଗି ତାଙ୍କୁ ମନୋନୀତ କରାଯାଇଥିଲା। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ଲାଗି ଏହା ଥିଲା ତାଙ୍କ ପାଇଁ ମୂଳଦୁଆ ସଦୃଶ। ହେଲେ ଅର୍ଥାଭାବ ଯୋଗୁ ସେ ଆଗକୁ ବଢ଼ିପାରି ନ ଥିଲେ। ଜୟପୁରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସେ ଫିଲ୍ମ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। କ୍ରମଶଃ ଏକାଧିକ ଟେଲିଫିଲ୍ମ, ସିନେମା କରିବା ପରେ ତାଙ୍କ ଡିମାଣ୍ଡ ବଢ଼ିଯାଇଥିଲା। ସାରା ଭାରତରେ ସେ ନିଜକୁ ଜଣେ ଦକ୍ଷ ଅଭିନେତା ଭାବେ ପ୍ରତିପାଦନ କରିବାରେ ସମର୍ଥ ହୋଇଥିଲେ।

# ଲକ୍‌ଡାଉନ ଉଠିଲେ ହେବ ବାକି ଯୁକ୍ତ ୨ ପରୀକ୍ଷା

- କ୍ୱାରାଣ୍ଟାଇନ ସେଣ୍ଟର ଥିବା କଲେଜ ପରୀକ୍ଷା କେନ୍ଦ୍ର ବଦଳିବ
- ମେ ୩ ପରେ ହୋଇପାରେ ତାରିଖ ଘୋଷଣା

ଭୁବନେଶ୍ୱର, ୨୯।୪(ବ୍ୟୁରୋ)

କରୋନା କଟକଣା ଯୋଗୁ ଯୁକ୍ତ୨ ପରୀକ୍ଷାକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ଏବେ ବାକି ଥିବା ପରୀକ୍ଷା କିପରି ହେବ ତାହାକୁ ନେଇ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପ୍ରସ୍ତୁତି ଚଳାଇଛି। ଲକ୍‌ଡାଉନ ଶେଷ ହେବାପରେ ଏହି ପରୀକ୍ଷା କରାଯିବ। ଏଥିପାଇଁ ବିଭାଗ ପୂରା ପ୍ରସ୍ତୁତ ରହିଛି ଓ ସରକାରଙ୍କ ନିର୍ଦ୍ଦେଶ ଆସିବା ମାତ୍ରେ ତୁରନ୍ତ ପରୀକ୍ଷା ହେବ ବୋଲି ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାମାଜିକ ଦୂରତା ନିୟମକୁ ପାଳନ କରି ପରୀକ୍ଷା କରାଯିବ। ତେବେ କେତେକ କଲେଜକୁ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ର ଚୟନ ଆଉଥରେ କରାଯିବ ବୋଲି ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଭିଡିଓ କନଫରେନ୍ସିଂ ଜରିଆରେ ବୈଠକ କରିଥିଲେ। ଏଥିରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଠପଢା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସିବିଏସ୍‌ସି ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ବାକିଥିବା ଯୁକ୍ତ୨ ପିଲାଙ୍କ ପରୀକ୍ଷା କରାଯିବା ନେଇ ନିଷ୍ପତ୍ତି ହେବାପରେ ରାଜ୍ୟରେ ବାକି ଥିବା ଯୁକ୍ତ୨ ପରୀକ୍ଷା ସଂକ୍ରାନ୍ତରେ ଏହି ସୂଚନା ଦେଇଛନ୍ତି। ଏହାସହ କେନ୍ଦ୍ରମନ୍ତ୍ରୀ ପିଲାଙ୍କ ନିକଟରେ ବହି ପହଞ୍ଚାଇବା, ଅନ୍‌ଲାଇନରେ ପାଠପଢା କଥା ଉପରେ ମଧ୍ୟ ଆଲୋଚନା କରିଥିବାବେଳେ ଓଡ଼ିଶାରେ ଏହା ଜାରି ରହିଥିବା ମନ୍ତ୍ରୀ ଦାଶ ସୂଚନା ଦେଇଥିବା ଜଣାପଡିଛି।



ଲକ୍‌ଡାଉନ୍ କଟକଣା କେତେକାଂଶରେ କୋହଳ ହେବା ପରେ ବୁଧବାର ଭୁବନେଶ୍ୱରରେ ଚଳପ୍ରଚଳ କରୁଥିବା ଗାଡ଼ି।

# ଘୂର୍ଣ୍ଣିବଳୟ : ୮ ଜିଲ୍ଲାରେ ବର୍ଷା ଝଡ଼ ସମ୍ଭାବନା

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ଦକ୍ଷିଣ ଛତିଶଗଡ଼ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଉପକୂଳ ଜିଲ୍ଲାଗୁଡ଼ିକ ସମେତ କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, ନୂଆପଡ଼ା ଏବଂ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଏଭଳି ପାଗ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗି ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜଗତ୍‌ସିଂହପୁରରେ ସର୍ବାଧିକ ୫ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଭଦ୍ରକ ୪, ଯାଜପୁର ୩, ପୁରୀ ୨, ମୟୂରଭଞ୍ଜ ୨, ତାଳଚେର ୨, କଟକ ୨ ଏବଂ ଅନ୍ୟାନ୍ୟ ସ୍ଥାନରେ ୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ସ୍ୱତନ୍ତ୍ର ତଦାରଖ, ନିରୀକ୍ଷଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ରାଜ୍ୟରେ କୋଭିଡ-୧୯ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ସହ ନିୟମିତ ତଦାରଖ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ରୋଗର ସଂକ୍ରମଣ ଯେପରି ନ ବ୍ୟାପିବ ସେଥିଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମହାମାରୀକୁ ରୋକିବା ପାଇଁ ଜିଲାସ୍ତରରେ ଏକ ତଦାରଖ ଓ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ପର୍ଯ୍ୟବେକ୍ଷକମାନେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବେ। ଜିଲାଗୁଡ଼ିକରେ ଅର୍ଥନୈତିକ କାର୍ଯ୍ୟକଳାପ ଚାଲୁ ରଖିବା ଲାଗି ନିଷ୍ପତ୍ତି ନେବାବେଳେ ପର୍ଯ୍ୟବେକ୍ଷକମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଗାଇଡଲାଇନ, ଏସଓପି ଆଦିକୁ ନେଇ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ପାରିବେ। ଏନେଇ ବୁଧବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି) ପ୍ରଦୀପ ଜେନା ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଆପକାର୍ଯ୍ୟ ତାତପର୍ଯ୍ୟ, ପର କାର୍ଯ୍ୟ ଗେବାଗେବା ।

ସାଧାରଣତଃ ନିଜ କାର୍ଯ୍ୟ ପାଇଁ ସମସ୍ତେ ତତ୍ପରତା ଦେଖାଇଥାନ୍ତି। କାର୍ଯ୍ୟଟି କିପରି ସଫଳ ହେବ, ସୁଚାରୁ ରୂପେ ସମ୍ପାଦିତ ହେବ ସେଥିପ୍ରତି ଅଧିକ ଯତ୍ନବାନ ହୋଇପଡ଼ିଥାନ୍ତି। କାର୍ଯ୍ୟଟିକୁ କରାଇବାରେ କିଛି ବି ତ୍ରୁଟି ଯେପରି ରହି ନ ଯାଏ, ସେଥିଲାଗି ସଜାଗ ମଧ୍ୟ ରହିଥାନ୍ତି। ତେବେ ପର କାର୍ଯ୍ୟ ପାଇଁ ଏପରି ମାନସିକତା ଆଉ ଦେଖିବାକୁ ମିଳି ନ ଥାଏ। ଯେନତେନ ପ୍ରକାରେ କାର୍ଯ୍ୟ ହୋଇଗଲେ ଚିନ୍ତା ସରିଯିବ ଭାବି ସେତେ ଚଞ୍ଚଳତା ତଥା ଆଗ୍ରହ ପରିଲକ୍ଷିତ ହୋଇ ନ ଥାଏ। ପରକାର୍ଯ୍ୟ ପ୍ରତି ସେତେ ଦୃଷ୍ଟି ଦିଆ ନ ଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

### ଆହାର ଉପରେ ପାହାର ଦେବ, କୁଟୁଥିଲେ ଧାନ ଉଷେଇଁ ଦେବା।

କ୍ଷୁଧାର ଜ୍ୱଳନ କ'ଣ ତାହା କେବଳ ଜଣେ ଅନୁଭବୀ ହିଁ ଜାଣିଥାଏ। ଭୋକିଲା ମୁହଁରୁ ଖାଦ୍ୟ ଛଡ଼ାଇ ନେବା ଯାହା ପେଟକୁ ନାତ ମାରିବା ତାହା। ପେଟର ଭୋକକୁ ପ୍ରଶମିତ କରିବାକୁ ଯାଇ ଯେ କୌଣସି ପ୍ରକାର କାର୍ଯ୍ୟ କରଣୀୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ପରଲୋକରେ ...

ଇର୍ଫାନଙ୍କୁ ବିରଳ କ୍ୟାନ୍‌ସର (ନ୍ୟୁରୋଏଣ୍ଡୋକ୍ରାଇନ୍ ଟ୍ୟୁମର) ହୋଇଥିବା ୨୦୧୮ରେ ଜଣାପଡିଥିଲା। ସେ ଦୀର୍ଘଦିନ ବ୍ରିଟେନରେ ଚିକିତ୍ସିତ ହୋଇ ଭାରତ ଫେରିଥିଲେ। ଇର୍ଫାନଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତଠାରୁ ଆରମ୍ଭ କରି ରାଜନେତା, ପ୍ରଶାସନିକ ଅଧିକାରୀ ଓ ପ୍ରଶଂସକମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ବିଭିନ୍ନ ମାଧ୍ୟମରେ ଉଚ୍ଚକୋଟିର ଅଭିନୟ ଲାଗି ଇର୍ଫାନ ସବୁବେଳେ ସ୍ମରଣୀୟ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ତାଙ୍କର ଦେହାନ୍ତ ଚଳଚ୍ଚିତ୍ର ତଥା ଯାତ୍ରାଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କଲା ବୋଲି ମୋଦି ଟୁଇଟ୍ କରିଛନ୍ତି। ଇର୍ଫାନଙ୍କ ପରଲୋକ ଖବର ପ୍ରଥମେ 'ପିକୁ' ନିର୍ଦ୍ଦେଶକ ସୁଜିତ ସିର୍‌କର ଗଣମାଧ୍ୟମ ସାମ୍ନାକୁ ଆଣିଥିଲେ। ଅଭିନେତାଙ୍କ ପରଲୋକରେ ସେ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। 'ପିକୁ'ର ସହ ଅଭିନେତା ଅମିତାଭ ବଚ୍ଚନ ଅସାଧାରଣ ଦକ୍ଷତାସମ୍ପନ୍ନ ସହକର୍ମୀ ଇର୍ଫାନଙ୍କୁ ମନେପକାଇ, ବିଶ୍ୱ ଚଳଚ୍ଚିତ୍ର ଜଗତରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି କହିଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରି କହିଛନ୍ତି ଯେ, ଇର୍ଫାନ୍ ଜଣେ ଉଚ୍ଚକୋଟିର ଅଭିନେତା। ସାରା ବିଶ୍ୱର ଚଳଚ୍ଚିତ୍ରପ୍ରେମୀ ତାଙ୍କୁ ମନେ ପକାଇବେ।

### ସରକାରୀ ସହାୟତା ସମୁଦ୍ରକୁ...

ମୁମ୍ବାଇ ସ୍ଥିତ ଆନାଟେକ ଅଫସୋର ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡର ସିଇଓ ଏ.ପୁଥେନପୁରାକଲ କହିଛନ୍ତି, କ୍ରେଡିଟ ସୁବିଧା ମିଳିବାରେ ସମସ୍ୟା ଉପୁଜୁଥିବାରୁ ଶିଳ୍ପର ଭବିଷ୍ୟତ ସମ୍ପର୍କରେ ଚିନ୍ତା ମାଡି ପଡୁଛି। କେବଳ ଆନାଟେକ ଭଳି ଛୋଟ ଫାର୍ମ ନୁହନ୍ତି, ହିରୋ ମୋଟୋକର୍ପ ଭଳି ବଡ ବଡ ଫାର୍ମଗୁଡିକ ମଧ ସରକାରଙ୍କୁ ଶିଳ୍ପର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଋଣ ସହାୟତା, ବେତନ ସବ୍‌ସିଡି, ଟିକସ ଛାଡ, ୟୁଟିଲିଟି ପେମେଣ୍ଟ ଅବଧି ବଢାଇବାକୁ ଶିଳ୍ପଗୁଡିକ ଦାବି କରି ଆସୁଛନ୍ତି। ଶିଳ୍ପଗୁଡିକରେ କ୍ୟାଶ ଫ୍ଲୋ ବା ଅର୍ଥର ପ୍ରବାହ କମି ଥିବା ବେଳେ ବର୍ତ୍ତମାନ ଯାଏ ଆର୍ଥିକ ସହାୟତା ମିଳି ନାହିଁ। ଏହି ସମସ୍ୟାକୁ ଦେଖିଲେ, କମ୍ପାନୀଗୁଡିକ ବାଧ୍ୟ ହୋଇ ଖର୍ଚ୍ଚ କାଟ କରିବା ସହ ନିଯୁକ୍ତି ହ୍ରାସ କରିବେ ବୋଲି ଶିଳ୍ପ ସଂଘର ଜଣେ ପ୍ରତିନିଧି ମତ ଦେଇଛନ୍ତି।

ଦେଶର ଅର୍ଥ ବ୍ୟବସ୍ଥାରେ ଏମ୍‌ଏସ୍‌ଏମ୍‌ଇ ଅଂଶ ଏକ ତୃତୀୟାଂଶ। ଏହି ଶିଳ୍ପ ୧୧୦ ନିୟୁତ ଲୋକଙ୍କୁ ଜୀବିକା ପ୍ରଦାନ କରିଛି। ଚଳିତ ସପ୍ତାହରେ ସରକାର ଶିଳ୍ପ ଲାଗି ପ୍ରାୟ ୩୯ ବିଲିୟନ ଡଲାରର ଏକ ପ୍ୟାକେଜ ଆଣିବେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଏବଂ ଶିଳ୍ପକୁ ଟିକସ ପ୍ରୋତ୍ସାହନ ଭଳି ପଦକ୍ଷେପ ସରକାର ନେଇପାରନ୍ତି। ଶିଳ୍ପ କ୍ଷେତ୍ର ସମସ୍ୟାକୁ ସରକାର ଶୀଘ୍ର ସମାଧାନ କରିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକତା ରହିଛି ବୋଲି ନୋମୁରା ହୋଲ୍ଡିଂ ଇଣ୍ଡିଆର ମୁଖ୍ୟ ଅର୍ଥନୀତିଜ୍ଞ ସୋନାଲ ବର୍ମା ମତଦେଇଛନ୍ତି। ସରକାରଙ୍କ ସହାୟତା ପ୍ୟାକେଜ ପ୍ରାୟ ୮ ଲକ୍ଷ କୋଟି ଟଙ୍କା ହୋଇ ପାରେ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅର୍ଥନୀତିଜ୍ଞ ସୋମ୍ୟକାନ୍ତି ଘୋଷ, ଅଷ୍ଟ୍ରେଲିଆ ଆଣ୍ଡ ନ୍ୟୁଜଲାଣ୍ଡ ବ୍ୟାଙ୍କିଙ୍ଗ ଗ୍ରୁପର ସଞ୍ଜୟ ମାଥୁର ଆକଳନ କରିଛନ୍ତି। ରାଜକୋଷରେ ବିତ୍ତୀୟ ସମସ୍ୟା ଥିବାରୁ ସରକାର ପ୍ୟାକେଜ ପ୍ରଦାନ ବେଳେ ବିଭିନ୍ନ ପ୍ରସଙ୍ଗକୁ ବିଚାର କରୁଛନ୍ତି। ଟିକସ ସଂଗ୍ରହରେ ହ୍ରାସ ଏବଂ ସରକାରଙ୍କ ଖର୍ଚ୍ଚ ବଢୁଥିବାରୁ ଚଳିତ ବର୍ଷ ବିତ୍ତୀୟ ନିଅଣ୍ଟ ୩.୫% ରହିବ ବୋଲି କୁହାଯାଇଛି। ମାତ୍ର ଏକ ଘରୋଇ ଆକଳନ ମୁତାବକ ଅନୁମାନଠାରୁ ବିତ୍ତୀୟ ନିଅଣ୍ଟ ଢେର ବଢିଯିବ। ସରକାର ଆର୍ଥିକ ପ୍ରୋତ୍ସାହନ ଦେବା ଜରୁରୀ ବୋଲି ଗତ ସପ୍ତାହରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ। ସେହିଭଳି ଧାର୍ଯ୍ୟ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ବଡ ଚ୍ୟାଲେଞ୍ଜ ବୋଲି ସେ ମତ ରଖିଥିଲେ।

### ଭୁଶୁଡ଼ିଲା ସୁକ୍‌ତେଲ ବ୍ରିଜ୍...

ପର୍ଯ୍ୟବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକା ସଂସ୍ଥାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବଦଳରେ ଦବି ଯାଇଥିବା ପିଲର ମରାମତି ପାଇଁ ଅନୁମତି ଦେଇଥିଲା । କିଛିଦିନ ତଳେ ଏହି ବ୍ରିଜ୍‌ର ଦବି ଯାଇଥିବା ପିଲର ମରାମତି ଆରମ୍ଭ ହୋଇଥିଲା । ବୁଧବାର ମରାମତି କାମ ଚାଲିଥିବାବେଳେ ହଠାତ୍ ବ୍ରିଜ୍ ସ୍ଲାବ୍‌ଟି ଭୁଶୁଡି ପଡିଥିଲା ଓ ୩ ଶ୍ରମିକ ଚାପିହୋଇ ଯାଇଥିଲେ। ମୃତ ଶ୍ରମିକଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡିଛି । ଏହି ଦୁର୍ଘଟଣା ପରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଦୁର୍ଘଟଣାସ୍ଥଳକୁ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର, ପାଟଣାଗଡ ଏସ୍‌ଡିପିଓ ସୁରେଶ ନାଏକ, ପାଟଣାଗଡ ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଓଡ୍ରାଫ୍ ଟିମ୍, ଅଗ୍ନିଶମ ବିଭାଗ ଭୁଶୁଡି ପଡିଥିବା ସ୍ଲାବ୍ ତଳୁ ଦୁଇ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ଲରମ୍ବା ଥାନାରେ ଦଫା ୨୮୭, ୩୦୪ଏ, ୩୩୭. ୩୩୮, ୩୪ରେ ଏକ ମାମଲା(ନଂ.୪୮/୨୦)ରୁଜୁ ହୋଇଛି।

### ନେଗେଟିଭ୍ ଥିଲା, ...

ଏହି ବ୍ୟକ୍ତି ଜଣକ ପୂର୍ବରୁ ଚିହ୍ନଟ ୪୧ ନଂ. ଆକ୍ରାନ୍ତଙ୍କ ପରିବାରର ସଦସ୍ୟ ବୋଲି ଜଣାପଡ଼ିଛି। ସବୁଠାରୁ ବଡ଼ କଥା ହେଲା ପୂର୍ବରୁ ତାଙ୍କ ନମୁନା ନେଗେଟିଭ୍ ବାହାରିଥିଲା ଓ ହେଲେ ଏବେ ପଜିଟିଭ୍ ବାହାରିଛି। ଗତ ୭ ତାରିଖରେ ୪୧ ନଂ. ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ତାଙ୍କ ପରିବାର ସଦସ୍ୟ ଓ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କ ନମୁନା ପରୀକ୍ଷଣ ହୋଇଥିଲା। ପରିବାର ସଦସ୍ୟ ଥିବା ୧୧୯ ନମ୍ବର ଆକ୍ରାନ୍ତଙ୍କ ରିପୋର୍ଟ ଗତ ୯ ତାରିଖରେ ନେଗେଟିଭ୍ ବାହାରିଥିଲା। ଏହାପରେ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। କିଛିଦିନ ପରେ ସେ ଅସୁସ୍ଥ ଅନୁଭବ କରିଥିଲେ। କିଛି କରୋନା ଲକ୍ଷଣ ଦେଖାଯିବାରୁ ସେ ୧୦୪କୁ ଫୋନ୍ କରି ଜଣାଇଥିଲେ। ଏହାପରେ ତାଙ୍କ ନମୁନା ସଂଗ୍ରହ କରାଯାଇ ଆଉଥରେ ପରୀକ୍ଷା ହୋଇଥିଲା, ଯାହା ଏବେ ପଜିଟିଭ୍ ଆସିଛି। ତେବେ ଥରେ ନେଗେଟିଭ୍ ବାହାରିବା ପରେ ପୁଣି କେମିତି ପଜିଟିଭ୍ ବାହାରିଲା ତାହାକୁ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏ ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି ଯେ, ସଂକ୍ରମଣ କିଛିଦିନ ହେବ ହୋଇଛି ଏବଂ ଭାଇରାଲ ଲୋଡ୍ ସେତେ ମାତ୍ରାରେ ବଢ଼ିନି। ତେବେ ଏହି ସ୍ଥିତି ଟେଷ୍ଟିଂରେ ସହଜରେ ଜଣାପଡ଼ି ନ ଥାଏ। ଭାଇରାଲ ଲୋଡ୍ ଯଦି ଅଧିକ ବଢ଼ିବ, ତେବେ ତାହା ପରୀକ୍ଷାରେ ଜଣାପଡ଼ିବ। ତେଣୁ ହୁଏତ ଯେଉଁଦିନ ତାଙ୍କର ଟେଷ୍ଟିଂ ହୋଇଥିଲା, ସେଦିନ ସେ ସଂକ୍ରମିତ ହୋଇଥିଲେ ମଧ ତାଙ୍କ ଭାଇରାଲ ଲୋଡ୍ ସେତେ ଆକାରରେ ବଢ଼ି ନ ଥିଲା ବୋଲି ଶାଳିନୀ ପଣ୍ଡିତ କହିଛନ୍ତି। ସେପଟେ ୪୧ ନମ୍ବର ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଇତିମଧ୍ୟରେ ୩ଜଣ ସଂକ୍ରମିତ ହୋଇଥିବାରୁ ସେ ଜଣେ ସୁପର ସ୍ପ୍ରେଡର ବୋଲି କୁହାଯାଉଛି।

### ଆଉ ୩ ଜିଲାକୁ ...

ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨୫ରେ ପହଞ୍ଚିଛି। ଦେବଗଡ ଜିଲାରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତ ଜଣକ ବାସୁଦେବପୁରର ୩୪ ବର୍ଷୀୟ ଯୁବକ। ସେହିଭଳି ଝାରସୁଗୁଡ଼ା ବ୍ରଜରାଜନଗରର ଜଣେ ୧୮ ବର୍ଷୀୟ ଯୁବତୀଙ୍କଠାରେ କରୋନା ଭୂତାଣୁ ଠାବ ହୋଇଥିବାବେଳେ ଅନ୍ୟ ଜଣେ କେନ୍ଦୁଝର ଜିଲାର ପଞ୍ଚପାଲି ଅଞ୍ଚଳର ୬୦ ବର୍ଷୀୟ ବୃଦ୍ଧ। ଏମାନେ ସମସ୍ତେ କୋଲକାତା ଫେରନ୍ତା। ଏହି ତିନିଜଣ କ୍ୱାରାଣ୍ଟାଇନରେ ଥିବାବେଳେ କାହା ପାଖରେ ଲକ୍ଷଣ ନ ଥିଲା ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସେପଟେ ବାଲେଶ୍ୱରରେ ଚିହ୍ନଟ ହୋଇଥିବା ୩ ଆକ୍ରାନ୍ତ ପୁରୁଷ ଅଟନ୍ତି। ଏମାନଙ୍କ ବୟସ ଯଥାକ୍ରମେ ୪୪, ୬୧ ଓ ୬୩ ବର୍ଷ। ଏମାନେ ମଧ କୋଲକାତା ଫେରନ୍ତା ଓ କାହା ପାଖରେ କୌଣସି ଲକ୍ଷଣ ନ ଥିଲା। ସମସ୍ତେ କ୍ୱାରାଣ୍ଟାଇନ୍‌ରେ ବି ରହିଥିଲେ। ତେବେ ଏହାକୁ ମିଶାଇ ବାଲେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। ଆଉଜଣେ ଆକ୍ରାନ୍ତ ହେଉଛନ୍ତି ଭୁବନେଶ୍ୱର ମଧୁସୂଦନନଗର ଅଞ୍ଚଳର ୭୭ବର୍ଷୀୟ ପୁରୁଷ। ସମସ୍ତ କଣ୍ଟାକ୍ଟ ଟ୍ରେସିଂ କରାଯାଉଥିବା ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଅନ୍ୟପକ୍ଷରେ ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେ ଭୁବନେଶ୍ୱରର ବୋଲି ଜଣାପଡ଼ିଛି। ଏଥିସହ ରାଜ୍ୟରେ ବର୍ତ୍ତମାନ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩୯ରେ ପହଞ୍ଚିଛି। ଫଳରେ ଏବେ ୮୫ଜଣ ସକ୍ରିୟ ଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି।

### 'ବିପଦକୁ ଡାକିବ ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏକ ଭିଡିଓ ବାର୍ତ୍ତାରେ ରାଜ୍ୟବାସୀଙ୍କୁ ଏଭଳି ସତର୍କ କରାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ୧୦ ଦିନ ପୂର୍ବେ ସେ ଓଡ଼ିଶାବାସୀଙ୍କୁ ସମ୍ବୋଧିତ କରିଥିଲେ। ସେତେବେଳେ ରାଜ୍ୟରେ କରୋନା ପଜିଟିଭଙ୍କ ସଂଖ୍ୟା ୬୧ଥିଲା। ଏବେ ଏହା ଦୁଇଗୁଣ ବଢ଼ି ଗଲାଣି। କିନ୍ତୁ ଡରିବାର କିଛି ନାହିଁ। ସତର୍କ ରହିଲେ ବିପଦକୁ ଏଡ଼ାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଥମେ ବିଦେଶରୁ ଫେରୁଥିବା ଓଡିଆ ଭଉଣୀଭାଇଙ୍କ ଯତ୍ନ ନେବା କରୋନା ସଂକ୍ରମଣର ପ୍ରଥମ ଚ୍ୟାଲେଞ୍ଜ ଥିଲା। ଓଡ଼ିଶା ପ୍ରଥମ ରାଜ୍ୟଭାବେ ବିଦେଶରୁ ରାଜ୍ୟକୁ ଫେରୁଥିବା ଲୋକମାନଙ୍କ ପଞ୍ଜୀକରଣ କରାଇଥିଲା। ସେତେବେଳେ ସରକାରଙ୍କୁ ସହଯୋଗ କରିବାକୁ ଓଡ଼ିଶାବାସୀଙ୍କୁ ଅନୁରୋଧ କରାଯାଇଥିଲା। ଆଉ ଲୋକମାନଙ୍କ ସହଯୋଗରେ ପରିସ୍ଥିତିକୁ ଭଲ ଭାବରେ ନିୟନ୍ତ୍ରଣ କରାଯାଇପାରିଲା। ଏହାପରେ ନିଜାମୁଦ୍ଦିନରୁ ଫେରୁଥିବା ବନ୍ଧୁମାନଙ୍କ ଠିକ୍‌ଭାବେ ଯତ୍ନ ନେବା ପରବର୍ତ୍ତୀ ଚ୍ୟାଲେଞ୍ଜ ଥିଲା। ଆଉ ରାଜ୍ୟବାସୀଙ୍କ ସହଯୋଗରେ ସେହି ପରିସ୍ଥିତିକୁ ମଧ ଭଲଭାବରେ ନିୟନ୍ତ୍ରଣ କରାଯାଇପାରିଲା। ଏବେ ତୃତୀୟ ପର୍ଯ୍ୟାୟର ଆହ୍ୱାନ। ପଶ୍ଚିମବଙ୍ଗରୁ ଫେରୁଥିବା ଭଉଣୀଭାଇଙ୍କ ଯତ୍ନ ନେବା। ରାଜ୍ୟରେ କରୋନା ପଜିଟିଭ ମଧ୍ୟରୁ କେବଳ ୫୦ଜଣ ପଶ୍ଚିମବଙ୍ଗ ଫେରନ୍ତା। ସମସ୍ତଙ୍କ ସହଯୋଗରେ ପରିସ୍ଥିତିକୁ ଭଲଭାବେ ମୁକାବିଲା କରାଯାଇପାରିଛି ଓ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆସନ୍ତା କିଛି ଦିନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ଦେଶର ସବୁଠାରୁ ଅଧିକ କରୋନା ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀ, ତାମିଲନାଡୁ, କର୍ନାଟକ, ରାଜସ୍ଥାନ ତଥା ପଡ଼ୋଶୀ ପଶ୍ଚିମବଙ୍ଗରୁ ବହୁ ଓଡ଼ିଆ ଲୋକ ରାଜ୍ୟକୁ ଫେରିବେ। ସେମାନେ ଆମ ଘର ଲୋକ। ବିପଦ ସମୟରେ ମା' ଓ ମାତୃଭୂମି ଆଗ ଆମ ମନକୁ ଆସିଥାଏ। ସେମାନଙ୍କ ଯତ୍ନନେବା ଆମର ଦାୟିତ୍ୱ। ବାହାର ରାଜ୍ୟରୁ ଲୋକ ଆସିଲେ ସଂକ୍ରମିତଙ୍କ ସଂଖ୍ୟା ବଢିବାର ସମ୍ଭାବନା ରହିଛି। ତେଣୁ ସମସ୍ତଙ୍କ ସହଯୋଗ ରହିଲେ ପରିସ୍ଥିତି ନିୟନ୍ତ୍ରଣରେ ରହିପାରିବ। ବିଶେଷକରି ଗ୍ରାମାଞ୍ଚଳର ଲୋକମାନେ ସତର୍କ ହୋଇ ସ୍ଥାନୀୟ ସରପଞ୍ଚଙ୍କୁ ସହଯୋଗ କରିବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଭଳି ପରିସ୍ଥିତିରେ ସମସ୍ତଙ୍କୁ ସାବଧାନ ରହିବା ସହ ଧୈର୍ଯ୍ୟ ରଖିବାକୁ ପଡ଼ିବ। ବାହାରୁ ଫେରୁଥିବା ଲୋକମାନଙ୍କ ପଞ୍ଜୀକରଣ କରିବା ସହ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବାରେ ସରକାରଙ୍କୁ ପୂରା ସହଯୋଗ କରିବାକୁ ପଡିବ। ଏହାଦ୍ୱାରା ସେମାନେ ସୁସ୍ଥ ରହିବା ସହ ଆମ ପରିବାର ସୁସ୍ଥ ରହିପାରିବ। ଆମ ଗାଁ, ଆମ ସମାଜ ମଧ ସୁସ୍ଥ ରହିବ ବୋଲି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ପାରିବାରିକ ଓ କର୍ମକ୍ଷେତ୍ର ସକାଶେ ପ୍ରତିକୂଳତା ଆନୟନ କରିପାରନ୍ତି। ପରିବହନରେ ଆକସ୍ମିକ ସମସ୍ୟାଜନିତ ମାନସିକ ଅଶାନ୍ତିର ସମ୍ମୁଖୀନ ହେବାକୁ ପଡିପାରେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡିପାରନ୍ତି।

**ବୃଷ** – କର୍ମକ୍ଷେତ୍ରରେ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ । ବିଭିନ୍ନ ବିଷୟରେ ଚିନ୍ତା କରିବା କାରଣରୁ ଟେନ୍ସନ ଲାଗି ରହିବ। ଆକସ୍ମିକ ଆବଶ୍ୟତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାକୁ ବଢାଇ ଦେବ। ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ମିଥୁନ** – ଜଣେ ଅଜଣା ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି, ଯାହା କି ଆପଣଙ୍କ ସକାଶେ ହିତକର ହେବ । ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ ।

**କର୍କଟ** – ଆଜି ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ କରି ସହକର୍ମୀମାନେ କଳହର ମାତ୍ରାକୁ ବଢାଇବେ। ଅବଶ୍ୟ ପରକ୍ଷଣରେ ଦ୍ୱିତୀୟ ଚନ୍ଦ୍ର ପ୍ରଭାବରୁ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ ।

**ସିଂହ** – ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ଈର୍ଷାନ୍ୱିତ ହୋଇ ଅନ୍ୟମାନେ ନିନ୍ଦାଗାନ କରିପାରନ୍ତି। କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ତଥାପି ଏକା ସଙ୍ଗରେ ବହୁତଗୁଡିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖାଦେଇପାରେ ।

**କନ୍ୟା** – ପାରିବାରିକ କ୍ଷେତ୍ରରେ ନିଜ ଲୋକମାନଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିପାରନ୍ତି। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି । ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** – ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ,କାରଣ ସେହି ବ୍ୟକ୍ତିଟି ସମସ୍ୟା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ସାଜିପାରେ। ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** – ଆଜି ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ ହେବ ଓ ପ୍ରଶଂସିତ ହେବେ। କିନ୍ତୁ ଏହା ସଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ ଏବଂ ଟେନ୍ସନ ମଧ ଲାଗି ରହିବ । ଅଭାବ ଦୂରେଇ ବାର ପ୍ରୟାସ କଲେ ମଧ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ କିଛି ଅସୁବିଧା ହେବନି ।

**ଧନୁ** – ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ ହେବେ କିନ୍ତୁ ଅସଫଳ ହେବେ ନାହିଁ। ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଆମଦାନୀ କାରବାର କ୍ଷେତ୍ରରେ ବେଶ ଖୁସୀ ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର** – ବନ୍ଧୁମାନଙ୍କ ସହାୟତାରେ ନିଶ୍ଚିତ ସମସ୍ୟା ମୂଳକ ଅସୁବିଧାରୁ ମୁକୁଳି ଯାଇପାରନ୍ତି । ସାୟାହ୍ନରେ ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିକ୍ଷା,ପ୍ରେମବ୍ୟାପାର,ଆଲୋଚନା,ଗଠନମୂଳକ କାମ, ଲେଖାପଢା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** – ଆଜି ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମ ସୁବିଧାରେ ସମ୍ପନ୍ନ ହେବାର ସମ୍ଭାବନା ରହିଛି । ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ସହକର୍ମୀଙ୍କ ସହାୟତାରେ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** – ପାରିବାରିକ ସ୍ତରରେ ନିଜ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲିମକଦ୍ଦମା, ସଂଗଠନ, ଲେଖାପଢା ଓ ବାଣିଜ୍ୟ, ବ୍ୟବସାୟରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ।

ଆଜି ବୈଶାଖ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ଗୁରୁବାର, ଗଙ୍ଗୋତ୍ପତ୍ତି, ଏପ୍ରିଲ ୩୦ ତାରିଖ, ରାଶି ନକ୍ଷତ୍ର-ପୁଷ୍ୟା। କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ନବବଧୂଯାତ୍ରା ପାଇଁ ଶୁଭ। ପ୍ରାତଃ ୦୫.୨୨ମି. ଗତେ ଘ.୦୭.୦୩ ମି. ମଧ୍ୟେ, ଦିବା ଘ.୧୦ .୨୭ମି. ଗତେ ଘ.୦୧.୦୦ମି.ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ରି ଘ.୦୨.୨୧ମି. ଗତେ ଘ.୦୩.୦୬ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୧.୧୯ମି. ଗତେ ଘ. ୦୨.୫୫ମି. ମଧ୍ୟେ ରାହୁକାଳ।

# ଜାତୀୟ ହାରଠୁ ଓଡ଼ିଶାରେ କରୋନା ନମୁନା ପରୀକ୍ଷା ଅଧିକ

**ଭୁବନେଶ୍ୱର, ୨୯।୪(ବ୍ୟୁରୋ)**

ଓଡ଼ିଶାରେ କରୋନା ନମୁନା ପରୀକ୍ଷା ହାର ଜାତୀୟ ହାରଠୁ ଅଧିକ ରହିଛି। ଜାତୀୟସ୍ତରରେ ପ୍ରତି ୧୦ଲକ୍ଷ ଲୋକଙ୍କ ମଧ୍ୟରେ ୪୫୨ଜଣ ଲୋକଙ୍କର ନମୁନା ପରୀକ୍ଷା ହେଉଥିବାବେଳେ ଓଡ଼ିଶାରେ ୬୬୬ଜଣ ରହିଛନ୍ତି। ଗତ ୪ ସପ୍ତାହ ମଧ୍ୟରେ ରାଜ୍ୟରେ ନମୁନା ପରୀକ୍ଷା ୧୦ଗୁଣ ବୃଦ୍ଧି ପାଇଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି। ଓଡ଼ିଶାରେ ଗତ ୫ ତାରିଖରେ ଶେଷ ହୋଇଥିବା ସପ୍ତାହରେ ମାତ୍ର ୧୫୧୮ଟି ନମୁନାର ପରୀକ୍ଷା ସମ୍ଭବ ହୋଇଥିଲା। କିନ୍ତୁ ୨୭ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଏହି ପରିମାଣ ୧୪୯୩୯କୁ ବୃଦ୍ଧି ପାଇଛି, ଯାହାକି ପ୍ରାୟ ୧୦ଗୁଣ ଅଧିକ। ଏବେ ରାଜ୍ୟର ମୋଟ ୮ଟି ସ୍ଥାନରେ ଦୈନିକ ୨୦୦୦ରୁ ୨୪୦୦ଟି କୋଭିଡ୍-୧୯ ନମୁନା ପରୀକ୍ଷା ହେଉଥିବାବେଳେ ଖୁବଶୀଘ୍ର ଅନ୍ୟ ୪ ସ୍ଥାନରେ ଏହି ବ୍ୟବସ୍ଥା କରାଯିବାକୁ ପଦକ୍ଷେପ ନିଆଯାଉଛି। ଏବେ ଭୁବନେଶ୍ୱରର ୪ଟି କେନ୍ଦ୍ରରେ ନମୁନା ପରୀକ୍ଷା ହେଉଥିବାବେଳେ ବୁର୍ଲା, କଟକ, ରାଉରକେଲା ଓ ବ୍ରହ୍ମପୁରରେ ଗୋଟିଏ ଲେଖାଏ କେନ୍ଦ୍ରରେ ମଧ୍ୟ ଏହି ପରୀକ୍ଷା କରାଯାଉଛି। ଖୁବ୍‌ଶୀଘ୍ର କୋରାପୁଟ, ବାଲେଶ୍ୱର, ବଲାଙ୍ଗୀର ଓ ବାରିପଦାସ୍ଥିତ ସରକାରୀ ମେଡିକାଲ କଲେଜରେ ମଧ୍ୟ କୋଭିଡ୍-୧୯ ପରୀକ୍ଷା କରାଯିବ ବୋଲି ଶାଳିନୀ ପଣ୍ଡିତ କହିଛନ୍ତି।

ଜଣେ ପଜିଟିଭ୍ ରୋଗୀ ମାସକ ମଧ୍ୟରେ ପ୍ରାୟ ୪୦୦ଜଣ ଲୋକଙ୍କୁ ସଂକ୍ରମଣ କରିବାର ଆଶଙ୍କା ରହିଛି। ତେଣୁ ସଂକ୍ରମିତ ରୋଗୀ ଯେତେ ଶୀଘ୍ର ଚିହ୍ନଟ ହେବେ ସେତେ ଜଲ୍‌ଦି ସ୍ଥିତି ଉପରେ ନିୟନ୍ତ୍ରଣ ସମ୍ଭବପର ହୋଇପାରିବ। ଗତ ୧୦ଦିନ ମଧ୍ୟରେ ରାଜ୍ୟରେ ୬୦ଟି ନୂଆ ପଜିଟିଭ୍ ମାମଲା ଆସିଥିବାବେଳେ ସେଥିରୁ ୩୮ଟି ମାମଲା ପଶ୍ଚିମବଙ୍ଗ ଫେରନ୍ତାଙ୍କ ମାଧ୍ୟମରେ ଆସିଛି।

**କୋଭିଡ୍-୧୯**

**୪ ସପ୍ତାହ ମଧ୍ୟରେ ନମୁନା ପରୀକ୍ଷା ୧୦ଗୁଣ ବୃଦ୍ଧି**

**ଅନ୍ୟ ରାଜ୍ୟ ତୁଳନାରେ ସଂକ୍ରମଣ କମ୍**

### ୮୨.୪% ଆକ୍ରାନ୍ତଙ୍କ ପାଖରେ ଲକ୍ଷଣ ନ ଥିଲା

ଓଡ଼ିଶାରେ ବର୍ତ୍ତମାନ ୧୨୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ମାତ୍ର ୧୭.୬% ଅର୍ଥାତ୍ ୨୨ଜଣଙ୍କ ପାଖରେ କୋଭିଡ୍-୧୯ର ଲକ୍ଷଣ ଦେଖା ଦେଇଥିବାବେଳେ ୮୨.୪% ଅର୍ଥାତ୍ ୧୦୩ଜଣ ଆକ୍ରାନ୍ତଙ୍କଠାରେ ଆଦୌ ଲକ୍ଷଣ ନ ଥିଲା। ସେହିପରି ଓଡ଼ିଶାରେ କରୋନା ସଂକ୍ରମଣ ବିଦେଶ ଫେରନ୍ତାଙ୍କ ମାଧ୍ୟମରେ ୫% ମାମଲା ଆସିଥିବାବେଳେ ବାହାର ରାଜ୍ୟ ଫେରନ୍ତାଙ୍କ ମାଧ୍ୟମରେ ୪୫% ସଂକ୍ରମିତ ହୋଇଛନ୍ତି। ବାକି ୫୦ ପ୍ରତିଶତ ମାମଲା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିବା ଯୋଗୁ ହୋଇଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି। ଲକଡାଉନ୍ କୋହଳ ହେବାପରେ ମଧ୍ୟ ସମସ୍ତଙ୍କର ବ୍ୟକ୍ତିଗତ ଦାୟିତ୍ୱ ରହିଛି। ଅତିକମ୍‌ରେ ୨ ମିଟର ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ତେବେ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ସଂକ୍ରମିତ ରୋଗୀଙ୍କ ସଂଖ୍ୟା କମ୍ ରହିଛି। ତେବେ ଲୋକମାନେ ଯଦି ବ୍ୟକ୍ତିଗତ ଦାୟିତ୍ୱ ନେଇ ସାମାଜିକ ଦୂରତ୍ୱ ବଜାୟ ନ ରଖିବେ ସଂକ୍ରମଣ ହାର ବେଶ୍ ଅଧିକ ହେବାର ଆଶଙ୍କା ରହିଛି ବୋଲି ଶାଳିନୀ ପଣ୍ଡିତ କହିଛନ୍ତି।

**ସଂକ୍ଷେପରେ**

## ଝିଅକୁ ହରାଇଥିବା ହୋମଗାର୍ଡଙ୍କୁ ସହାୟତା



**ପିପିଲି,୨୯।୪(ଡି.ଏନ.ଏ.):** ଝିଅକୁ ହରାଇବା ସତ୍ତ୍ୱେ କର୍ତ୍ତବ୍ୟକୁ ଅବହେଳା ନ କରି କାର୍ଯ୍ୟରେ ରହିଥିବା ପିପିଲି ଥାନା ଅଞ୍ଚଳରେ କାର୍ଯ୍ୟରତ ହୋମଗାର୍ଡ ଗୌରୀ ବେହେରାଙ୍କୁ ସହାୟତାର ସୁଅ ଛୁଟିଛି। ତାଙ୍କର ଏହି କାର୍ଯ୍ୟକୁ ଦେଖି ସମସ୍ତେ ପ୍ରଶଂସା କରିବା ସହ ପିପିଲି ଥାନାଧିକାରୀ ଶରତ କୁମାର ସାହୁ ୫ହଜାର ଟଙ୍କା ଓ ସମ୍ପୁର ଗ୍ରାମର ସରପଞ୍ଚ ଲକ୍ଷ୍ମଣ ମାଲିକ ୫ହଜାର ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି। ସୂଚନାଯୋଗ୍ୟ, ଗୌରୀଙ୍କ ୧୩ବର୍ଷର ଝିଅ କର୍କଟ ରୋଗରେ ପୀଡ଼ିତ ଥିଲେ। ଗତ ସୋମବାର ଝିଅର ମୃତ୍ୟୁ ହୋଇଯାଇଥିବା ଖବର ଜାଣିବା ପରେ ମଧ୍ୟ ନିଜ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ କାର୍ଯ୍ୟରେ ଉପସ୍ଥିତ ରହିଥିଲେ। କରୋନା ସମୟରେ ନିଜ କାର୍ଯ୍ୟକୁ ପ୍ରଥମ ଦେଖିଥିବାରୁ ସମସ୍ତ ଅଞ୍ଚଳବାସୀ ମଧ୍ୟ ପ୍ରଶଂସା କରିଛନ୍ତି।

## ନିଆଁରେ ପୋଡ଼ିହୋଇ ନାବାଳକ ମୃତ

**ବାଲିପାଟଣା,୨୯।୪(ଡି.ଏନ.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ଘାଷିଅନ୍ଧଟି ଗ୍ରାମର ଜଣେ ନାବାଳକ ବୁଧବାର ନିଆଁରେ ପୋଡି ହୋଇ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ନରେନ୍ଦ୍ର ଭୋଇ ଓ ବନ୍ଦନାଙ୍କ ପୁଅ ହରିଚନ୍ଦ୍ର ଭୋଇ (୯)। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ୱାର୍ଡ ମେମ୍ବର ବନିତା ସ୍ୱାଇଁ କହିଛନ୍ତି। ତାଙ୍କ ଶରୀରର ପ୍ରାୟ ୫୦ ଭାଗ ଅଂଶ ପୋଡି ଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନରେନ୍ଦ୍ର ସକାଳେ ଘରେ କୌଣସି କାମରେ ଷ୍ଟୋଭରେ ନିଆଁ ଲଗାଉଥିଲେ। ଏହି ସମୟରେ ପୁଅ ହରିଚନ୍ଦ୍ର ସେଠାରେ ଥିବାବେଳେ ହଠାତ୍ ନିଆଁ ଛିଟିକି ତାଙ୍କ ଦେହରେ ପଡ଼ିଥିଲା।

## ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ସ୍ଥିତି ପରଖିଲେ ସ୍ୱତନ୍ତ୍ର ଟିମ୍

**ବାଲିଅନ୍ତା,୨୯।୪(ଡି.ଏନ.ଏ.):** ବାଲିଅନ୍ତା ବ୍ଲକର ୧୬ଟି ପଞ୍ଚାୟତରେ ଗୋଟିଏ ଲେଖାଏ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ବାହାର ରାଜ୍ୟ ଫେରନ୍ତାଙ୍କୁ ୧୪ଦିନିଆ କ୍ୱାରାଣ୍ଟାଇନରେ ରଖାଯିବାର ବ୍ୟବସ୍ଥା ହୋଇଛି। ଏହି ଅସ୍ଥାୟୀ ଶିବିର କିଭଳି ହୋଇଛି, ତାହା ତଦାରଖ କରିବା ପାଇଁ ବୁଧବାର ଏକ ସ୍ୱତନ୍ତ୍ର ମେଡିକାଲ ଟିମ ଅନୁଷ୍ଠିତ ହୋଇଛି। ବାଲିଅନ୍ତା ବିଡିଓ ଆଦିକନ୍ଦ ବେହେରା, ମେଡିକାଲ ଅଫିସର ତନ୍ମୟ କୁମାର ତ୍ରିପାଠୀ ଓ ପବ୍ଲିକ ହେଲଥ୍ ଏଷ୍ଟାବ୍ଲିସ ଅଫିସର ସନ୍ତୋଷ କୁମାର ସେଠୀ ଏହି ଟିମରେ ସାମିଲ ଥିଲେ। ଏହି ଟିମ ବାଲିଅନ୍ତା, ବଇଁଚୁଆ, ବେଣ୍ଟପୁର, ବେଣୁପୁର, ଜଗନ୍ନାଥପୁର ପ୍ରଭୃତି ପଞ୍ଚାୟତରେ ଥିବା ଅସ୍ଥାୟୀ ଶିବିରକୁ ଗସ୍ତ କରି କେତୋଟି ବେଡ, ତକିଆ ଓ ଅନ୍ୟାନ୍ୟ ସରଞ୍ଜାମ ଥିବା ନେଇ ଦେଖିଥିଲେ।

## ବଜ୍ରପାତରେ ୪ ମୃତ, ୩ ଗୁରୁତର



**ଜଗତ୍‌ସିଂହପୁର ଅଫିସ/ ଆଠଗଡ଼(ସ୍ୱ.ପ୍ର.)/ଖୁଣ୍ଟୁଣୀ/ ଭଞ୍ଜନଗର(ଡି.ଏନ.ଏ.),୨୯।୪**

ରାଜ୍ୟର ବିଭିନ୍ନ ଜିଲାରେ ବୁଧବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ବର୍ଷା ସହ ବଜ୍ରପାତରେ ୪ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଜିଲା ଆଠଗଡ଼ ଥାନା ଅଧୀନ ସଂସରପୁର ପଞ୍ଚାୟତ ଅମୃତ ମଣୋହି ପାଟଣା ଗ୍ରାମର ତୁଷାର ବିଶ୍ୱାଳ (୨୨)। ଗୁରୁତର ହେଲେ ସୁନୀଲ ଗଣ୍ଡିଆ (୨୩), ରଜତ ରାଉତ ଓରଫ୍ ଗୁଲୁ(୩୨) ଓ ଜ୍ଞାନରଞ୍ଜନ ରାଉତ (୩୫)। ସମସ୍ତେ ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆଠଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତୁଷାରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଅପରାହ୍ନରେ ଘଡଘଡ଼ି ସହ ଲଗାଣ ବର୍ଷା ହେବାରୁ ସମ୍ପୃକ୍ତ ଯୁବକମାନେ ବିଲରୁ ଫେରୁଥିଲେ। ବଜ୍ରପାତ ହେବାରୁ ଗ୍ରାମ ନିକଟରେ ଆଶ୍ରୟ ନେଇଥିବାବେଳେ ଏହି ଅଘଟଣ ଘଟିଥିଲା। ସେହିଭଳି ବଜ୍ରପାତରେ ଖୁଣ୍ଟୁଣୀସ୍ଥିତ ଗୁରୁଡିଝାଟିଆ ଥାନା ଅଧୀନ ଛଅଗାଁ ଗ୍ରାମର ସୁରେନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ଫୁଲରାଣୀ ସ୍ୱାଇଁ(୫୮)ଙ୍କ ମୃତ୍ୟୁ ଘଟିଛି। ସେ ନିଜ ଘରବାରିପଟ ଆମ୍ବଗଛ ମୂଳରେ ଗାଈକୁ ବାନ୍ଧିବାକୁ ଠିଆ ହୋଇଥିବାବେଳେ ହଠାତ୍ ଘଡ଼ଘଡ଼ି ମାରି ବର୍ଷା ହୋଇଥିଲା। ଏଥିରେ ସେ ଗଛ ମୂଳରେ ଅଚେତ ପଡ଼ିଯାଇଥିଲେ। ପରିବାର ଲୋକେ ଦେଖି ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ତୋଲଡ଼ିରେ ଗୋରୁ ଚରାଇବାବେଳେ ଲକ୍ଷ୍ମଣ ବେହେରା ବଜ୍ରପାତରେ ଆସି ମୃତ୍ୟୁ ହୋଇଥିଲେ। ସେହିଭଳି ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ଅଣଖିଆ ବାଲିଆର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚକରା ସିଂହଙ୍କ ସ୍ତ୍ରୀ ଝୁନି ସିଂହ (୩୯)। ବଜ୍ରପାତରେ ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




ପୁରୀ ବେଳାଭୂମିରେ ବୁଧବାର ଅଭିନେତା ଇର୍‌ଫାନ ଖାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ଅନ୍ତର୍ଜାତୀୟ ବାଲୁକା କଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଅସହାୟ ମହିଳା ଉଦ୍ଧାର

**ଚୌଦ୍ୱାର,୨୯।୪(ଡି.ଏନ୍.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନର କର୍ମକର୍ତ୍ତା ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କ ନାମ କାଞ୍ଚନ ବେହେରା। କଟକ ଜିଲା ବାଙ୍କୀ ଥାନା ଅଧୀନ ତୁଳସୀପୁରରେ ତାଙ୍କ ଘର। ସେ ଚୌଦ୍ୱାର କିପରି ଆସିଲେ ସେ ବିଷୟରେ କିଛି ସ୍ପଷ୍ଟ ଉତ୍ତର ଦେଇପାରୁନଥିବା କର୍ମକର୍ତ୍ତାଙ୍କ ସୂତ୍ରରୁ ପ୍ରକାଶ । ଅସହାୟ ଅବସ୍ଥାରେ ବୁଲୁଥିବା ଦେଖି ଫାଉଣ୍ଡେସନର କର୍ମକର୍ତ୍ତା ଚୌଦ୍ୱାର ପୋଲିସକୁ ଖବର ଦେଇଥିଲେ । ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ମହିଳାଙ୍କୁ ପିସିଆର ଭ୍ୟାନ୍‌ରେ ଛତିଆ ସେବକ ଆଶ୍ରମରେ ଛଡ଼ାଯାଇଛି।

## କଟକଣାଯୁକ୍ତ ରଥଯାତ୍ରା ହେଉ

**ପୁରୀ ଅଫିସ, ୨୯।୪**

**ମୁଖ୍ୟମନ୍ତ୍ରୀଙ୍କୁ ଦଇତାପତି ନିଯୋଗର ଚିଠି**

ରାଜ୍ୟରେ କରୋନା ସ୍ଥିତି ଦିନକୁ ଦିନ ଅଧିକ ବିଗିଡ଼ିବାରେ ଲାଗିଛି। ଏହାକୁ ରୋକିବା ଲାଗି ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ଏହା ଆସନ୍ତା ୩ ତାରିଖରେ ସରୁଥିବାବେଳେ ପରବର୍ତ୍ତୀ ରୂପରେଖ କ'ଣ ରହିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି କରୋନା ପାଇଁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବି ଆଶଙ୍କା ଭିତରକୁ ଠେଲି ହୋଇଯାଇଛି। ଚଳିତବର୍ଷ ରଥଯାତ୍ରା ହେବ କି ନାହିଁ ତାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏଭଳି ସ୍ଥିତିରେ ବୁଧବାର ରଥଯାତ୍ରାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଇ-ମେଲ୍ ଯୋଗେ ଚିଠି ଲେଖିଛି ଦଇତାପତି ନିଯୋଗ। ଚିଠିରେ ଦର୍ଶାଯାଇଛି ଯେ, କରୋନା ପାଇଁ ରଥଯାତ୍ରା ସମ୍ପୂର୍ଣ୍ଣ ବନ୍ଦ ନ କରି କଟକଣାଯୁକ୍ତ ରଥଯାତ୍ରା କରାଯାଉ। କେଉଁଭଳି କଟକଣା କଲେ ଜୀବନ ସୁରକ୍ଷିତ ସାଙ୍ଗକୁ ମହାପ୍ରଭୁଙ୍କ ରଥଯାତ୍ରା ସୁରୁଖୁରରେ ସମ୍ପନ୍ନ ହୋଇପାରିବ ସେନେଇ କେତେକ ସୁଚିନ୍ତିତ ପ୍ରସ୍ତାବ ଦେଇଛି ଦଇତାପତି ନିଯୋଗ।

ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇଥିବା ଚିଠି ସଂକ୍ରାନ୍ତରେ ନିଯୋଗ ସମ୍ପାଦକ ଦୁର୍ଗା ଦାସମହାପାତ୍ର କହିଛନ୍ତି, ଚିଠିରେ ଅତୀତର କେତେଗୁଡ଼ିଏ ଉଦାହରଣ ଦେଇଛୁ। ସିପାହୀ ବିଦ୍ରୋହଠାରୁ ଆରମ୍ଭ କରି ନଅଙ୍କ ଦୁର୍ଭିକ୍ଷ, ୧୯୧୮ ମହାମାରୀ ଏମିତି ଅନେକ ପ୍ରତିକୂଳ ପରିସ୍ଥିତି ଆସିଛି। ସେହି ସମୟରେ ବି ରଥଯାତ୍ରା ହୋଇଛି। ତେଣୁ ବର୍ତ୍ତମାନ କଟକଣାଯୁକ୍ତ ରଥଯାତ୍ରା କରିବା ଲାଗି ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଲୋକଙ୍କ ଜୀବନକୁ ସୁରକ୍ଷା ଦେଇ କିପରି ପରମ୍ପରା ରକ୍ଷା କରାଯାଇପାରିବ ସେ ଦିଗରେ ସରକାର ବ୍ୟବସ୍ଥା କରିବା ଲାଗି ଚିଠିରେ ଅନୁରୋଧ କରାଯାଇଥିବା ଦାସମହାପାତ୍ର କହିଛନ୍ତି। ଏ ନେଇ ନିଯୋଗ ମଧ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ପରାମର୍ଶ ନେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ପରାମର୍ଶ କ୍ରମେ ସରକାର ଯେଉଁ ନିଷ୍ପତ୍ତି ନେବେ ତାହାକୁ ଆମେ ନିଶ୍ଚିତ ପାଳନ କରିବୁ ବୋଲି ଦାସମହାପାତ୍ର ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଚାଷୀଙ୍କ ଦାନ

**କଣାସ,୨।୪(ସ୍ୱ.ପ୍ର.):** ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ସାହୁପଡ଼ା ଗ୍ରାମର ଚାଷୀ ଅଭିରାମ ଛୁଆଳସିଂହ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୨ହଜାର ଟଙ୍କା ଦାନ କରିଛନ୍ତି। କରୋନା ଯୋଗୁ ଲୋକେ ରୋଜଗାର ହରାଇଥିବାବେଳେ ବହୁ ଗରିବ ଖାଦ୍ୟ ନ ପାଇ ସମସ୍ୟାରେ ରହିଥିବାରୁ ଅଭିରାମ ସହାୟତା ପାଇଁ ମନ ବଳାଇଥିଲେ। ଫଳରେ ମଙ୍ଗଳବାର କଣାସ ତହସିଲଦାର ଉମାକାନ୍ତ ରାଉତଙ୍କୁ ଭେଟି ଟଙ୍କା ଦାନ କରିଥିଲେ।

# ଜନ୍ମମାଟିରେ ପହଞ୍ଚିଲା ଯବାନଙ୍କ ମୃତଦେହ



ଯବାନଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଉଛି।

**ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ**

**ନିମାପଡା, ୨୯।୪(ଡି.ଏନ.ଏ.)**

ଭାରତୀୟ ସେନା ବାହାନୀର ରାଜସ୍ଥାନ ଯୋଧପୁରଠାରେ କାର୍ଯ୍ୟରତ ଓଡ଼ିଆ ଯବାନ ରାଜେଶ କୁମାର ସାହୁ(୨୯)ଙ୍କ ଗୁଳିମାଡରେ ଶନିବାର ମୃତ୍ୟୁ ଘଟିଥିଲା। ତାଙ୍କ ଘର ପୁରୀ ଜିଲା ନିମାପଡା ଏନଏସି ଅନ୍ତର୍ଗତ ଅମୁଣିଆପାଟଣା ଗାଁରେ। ରାଜେଶଙ୍କ ମୃତ୍ୟୁ ଗୁଳିମାଡରେ ହୋଇଥିବା କୁହାଯାଉଥିବା ବେଳେ କାରଣ ଅସ୍ପଷ୍ଟ ରହିଛି। ବୁଧବାର ବୁଧବାର ରାଜେଶଙ୍କ ମରଶରୀରକୁ ସୈନ୍ୟବାହିନୀର ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତାଙ୍କ ଘରେ ପହଞ୍ଚା ଯାଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ଗାଁରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ମୃତଦେହରେ ବହୁ ଲୋକ ପୁଷ୍ପମାଲ୍ୟ ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପରେ ଶୋଭାଯାତ୍ରାରେ ମୃତଦେହକୁ ଗାଁ ପରିକ୍ରମା କରାଯାଇଥିଲା। ଏହି ସମୟରେ ଯବାନ ରାଜେଶ ଅମର ରହେ ଧ୍ୱନିରେ ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା। ଗ୍ରାମ ଶ୍ମଶାନରେ ଯବାନ ରାଜେଶଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନ ଭାଇ ଅଜୟ ମୁଖାଗ୍ନି ଦେଇଥିଲେ। ହେଲେ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବା, ମୃତଦେହ ସଂସ୍କାର କାର୍ଯ୍ୟରେ ୨୦ ଜଣରୁ ଅଧିକ ଲୋକ ଭାଗ ନେଇପାରିବେ ନାହିଁ ବୋଲି ସରକାରଙ୍କ ନିର୍ଦ୍ଦେଶନାମା ସହ ପୋଲିସର କଡା ବାରଣକୁ କେହି ମାନି ନ ଥିଲେ। ଗାଁରୁ ଶ୍ମଶାନ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇ ଯାଇଥିଲା। ରାଜେଶ ୧୦ ବର୍ଷ ତଳେ ସେନା ବାହିନୀରେ ଯୋଗ ଦେଇଥିଲେ। ତାଙ୍କ ମୃତ୍ୟୁରେ ମାଆବାପା, ବନ୍ଧୁବାନ୍ଧବ, ପରିବାର, ଗ୍ରାମବାସୀ ଦୁଃଖରେ ଭାଙ୍ଗି ପଡିଛନ୍ତି।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-01-20
କାର୍ଯ୍ୟର ନାମ : ବିଭିନ୍ନ ପ୍ରକାର LHB EOG କୋଚ୍ ଗୁଡ଼ିକ ଦ୍ୱାରା ଗଠିତ ରୋଲିଙ୍ଗ୍ ଷ୍ଟକ୍ (ରାଜଧାନୀ ଏକ୍ସପ୍ରେସ୍) ର ପୁସ୍ ପୁଲ୍ ଟ୍ରେନ ପରିଚାଳନା ନିମନ୍ତେ RDSO ପଦ୍ଧତି କାର୍ଯ୍ୟକାରୀ କରିବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹21,38,752.00, EMD : ₹ 42,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹3,540.00, କାର୍ଯ୍ୟ ସମାପ୍ତିର ଅବଧି: 90 ଦିନ।
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 26.05.2020 ରିଖ 1500 ଘଟିକା
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm) ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ଼
PR-10/L/20-21

**ଏସ୍.ଇ. ରେଳପଥ ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୦/୧୫, ତାରିଖ: ୨୮।୦୪।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସାମଗ୍ରୀଗୁଡ଼ିକ ଲାଗି ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। କ୍ର.ସଂ., ଟେଣ୍ଡର ନଂ., କାର୍ଯ୍ୟର ବର୍ଣ୍ଣନା, ଟେଣ୍ଡର ମୂଲ୍ୟ ଏବଂ ଅମାନତ ରାଶି ନିମ୍ନ ଅନୁଯାୟୀ ହେବ:- (୧) ଇ-କେଜିପି-ୱେଷ୍ଟ-୧୨-୨୦୨୦ । ଡିଇଏନ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ (i) କଲାଇକୁଣ୍ଡା ଷ୍ଟେସନ ନିକଟରେ ଏନ୍‌ଏଚ୍-୬ ଉପରେ ବ୍ରିଜ୍ ନଂ. ୬ ଲାଗି ଡ୍ରେନେଜ୍ ସିଷ୍ଟମର ବ୍ୟବସ୍ଥା ସମେତ ଆରସିସି ସ୍ଲାବକୁ ପିଏସସି ସ୍ଲାବ୍‌ରେ ବଦଳାଇବା ଏବଂ ସଡ଼କ ସ୍ତରକୁ ତଳକୁ ଖସାଇବା। (ii) କିମି ୧୦୫/୧-୩ଠାରେ ବ୍ରିଜ୍ ନଂ.୧୨୩ ଏବଂ କିମି ୧୦୮/୨୮-୩୦ଠାରେ ବ୍ରିଜ୍ ନଂ. ୧୨୮ର ପୁନରୁଦ୍ଧାର (ଖଡ଼ଗପୁର-ବାଲିଛକ ମଧ୍ୟରେ), ₹୧,୭୩,୮୬,୮୭୫.୭୨, ₹୨,୩୬,୯୦୦/-। (୨) ଇ-କେଜିପି-ୱେଷ୍ଟ-୧୩-୨୦୨୦। ନିମ୍ନଲିଖିତ କାର୍ଯ୍ୟର ନିର୍ବାହ: ଡିଇଏନ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ (i) ଖଡ଼ଗପୁର-ଟାଟା ସେକ୍ସନରେ ବିଦ୍ୟମାନ ୭୪ ସେଟ୍ ୬୦ କିଗ୍ରା ଏସ୍‌ଇଜେକୁ ନୂଆ ୬୦ କିଗ୍ରା ଏସ୍‌ଇଜେରେ ନବୀକରଣ କରିବା, (ii) ନିମପୁରା-ଟାଟା ସେକ୍ସନରେ ଟିଆର୍‌ଆର(ପି) ୩.୭୯ କିମି, (iii) ନିମପୁରା-ଟାଟା ସେକ୍ସନରେ ଟିଟିଆର୍-(ଟିଡବ୍ଲ୍ୟୁଏସ୍+ଡବ୍ଲ୍ୟୁସିଏମ୍‌ଏସ୍‌ସି) - ୧୨୨ ଗୋଟି ଏବଂ (ସିଏସ୍+ସିଏମ୍‌ଏସ୍‌ସି) - ୩୦ ଗୋଟି, (iv) ନିମପୁରା-ଟାଟାନଗର ଜଂ. ସେକ୍ସନରେ ଟିଟିଆର୍ (ସିଏସ୍) - ୪ ଗୋଟି (୨ୟ କଲ), ₹୧,୫୮,୬୮,୬୬୪.୦୪, ₹୨,୨୯,୪୦୦/-। (୩) ଇ-କେଜିପି-ୱେଷ୍ଟ-୧୪-୨୦୨୦ । ଏଡିଇଏନ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର-ମେଦିନାପୁର ସେକ୍ସନରେ ବିଦ୍ୟମାନ କ୍ଷତିଗ୍ରସ୍ତ ବ୍ରିଜ୍ ବଦଳରେ ନୂଆ ବ୍ରିଜ୍ (ବ୍ରିଜ୍ ନଂ. ୧୩୫)ର ନିର୍ମାଣ (୪ର୍ଥ କଲ), ₹୨,୪୬,୦୩,୦୨୩.୯୫, ₹୨,୭୩,୦୦୦/-। (୪) ଇ-କେଜିପି-ୱେଷ୍ଟ-୧୫-୨୦୨୦। ନିମ୍ନଲିଖିତ କାର୍ଯ୍ୟର ନିର୍ବାହ: ଡିଇଏନ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ (i) କେଜିପି-ଟାଟା ସେକ୍ସନ ମଧ୍ୟରେ ଏଲସି ନଂ. ୧୧୧ରେ ରୋଡ୍ ଅଣ୍ଡର ବ୍ରିଜ୍ (୫ମି x ୫ମି)ର ନିର୍ମାଣ ଏବଂ ଖଡ଼ଗପୁର-ଟାଟା ସେକ୍ସନରେ ଏଲସି ଗେଟ୍ ନଂ.୧୧୧ର ସ୍ଥାନାନ୍ତର ଓ (ii) ଖଡ଼ଗପୁରଠାରେ ବ୍ରିଜ୍ ନଂ. ୧୨୯ଏ ନିକଟରେ ୨ୟ ରୋଡ୍ ଅଣ୍ଡର ବ୍ରିଜ୍ ନିର୍ମାଣ ଏବଂ ଖଡ଼ଗପୁରଠାରେ ପୁଶିଂ କୌଶଳ ଦ୍ୱାରା ବ୍ରିଜ୍ ନଂ. ୧୨୯ଏ ନିକଟରେ ଆପ୍ରୋଚ୍ ରୋଡ୍, ଡ୍ରେନେଜ୍ ବ୍ୟବସ୍ଥା ପାଇଁ କଭର ଶେଡ୍ ନିର୍ମାଣ ଓ ଉଚ୍ଚତା ଗେଜ୍ ସ୍ଥାପନ, ₹୧୩,୯୦,୩୨,୭୪୯.୨୯, ₹୮,୪୫,୨୦୦/-। (୫) ଇ-କେଜିପି-ଏକ୍ସ୍ୟୁ-୧୦-୨୦୨୦। ଏଡିଇଏନ/ଜଳ ଯୋଗାଣ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ସେଟଲମେଣ୍ଟରେ ବିଦ୍ୟମାନ ଇଲେକ୍ଟ୍ରୋ କ୍ଲୋରିନେଶନ୍ ପ୍ଲାଣ୍ଟ (୦୨ ଗୋଟି ଏମ୍‌ଏସି-୨୦୦୦ ଏବଂ ୦୧ ଗୋଟି ଏମ୍‌ଏସି-୫୦୦ ଓ ୦୬ ଗୋଟି ଏମ୍‌ଏସି-୧୦୦)ର ବ୍ୟାପକ ପରିଚାଳନା ଓ ରକ୍ଷଣାବେକ୍ଷଣ, ୦୫ ଗୋଟି ଡୋଜିଂ ପମ୍ପର ଯୋଗାଣ, ସ୍ଥାପନ ଏବଂ ସାଧାରଣ ଲୁଣ ଓ ଫିଟିଂ ଯନ୍ତ୍ରାଂଶ ଯୋଗାଣ ସମେତ ପୁରୁଣା ବିଦ୍ୟମାନ ଏମ୍‌ଏସି-୨୦୦୦, ୫୦୦, ୧୦୦ ଇଲେକ୍ଟ୍ରୋ କ୍ଲୋରିନେଶନ୍ ପ୍ଲାଣ୍ଟର ମରାମତି (ଏକବର୍ଷ ପାଇଁ), ₹୩୫,୦୩,୬୧୧.୮୩, ₹୭୦,୧୦୦/-। (୬) ଇ-କେଜିପି-ସାଉଥ୍-୦୮-୨୦୨୦। ଡିଭିଜନାଲ ଇଞ୍ଜିନିୟର (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ବ୍ରିଜ୍ ନଂ. ୨୧୫ ଅପ୍ ଓ ୨୬୩ ଅପର ବିୟରିଂ ବଦଳାଇବା ଏବଂ ବ୍ରିଜ୍ ନଂ.୨୧୫ ଅପଠାରେ କାଷ୍ଟ-ଇନ୍-ସିଟୁ ଆର.ସି.ସି. ବେଡ୍ ବ୍ଲକ ଓ ବାଲାଷ୍ଟ ରିଟେନିଂ ୱାଲ (୨ୟ କଲ), ₹୧,୨୬,୨୫,୭୪୯.୮୫, ₹୨,୧୩,୧୦୦/-। (୭) ଇ-କେଜିପି-ସାଉଥ୍-୦୯-୨୦୨୦। ଖଡ଼ଗପୁର-ରୁପସା: ଫ୍ଲୋରିଂ, ବାଲାଷ୍ଟ ରିଟେନର, ଷ୍ଟାଣ୍ଡାର୍ଡ ବ୍ରିଜ୍ ଟାବଲେଟ୍‌ର ବ୍ୟବସ୍ଥା, କ୍ଷତିଗ୍ରସ୍ତ ସ୍ଲାବ୍ ଓ ୱିଙ୍ଗ୍ ୱାଲ ବଦଳାଇବା ଏବଂ ବ୍ରିଜ୍ ପାଇଁ ଅନ୍ୟାନ୍ୟ ବିବିଧ କାର୍ଯ୍ୟ (୩ୟ କଲ), ₹୧,୯୦,୦୬,୯୩୨.୧୧, ₹୨,୪୫,୦୦୦/-। (୮) ଇ-କେଜିପି-ଇଷ୍ଟ-୦୭-୨୦୨୦ । (i) ଦେଉଲଟି, ମେଛେଡ଼ା ଏବଂ ହାଉର ଷ୍ଟେସନଠାରେ ଷ୍ଟେସନ୍ ଆପ୍ରୋଚ୍ ରୋଡ୍‌ର ଉନ୍ନତୀକରଣ । (ii) ବାଗନାନ-ଦୁଆନ ଷ୍ଟେସନ ମଧ୍ୟରେ ଏଲସି ନଂ. ୪୦, ୪୧, ୪୩, ୪୭ ଓ ୫୦ଠାରେ ଷ୍ଟେସନକୁ ସଂଯୋଗ କରୁଥିବା ଲେଭଲ କ୍ରସିଂ ରୋଡ୍‌ର ବିକାଶ । (iii) ମଉରିଗ୍ରାମ-ବାଗନାନ ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ରୋଡ୍ (ଏଲସି ନଂ. ୧୦, ୧୧, ୧୩, ୧୪, ୧୫, ୧୬, ୧୮, ୧୯, ୨୧, ୨୨ ଓ ୨୩)ର ନବୀକରଣ ଓ ବିକାଶ, ₹୪,୫୧,୯୫,୦୬୨.୮୨, ₹୩,୭୬,୦୦୦/-। କାର୍ଯ୍ୟର ସମାପ୍ତି ଅବଧି: କ୍ର. ସଂ. ୧, ୨, ୩, ୪, ୫, ୬ ଓ ୮ ପାଇଁ ୧୨ (ବାର) ମାସ ଏବଂ କ୍ର.ସଂ. ୭ ପାଇଁ ୮ (ଆଠ) ମାସ। ଟେଣ୍ଡର କାଗଜପତ୍ର ମୂଲ୍ୟ: କ୍ର. ସଂ. ୧, ୨, ୬ ଓ ୭ ପାଇଁ ₹୫,୦୦୦/-, କ୍ର.ସଂ. ୩, ୪ ଓ ୮ ପାଇଁ ₹୧୦,୦୦୦/- ଏବଂ କ୍ର. ସଂ. ୫ ପାଇଁ ₹୩,୦୦୦/-। ଖୋଲାଯିବା ତାରିଖ: କ୍ର. ସଂ. ୧ରୁ ୮ ପାଇଁ ତା୦୪।୦୬।୨୦୨୦ରିଖ। ବିଡିଂ ଆରମ୍ଭ ତାରିଖ: ତା୨୧।୦୫।୨୦୨୦ରିଖଠାରୁ ଏବଂ ତା୦୪।୦୬।୨୦୨୦ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ସେମାନଙ୍କର ବିଡ୍ ଅନଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । PR-14

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଙ୍ଗ, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭ୍ରମ ସଂଶୋଧନ ନଂ.-୧**
ଏହି କାର୍ଯ୍ୟାଳୟ ଦ୍ୱାରା ଜାରି ଓ ପ୍ରକାଶିତ ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଡିଆର୍‌ଏମ୍-ଇଏନ୍‌ଜି.-ବିଏସ୍‌ପି-ଟି-୦୪-୨୦୨୦-୨୧, ତାରିଖ: ୦୩।୦୪।୨୦୨୦ରେ ନିମ୍ନଲିଖିତ ଭ୍ରମ ସଂଶୋଧନ କରାଯାଉଛି। ଟେଣ୍ଡର ସମାପ୍ତି ତାରିଖ: ପ୍ରକାଶିତ ହୋଇଥିବା ଅନୁଯାୟୀ: ୨୯।୦୪।୨୦୨୦। ଏବେ ପଢ଼ାଯିବ: ୧୧।୦୫।୨୦୨୦। ବିଜ୍ଞପ୍ତିରେ ଉପରୋକ୍ତ ଭ୍ରମ ସଂଶୋଧନର ସମ୍ପୂର୍ଣ୍ଣ ସୂଚନା ଆମ ୱେବ୍‌ସାଇଟ: http://www.ireps.gov.inରେ ଉପଲବ୍ଧ ଇ-ଟେଣ୍ଡର ବିଜ୍ଞପ୍ତିରେ ଦେଖାଯାଇପାରିବ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)
CPR/10/32 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. MSM-MCC-OBHS-SBP-1-2020
କାର୍ଯ୍ୟର ନାମ : ଚାରି ବର୍ଷ ସମୟାବଧି ନିମନ୍ତେ କୋଚିଂ ଡ଼ିପୋ, ସମ୍ବଲପୁରର ଯାନ୍ତ୍ରିକ ସଫେଇ ଓ ଅନ୍‌ବୋର୍ଡ୍ ହାଉସ୍‌କିପିଙ୍ଗ୍ କାର୍ଯ୍ୟମାନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 21,65,62,226.64, EMD : ₹ 12,32,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି:04(ଚାରି) ବର୍ଷ।
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 18.05.2020ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ସିନିୟର ଡ଼ିଭିଜନାଲ୍ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର
PR-11/L/20-21

**ପୂର୍ବ ତଟ ରେଳପଥ**
**ଦାବିହୀନ ଲୁହା ପଥର କନ୍‌ସାଇନ୍‌ମେଣ୍ଟ ସମ୍ବନ୍ଧରେ ଅଧିସୂଚନା**
ସଂ. SDCM/Claims/Misc/NINS
ଏତଦ୍ୱାରା ୱାଗନ ନମ୍ବର CR.950254, SC.730847A, SE.117108, ECOR.12120762300, SR.42574, WCR.14160651316, SC.69934, SWR.12260611506, SE.165973, SC.74828 ଏବଂ SECR.22140938586 ଥିବା 11 ଗୋଟି ଅନ୍‌କନେକ୍‌ଟେଡ୍ ୱାଗନ ଗୁଡ଼ିକରୁ ଖଲାସ ହୋଇ ବାଘୁଆପାଳ ଷ୍ଟେସନରେ ପଡ଼ିଥିବା ପ୍ରାୟ 748 ମେଟ୍ରିକ୍ ଟନ୍ ର ଲୁହା ପଥର କନ୍‌ସାଇନ୍‌ମେଣ୍ଟ ର ଡ଼େଲିଭରି ଗ୍ରହଣ କରିବା ନିମନ୍ତେ ଅଧିସୂଚିତ କରାଯାଉଅଛି।
ଦାବିଦାର, ରେଲ୍‌ୱେ ବୋର୍ଡ଼ର 2009 ର ରେଟ୍ ସର୍କୁଲାର ସଂଖ୍ୟା 36, ତା 01.06.2009, ରେଲ୍‌ୱେ ବୋର୍ଡ଼ ପତ୍ର ସଂ. TCR/1078/2010/11, ତା 23.11.2010 ଏବଂ ଜାରି ହୋଇଥିବା ତାହାର ଶୁଦ୍ଧିପତ୍ରରେ ବର୍ଣ୍ଣିତ ସର୍ତ୍ତ ଅନୁଯାୟୀ ଆବଶ୍ୟକୀୟ ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ଦାଖଲ କରିବା ଉଚିତ। ଉପରୋକ୍ତ କନ୍‌ସାଇନ୍‌ମେଣ୍ଟର ପ୍ରଦାନ ଗ୍ରହଣ କରିବା ନିମନ୍ତେ ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ସହିତ ଦାବିଦାର, **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ସା/ପୋ - ଜଟଣୀ, ଖୋର୍ଦ୍ଧା, ପିନ୍-752052** ଙ୍କୁ 15 (ପନ୍ଦର) ଦିନ ମଧ୍ୟରେ ସାକ୍ଷାତ କରିବା ଉଚିତ, ଅନ୍ୟଥା ସାମଗ୍ରୀ ଗୁଡ଼ିକୁ ନିଲାମ ନିମନ୍ତେ ଖଣି ବିଭାଗକୁ ହସ୍ତାନ୍ତର କରି ଦିଆ ଯିବ।
PR-08/L/20-21 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

**TENDER CALL NOTICE**
No. E:- Sealed tenders are invited from the interested Supplier/Manufacturer for supply of Dead Body wrapping round blodegradable polythene, Pearl pet space saver PET Jar and Common salt etc. to this hospital. The detailed of tender papers along with terms and conditions can be obtained from Central Store Section, Office of the Superintendent, SCB Medical College & Hospital, Cuttack during office hours from 11 A.M. to 4 P.M. on all working days on payment of Rs.1000/- (Rupees one thousand) only in the Accounts Section and also obtained from website i.e. http://www.scbmch.nic.in from 3.5.2020. The tender paper should be reached in the office of the undersigned through Govt. Speed Post/ Regd. Post only. The authority reserves the right to cancel or reject any or all the tenders without assigning any reason thereof.
Sd./- Superintendent
SCB Medical College & Hospital, Cuttack
OIPR-10011/11/0002/2021

ଗଣତନ୍ତ୍ରର ସୁଫଳ ହେଲା– ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ। ଗଣତନ୍ତ୍ରର କୁଫଳ ହେଲା– ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ। –ଶ୍ରୀଅରବିନ୍ଦ



# ପ୍ରାଣୀପ୍ରେମୀଙ୍କୁ ନିର୍ଯ୍ୟାତନା



ମାନେକା ଗାନ୍ଧୀ

ମାର୍ଚ୍ଚ ୨୪ରେ ଲକ୍‌ଡାଉନ ଘୋଷଣା ହେବା ପରେ ଘରେ ରହିବା ଲାଗି କୁହାଗଲା। ଏହି ସମୟରେ କେଉଁ କାର୍ଯ୍ୟଟି ଭଲ ତାହା ଜାଣିବା ଓ କରିବା ପାଇଁ ପ୍ରତ୍ୟେକଙ୍କ ଲାଗି ଏକ ସୁଯୋଗ ଥିଲା। ବହି ପଢ଼ିବା, ଫୁଲକୁଣ୍ଡର ଯତ୍ନ ନେବା, ଘରେ ପରିବାର ସହ ତାସ ଖେଳିବା, ମନ ଖୋଲି ହସିବା , ସ୍ୱଚ୍ଛବାୟୁ ଗ୍ରହଣ କରିବା,ପିଲା ତଥା ପୋଷାପ୍ରାଣୀଙ୍କ ସହ ଖେଳିବା, ବାସହୀନ ଲୋକ ଓ ପ୍ରାଣୀମାନଙ୍କୁ ଖୁଆଇବା, ଫେସ୍‌ବୁକରେ ଜୋକ୍ସ ପୋଷ୍ଟ କରିବା, ଘରକାମ କରିବା, ରୋଷେଇ କରିବା, ମ୍ୟୁଜିକ ବଜାଇବା ଆଦି କାର୍ଯ୍ୟ ଲୋକମାନେ କରିବେ ବୋଲି ଭାବିଥିଲି। କିନ୍ତୁ ଏହା ହୋଇପାରିଲା ନାହିଁ। ଜେଲ୍‌ରେ ଥିବା ଲୋକମାନେ ପରସ୍ପର ମଧ୍ୟରେ ମାରପିଟ୍ ହେବା ଭଳି ଏହି ସମୟରେ ଅନେକ ଭାରତୀୟ ସେମାନଙ୍କ ଭଳି ହୋଇଗଲେ। ବିଶେଷକରି ଜେଲ୍ ତତ୍ତ୍ୱାବଧାରକମାନେ ସେଠାରେ ଯେଭଳି ସେମାନଙ୍କ କ୍ଷମତା ଉପଯୋଗ କରନ୍ତି ସେହିଭଳି ଲୋକମାନେ ଗାଁ ଓ ଗୋଷ୍ଠୀରେ କ୍ଷମତାଶାଳୀ ହୋଇଗଲେ। ଏମିତି କି ଆମକୁ ରାକ୍ଷସଙ୍କ ଅଧୀନରେ ରହିବା ଭଳି ମନେହେଲା। 'ରେସିଡେଣ୍ଟ ୱେଲ୍‌ଫେୟାର କମିଟି'ର ମୁଖ୍ୟମାନେ ଫ୍ଲାଟ୍‌ରେ ପ୍ରାଣୀ ରଖିଥିବା ଲୋକମାନଙ୍କ ଘରେ ଜବରଦସ୍ତି ପଶି ମାଡ ମାରିଲେ। ମୁମ୍ବାଇରେ ବିଲେଇଙ୍କୁ ଖୁଆଉଥିବା ପିଲାଟିକୁ ଜଣେ ଆକ୍ରମଣ କରିବା ଜାଣିବା ପରେ ମୁଁ ପିଲାଟିକୁ ଉଦ୍ଧାର କରି ଆକ୍ରମଣକାରୀକୁ ଜେଲ୍ ପଠାଇ ଦେଇଥିଲି। ପ୍ରାଣୀମାନଙ୍କ ପ୍ରତି ଦୟା ଭାବ ପ୍ରଦର୍ଶନ କରୁଥିବା ଏହି ପିଲାଟି ଭଳି ହଜାର ହଜାର ଲୋକ ଏଭଳି ଆକ୍ରମଣର ଶିକାର ହୋଇଛନ୍ତି। ଫିଡର୍ (ପ୍ରାଣୀମାନଙ୍କୁ ଖାଇବାକୁ ଦେଉଥିବା ଲୋକ)ଙ୍କୁ ମାଡ ମାରିବାକୁ ଏହି ମୁଖିଆମାନେ ଫେସ୍‌ବୁକ୍‌ରେ ବି ଧମକ ଦେଉଥିଲେ। ସେମାନେ ଗେଟ୍ ବନ୍ଦ କରିଦେଇ ସୁରକ୍ଷାକର୍ମୀଙ୍କୁ ଲଗାଇ ପ୍ରାଣୀମାନଙ୍କୁ ହତା ମଧ୍ୟରେ ବାଡାଉଥିଲେ। ସୁପ୍ରିମ୍‌କୋର୍ଟ ଏଭଳି କାର୍ଯ୍ୟକୁ ବାରଣ କରିଥିଲେ ସୁଦ୍ଧା ସେମାନେ ଏହା କରିବାକୁ ପଛାଇ ନ ଥିଲେ। ସେମାନେ ବାହାରେ ପକ୍ଷୀ ଓ ପ୍ରାଣୀମାନଙ୍କ ପାଇଁ ବିଷ ରଖିଥିଲେ। ଫିଡର୍‌ମାନଙ୍କୁ ଫ୍ଲାଟ ବାହାରକୁ ଯିବାକୁ ମନା କରି ଦେଇଥିଲେ। କୀର୍ତ୍ତିନଗରରେ ଜଣେ ଅତିରିକ୍ତ ସଚିବ ୧୬ ବର୍ଷୀୟା ଝିଅ ଓ ତା' ମାଙ୍କୁ ମାଡ଼ ମରବା ଘଟଣା ସାମ୍ନାକୁ ଆସିଥିଲା। ଆଉ ଜଣେ ଫିଡର୍ ବୁଲା ପ୍ରାଣୀମାନଙ୍କୁ ଖାଇବାକୁ ଦେବାକୁ ରାତିରେ ବାହାରକୁ ଯାଉଥିଲେ। କିନ୍ତୁ ସେ ଘରକୁ ଫେରିବାବେଳକୁ ସେଠାକାର ଜଣେ ପ୍ରଶାସକ ତାଙ୍କ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଫଳରେ ସେ ରାତିସାରା ରାସ୍ତାରେ ହିଁ ରହିଥିଲେ।

ଏହି ସ୍ତମ୍ଭ ଲେଖିବାବେଳକୁ କାଣ୍ଡିଭିଲି(ମହାରାଷ୍ଟ୍ର)ରେ ଜଣେ ଗାର୍ଡ ପକ୍ଷାଘାତର ଶିକାର ହୋଇଥିବା ଗୋଟିଏ କୁକୁରକୁ ବାଡେଇବା ଓ ମଣ୍ଡାସୋର( ମଧ୍ୟପ୍ରଦେଶ)ରେ ମ୍ୟୁନିସିପାଲ କର୍ମଚାରୀମାନେ ଲୋକଙ୍କ ଆଗରେ ଗୋଟିଏ କୁକୁରକୁ ବାଡେଇ ବାଡେଇ ମାରିଦେଇଥିବା ଜାଣିବାକୁ ପାଇଥିଲି। କୁକୁର ମାଲିକ କରୋନା ସନ୍ଦିଗ୍ଧ ହୋଇଥିବାରୁ ସେମାନେ ଏଭଳି କାର୍ଯ୍ୟ କରିଥିଲେ ବୋଲି ଜଣାପଡିଲା।

ଦିଲ୍ଲୀର ଜଣେ ବିଚାରପତି ପ୍ରତିଦିନ ତାଙ୍କ କୁକୁରକୁ ନେଇ ବାହାରକୁ ଚାଲିବାକୁ ଯାଉଥିଲେ । ସେ ମାସ୍କ ପିନ୍ଧିବାକୁ ମନା କରିଦେଇଥିଲେ। କିନ୍ତୁ ପୋଲିସଠାରୁ ଲିଗାଲ ପାସ୍ ନେଇ ଜଣେ ବ୍ୟକ୍ତି ମାଙ୍କଡ଼ଙ୍କୁ ଖାଇବାକୁ ଦେଉଥିଲେ ବି ଏହି ଜଜ୍ ଜଣକ ତାଙ୍କୁ ଚାପୁଡା ମାରିବାକୁ ଧମକ ଦେଇ ଘଟଣାକୁ ରେକର୍ଡ କରିଥିଲେ ଏବଂ ପୋଲିସ କମିଶନର୍‌ଙ୍କୁ କଲ୍ କରି ତାଙ୍କ ପାସ୍ ରଦ୍ଦ କରିଦେଇଥିଲେ। ମୁଁ ପୁଣି ଏହି ପାସ୍ କରାଇଥିଲି। ଲୁଧିଆନାରେ ଜଣେ ପୂଜକ ମନ୍ଦିର ନିକଟରେ କୁକୁରଙ୍କୁ ଖାଇବାକୁ ଦେଉଥିବା ଜଣେ ବୃଦ୍ଧାଙ୍କୁ ଦିଅଁଙ୍କ ଭାଲାରେ ମାଡ଼ ମାରିଥିଲେ। ଆସାମ ସରକାରଙ୍କ ଦ୍ୱାରା ପରିଚାଳିତ ଗୁଆହାଟୀସ୍ଥ ଏକ ମନ୍ଦିରର ପୂଜକ ଦାନରେ ମିଳିଥିବା ଗାଈମାନଙ୍କୁ ସୀମା ଆରପଟୁ ଆସିଥିବା ମେଘାଳୟର ଏକ କଂସେଇ ଗ୍ୟାଙ୍ଗ୍‌କୁ ବିକ୍ରି କରିଥିବା ଧରାପଡିଥିଲେ। ଜଣେ ବସ୍‌ଚାଳକ ଗୋଟିଏ ଗର୍ଭିଣୀ କୁକୁର ଉପରେ ବାରମ୍ବାର ଗାଡି ଚଢାଇ ରାସ୍ତାରେ ମିଶାଇ ଦେଇଥିଲେ। ଏପରି କି ତା ଗର୍ଭସ୍ଥ ଛୁଆଙ୍କୁ ମଧ୍ୟ। ଛଅଟି ଛୁଆର ମା' କୁକୁରକୁ ଠାଣେର ଜଣେ ବ୍ୟକ୍ତି କ୍ରିକେଟ୍ ବ୍ୟାଟ୍‌ରେ ବାଡେଇ ମରିବା, ଜଣେ ଲୋକ ତାଙ୍କ କୁକୁରକୁ ନଅ ମହଲା ଉପରୁ ତଳକୁ ପକାଇଦେବା ଖବର ଏହି ସମୟରେ ଘଟିଥିଲା। କେବଳ ଏତିକି ନୁହେଁ , ଲୋକମାନେ ରାସ୍ତାରେ ଆନିମଲ ଫିଡର୍‌ଙ୍କ ଉପରକୁ ପଥର ଫିଙ୍ଗିଥିଲେ। ବେଟିମ୍ (ଗୋଆ)ରେ ଜଣେ ବ୍ୟକ୍ତି ଓ ତାଙ୍କ ପୁଅ ସେଠାରେ ୩୦ ବର୍ଷ ଧରି କୁକୁଙ୍କୁ ଖାଇବାକୁ ଦେଉଥିବା ଏକ ବୃଦ୍ଧ ଦମ୍ପତିଙ୍କୁ ଲାଠିରେ ବାଡ଼େଇବା ଖବର ପଦାକୁ ଆସିଥିଲା।

ଲୋକମାନେ ପ୍ରାଣୀପ୍ରେମୀ ଫିଡରମାନଙ୍କ ବିରୋଧରେ ଥାନାକୁ କଲ୍ କରି ଅଭିଯୋଗ କରିଥିଲେ। ଫିଡର୍‌ମାନେ ମଧ୍ୟ ସେମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଅଭିଯୋଗ କରୁଥିଲେ। ଏମିତି କି ଥାନାକୁ ଆସୁଥିବା ପ୍ରତି ଦୁଇଟି କଲ୍ ମଧ୍ୟରୁ ଏ ସମ୍ପର୍କିତି କଲ୍ ଗୋଟିଏ ରହିଥିଲା। ମୁଁ ନିଜେ ବି ପାଖାପାଖି ୭୦୦୦ କିମ୍ବା ଏହାଠାରୁ ଅଧିକ ଝଗଡ଼ାର ସମାଧାନ କରିଛି। ଗତ ଏକ ମାସ ହେବ ଏହା ଆହୁରି ଖରାପ ହେବାରେ ଲାଗିଛି। କିନ୍ତୁ ସମସ୍ୟା ହେଉଛି , ପୋଲିସ ଅଭିଯୋଗ ପାଇ କେବଳ ପରାମର୍ଶ ଦେବା ବ୍ୟତୀତ କୌଣସି ପଦକ୍ଷେପ ନେବା ଲକ୍ଷ୍ୟ କରାଯାଇନାହିଁ। ସେମାନଙ୍କ ଅଞ୍ଚଳକୁ ଅପରାଧ ଶୂନ୍ୟ କରିବାକୁ ଉଚ୍ଚ ଅଧିକାରୀମାନେ ସେମାନଙ୍କୁ କହିଥିବା ଜଣାଯାଇଛି। ଅର୍ଥାତ୍ ସମସ୍ତେ ଅପରାଧରେ ଲିପ୍ତ ରହିବାର ଏହା ଭଲ ସମୟ! ଯେଉଁମାନେ ସାହସୀ ସେମାନେ ମର୍ଡର କରିବେ ଆଉ ଯେଉଁମାନଙ୍କ ସାହସ ନ ଥିବା ସେମାନେ ନିରୀହ ପ୍ରାଣୀମାନଙ୍କୁ ହତ୍ୟା କରିବେ। ତୁମେ ଚୋରି ଏବଂ ବଳାତ୍କାର କଲେ ବି ସରକାରୀ ଭାବେ ଭାରତରେ କୌଣସି ଅପରାଧ ଘଟିନି ବୋଲି ଜଣାପଡିବ।

ଏହି ସମୟରେ ୯୦ ପ୍ରତିଶତ ମହିଳା ଆକ୍ରମଣର ଶିକାର ହୋଇଛନ୍ତି। ସେମାନେ ବାସ୍ତବରେ କେୟାର୍‌ଟେକର ଓ ଫିଡର୍ ଏବଂ ସାରା ଜୀବନ ଏଥିପାଇଁ ଉତ୍ସର୍ଗ କରିଦେଇଛନ୍ତି। ଏମାନେ ସେହି ମହିଳା ଯେଉଁମାନଙ୍କୁ ଏହି ଦୁର୍ଦ୍ଦିନରେ ହୀନ ତଥା ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନେ ଆକ୍ରମଣ କରୁଛନ୍ତି। ଜଣେ ବ୍ୟକ୍ତି ତାଙ୍କ ବିଲ୍ଡିଂରେ ସମସ୍ୟା ଉପୁଜୁଥିବାରୁ ଜଣେ ମହିଳା ଫିଡର୍‌ଙ୍କୁ ଏହି କାର୍ଯ୍ୟରୁ ବିରତ ରହିବା ଲାଗି ଧମକ ଦେଇଥିଲେ। ଏହାକୁ ନେଇ ଆମେ ତାଙ୍କୁ ଏକ ଲିଗାଲ ନୋଟିସ୍ ପଠାଇଥିଲୁ। ଏହି ପ୍ରବନ୍ଧଟି ଲେଖିବାର ଗୋଟିଏ ଘଣ୍ଟା ପୂର୍ବରୁ ସେହି ବ୍ୟକ୍ତି ଜଣକ ମୋତେ ଫୋନ କରି ମହିଳା ଫିଡରଙ୍କ ବିଷୟରେ ବହୁତ ଖରାପ କଥା କହିବା ସହ ମହିଳା ଜଣକ ବାହାରକୁ ଯିବାଦ୍ୱାରା ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ପ୍ରକାଶ କରିଥିଲେ। ପରେ ମୁଁ ସେହି ବ୍ୟକ୍ତିଙ୍କୁ ସୂଚାଇ ଦେଇଥିଲି ଯେ, ତୁମେ ତ ଫ୍ଲାଟ୍‌ରୁ ବାହାରକୁ ଆସୁନ ତେବେ ତୁମ ଜୀବନ ପ୍ରତି କିପରି ବିପଦ ସୃଷ୍ଟି ହେଲା । ଏହାପରେ ପରେ ସେ ପୁଣି ମହିଳା ଫିଡର୍‌ଙ୍କ ଉପରେ କ୍ରୋଧ ପ୍ରକାଶ କରିଥିଲେ।

ଏସବୁ ଯେତେ ଘଟଣା ଘଟିଥିଲା ସେଥିରେ ଜଣେ ହେଲେ ବି ମୁସଲ୍‌ମାନଙ୍କର ସମ୍ପୃକ୍ତି ନାହିଁ। ସବୁଥିରେ ହିନ୍ଦୁମାନେ ହିଁ ହିନ୍ଦୁଙ୍କୁ ନିର୍ଯ୍ୟାତନା ଦେଇଛନ୍ତି। ଏମାନେ ସେହି ହିନ୍ଦୁ ଯେଉଁମାନେ ଉଚ୍ଚସ୍ୱରରେ ମାଇକ୍‌ରେ ନମାଜ ପଢ଼ିବାକୁ ବିରୋଧ କରି ନିଜେ ତାଙ୍କ ପର୍ବକୁ ଧୁମ୍‌ଧାମ୍‌ରେ ମାଇକ୍ ବଜାଇ ପାଳନ କରନ୍ତି। ଲକ୍‌ଡାଉନ ସମୟରେ ଏପ୍ରିଲ ୯ରେ ପ୍ରଧାନମନ୍ତ୍ରୀ ଦୀପ ଜଳାଇବା ଲାଗି କହିଥିଲେ, କିନ୍ତୁ ଏମାନେ ସେହି ଲୋକ ଯେଉଁମାନେ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରି ବାଣ ଫୁଟାଇ ଚାରିଆଡେ ଧୂଆଁମୟ କରି ସହରକୁ ପୁଣି ପ୍ରଦୂଷିତ କରିଦେଲେ। ମୁଁ ଏହି ପ୍ରକାର ହିନ୍ଦୁମାନଙ୍କ ମଧ୍ୟରେ ରହିଥିବା ଅଦୃଶ୍ୟ ବା ଗୁପ୍ତ ହିଂସାକୁ କେବେ ବି ବୁଝିପାରିନି। ଏବେ ମୁଁ ଡ. ମ୍ୟାକ୍ସିମିୟାନି ପୋର୍ଟାସ୍‌ଙ୍କ ଲିଖିତ ' ଇମ୍ପିଟ୍‌ମେଣ୍ଟ ଅଫ୍ ମ୍ୟାନ୍ ' ପୁସ୍ତକ ପଢିଥିଲି। ୱାର୍ଲ୍ଡ ରିଲିଜିଅନ ଉପରେ ସେ ଗବେଷଣା କରି ୧୯୪୫–୪୬ରେ ସେ ଏହି ପୁସ୍ତକ ଲେଖିଥିଲେ। ସେ ଭାରତରେ ୩୦ ବର୍ଷ ଧରି ରହିଥିଲେ ଓ ତାଙ୍କ ନାଁ ପରିବର୍ତ୍ତନ କରି ସାବିତ୍ରୀ ଦେବୀ ରଖିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିବା ସହ ସେ ମାହାତ୍ମା ଗାନ୍ଧୀଙ୍କୁ ବହୁବାର ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଚାଳିଶ ଦଶକରେ ସେ ଏହି ପୁସ୍ତକରେ ଲେଖିଛନ୍ତି, 'ଅଧିକାଂଶ ଏହି ପ୍ରକାର ହିନ୍ଦୁ ଯେଉଁମାନେ ଶାକାହାରୀ ଭୋଜନକୁ ସାମଜିକ ପରମ୍ପରା ତଥା ଜାତି ନିୟମର ଏକ ଅଙ୍ଗ ଓ ଏହାଠାରୁ ଅଧିକ ବୋଲି ଭାବନ୍ତି ଏବଂ ଯେଉଁମାନେ ଶାକାହାରୀ ହୋଇ ନ ଥିବା ମୁସଲମାନ ଓ ଖ୍ରୀଷ୍ଟିଆନଙ୍କୁ ନିନ୍ଦା କରନ୍ତି, ସେମାନେ କେବେ ବି ପ୍ରାଣୀମାନଙ୍କୁ ଭଲ ପାଆନ୍ତିନି। ସେମାନେ ଗାଈକୁ ସବୁଠୁ ଭଲ ପାଆନ୍ତି ବୋଲି ଯାହା କହନ୍ତି ତାହା କେବଳ ତଥ୍ୟ ଆଧାରିତ। ସାଧାରଣତଃ ପ୍ରାଣୀମାନଙ୍କୁ ପୋଷା ଭାବେ ରଖିବାରେ ସେମାନେ ସତେ ଯେମିତି ଶେଷ ବ୍ୟକ୍ତି। ଆଉ ସୁଯୋଗ ପାଇଲେ ପ୍ରାଣୀଟିକୁ ସାରା ଜୀବନ ପୋଷନ୍ତି। କିନ୍ତୁ ଅତି ପାଖରେ ବୁଲା ବିଲେଇଟିଏ ସଂକଟରେ ପଡିଥିବାବେଳେ ସେମାନେ ଉଚ୍ଚ ଦାର୍ଶନିକ ବିଚାର ଓ ଦେଶ ବିଦେଶର ସମସ୍ୟା ଉପରେ ଆଲେଚନା କରିବା ଲକ୍ଷ୍ୟ କରାଯାଏ, ଯାହାକୁ ସମାଧାନ କରିବାର କ୍ଷମତା ତାଙ୍କ ପାଖରେ ନ ଥାଏ। ସେମାନେ ମାଂସ ଖାଉଥିବା ଲୋକମାନଙ୍କ ପାଖରେ ନିଜର ବଡିମା ଗପିବେ ,କିନ୍ତୁ ତାଙ୍କ ଆଡକୁ ଚାହିଁ ରହିଥିବା କୁକୁରଟିକୁ ଦେଖି ବି ଖାଦ୍ୟ ଖାଇବେ। ତୁମେ ଯଦି ସେହି ଲୋକଟିକୁ ଏ ବିଷୟରେ କହିବ ତେବେ, ' ଲକ୍ଷ ଲକ୍ଷ ଭୋକିଲା ପିଲା ରହିଛନ୍ତି ଏବଂ ତୁମେ କୁକୁର ଓ ବିଲେଇଙ୍କ କଥା କ'ଣ କହୁଛ' ବୋଲି ଉତ୍ତର ଦେବେ। । ଅନ୍ୟ ଧର୍ମର କେହି ହୁଏତ ଏଭଳି କହି ପାରନ୍ତି, କିନ୍ତୁ ଏକତା ଓ ଜୀବନର ପିବିତ୍ରତା ବଜାୟ ରଖିବା କଥା କହୁଥିବା ଏବଂ ଶାକାହାରୀବାଦକୁ ସେମାନଙ୍କ ବିଶ୍ୱାସର ଏକ ପ୍ରତୀକ ଭାବେ ବିଚାର କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ନୁହେଁ।' ସାବିତ୍ରୀ ଦେବୀ ହିନ୍ଦୁତ୍ୱ ଉପରେ କ'ଣ ଲେଖିଛନ୍ତି ଓ ଏହାର ଗୁରୁତ୍ୱ ବୁଝି ନ ଥିବା ଲୋକେ କିଭଳି ଏହାକୁ ଭୁଲ୍ ଅର୍ଥରେ ନେଇ କ୍ରୂର ପାଲଟିଛନ୍ତି ସେ ସମ୍ପର୍କରେ ପର ଲେଖାରେ ଉପସ୍ଥାପନ କରିବି।

Email: gandhim@nic.in

# ପାଖଲୋକଙ୍କ ବାହାଦୁରି



ସୁଧୀର କୁମାର ନାୟକ

ବ୍ୟସ୍ତ ବହୁଳ ଜୀବନରେ କିଛି ମୁହୂର୍ତ୍ତରେ ସାଙ୍ଗମାନଙ୍କ ସହ ପାଦମିଳାଇ ଚାଲିବା ଭିତରେ କିଛି ପାରସ୍ପରିକ ଆଲୋଚନା ମଧ୍ୟ ହୋଇଥାଏ। ଏପରି ନିଜ ପରିବାରଠାରୁ ଆରମ୍ଭ କରି ଦେଶ ଦୁନିଆର ରାଜନୀତି ମଧ୍ୟ ଚର୍ଚ୍ଚା ହୁଏ। ସେଦିନ ମିଶ୍ରବାବୁଙ୍କ ପାଟିରୁ କିଛି ଶୁଣିବାକୁ ନ ମିଳିବାରୁ ମୁଁ ପଚାରିଦେଲି କ'ଣ ଭାଇ! ଘରେ ପାହାନ୍ତିଆ ଝଗଡ଼ା ହୋଇଛି କି ? ମିଶ୍ରବାବୁଙ୍କ ମୁହଁଟା ଟିକେ ଲାଲ୍ ପଡ଼ିଗଲା। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟ ହୋଇ ଟିକେ ହସି ପକାଇ କହିଲେ ଯାହା ଭାବୁଛନ୍ତି, ସେପରି କିଛି କଥା ନୁହଁ। ଚାକିରି ଜୀବନ ଆରମ୍ଭରୁ ଦୀର୍ଘ ୩୦ ବର୍ଷ ହେଲା ବାହାରେ ମୁଁ ରହୁଛି। ଗାଁ ପାଖ ବ୍ଲକକୁ ଯିବାପାଇଁ ଡାଇଏରେକ୍ଟରଙ୍କ ଅଫିସରେ ବହୁବାର ଅଭିଯୋଗ ଶୁଣାଣି ଦିବସରେ ଲେଖି ଆପତ୍ତି ମଧ୍ୟ କରିଛି। ଏପରି କି ଦୀର୍ଘ ୩ ବର୍ଷ ହେବ ବହୁ ହାକିମକୁ ମଧ୍ୟ ସାକ୍ଷାତ କରିଛି କିନ୍ତୁ କିଛି ବି ସୁଫଳ ମିଳୁନାହିଁ। ହେଲେ ମୋ ସାଙ୍ଗରେ ଅନ୍ୟମାନେ ନିଜ ଇଚ୍ଛା ମୁତାବକ ଜାଗାକୁ ବଦଳି ହୋଇ ଯାଉଛନ୍ତି। ଏହା କେମିତି ହେଉଛି ? ଏପରି ଶୁଣି ମୁଁ ପଚାରିଲି ଆପଣ ଗାଁ ପାଖକୁ ଯିବାପାଇଁ ଏତେ ବ୍ୟଗ୍ର ହେଉଛନ୍ତି କାହିଁକି ? ସହରୀ ଜୀବନଟା କ'ଣ ଆଉ ଭଲ ଲାଗୁନାହିଁ ନାଁ ଗାଁ ପାଖରେ ରହି ଅବସର ନେଲେ ରାଜନୀତି କରିବେ। ନାହିଁ ଆଜ୍ଞା ! ଚାକିରି ପରଠାରୁ ଆମ୍ଭେ ଚାରିଭାଇ ବାହାରେ ରହିବା ପରେ ଯେଉଁ ଚାଷରୁ ଆମ୍ଭେ ପାଠ ପଢ଼ି ମଣିଷ ହୋଇଥିଲୁ ସେହିସବୁ ଜମି ବେଣା, ଖଡ଼ିରେ ପରିପୂର୍ଣ୍ଣ ହୋଇ ଆଉ ହିଡ଼ ଦେଖାଯାଉନାହିଁ। ବାପାଙ୍କ ଅମଳରୁ ଥିବା ଗାଁର ସେହି ପୁରୁଣା ଘରଟି ଦରଭଙ୍ଗା ଅବସ୍ଥାରେ ପଡ଼ି ରହିଛି। ଅନ୍ୟମାନଙ୍କ ଘର ଛବି ଆଗରେ ଆମ ଘରଟି ସତେ ଯେମିତି ଚଢକମରା ଗଛଟିଏ ପରି ଜରାଜୀର୍ଣ୍ଣ ହୋଇ ପଡ଼ି ରହିଛି। ଆମ ସମୟରେ ଗାଁରେ ଯେଉଁ ଦୁର୍ଦ୍ଦଶା, ଦୁଃଖ ଥିଲା, ଏବେ ଆଉ ତାହା ନାହିଁ। ଚତୁର୍ମାସରେ ହାତରେ ଚପଲ ଧରି କାଦୁଅ ରାସ୍ତାରେ ଗୋଡ଼ ଚିପିଚିପି ମାଇଲି ମାଇଲି ବାଟ ଗାମୁଛା ପିନ୍ଧି ସ୍କୁଲ ବଜାରକୁ ଯାଉଥିଲୁ। ଏବେ ସେଦିନର ଦୁଃଖ ଆଜି ନାହିଁ। ପକ୍କା ସଡ଼କ ତା' ସହିତ ଦୋକାନ ବଜାର, ବିଦ୍ୟାଳୟ ସବୁକିଛି ସୁବିଧା ଉପଲବ୍ଧ। ଗାଁ ଛକରୁ କଟକ, ଭୁବନେଶ୍ୱର ଗାଡ଼ି ମଧ୍ୟ ଯାଉଛି। ଆମ ସମୟରେ ଗାଁରେ ଯେଉଁ ଦୁର୍ଦ୍ଦଶା ଥିଲା, ଆଉ ତାହା ନାହିଁ। ଭାବୁଛି ଗାଁରେ ରହି ପୁଅ ଝିଅଙ୍କ ବିଭାଘର ସେହିଠାରେ କରିବି। ସାହିଭାଇଙ୍କଠାରୁ ଯେଉଁ ସାହାଯ୍ୟଟି ମିଳିବ, ହୁଏତ ଆଜିକା ଏହି ମଣ୍ଡପ ବାହାଘରରେ ସେପରି ମିଳିବ ନାହିଁ। ଏଇଥିପାଇଁ ମୁଁ ଗାଁ ପାଖ ବ୍ଲକକୁ ଯିବା ପାଇଁ ଚାହୁଁଛି। ଶେଷ ଜୀବନଟା ଗାଁରେ ହିଁ କଟୁ।

ଏ କଥା ଶୁଣି ମୁଁ ପଚାରିଲି ଆପଣ ଯେତେ ଲେଖି ଆପତ୍ତି କଲେ ମଧ୍ୟ କିଛି ଲାଭ ହେବନାହିଁ, ଆପଣ ବାବୁଙ୍କ ପାଖ ଲୋକଙ୍କୁ ଯଦି ସନ୍ତୁଷ୍ଟ ନ କରିଛନ୍ତି। ସେ ମୋତେ କହିଲେ ପାଖ ଲୋକ ପୁଣି କ'ଣ ? ପୂର୍ବରୁ ହିନ୍ଦୁ ଦେବଦେବୀମାନଙ୍କର ଯେମିତି ବିଭିନ୍ନ ବାହନ ଥିଲେ ଏମାନେ ଆଜିକା ବାବୁମାନଙ୍କର ଗୋଟାଏ ଗୋଟାଏ ବାହନ। ଯେଉଁ ବାବୁଙ୍କର ଯିଏ ପ୍ରିୟ, ବାବୁ ତାଙ୍କୁ ପାଖରେ ରଖି ତା' ମାଧ୍ୟମରେ ସବୁକାମ କରନ୍ତି। ଗାଁ ସରପଞ୍ଚଠାରୁ ବିଧାୟକ, ସାଂସଦ, ମନ୍ତ୍ରୀ ପର୍ଯ୍ୟନ୍ତ କାହାର ପାଖ ଲୋକ ନାହାନ୍ତି। ବଡ଼ ବଡ଼ ଅଫିସରେ ବାବୁମାନଙ୍କର ମଧ୍ୟ ପାଖଲୋକ ଥାନ୍ତି। ନିକଟରେ ଏକ ଗ୍ରାମସଭାରେ ଯୋଗ ଦେଇଥାଏ। ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବାବଦରେ ସମୀକ୍ଷା ଥିଲା। ବୈଠକରେ ଇନ୍ଦିରାଆବାସ, ମୋ କୁଡ଼ିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଚୟନ ନିର୍ଦ୍ଦେଶ ମଧ୍ୟ ଥିଲା। ନିୟମ ଦୃଷ୍ଟିରୁ ଗ୍ରାମସଭାରେ ଅଧ୍ୟକ୍ଷତା କରିବା ସରପଞ୍ଚଙ୍କର ଦାୟିତ୍ୱ। କିନ୍ତୁ ସଭା ଆରମ୍ଭରେ ମହିଳା ସରପଞ୍ଚ କହିଲେ ଅମକ ଭାଇ ଆଜିକାର ସଭାକୁ ପରିଚାଳନା କରିବେ। ମୋ ପରି ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନେ ସେମାନଙ୍କ ବିଭାଗ ଦ୍ୱାରା କାର୍ଯ୍ୟ କାରୀ ହେଉଥିବା ତୃଣମୂଳ ସ୍ତରରେ ସରକାରୀ ଯୋଜନାଗୁଡ଼ିକ ଉପରେ ଆଲୋଚନା କରିବା ପାଇଁ ଉପସ୍ଥିତ ଥିଲେ। ଜଣେ ବୃଦ୍ଧ ବ୍ୟକ୍ତି ଦରଖାସ୍ତଟିଏ ସରପଞ୍ଚଙ୍କୁ ଦେଇ କହିଲେ, ବହୁବାର ଆପତ୍ତି କରିଛି ଘରଟିଏ ପାଇଁ , କିନ୍ତୁ ମୋତେ ଘର ମିଳିନାହିଁ। ମୋ କଥା ଟିକେ ବିଚାର କରନ୍ତୁ। ଦରଖାସ୍ତଟିକୁ ସରପଞ୍ଚଙ୍କୁ ଦେଲେ। ସରପଞ୍ଚ କହିଲେ ମୋତେ ଦିଅନାହିଁ। ଏହି ଭାଇଙ୍କୁ ଦିଅ। ସେ ସବୁକିଛି ବୁଝୁଛନ୍ତି। ଅନ୍ୟଜଣେ ବିଧବା ମହିଳା ଭତ୍ତା ପାଇଁ ଯେତେବେଳେ ଆପତ୍ତି କଲେ ଅନୁରୂପ ଢଙ୍ଗରେ ସରପଞ୍ଚ କହିଲେ ସେ ଭାଇଙ୍କୁ କୁହ ସେ ବୁଝିବେ। ମୁଁ ଭାବିଲି ଏ ବାବୁ ଜଣକ ଗ୍ରାମପଞ୍ଚାୟତର କୌଣସି ସରକାରୀ କର୍ମଚାରୀ ହୋଇଥିବେ। କିନ୍ତୁ ତାହା ନୁହଁ, ପାଖରେ ବସିଥିବା ମଉସା କହିଲେ ଏ ଭାଇ ସରପଞ୍ଚଙ୍କର ପାଖ ଲୋକ। ସେ ସବୁକଥା ପଞ୍ଚାୟତର ବୁଝନ୍ତି। ପାଖରେ ବସିଥିବା ଅନ୍ୟଜଣେ ଅବସରପ୍ରାପ୍ତ ଶିକ୍ଷକ କହିଲେ, ଆମକୁ ସିନା ଗ୍ରାମସଭାକୁ ଡକାଯାଇଛି ଆଜ୍ଞା ! ହେଲେ କହିବାର ସୁଯୋଗ ମିଳେନାହିଁ। ପାଖରେ ଥିବା ଅନ୍ୟ ଏକ ବିଭାଗର ଅଧିକାରୀ ଜଣେ ହସି କହିଲେ ନିକଟରେ ଆମ ଗାଁକୁ ମୁଁ ଯାଇଥାଏ। ଗାଁର ଜଣେ ବ୍ୟକ୍ତି ଘର ସମ୍ମୁଖରେ ସକାଳୁ ଦେଖିଲି ଅନେକଗୁଡ଼ିଏ ଗାଡ଼ି ଥୁଆ ହୋଇଛି। ପଚାରିଲି ସେ ବାବୁ କ'ଣ ଅଛନ୍ତି କି? ଶୁଣିବାକୁ ପାଇଲି କିଏ ଡିଲରଶିପ୍ ନେବ, କିଏ ମଦ ବିକିବ, ଏପରି କି ଥାନାବାବୁ ଦୋଷୀକୁ କି ଦଫା ଦେବେ, ସେଠି ନିଷ୍ପତ୍ତି ନିଆହୁଏ। ମୁଁ ପଚାରିଲି ସେ କେଉଁ ପଦବୀରେ ଅଛନ୍ତି ? ଜାଣିବାକୁ ପାଇଲି ସେ ବିଧାୟକଙ୍କ ପାଖଲୋକ। ଏସବୁ କଥା ଶୁଣି ସେଦିନ ମିଶ୍ରବାବୁ ଆଉ 'ଟି' ଖଟିରେ ଯୋଗ ଦେଲେନାହିଁ।

ଧାମନଗର, ଭଦ୍ରକ, ମୋ:୯୯୩୮୦୮୦୨୯୪

## ଏଇ ଭାରତରେ

ଲକ୍‌ଡାଉନରେ ଗରିବ ଓ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିବା ଲୋକମାନଙ୍କ ମଧ୍ୟରେ ସାମିଲ ହୋଇଛନ୍ତି ବେଙ୍ଗାଲୁରୁର ସୁମିତି କୌର। ଏହି ସମୟରେ ପନିପରିବା ଆବଶ୍ୟକତାକୁ ଲକ୍ଷ୍ୟ କରି ସୁମିତି ଲୋକମାନଙ୍କୁ ତାହା ଯୋଗାଇ ଦେଉଛନ୍ତି। ୨୦୧୨ରୁ ଓକିଲାତି ଛାଡ଼ି ସୁମିତି ଜୈବିକ ଉପାୟରେ ପରିବା ଚାଷ କରୁଛନ୍ତି। ଚାଷ ଆରମ୍ଭ କରିବା ସମୟରେ ତାଙ୍କୁ ପରିବାର ପକ୍ଷରୁ ଭରପୂର ସହଯୋଗ ମିଳିଥିଲା। ପ୍ରଥମେ ସୁମିତିଙ୍କ ସାଙ୍ଗଙ୍କ ପିତା ହସ୍‌କୋଟ ପାଖରେ ତାଙ୍କୁ ୧ ଏକର ଜମି ଦେଇଥିଲେ। ପରେ ଏଥିରେ ସେ ଜୈବିକ ପଦ୍ଧତିରେ ପରିବା ଚାଷ ଆରମ୍ଭ କରି ବିଭିନ୍ନ ପ୍ରକାର ପରିବା ଓ ଶାଗ ଉତ୍ପାଦନ କରି ମାର୍କେଟକୁ ଯୋଗାଇ ଆସୁଛନ୍ତି। କିନ୍ତୁ ଲକ୍‌ଡାଉନରେ ପରିବା ବ୍ୟବସାୟୀମାନଙ୍କୁ ନ ଦେଇ ଲୋକମାନଙ୍କ ଘରେ ପହଞ୍ଚାଉଛନ୍ତି। ଏଥିପାଇଁ ଲୋକମାନଙ୍କୁ ନିଯୁକ୍ତ କରିଛନ୍ତି। ଚାଷ କାର୍ଯ୍ୟରେ ଏବେ ୧୫ ଜଣ ଲୋକଙ୍କୁ ମଧ୍ୟ ନିୟୋଜିତ କରିଛନ୍ତି। କେବଳ ଏତିକି ନୁହେଁ ବେଙ୍ଗାଲୁରୁର ଗ୍ରାମୀଣ ଅଞ୍ଚଳରେ ସୁମିତି କୃଷକମାନଙ୍କୁ ଜୈବିକ ଚାଷ ସମ୍ପର୍କରେ ବି ପ୍ରଶିକ୍ଷଣ ଦେଉଛନ୍ତି। ପୈତୃକ ଗାଁ ପଞ୍ଜାବର ଲୁଧିଆନା ପାଖ ମୁଲାପୁର ଗାଁର ଝିଅ ସୁମିତି ବଢିଛନ୍ତି ଓ ପଢ଼ିଛନ୍ତି ଦିଲ୍ଲୀରେ। ଶିକ୍ଷା ଶେଷ କରି ଓକିଲାତି ପେସାରେ ଥିଲେ। କିନ୍ତୁ ତାହାକୁ ଛାଡି ବେଙ୍ଗାଲୁରୁ ଆସି ଚାଷରେ ଲାଗିଛନ୍ତି। ଲକ୍‌ଡାଉନ ସମୟରେ ତାଙ୍କ ଅଞ୍ଚଳରେ ଘରେ ଘରେ ପରିବା ଯୋଗାଇ ଦେଇ ନିଜକୁ କରୋନା ଯୋଦ୍ଧା ଭାବେ ପ୍ରତିପାଦିତ କରିପାରିଥିବାରୁ ସେ ଖୁସି ଅଛନ୍ତି ବୋଲି କହନ୍ତି ସୁମିତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଏପ୍ରିଲ ୧୯୯୫

- ଆଫଗାନିସ୍ତାନର ଇସ୍‌ମାଇଲ ଖାଁ ସମର୍ଥକ ସୈନ୍ୟମାନେ ପଶ୍ଚିମ ସହର ମଧ୍ୟ ଭାଗରେ ୧୦୦ ଜଣ ଆଫଗାନି ତାଲିବାନ ଯୋଦ୍ଧାଙ୍କୁ ହତ୍ୟା କରିଛନ୍ତି।
- ପ୍ରଧାନମନ୍ତ୍ରୀ ପି.ଭି.ନରସିଂହ ରାଓ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି।
- ଶ୍ରୀଲଙ୍କାରେ ଏଲ୍.ଟି.ଟି.ଇ.ର ବିଦ୍ରୋହୀମାନେ କ୍ଷେପଣାସ୍ତ୍ର ମାଡ଼ କରି ବିମାନ ବାହିନୀର ଏକ ବିମାନକୁ ଖସାଇ ଦେବା ଫଳରେ ୫୨ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | 5 | 4 | | C | E | | | | | | 7 | | |
| B | | | A | | 3 | 9 | | | 4 | | | | | |
| | | | | 1 | | | | | | | A | | 4 | 9 |
| C | | | 0 | B | 7 | | | | | 2 | | E | A | |
| D | 1 | | | E | | | | 2 | | | | | | |
| | 7 | | | 4 | 9 | C | | B | | | | A | | |
| 0 | 9 | 4 | | | | 1 | | | A | | 5 | 8 | 6 | |
| | | | 7 | | 5 | | | | E | 9 | | 1 | | |
| | | 6 | | | | | | | | | | | 7 | 5 |
| 5 | 2 | | | 6 | | | | | | B | | C | | |
| | | 1 | | 0 | 2 | | | | | 6 | C | B | 3 | |
| | | | | | | | | 0 | 1 | | | | | |
| | | 3 | | | B | | | | 5 | A | | 9 | | D |
| 4 | B | 9 | 3 | 7 | 6 | | | | | | | | 8 | |
| | A | | | | | | 1 | | | | B | 2 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 7 | 2 | E | 9 | 4 | D | 5 | 0 | 1 | 8 | A | 6 | C |
| D | 1 | 8 | 0 | 6 | 7 | B | 2 | C | 5 | A | 9 | 4 | 3 | E |
| 0 | 2 | E | A | 4 | 1 | 6 | 9 | 7 | C | 3 | B | 8 | D | 5 |
| C | 9 | 5 | 3 | D | 8 | E | 1 | A | 7 | 6 | 4 | 2 | B | 0 |
| A | 4 | 6 | B | 5 | C | 3 | 0 | 8 | E | 2 | D | 1 | 9 | 7 |
| 4 | 8 | 0 | 9 | 3 | E | 7 | C | 6 | B | 5 | A | D | 2 | 1 |
| 1 | E | C | 6 | 2 | B | 5 | 4 | 9 | 8 | D | 7 | 0 | A | 3 |
| 9 | 6 | A | 4 | 8 | D | 1 | 3 | 0 | 2 | E | C | 5 | 7 | B |
| 5 | D | 2 | C | 7 | A | 8 | B | E | 3 | 0 | 1 | 9 | 4 | 6 |
| 7 | 3 | B | 1 | 0 | 5 | D | A | 2 | 4 | 9 | 6 | C | E | 8 |
| E | A | 9 | 7 | 1 | 6 | 2 | 5 | B | D | 8 | 0 | 3 | C | 4 |
| 2 | C | 4 | E | 9 | 3 | 0 | 7 | D | 1 | B | 5 | 6 | 8 | A |
| 6 | 7 | 1 | 5 | B | 2 | 9 | 8 | 4 | A | C | 3 | E | 0 | D |
| 8 | 0 | 3 | D | C | 4 | A | E | 1 | 6 | 7 | 2 | B | 5 | 9 |
| B | 5 | D | 8 | A | 0 | C | 6 | 3 | 9 | 4 | E | 7 | 1 | 2 |

ଗତକାଲିର ଉତ୍ତର

# ଦୋଛକିରେ ଜୀବନ ଓ ଜୀବିକା



ରୁଦ୍ରପ୍ରସନ୍ନ ମିଶ୍ର

କରୋନା ମହାମାରୀ ବିଗତ କିଛି ଦଶକ ଭିତରେ ମାନବ ସଭ୍ୟତା ଆଗରେ ଠିଆ ହୋଇଥିବା ସଙ୍କଟମାନଙ୍କ ମଧ୍ୟରେ ବୋଧହୁଏ ସବୁଠାରୁ ବଡ ସଙ୍କଟ। ବିଶ୍ୱବ୍ୟାପୀ ପାଖାପାଖି ତିରିଶି ଲକ୍ଷ ଲୋକ ଆକ୍ରାନ୍ତ ହୋଇଛନ୍ତି ଏହି ମହାମାରୀରେ। ଦୁଇଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି ମାତ୍ର କେଇ ମାସ ଭିତରେ। ଚାଇନାଠାରୁ ଆରମ୍ଭ କରି ସମଗ୍ର ୟୁରୋପ ଆଉ ଯୁକ୍ତରାଷ୍ଟ୍ର ଆମେରିକା ପରି ଅନେକ ଦେଶ ଉନ୍ନତ ସ୍ୱାସ୍ଥ୍ୟ ସେବା ଓ ଆବଶ୍ୟକ ସମ୍ବଳ ଥିବା ସତ୍ତ୍ୱେ, ଏହି ମହାମାରୀ ସହ ଲଢେଇରେ ନାକେଦମ ହୋଇସାରିଲେଣି। ଭାରତରେ ସ୍ଥିତି ଏଯାଏ ସେଭଳି ଖରାପ ନ ହେଲେ ମଧ୍ୟ କିଛି କମ୍ ଗୁରୁତର ନୁହେଁ। କରୋନା ପ୍ରାଦୁର୍ଭାବ ଭାରତରେ ପରିଲକ୍ଷିତ ହେବା ପୂର୍ବରୁ ମହାମାରୀ ବିଶେଷଜ୍ଞମାନେ ଆକଳନ କରୁଥିଲେ, ଭାରତରେ ପାଖାପାଖି ୪୦ କୋଟି ଲୋକ ଜୁଲାଇ ମାସ ସୁଦ୍ଧା ଏହି ରୋଗରେ ଆକ୍ରାନ୍ତ ହେବେ। ଏଥିମଧ୍ୟରୁ ପାଖାପାଖି ଏକ କୋଟି ଲୋକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବେ। କିନ୍ତୁ ଦେଶରେ କେବଳ ଏକଲକ୍ଷ ଆଇସିୟୁ ଆଉ କୋଡିଏ ହଜାର ଭେଣ୍ଟିଲେଟରର ସୁବିଧା ଥିଲା। ଏହି ପରିପ୍ରେକ୍ଷୀରେ ସରକାରଙ୍କ ପାଖରେ ବୋଧହୁଏ ଲକ୍‌ଡାଉନ ଛଡା ଆଉ କିଛି ଉପାୟ ନ ଥିଲା, ଯାହା କେତେକାଂଶରେ ଫଳପ୍ରଦ ହେଉଛି ମଧ୍ୟ।

ବିକଶିତ ଦେଶମାନଙ୍କରେ ଆର୍ଥିକ ସମ୍ବଳ, ସ୍ୱାସ୍ଥ୍ୟସେବା ସୁବିଧା ଓ ପ୍ରଶାସନିକ ଦକ୍ଷତା ଥିବା ହେତୁ ସେହି ଦେଶମାନଙ୍କରେ ଲକ୍‌ଡାଉନକୁ ଦୀର୍ଘ ସମୟ ଧରି ବଳବତ୍ତର ରଖାଯାଇ ପାରିବ ତଥା ସମାନ୍ତରାଳ ଭାବରେ ସାମାଜିକ ଦୂରତା, ସଙ୍ଗରୋଧ, ବିସ୍ତୃତ କରୋନା ପରୀକ୍ଷା ଓ ଚିକିତ୍ସା ଇତ୍ୟାଦି କରୋନା ନିୟନ୍ତ୍ରଣ ଉପାୟ ମଧ୍ୟ କାର୍ଯ୍ୟକାରୀ କରିହେବ। ହେଲେ ଗରିବ ଦେଶମାନଙ୍କ ପାଖରେ ଦୀର୍ଘଦିନ ଧରି ଲକ୍‌ଡାଉନକୁ ବଳବତ୍ତର ରଖିବା ପାଇଁ ନା ପ୍ରଶାସନିକ ବା ଆର୍ଥିକ କ୍ଷମତା ଅଛି ନା ଏତେ ସଂଖ୍ୟକ ଆକ୍ରାନ୍ତ ରୋଗୀଙ୍କୁ ଏକସମୟରେ ଚିକିତ୍ସା କରିବା ପାଇଁ ଭିତ୍ତିଭୂମି ଅଛି। ଯଦିଓ ଭାରତର ସ୍ଥିତି ଆଫ୍ରିକା ଅବା ଅନେକ ଏସୀୟ ଗରିବ ରାଷ୍ଟ୍ର ପରି ଶୋଚନୀୟ ନୁହେଁ, ଭାରତ ବିକଶିତ ଦେଶମାନଙ୍କ ପରି ସମର୍ଥ ବି ନୁହେଁ। ଭାରତ କେତେଦିନ ଲକ୍‌ଡାଉନ ବଳବତ୍ତର ରଖିପାରିବ, ତାହା ହିଁ ନିର୍ଣ୍ଣୟ କରିବ, ବିଜୟୀ କିଏ ହେବ। କରୋନା ବିରୁଦ୍ଧ ଏହି ସଂଗ୍ରାମରେ ଭାରତର ଏହା ହିଁ ଏକମାତ୍ର ରଣନୀତି ମନେହୁଏ। ପ୍ରାଥମିକ ଅନୁସନ୍ଧାନ ଓ ସରକାରୀ ରିପୋର୍ଟ ଅନୁଯାୟୀ ସମୟୋପଯୋଗୀ ଲକ୍‌ଡାଉନ ଫଳରେ ଏହି ମହାମାରୀକୁ ଅନେକ ଭାବରେ ନିୟନ୍ତ୍ରଣ କରାଯାଇ ପାରିଛି। କିନ୍ତୁ ଯେ ପର୍ଯ୍ୟନ୍ତ ପ୍ରତିଷେଧକ ଅବା ଉପଯୋଗୀ ଔଷଧ ବଜାରରେ ଉପଲବ୍ଧ ହୋଇନାହିଁ, ସେ ପର୍ଯ୍ୟନ୍ତ ଏହା କିଛି ନା କିଛି ଲୋକଙ୍କୁ ଆକ୍ରାନ୍ତ କରିବ ଆଉ ପରେ ବ୍ୟାପିବାକୁ ଲାଗିବ। ଏହିଭଳି ପରିସ୍ଥିତିରେ ଯଦି ଦେଶରେ କେବଳ ଏକ ପ୍ରତିଶତ ଲୋକ ଆକ୍ରାନ୍ତ ହୁଅନ୍ତି, ତେବେ ଦେଢକୋଟି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଆମେ ବୋଧହୁଏ ସକ୍ଷମ ହେବାନାହିଁ ।

ଲକ୍‌ଡାଉନ ସତ୍ତ୍ୱେ ମୁମ୍ବାଇରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢି ଚାଲିଛି। ୱିକ୍ ମାଗାଜିନରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ମୁମ୍ବାଇରେ ୮୫ ପ୍ରତିଶତ ମାମଲା କେବଳ ବସ୍ତି ଅଞ୍ଚଳରେ ବ୍ୟାପିଛି। ଏପ୍ରିଲ ମାସର ପ୍ରଥମ ବାଇଶ ଦିନ ଭିତରେ ମୁମ୍ବାଇରେ ଧାରଣ ଅଞ୍ଚଳ (କଣ୍ଟେନମେଣ୍ଟ ଜୋନ୍) ସଂଖ୍ୟା ୭୭ରୁ ବଢି ୮୧୩ ହୋଇଯାଇଅଛି। ମୁମ୍ବାଇ ବର୍ତ୍ତମାନ ଏକ ଅଦ୍ଭୁତ ପରିସ୍ଥିତି ଦେଇ ଗତି କରୁଛି। ମୁମ୍ବାଇରେ ଏବଂ ଖାସ କରି ବସ୍ତି ଅଞ୍ଚଳରେ ସାମାଜିକ ଦୂରତା ଓ ସଙ୍ଗରୋଧ ଜାରି ରଖିବା ସମ୍ଭବ ନୁହେଁ। ମୁମ୍ବାଇରେ ୪୨ ପ୍ରତିଶତ ଲୋକ ବସ୍ତି ଅଞ୍ଚଳରେ ବାସ କରନ୍ତି, ଯେଉଁଠି ପ୍ରତି ଏକ ବର୍ଗ କିଲୋମିଟରରେ ପାଖାପାଖି କୋଡିଏ ହଜାର ଲୋକ ରୁହନ୍ତି। ଏଠି ସାମାଜିକ ଦୂରତା ପରକଥା, ଶାରୀରିକ ଦୂରତା ବଜାୟ ରଖିବା ଅସମ୍ଭବ।

ଲକ୍‌ଡାଉନ, ଦେଶ ତଥା ବିଶ୍ୱର ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ଆକଳନ ଅନୁଯାୟୀ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି ) ବୃଦ୍ଧି ହାର ୧.୯% କୁ ହ୍ରାସ ପାଇବ। ଅନ୍ୟ କେତେକ ସଂସ୍ଥା ଏହା ଶୂନ୍ୟ ହେବ ବୋଲି ମଧ୍ୟ କଳନା କରିଛନ୍ତି। ପୁଣି ଯଦି ଏହି ସାମାଜିକ ଦୂରତା ରଣନୀତି ବିଫଳ ହୁଏ, ତେବେ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ମାତ୍ରାଧିକ ହୋଇ ଯାଇପାରେ। ଅର୍ଥନୈତିକ ସଂକୋଚନ ଓ ଆର୍ଥିକ ମାନ୍ଦାବସ୍ଥା ଫଳରେ ବେରୋଜଗାରି ଉତ୍କଟ ହୋଇଯିବ। ଆର୍ଥିକ ମାନ୍ଦାବସ୍ଥା ସମୟରେ ଅର୍ଥନୀତିରେ ସର୍ବପ୍ରଥମେ ଏବଂ ସବୁଠାରୁ ଅଧିକ ପ୍ରଭାବିତ ହେବେ ଦେଶର କୋଟି କୋଟି ଗରିବ ଲୋକ। ଅକ୍ସଫାର୍ମ ତରଫରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ସମଗ୍ର ବିଶ୍ୱରେ ପଚାଶ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯିବେ। ଆନୁପାତିକ ଭାବରେ ଭାରତରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେବ। ସରକାରଙ୍କର ରାଜସ୍ୱ ହାନି ଦ୍ୱାରା ଅନେକ ଜନକଲ୍ୟାଣକାରୀ ଯୋଜନା ପାଇଁ ସମ୍ବଳ କମ ପଡିବ। ମାତ୍ରାଧିକ ଋଣର ଜାତୀୟ ମୁଦ୍ରାସ୍ଫୀତି ଉପରେ ନକାରାତ୍ମକ ପ୍ରଭାବ ପଡିବ ଓ ପରବର୍ତ୍ତୀ ସମୟରେ ଜନସାଧାରଣଙ୍କୁ ଦରବୃଦ୍ଧି ପରି ସମସ୍ୟା ସହ ଲଢ଼ିବାକୁ ପଡିପାରେ।

ଏହି ପରିପ୍ରେକ୍ଷୀରେ ଲକ୍‌ଡାଉନକୁ କୋହଳ କରି ଅର୍ଥନୈତିକ କାର୍ଯ୍ୟକଳାପ ପୁନର୍ବାର ଆରମ୍ଭ କରିବା ସମୀଚୀନ ମନେହୁଏ। ଯଦିଓ ନିକଟରେ ସରକାର କୃଷିଜାତୀୟ କର୍ମ, ଗ୍ରାମୀଣ ଆର୍ଥିକ କାର୍ଯ୍ୟକଳାପକୁ ଆରମ୍ଭ କରିବାପାଇଁ ଅନୁମତି ଦେଇଛନ୍ତି ତଥା ପରେ କେତେକ ଦୋକାନ ବଜାର ଖୋଲିବା ପାଇଁ ମଧ୍ୟ ନୀତିପ୍ରସ୍ତୁତ କରିଛନ୍ତି, ଆର୍ଥିକ କାର୍ଯ୍ୟକଳାପକୁ ସ୍ଥାୟୀ ଓ ସୁଦୃଢ କରିବାକୁ ହେଲେ ଶିଳ୍ପ, ଉତ୍ପାଦନ ଆଦିକୁ ସମ୍ପୂର୍ଣ୍ଣ ରୂପେ ପୁନଃ ଆରମ୍ଭ କରିବାକୁ ହେବ। ଉଭୟ ବେସରକାରୀ ସଂସ୍ଥା ଓ ଜନସାଧାରଣ କରୋନାକୁ ନେଇ ଅନେକ ସଚେତନ ହୋଇଗଲେଣି ଏବଂ ସାବଧାନ ରହି ଏହାର ସାମ୍ନା କରିପାରିବେ। ସହରର ଓ ଅଫିସ ମାନଙ୍କରେ କାମ କରୁଥିବା ଲୋକମାନଙ୍କୁ ଘରୁ କାମକରିବା ପାଇଁ ସୁବିଧା ସୃଷ୍ଟି ଓ ପ୍ରୋତ୍ସାହିତ କରିବା ଦ୍ୱାରା ଅଫିସ, ରାସ୍ତା ଓ ବଜାରମାନଙ୍କରେ ଭିଡ କମିବ। ଫଳରେ କରୋନା ବ୍ୟାପିବା ହାର ମଧ୍ୟ ନିୟନ୍ତ୍ରିତ ରହିବ। ଅନ୍ୟପକ୍ଷରେ ସରକାର ଯୁଦ୍ଧକାଳୀନ ଭିତ୍ତିରେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ବଢାଇବାରେ ଲାଗିପଡିଛନ୍ତି। ଆଶା ଏହା ବଢିଚାଲିଥିବା ଆକ୍ରାନ୍ତଙ୍କୁ ଉଚିତ ସେବା ଦେବାରେ ସକ୍ଷମ ହେବ ଏବଂ ଅତିଶୀଘ୍ର କରୋନା ଭୂତାଣୁ ସହ ଲଢିବା ପାଇଁ ଔଷଧ ବା ପ୍ରତିଷେଧକ, ଯାହା ଏବେ କ୍ଲିନିକାଲ ପରୀକ୍ଷା ପର୍ଯ୍ୟାୟରେ ଅଛି ଉପଲବ୍ଧ ହେବ।

ଆଜି ଆମେ ଜୀବନ ଓ ଜୀବିକାର ଦୋଛକିରେ ଠିଆ ହୋଇଛେ। ଦୁଇଟି ମଧ୍ୟରୁ କେବଳ ଗୋଟିଏକୁ ବାଛିବା ସମ୍ଭବ ନୁହେଁ। ବିଶେଷକରି ଯେତେବେଳେ ପ୍ରଶ୍ନ ଦାରିଦ୍ର୍ୟର। ବୋଧହୁଏ କରୋନା ଯେତିକି ଜୀବନ ନେବ, ଦାରିଦ୍ର୍ୟ, ଅନାହାର, ବେରୋଜଗାର ଓ ଅନ୍ୟାନ୍ୟ ରୋଗ ଯାହା ଏବେ ଆମ ନଜର ଆଢୁଆଳକୁ ଚାଲିଯାଇଛି, ମିଶି ଅନେକ ଅଧିକା କ୍ଷତି କରିବେ। ଏଣୁ ଧୀରେ ଧୀରେ ଲକ୍‌ଡାଉନକୁ କୋହଳ କରି ଆର୍ଥିକ କାର୍ଯ୍ୟକଳାପକୁ ଆଗେଇ ନେବାକୁ ପଡିବ। ବର୍ତ୍ତମାନ ପରିସ୍ଥିତି ଏକ ଦଉଡି ଉପରେ ଚାଲିବା ପରି। ସରକାର, ବେସରକାରୀ ସଂସ୍ଥା ଓ ଜନସାଧାରଣ ସମସ୍ତେ ଯଦି ସଚେତନ ରହିବେ, ସତର୍କ ରହିବେ ତେବେ ହିଁ ସୁରକ୍ଷିତ ରହିବେ।

ମୁମ୍ବାଇ, ମହାରାଷ୍ଟ୍ର
irudra.blogs@gmail.com

## ଚିରନ୍ତନୀ

ଦୁଇ ମିଶି ଏକ ହେବା ପାଇଁ,
ଯୁଗ ଯୁଗାନ୍ତରେ ଏହି ପ୍ରେମର ସାଧନା ସେ ଗୋ
ଯାଆନ୍ତି କରାଇ,
ବିରହର ବିଳାପେ ମୁଖର
ଭୁବନ ଗଗନ ସେ ଯେ କରିଯାନ୍ତି
ଅବଶ କାତର ! (ଯୁଗଳ ପ୍ରୟାଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଫାଶୀ ଖୁଣ୍ଟରେ ଜୀବନ ଦୀପ ନିର୍ବାପିତ

ମହାଶୟ,

ସବୁ ପ୍ରତୀକ୍ଷାର ଅନ୍ତ ଘଟିଲା। ଆଇନ ସଙ୍ଗେ ଖେଳ ଖେଳିବା ଏବଂ ଜୀବନ ବଞ୍ଚାଇବାର ଆଶା ସବୁ କିଛି ପୂର୍ଣ୍ଣଚ୍ଛେଦ ପଡ଼ିଲା। ଶେଷକୁ ନିର୍ଭୟା ଗଣ ବଳାତ୍କାରୀମାନଙ୍କର ଜୀବନ ଦୀପ ଫାଶୀ ଖୁଣ୍ଟରେ ନିର୍ବାପିତ ହେଲା ଅତି ଯନ୍ତ୍ରଣା ଜର୍ଜରିତ ଭାବରେ। ଚାରି ଜଣ ଯାକ ଗୋଟିଏ ନିରୀହା ଝିଅକୁ ଯେପରି ଯନ୍ତ୍ରଣା ଦେଇ ହତ୍ୟା କରିଥିଲେ ସେମାନେ ସେମିତି ଯନ୍ତ୍ରଣା ଜର୍ଜରିତ ଜୀବନ ତେଜିବାକୁ ବାଧ୍ୟ ହେଲେ। ଏହି ଭୟଙ୍କର ଅପରାଧ ପୂର୍ବରୁ ଚାରି ଜଣ ଯାକ ଦେଶର ଆଇନକାନୁନ ପ୍ରତି ତାଚ୍ଛଲ୍ୟ ମନୋଭାବ ରହିଥିଲା ଏକଥା ନିଶ୍ଚିତ। ନିର୍ଭୟା ମାଆର ସଂଗ୍ରାମ ଶେଷ ହେଲା ଏବଂ ତା'ର ଆତ୍ମା ଶାନ୍ତି ପାଇଲା। ତା'ର ଆଖିର ଉଷ୍ମ ଲୁହ ଶୁଖିଲା। ଏଭଳି ଜଘନ୍ୟ କାଣ୍ଡ ଆଉ ଥରେ ରାଷ୍ଟ୍ରରେ ନ ଘଟୁ, ଅପରାଧୀମାନେ ସଚେତନ ହୁଅନ୍ତୁ।

ରଞ୍ଜନ ମିଶ୍ର, ପ୍ରଚାରକ ଅନନ୍ତଜୀ ଜନ୍ମପୀଠ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୧୫୦୦ କି.ମି. ଚାଲିବା ପରେ ମୃତ୍ୟୁ

ମୁମ୍ବାଇରୁ ୧୫୦୦ କି.ମି. ଚାଲି ୟୁପିରେ ପହଞ୍ଚିବା ପରେ ଜଣେ ଦିନମଜୁରିଆଙ୍କ ମୃତ୍ୟୁ ଘଟିଛି। ୧୪ ଦିନ ଚାଲି ଇନ୍‌ସାଫ୍ ଅଲ୍ଲୀ ଶ୍ରାବସ୍ତି ଜିଲାର ନିଜ ଗାଁ ମଠକନୱାରେ ଏପ୍ରିଲ୍ ୨୭ରେ ପହଞ୍ଚିଥିଲେ। କ୍ୱାରାଣ୍ଟାଇନ୍‌ରେ ରଖାଯିବାର କିଛି ଘଣ୍ଟା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ କରୋନା ସଂକ୍ରମିତ ହୋଇଥିଲେ କି ନାହିଁ ତାହାର ପରୀକ୍ଷା ରିପୋର୍ଟକୁ ଏବେ ଜିଲା ପ୍ରଶାସନ ଅପେକ୍ଷା କରିଛନ୍ତି।

## ୪ରୁ କୋହଳ ହେବ କଟକଣା

ନୂଆଦିଲ୍ଲୀ,୨୯।୪: ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଶେଷ ହେବା ପରେ ସରକାର ନିର୍ଦ୍ଦିଷ୍ଟ କେତେକ ଜିଲା ପାଇଁ କଟକଣା କୋହଳ କରିବାକୁ ଚିନ୍ତା କରୁଛନ୍ତି। ଏନେଇ ସ୍ଥିତି ଅନୁଧାନ କରୁଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। ଅନେକ ଜିଲାରେ କୋଭିଡ୍-୧୯ ସ୍ଥିତିରେ ଯଥେଷ୍ଟ ଉନ୍ନତି ଦେଖାଦେଇଛି। ମେ’ ୪ରେ ଆସିବାକୁ ଥିବା ନୂଆ ଗାଇଡ୍‌ଲାଇନରେ ସମ୍ପୃକ୍ତ ଜିଲାଗୁଡ଼ିକ ପାଇଁ କଟକଣା କୋହଳ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଟକି ରହିଥିବା ଦାଦନ ଶ୍ରମିକ, ତୀର୍ଥଯାତ୍ରୀ ଓ ଛାତ୍ରୀଛାତ୍ରଙ୍କୁ ବସ୍‌ରେ ଫେରାଇନେବା ପାଇଁ ରାଜ୍ୟଗୁଡ଼ିକୁ ଅନୁମତି ମିଳିଥିଲେ ହେଁ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ କୁହାଯାଇଛି। ଘରୋଇ ଯାନରେ ପରିବାର ଯାଇପାରିବେ କି ନାହିଁ ସେ ନେଇ କିଛି କୁହାଯାଇ ନ ଥିଲେ ହେଁ କେତେକ ସର୍ତ୍ତରେ ଅନୁମତି ମିଳିପାରେ ବୋଲି କୁହାଯାଉଛି।

## ରାଜୀବ କୁମାର ପିଇଏସ୍‌ବି ମୁଖ୍ୟ



ନୂଆଦିଲ୍ଲୀ,୨୯।୪(ପି.ଟି.): ପୂର୍ବତନ ଅର୍ଥ ସଚିବ ରାଜୀବ କୁମାରଙ୍କୁ ସାଧାରଣ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ମୁଖ୍ୟ ଭାବେ ବୁଧବାର ନିଯୁକ୍ତି ପ୍ରଦାନ କରାଯାଇଛି। ୧୯୮୪ ବ୍ୟାଚର ଝାଡ଼ଖଣ୍ଡ କ୍ୟାଡର ଆଇଏଏସ୍ ଅଫିସର ରାଜୀବ ଗତ ଫେବୃୟାରୀରେ ଅର୍ଥ ସଚିବ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କୁ ୩ ବର୍ଷ ଲାଗି ପିଇଏସ୍‌ବି ଅଧକ୍ଷ ଭାବେ ନିଯୁକ୍ତି ଦେବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେ କପିଳଦେବ ତ୍ରିପାଠୀଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। କପିଳଦେବଙ୍କୁ ରାଷ୍ଟ୍ରପତିଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

# ଦାଦନଙ୍କ ପାଇଁ ବ୍ୟବସ୍ଥା କର

ନୂଆଦିଲ୍ଲୀ,୨୯।୪: ସମ୍ପ୍ରତି ମହାମାରୀ କରୋନା ଆମକୁ ଦେଶର ଶ୍ରମିକମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଚିନ୍ତା କରିବାକୁ ବାଧ କରିଛି। ଏହି ଭାଇରସ୍ ଗୋଟିଏପଟେ ଶ୍ରମିକଙ୍କ ସ୍ୱାସ୍ଥ୍ୟକୁ ନେଇ ବାସ୍ତବ ଚିତ୍ର ଆଙ୍କୁଥିବାବେଳେ ଅନ୍ୟପଟେ ଆମ ଅର୍ଥନୀତିରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଜନ ସଚେତନତା ସୃଷ୍ଟି କରିଛି। ୧୦୦ରୁ ୧୨୫ ନିୟୁତ ଲୋକ ଜୀବିକା ଉପାର୍ଜନ ପାଇଁ ସେମାନଙ୍କ ଗାଁ, ପରିବାର ଓ ଘର ଛାଡ଼ି ସୁଦୂର ସହରକୁ ଯାଇଥାନ୍ତି। ସେମାନଙ୍କ ଅଦୃଶ୍ୟ ହାତ ଫସଲ ଅମଳ କରି ଆମକୁ ଖାଇବାକୁ ଦିଏ, ରାସ୍ତାଘାଟ ସ୍ୱଚ୍ଛ ରଖେ, କଳକାରଖାନା ଚଳାଏ, ସଡ଼କ ନିର୍ମାଣ କରେ ଓ ଆମ ଘର ତିଆରି କରିଥାଏ। ଏକଥା ମଧ୍ୟ ଆମେ ଏବେ ହୃଦୟଙ୍ଗମ କରିବାକୁ ବାଧ ହୋଇଛୁ। ତେଣୁ କେବଳ କରୋନା ସଂକ୍ରମଣ ବେଳେ ନୁହେଁ, ବରଂ ସବୁ ସମୟ ପାଇଁ ନାଗରିକମାନଙ୍କ ମୌଳିକ ଆବଶ୍ୟକତା ପୂରଣ ଲାଗି ଏକ ସାମାଜିକ ନୀତି ନିର୍ଦ୍ଧାରଣ ଜରୁରୀ।

### ଫେରିବା ଲାଗି ବାଟ କଢ଼ାଇବା

ଘରଠାରୁ ଦୂରରେ ରହିବା ସହଜ ନୁହେଁ। ଯେଉଁଠି ଆରାମ ମିଳେ, ସମ୍ପର୍କ ଗଢ଼ିଉଠେ ଓ ପରିବାର ପରିପୋଷଣ କରାଯାଏ ସେହି ଘର କେବଳ ଇଟା, ପଥର ବା କାଠ, ଟିଣରେ ତିଆରି ହୁଏନାହିଁ। ଏହା ଦୈନନ୍ଦିନ ସଂଘର୍ଷରୁ ମଣିଷକୁ ଅଭୟ ପ୍ରଦାନ କରିଥାଏ। ଘରେ ଯାହା ଥାଉନା କାହିଁକି ଦୁନିଆ ଯାକର ସୁଖଶାନ୍ତି କେବଳ ପରିବାରରେ ମିଳିଥାଏ। ହେଲେ ଭୋକିଲା ଦାଦନ ଶ୍ରମିକମାନେ ସେହି ପରିବାରଠାରୁ ଶହ ଶହ ମାଇଲ ଦୂରକୁ ଯାଇ ଖଟନ୍ତି କେବଳ ଦୁଇମୁଠା ଅନ୍ନ ପାଇଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଲୋକଙ୍କ ପାଇଁ ନାନା ଯୋଜନା ତିଆରି ହେଉଥିଲେ ସୁଦ୍ଧା ସେମାନେ କାହିଁକି ନିଜ ରାଜ୍ୟ ବା ଦେଶ ଛାଡ଼ି ଅନ୍ୟତ୍ର ପଳାୟନ କରନ୍ତି ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଠେ। ବିଦେଶରେ ଫସିଥିବା ଭାରତୀୟମାନଙ୍କୁ କାହିଁକି ସ୍ୱତନ୍ତ୍ର ବିମାନରେ ସ୍ୱଦେଶକୁ ଫେରାଇ ଅଣାଯାଉଛି। ରାଜସ୍ଥାନର କୋଟାସ୍ଥିତ କୋଚିଂ ସେଣ୍ଟରଗୁଡ଼ିକରେ ପଢୁଥିବା ମଧ୍ୟବିତ୍ତ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବା ପାଇଁ ସେମାନଙ୍କ ରାଜ୍ୟର ସରକାରମାନେ ବ୍ୟବସ୍ଥା କରୁଛନ୍ତି। ହେଲେ ଦାଦନ ଶ୍ରମିକମାନଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ କାହିଁକି? ସେମାନେ କ’ଣ ଏହି ଦେଶର ନାଗରିକ ନୁହନ୍ତି? ଏପରି ଭେଦଭାବ କାହିଁକି? ଏସବୁର ଉତ୍ତର ଖୋଜିବାକୁ ଗଲେ ନିରାଶ ହେବାକୁ ପଡ଼େ।

### ଫେରିବା ଲାଗି ଶ୍ରମିକ, ଛାତ୍ରଙ୍କୁ ମିଳିଲା ଅନୁମତି

ନୂଆଦିଲ୍ଲୀ,୨୯।୪: କରୋନା ପାଇଁ ସାରା ଦେଶ ଲକ୍‌ଡାଉନରେ ରହିଥିବାରୁ ବିଭିନ୍ନ ସ୍ଥାନରେ ଲକ୍ଷ ଲକ୍ଷ ଦାଦନ ଶ୍ରମିକ ବିନା କାମରେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ବିଭିନ୍ନ ରାଜ୍ୟରେ ଛାତ୍ରୀଛାତ୍ର ମଧ୍ୟ ଅଟକି ରହିଛନ୍ତି। ସେମାନଙ୍କୁ ନିଜ ରାଜ୍ୟକୁ ଫେରିଆସିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବୁଧବାର ଅନୁମତି ପ୍ରଦାନ କରିଛି। ରାଜ୍ୟଗୁଡ଼ିକ ସେମାନଙ୍କ ଫେରିବାର ବ୍ୟବସ୍ଥା କରିବାକୁ କୁହାଯାଇଛି। ଆନ୍ତଃରାଜ୍ୟ ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟ ପକ୍ଷରୁ କରାଯାଉଥିବା ଦାବିକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଛନ୍ତି। ତେଣୁ ଅଟକିଥିବା ଶ୍ରମିକ ଓ ଛାତ୍ରୀଛାତ୍ରଙ୍କୁ ବସ୍‌ରେ ଫେରିବାକୁ ହେବ। ଯେଉଁ ରାଜ୍ୟରେ ଶ୍ରମିକ ଅଟକିଛନ୍ତି ଓ ସେମାନେ ଯେଉଁ ରାଜ୍ୟକୁ ଫେରିବେ, ଉଭୟ ସରକାର ସେଥିପାଇଁ ଅନୁମତି ଦେବା ଆବଶ୍ୟକ ବୋଲି ସର୍ତ୍ତ ରଖାଯାଇଛି। ଯେଉଁମାନଙ୍କଠାରେ କୋଭିଡ୍-୧୯ ଲକ୍ଷଣ ନ ଥିବ କେବଳ ସେହିମାନଙ୍କୁ ଫେରିବା ଲାଗି ଅନୁମତି ମିଳିବ। ସେମାନେ ଅତିକ୍ରମ କରିବାକୁ ଥିବା ରାଜ୍ୟରେ ମଧ୍ୟ ସ୍ୱାସ୍ଥ୍ୟ ଯାଞ୍ଚର ସମ୍ମୁଖୀନ ହେବେ। କେନ୍ଦ୍ର ଅନୁମତି ଦେବା ପୂର୍ବରୁ ମଧ୍ୟ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ସମେତ କେତେକ ରାଜ୍ୟ ଶ୍ରମିକ ଫେରାଇଆଣିବା କାର୍ଯ୍ୟ ଆରମ୍ଭ କରିଛନ୍ତି।



### ସ୍ୱାଭାବିକ ସମୟର ସ୍ଥିତି

ବର୍ତ୍ତମାନର ଲକ୍‌ଡାଉନ୍ ସମୟରେ ଦାଦନ ଶ୍ରମିକଙ୍କ ଦୁର୍ଦ୍ଦଶା ସ୍ୱାଭାବିକ ବେଳରେ ସେମାନଙ୍କ ଦୁଃସ୍ଥିତିକୁ ପ୍ରତିଫଳନର ଏକ ଅବସର ହେବା ଉଚିତ। ଠିକା ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶ ବିନା କୌଣସି ଚୁକ୍ତିରେ କାମ କରିଥାନ୍ତି। ସେମାନଙ୍କୁ ମାସକୁ ଏକ ସର୍ବନିମ୍ନ ନିୟମିତ ମଜୁରି ପ୍ରଦାନ କରାଯିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି। କିନ୍ତୁ ତାହା ସେମାନଙ୍କ ଭାଗ୍ୟରେ ଜୁଟି ନ ଥାଏ। ଅନେକେ ମାସ ମାସ ଧରି ପାଉଣା ପାଇ ନ ଥାନ୍ତି। ଋତୁ ଶେଷରେ ସେମାନଙ୍କୁ ବକେୟା ପଇଠ କରାଯିବାବେଳେ ମଧ ନିର୍ଦ୍ଧାରିତ ଅର୍ଥ ମିଳି ନ ଥାଏ। ଏହି କ୍ଷେତ୍ରରେ ନିଯୁକ୍ତିଦାତା ବା ସେମାନଙ୍କୁ ଖଟାଉଥିବା ମାଲିକ ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ଅଭିଯୋଗ ହୁଏ। ନିୟମିତ ଭାବେ ପାରିଶ୍ରମିକ ନ ପାଇ ଶ୍ରମିକମାନେ ନିଯୁକ୍ତିଦାତା କିମ୍ବା ସ୍ଥାନୀୟ ସାହୁକାରଙ୍କଠାରୁ କରଜ ଆଣିଥାନ୍ତି। ଏହା ସେମାନଙ୍କୁ ଅଧିକ ଆର୍ଥିକ ଅନଟନ ଭିତରକୁ ଠେଲିଦେଇ ଋଣବୋଝରେ ବୁଡ଼ାଇ ଦେଇଥାଏ।

### କାର୍ଯ୍ୟ ଓ ମର୍ଯ୍ୟାଦା

ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ନାଗରିକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ସାମାଜିକ ନୀତି ପ୍ରଣୟନ କରାଯିବା ଜରୁରୀ। କେବଳ ମହାମାରୀ କରୋନା ସଂକ୍ରମଣ ବେଳେ ନୁହେଁ, ବରଂ କୌଣସି ପ୍ରକାର ଆକସ୍ମିକ ପରିସ୍ଥିତିରେ ସାମ୍ନା ଲାଗି ସବୁ ସମୟ ପାଇଁ ଏକ ସାମାଜିକ ନୀତି ନିର୍ଦ୍ଧାରଣ ଆବଶ୍ୟକ। କାର୍ଯ୍ୟ କରିବା ଅଧିକାର ସମେତ ସାମାଜିକ-ଅର୍ଥନୈତିକ ଅଧିକାରଗୁଡ଼ିକ ଆମ ରାଷ୍ଟ୍ର ପରିଚାଳନା ପାଇଁ ଉଦ୍ଦିଷ୍ଟ ନୀତି ନିର୍ଦ୍ଦେଶାବଳୀର ଏକ ଅଂଶବିଶେଷ। ୨୦୦୫ରେ ଜାତୀୟ ଗ୍ରାମୀଣ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ପ୍ରଣୟନ କରି ପାର୍ଲାମେଣ୍ଟ ଦେଶର ନାଗରିକମାନଙ୍କ ଜୀବିକା ସୁନିଶ୍ଚିତ କରିଥିଲା। ଏହି ଆଇନ ବଳରେ ମେଶିନ ବଦଳରେ ଲୋକଙ୍କୁ ହାତରେ କାମ କରିବା ପାଇଁ ସୁଯୋଗ ସୃଷ୍ଟିର ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସମାନତାର ଗଣତାନ୍ତ୍ରିକ ମାନଦଣ୍ଡ ଅଧୀନରେ ଦାନରେ ବଞ୍ଚିବା ଶ୍ରମିକଙ୍କ ଆତ୍ମସମ୍ମାନକୁ ନ୍ୟୂନ କରିଦେଉଛି। ତେଣୁ ଶ୍ରମିକମାନେ ଯେପରି ଆତ୍ମସମ୍ମାନର ସହ ଜୀବନ ବିତାଇବେ ସେଥିପାଇଁ ସରକାର ଉପଯୁକ୍ତ ବ୍ୟବସ୍ଥା କରିବା ଉଚିତ ବୋଲି ମତ ପ୍ରକାଶ ପାଇବାରେ ଲାଗିଛି।



କାନ୍‌ସାସର ଟୋପେକାରେ ଲକ୍‌ଡାଉନ୍ ଚାଲିଥିବାବେଳେ ସୂର୍ଯ୍ୟାସ୍ତ ବେଳର ଜନଶୂନ୍ୟ ରାସ୍ତାରେ ସ୍ୱଟ୍‌ଲାଇଟ୍‌ର ଅନୁମତିକୁ ଅପେକ୍ଷା କରିଛି ଏକ କାର୍।

## ଅଗଷ୍ଟ ୧ରୁ କଲେଜ ପାଠପଢ଼ା

### ବିଶ୍ୱବିଦ୍ୟାଳୟ ପାଇଁ ୟୁଜିସିର ନୂଆ ଗାଇଡ୍‌ଲାଇନ

ନୂଆଦିଲ୍ଲୀ,୨୯।୪: ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ୨୦୨୦-୨୧ ଶିକ୍ଷାବର୍ଷ ଲାଗି ବୁଧବାର ନୂଆ ଗାଇଡ୍‌ଲାଇନ ଜାରି କରିଛି। ଏହି ଗାଇଡ୍‌ଲାଇନ ଅନୁଯାୟୀ ପୁରୁଣା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଅଗଷ୍ଟ ୧ରୁ ଆରମ୍ଭ ହେବାକୁ ଥିବାବେଳେ ନୂଆ ପିଲାଙ୍କ ପାଇଁ ଶିକ୍ଷାଦାନ ସେପ୍ଟେମ୍ବର ୧ରୁ ଆରମ୍ଭ ହେବ। ନୂତନ ଶିକ୍ଷାବର୍ଷ ଲାଗି କଲେଜ ଓ ବିଶ୍ୱବି୍ୟାଳୟରେ ନାମଲେଖା ଅଗଷ୍ଟ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। କରୋନା ସଂକ୍ରମଣ ଯୋଗୁ ଅଟକି ରହିଥିବା ପରୀକ୍ଷା ଜୁଲାଇ ଓ ଅଗଷ୍ଟ ମାସରେ କରିବାକୁ କୁହାଯାଇଛି।

ସେହିପରି କମ୍ ସମୟ ମଧ୍ୟରେ ପରୀକ୍ଷା ସାରିବା ପାଇଁ ବିଶ୍ୱବିଦ୍ୟାଳୟ ଚାହିଁଲେ ବିକଳ୍ପ ତଥା ସରଳ ପଦ୍ଧତି ଆପଣାଇପାରିବେ। ଏଥିପାଇଁ ପରୀକ୍ଷା ସମୟ ୩ ଘଣ୍ଟାରୁ ୨ ଘଣ୍ଟାକୁ କମାଯାଇପାରିବ। ଏଥିସହିତ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ପରୀକ୍ଷାରେ କୋହଳ କରାଯିବ। ଏହି ଗାଇଡ୍‌ଲାଇନ ବିଶ୍ୱବିଦ୍ୟାଳୟ ପାଇଁ ପ୍ରସ୍ତାବ ସ୍ୱରୂପ। ସେମାନେ ଆବଶ୍ୟକତା ଓ ପରିସ୍ଥିତିକୁ ଲକ୍ଷ୍ୟ କରି ବ୍ୟବସ୍ଥା ଗ୍ରହଣ କରିବାକୁ ୟୁଜିସି ପକ୍ଷରୁ ପରାମର୍ଶ ଦିଆଯାଇଛି। ଦୁଇଟି ବିଶେଷଜ୍ଞ କମିଟିର ସୁପାରିସ ଆଧାରରେ ଏହି ଗାଇଡ୍‌ଲାଇନ ଜାରି ହୋଇଛି। ୬ ଦିନିଆ ସପ୍ତାହ ଢାଞ୍ଚା ଆପଣାଇବା ସହ ଅନଲାଇନ ଶିକ୍ଷା ଓ ଭିଡିଓ କନ୍‌ଫରେନ୍ସ ସୁବିଧା ଉପଲବ୍ଧ କରାଇବାକୁ ବିଶ୍ୱବିଦ୍ୟାଳୟକୁ ପରାମର୍ଶ ଦିଆଯାଇଛି। ସମସ୍ତ ଶିକ୍ଷକଙ୍କୁ ଟେକ୍‌ନୋଲୋଜି ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ଫଳରେ ସେମାନେ ପାଠ୍ୟକ୍ରମର ୨୫ ପ୍ରତିଶତ ଅନ୍‌ଲାଇନରେ ଶିକ୍ଷା ଦେଇପାରିବେ। ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ଗାଇଡ୍‌ଲାଇନରେ ପରିବର୍ତ୍ତନ, ସଂଶୋଧନ କରିବା ଲାଗି ଅନୁମତି ପ୍ରଦାନ କରାଯାଇଛି।

## ୩୭୦ ଉଚ୍ଛେଦ ପରେ ପ୍ରଥମ
## ପୋଲିସ ଗୁଳିରେ ମହିଳା ଗୁରୁତର

ଶ୍ରୀନଗର,୨୯।୪: ୩୭୦ ଧାରା ଉଚ୍ଛେଦର ଦୀର୍ଘ ୮ ମାସ ପରେ ପ୍ରଥମ ଥର ଲାଗି ପୋଲିସ କଶ୍ମୀରବାଦୀଙ୍କ ଉପରେ ବୁଧବାର ଗୁଳିମାଡ଼ କରିଛି। ଏଥିରେ ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡ଼ିଛି। ଏନ୍‌କାଉଣ୍ଟରରେ ନିହତ ଜେହାଦିଙ୍କ ଶବ ଆଣିବା ଲାଗି ପୋଲିସ ଦକ୍ଷିଣ କଶ୍ମୀରର ସୋପିଆନ୍ ନିକଟ ମେଲ୍‌ହୋରାରେ ପହଞ୍ଚିବା ପରେ ସ୍ଥାନୀୟ ଲୋକମାନେ ଟେକାପଥର ମାଡ଼କରିବା ସହ ସେମାନଙ୍କୁ ବାଧା ଦେଇଥିଲେ। ଫଳରେ ଅଲ୍ କାଏଦା ସମର୍ଥିତ ଆତଙ୍କବାଦୀ ବୁର୍ହାନ୍ ମଜିଦ୍ କୋକାଙ୍କ ଶବ ଆଣିବା ଲାଗି ପୋଲିସକୁ ଗୁଳିମାଡ଼ କରିବାକୁ ପଡ଼ିଥିଲା। ଗୁଳିମାଡ଼ରେ ସ୍ଥାନୀୟ ମହିଳା ଶାହନୱାଜ୍ କୋକା ଗୁରୁତର ହୋଇପଡ଼ିଥିଲେ। ତାଙ୍କର ଦୁଇଗୋଡ଼ରେ ଗୁଳି ବାଜିଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ଏକାଧିକ କଶ୍ମୀରବାସୀଙ୍କ ଜେହାଦୀଙ୍କ ପ୍ରତି ସମର୍ଥନ ରହିଆସିଛି। ପୋଲିସ ଓ ସେନା ପକ୍ଷରୁ ଆତଙ୍କବାଦୀ ଦମନ କାର୍ଯ୍ୟ ଜାରି ରହିଥିବା ବେଳେ ସ୍ଥାନୀୟ ଲୋକଙ୍କ ଆତଙ୍କବାଦୀଙ୍କୁ ଏଭଳି ସମର୍ଥନ ପରିସ୍ଥିତିକୁ ବିଗାଡ଼ି ଦେଉଛି। ଫଳରେ ପୋଲିସକୁ ବାଧହୋଇ ଏଭଳି ପନ୍ଥା ଅବଲମ୍ବନ କରିବାକୁ ପଡୁଛି।

## କୋଭିଡ୍ କୋରଡ଼ା

- ସଂକ୍ରମିତଙ୍କ ସଂଖ୍ୟା ୩୨,୮୯୧କୁ ବୃଦ୍ଧି
- ଜୀବନ ହାରିଲେଣି ୧,୦୭୭ ବ୍ୟକ୍ତି
- ମହାରାଷ୍ଟ୍ର, ଗୁଜରାଟ ସ୍ଥିତି ଜଟିଳ

ନୂଆଦିଲ୍ଲୀ,୨୯।୪: ଭାରତରେ କରୋନା ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ବୁଧବାର ସଂକ୍ରମିତଙ୍କ ସଂଖ୍ୟା ୩୨,୮୯୧କୁ ବୃଦ୍ଧି ପାଇଥିବା ବେଳେ ୧,୦୭୭ ଜଣଙ୍କ ଜୀବନ ଗଲାଣି। ମହାରାଷ୍ଟ୍ର ଓ ଗୁଜରାଟରେ ସ୍ଥିତି ଜଟିଳ ହେବାରେ ଲାଗିଛି। ଯଦିଓ ୮,୩୮୯ ଜଣ ସଂକ୍ରମିତ ବ୍ୟକ୍ତି ସୁସ୍ଥହୋଇ ଘରକୁ ଫେରିଛନ୍ତି, ତଥାପି ପ୍ରତିଦିନ ଶହ ଶହ ରୋଗୀ ସୃଷ୍ଟିହେବା ପରିସ୍ଥିତିକୁ ଗମ୍ଭୀର କରିପକାଇଛି।

ମହାରାଷ୍ଟ୍ରରେ ଏବେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ୯,୯୧୫ରେ ପହଞ୍ଚିଛି। ଏଠାରେ ମୃତ୍ୟୁସଂଖ୍ୟା ୪୩୨କୁ ବୃଦ୍ଧିପାଇଛି। କେବଳ ବୁଧବାର ଏହି ରାଜ୍ୟରେ ପ୍ରାୟ ୬୦୦ ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ଏଠାରେ ୩୨ ମୁଣ୍ଡ ଗଡ଼ିଛି। ଗୁଜରାଟ ସ୍ଥିତି ପୂର୍ବାପେକ୍ଷା ଜଟିଳ ସ୍ଥିତିରେ ପହଞ୍ଚିଛି। ଗୋଟିଏ ଦିନରେ ଏଠାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦୦ ଉପରେ ରହିଛି। ରାଜ୍ୟରେ ଏବେ ମୋଟ ୪,୦୮୨ ରୋଗୀ ଥିବାବେଳେ ୧୯୭ ଜଣ ପ୍ରାଣ ହରାଇଲେଣି। ରାଜଧାନୀ ଦିଲ୍ଲୀରେ ୩,୩୧୪, ମଧ୍ୟପ୍ରଦେଶରେ ୨,୫୬୦, ରାଜସ୍ଥାନରେ ୨,୩୯୩, ତାମିଲନାଡୁରେ ୨,୧୬୨, ଉତ୍ତରପ୍ରଦେଶରେ ୨,୧୩୪, ଆନ୍ଧ୍ରପ୍ରଦେଶରେ ୧,୩୩୨, ତେଲଙ୍ଗାନାରେ ୧,୦୧୬ କରୋନା ପଜିଟିଭ ଥିବା ଜଣାପଡ଼ିଛି। ଏହି ପ୍ରାଣଘାତୀ ଭୂତାଣୁ ମୁଣ୍ଡ ପରେ ମୁଣ୍ଡ ଗଡ଼ାଇ ଚାଲିଥିବାରୁ ଲୋକଙ୍କ ମନରେ ଆତଙ୍କ ଖେଳିଯାଇଛି। ଅଦ୍ୟାବଧି ମଧ୍ୟପ୍ରଦେଶରେ ୧୩୦, ଦିଲ୍ଲୀରେ ୫୪, ତାମିଲନାଡୁରେ ୨୭, ରାଜସ୍ଥାନରେ ୫୫, ଉତ୍ତରପ୍ରଦେଶରେ ୩୯, ଆନ୍ଧ୍ରପ୍ରଦେଶରେ ୩୧, ତେଲଙ୍ଗାନାରେ ୨୫, ପଶ୍ଚିମବଙ୍ଗରେ ୨୨ ଲୋକଙ୍କ ପ୍ରାଣହାନି ଘଟିଛି। ବୁଧବାର କେବଳ ୧,୫୩୨ ନୂଆ ମାମଲା ସାମ୍ନାକୁ ଆସିଛି। କରୋନା ରୋଗୀଙ୍କ ଚିକିତ୍ସା ସରକାରଙ୍କ ଲାଗି ମୁଣ୍ଡବ୍ୟଥା ବଢ଼ାଇଦେଇଛି। ଏଭଳି ରୋଗୀସଂଖ୍ୟା ବଢ଼ିଚାଲିଲେ, ଆଗକୁ ପରିସ୍ଥିତି ବିଗିଡ଼ିଯିବାର ଆଶଙ୍କା ରହିଛି। ପ୍ରବାସୀମାନେ ଫେରିବା ପରେ ପୁଣି ସ୍ଥିତି ବିଗିଡ଼ିବା ସମ୍ଭାବନା ରହିଛି। ଏଥିଲାଗି



ସଚେତନତା ପାଇଁ ଯମ ବେଶ

ପ୍ରସ୍ତୁତି ଜୋର୍ ଧରିଥିବା ବେଳେ ଦିନକୁଦିନ ନୂଆ ରୋଗୀ ବାହାରିବା ଓ ଲୋକମାନେ ସଚେତନ ନ ହେବା ସମସ୍ୟା ସୃଷ୍ଟିକରିଛି। ସାମାଜିକ ଦୂରତ୍ୱ ରକ୍ଷାକରିବା ଛଡ଼ା ଅନ୍ୟ ଉପାୟ ନାହିଁ। କରୋନାର ସଫଳ ଚିକିତ୍ସା ଲାଗି ଅଦ୍ୟାବଧି କୌଣସି ଔଷଧ ବାହାରି ନ ଥିବାବେଳେ ସରକାରଙ୍କ ଚିନ୍ତା ବଢ଼ିଚାଲିଛି।

## କରୋନା ଟିକା ପ୍ରସ୍ତୁତି ଉଦ୍ୟମ

ନୂଆଦିଲ୍ଲୀ,୨୯।୪: ଆଇଆଇଟି ଗୁଆହାଟୀ ଏବଂ ଅହମଦାବାଦର ଔଷଧ କମ୍ପାନୀ ହେଷ୍ଟର ବାୟୋସାଇନ୍ସେସ୍ ଲିମିଟେଡ୍ ମିଳିତ ଭାବେ କରୋନା ଟିକା ପ୍ରସ୍ତୁତି ଲାଗି ଅଣ୍ଟା ଭିଡ଼ିଛନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ଏହି ଟିକା ପ୍ରସ୍ତୁତ ହେବା ଆଶା କରାଯାଉଛି। ଖୁବ୍‌ଶୀଘ୍ର ପ୍ରାଣୀ ଦେହରେ ଏହାର ପରୀକ୍ଷା ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ଆଇଆଇଟି ଗୁଆହାଟୀର ବାୟୋସାଇନ୍ସେସ ଓ ବାୟୋ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ସଚିନ କୁମାରଙ୍କ ନେତୃତ୍ୱରେ ଗଠିତ ଟିମ୍ ସ୍ୱାଇନ୍ ଫ୍ଲୁ ଏବଂ ଜାପାନିଜ୍ ଏନ୍‌ସେଫାଲାଇଟ୍ସ ପାଇଁ ଟିକା ପ୍ଲାଟଫର୍ମ ଆଧାରରେ ରିକମ୍ବିନାଣ୍ଟ ଏଭିଆନ୍ ପାରାମାଇକ୍ସୋଭାଇରସ୍-୧ ପ୍ରସ୍ତୁତ କରିଛି। ଟିକା ପ୍ରସ୍ତୁତି ଲାଗି ଦୁଇ ସଂସ୍ଥା ମଧ୍ୟରେ ଗତ ୧୫ରେ ଚୁକ୍ତିନାମା ହୋଇଥିଲା।

## ନିର୍ମାଣସ୍ଥଳୀରେ ନିଆଁ: ୩୮ ମୃତ



ସିଓଲ,୨୯।୪: ଦକ୍ଷିଣ କୋରିଆ ରାଜଧାନୀ ନିକଟ ଏକ ନିର୍ମାଣସ୍ଥଳୀରେ ବୁଧବାର ନିଆଁଲାଗି ୩୮ ଜଣଙ୍କ ଜୀବନ ଯାଇଛି। ୱେର୍‌ହାଉସ ପରିସରରେ ଅଧିକ ଲୋକ ଫସିରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସିଓଲର ଦକ୍ଷିଣ ପାର୍ଶ୍ୱରେ ଥିବା ଇଚେଓନ୍‌ଠାରେ ଏହି ୱେର୍‌ହାଉସ୍ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଘଟଣାସ୍ଥଳରେ ୧୧ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ୨୭ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ୧୦ ଜଣ ନିକଟବର୍ତ୍ତୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୪ ଜଣଙ୍କ ପତ୍ତା ମିଳୁନାହିଁ।

## ହୃଦ୍‌ରୋଗୀଙ୍କ ପାଖରେ ଔଷଧ ପହଞ୍ଚାଇଲା ସ୍ୱତନ୍ତ୍ର ଟ୍ରେନ୍

ନୂଆଦିଲ୍ଲୀ,୨୯।୪: ଜଣେ ହୃଦ୍‌ରୋଗୀଙ୍କ ଜୀବନ ବଞ୍ଚାଇବା ଲାଗି ଭାରତୀୟ ରେଳୱେ ସ୍ୱତନ୍ତ୍ର ପାର୍ସଲ ଟ୍ରେନ୍‌ରେ ଜରୁରୀ ଔଷଧ ପଠାଇବା ଚର୍ଚ୍ଚାର ବିଷୟ ହୋଇଛି। ଏହି ଟ୍ରେନ୍‌ରେ ମୁମ୍ବାଇରୁ ଚିପ୍‌ଲୁନ୍‌କୁ ଔଷଧ ପଠାଯାଇଥିବା ରେଲୱେର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ରେଲୱେ ପାର୍ସଲ ଅଫିସ ବିକ୍ରୋଲିରୁ ଔଷଧ ସଂଗ୍ରହ କରି ଏହାକୁ ଓଖା-ଏର୍ନାକୁଲମ ଟ୍ରେନ୍‌ରେ ପଠାଇଥିଲା। ଏହି ଟ୍ରେନ୍‌ରେ ଚିପ୍‌ଲନରେ ରହିବା ବ୍ୟବସ୍ଥା ନ ଥିବାରୁ ରେଲୱେ କର୍ତ୍ତୃପକ୍ଷ କୋଙ୍କଣ ଅଧିକାରୀଙ୍କ ସହ କଥା ହୋଇ ପାର୍ସଲ ପହଞ୍ଚାଇବା ଲାଗି ସ୍ୱଳ୍ପ ସମୟ ଅଟକିବାକୁ ଅନୁରୋଧ କରିଥିଲେ। ଉକ୍ତ ଔଷଧ ପାର୍ସଲ ଚୁପ୍‌ଡୁନ୍ ଷ୍ଟେଶନ ମାଷ୍ଟରଙ୍କୁ ହସ୍ତାନ୍ତର କରାଯାଇଥିଲା।

## ପଦାକୁ ଆସିଲା ଅଷ୍ଟ୍ରେଲିଆ ପ୍ରତି ଚାଇନା ମନୋଭାବ

### କରୋନାର ମୂଳ ଖୋଜିବାକୁ କହିବାରୁ ବାଣିଜ୍ୟ ସମ୍ପର୍କ ତୁଟାଇବାକୁ ଧମକ

କାନ୍‌ବେରା,୨୯।୪: ଅଷ୍ଟ୍ରେଲିଆ ପ୍ରତି ଚାଇନା ସରକାରଙ୍କ ବାସ୍ତବ ମନୋଭାବ ଜଣାପଡ଼ିଯାଇଛି। ଚାଇନାର ଅସଲ ମୁଖାକୁ ଖୋଲିଦେଇଛନ୍ତି ଏହାର ରାଷ୍ଟ୍ରଦୂତ ଚେଙ୍ଗ୍ ଜିଙ୍ଗ୍‌ୟେ। ଅଷ୍ଟ୍ରେଲିଆର ସାର୍ବଭୌମତ୍ୱକୁ ଦୁର୍ବଳ କରିବା ଲାଗି ଚାଇନାର କମ୍ୟୁନିଷ୍ଟ ପାର୍ଟି ଦୀର୍ଘବର୍ଷ ଧରି ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ କରିଆସୁଛି। ହେଲେ ଚାଇନା ଶାସକ ସବୁବେଳେ ଅଷ୍ଟ୍ରେଲିଆକୁ ବନ୍ଧୁ ରାଷ୍ଟ୍ର କହିଆସୁଥିଲେ। ୨୦୧୪ରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଅଷ୍ଟ୍ରେଲିଆ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ କହିଥିଲେ, ଦୁଇ ଦେଶ ଉଭୟ ଭଲ ଓ ଖରାପ ସମୟରେ



ଚେଙ୍ଗ୍ ଜିଙ୍ଗ୍‌ୟେ

ଉତ୍ତମ ପଡୋଶୀ ରହିବା ଉଚିତ। ଏବେ ଚାଇନା ସୃଷ୍ଟ ମହାମାରୀ ପାଇଁ ଖରାପ ସମୟ ଆମ ସହ ରହିଛି ବୋଲି ରାଷ୍ଟ୍ରଦୂତ ଚେଙ୍ଗ୍ କହିବା ସହ ବାଣିଜ୍ୟ ବର୍ଜନ ଲାଗି ଅଷ୍ଟ୍ରେଲିଆକୁ ଖୋଲା ଧମକ ଦେଇଛନ୍ତି।

ବନ୍ଧୁ ରାଷ୍ଟ୍ର ସହ ବାଣିଜ୍ୟ ସମ୍ପର୍କ ଛିନ୍ନ ଲାଗି ଚାଇନା ଧମକ ଦେବା ପଛର ମୁଖ୍ୟ କାରଣ ହେଲା କରୋନା ମହାମାରୀର ମୂଳ ଖୋଜି ବାହାର କରିବା ଲାଗି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ ଗତ ସପ୍ତାହରେ ପ୍ରସ୍ତାବ ଦେଇଥିଲେ। ଅଷ୍ଟ୍ରେଲିଆ ଏବେ ଯାହା କରୁଛି ସେଥିରେ ଚାଇନା ଜନସାଧାରଣ ନିରାଶ ଓ ଅସନ୍ତୁଷ୍ଟ ବୋଲି ଏକ ସାକ୍ଷାତ୍‌କାରରେ ଚେଙ୍ଗ୍ କହିଛନ୍ତି। ଯଦି ମନୋଭାବ ଅଧିକ ଖରାପ ହୁଏ ତେବେ ସେଭଳି ଦେଶକୁ କାହିଁକି ଯିବା ନେଇ ଚାଇନାବାସୀ ଚିନ୍ତା କରିବେ। ପର୍ଯ୍ୟଟକ ଅଷ୍ଟ୍ରେଲିଆ ଯିବାକୁ ଚାହିଁବେ ନାହିଁ। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଅଷ୍ଟ୍ରେଲିଆ ପଠାଇବାକୁ ଇଚ୍ଛା କରିବେ ନାହିଁ ବୋଲି ଚାଇନା ରାଷ୍ଟ୍ରଦୂତ କହିଛନ୍ତି। ଆମେରିକା ସହ ମିଶି ଅଷ୍ଟ୍ରେଲିଆ ଚାଇନା ବିରୋଧରେ ରାଜନୈତିକ ପ୍ରଚାର ଅଭିଯାନ ଆରମ୍ଭ କରିଥିବା ସେ ଅଭିଯୋଗ କରିଛନ୍ତି। ଅଷ୍ଟ୍ରେଲିଆର ଏଭଳି ଚିନ୍ତାଧାରା ବିପଜ୍ଜନକ ହେବ ବୋଲି ଚେଙ୍ଗ୍ ସତର୍କ କରାଇଦେଇଛନ୍ତି।




ନ୍ୟୁୟର୍କର ଏନ୍‌ୱାଇୟୁ ଲାଙ୍ଗୋନ୍ ମେଡିକାଲ ସେଣ୍ଟରରେ କରୋନା ଯୋଦ୍ଧାଙ୍କ ସମ୍ମାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ।

## ସଂକ୍ଷେପରେ

### ୧୩ କ୍ୱାରାଣ୍ଟାଇନ କେନ୍ଦ୍ର ଲାଗି ୩୦ଲକ୍ଷ ଖର୍ଚ୍ଚ

**କାକଟପୁର,୨୯।୪(ଡି.ଏନ.ଏ.):** ଲକଡାଉନ ଅବଧି ବଢ଼ିବା ପରେ ବାହାର ରାଜ୍ୟରେ ଥିବା ଓଡ଼ିଆମାନେ ନିଜ ଗ୍ରାମକୁ ଫେରିବାରେ ଲାଗିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରତି ପଞ୍ଚାୟତାରେ କ୍ୱାରାଣ୍ଟାଇନ କେନ୍ଦ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପ୍ରତି ସରପଞ୍ଚଙ୍କୁ ୫ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ କରି ୨୦ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ କରିବା ପାଇଁ କହିଛନ୍ତି। ଏହି କ୍ଷେତ୍ରରେ ଗତ ୨୪ତାରିଖ ସୁଦ୍ଧା କାକଟପୁର ବ୍ଲକରେ ୧୩ଟି କ୍ୱାରାଣ୍ଟାଇନ କେନ୍ଦ୍ର ଲାଗି ୩୦ଲକ୍ଷ ଖର୍ଚ୍ଚ ହୋଇଥିବା ରିପୋର୍ଟ ଆସିଛି। ଏହି ରିପୋର୍ଟରେ ବ୍ଲକର ମୋଟ ୧୬ଟି ପଞ୍ଚାୟତ ମଧ୍ୟରୁ ୧୨ଟି ପଞ୍ଚାୟତ ଦେଇଥିବା ହିସାବରୁ କୁଣ୍ଡେଇ ପଞ୍ଚାୟତ ୫ଲକ୍ଷ ୧୪ ହଜାର୧୩୦ଟଙ୍କା ସର୍ବାଧିକ ଅର୍ଥ ଖର୍ଚ୍ଚ କରିଥିବାବେଳେ ନାସିକେଶ୍ୱର ପଞ୍ଚାୟତ୧ଲକ୍ଷ ୬୦ହଜାର ୩୪୦ଟଙ୍କା ସବୁଠୁ କମ ଖର୍ଚ୍ଚ କରିଥିବା ଜଣାପଡ଼ିଛି।

### କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

**ବାଲିଅନ୍ତା,୨୯।୪(ଡି.ଏନ୍.ଏ.):** କରୋନା ଯୋଗୁ ସମଗ୍ର ଦେଶ ଲକଡାଉନ ଥିବାବେଳେ ପୋଲିସ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି ଓ ଗଣମାଧମ କର୍ମଚାରୀମାନେ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଏଥିପାଇଁ ଭାଜପା ଭିଙ୍ଗାରପୁର ମଙ୍ଗଳ ପକ୍ଷରୁ ଏହି କରୋନା ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଅନ୍ତା ଥାନା ଅଧିକାରୀ ପ୍ରଦୀପ କୁମାର ରାଉତ, ଡା.ବନୋଜ ଦାଶ ଓ ଅଙ୍ଗନବାଡି କର୍ମୀ ବୀଣାପାଣି ଦାସଙ୍କୁ ଧନ୍ୟବାଦ ପତ୍ର ଦେବାସହ ସମ୍ବର୍ଦ୍ଧିତ କରାଯାଇଥିଲା। ଭିଙ୍ଗାରପୁର ମଣ୍ଡଳ ଭାଜପା ସଭାପତି ସଞ୍ଜୟ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ନନ୍ଦକିଶୋର ଦାସ, ସୌମ୍ୟରଞ୍ଜନ ଦାଶ, ଯଶୋବନ୍ତ ପଟ୍ଟନାୟକ, ଅନ୍ତର୍ଯାମୀ ପଣ୍ଡା ଓ ସାମାଜିକ କର୍ମୀ ପବିତ୍ର କର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଗ୍ରାମାଞ୍ଚଳରେ ଅନ୍ୟ କରୋନା ଯୋଦ୍ଧାଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ ବୋଲି ସଭାପତି କହିଛନ୍ତି।

### ଖବର କାଗଜ ବିତରକଙ୍କୁ ସହାୟତା



**କଟକ ଅଫିସ୍,୨୯।୪:** କଟକ ସହରରେ ଖବର କାଗଜ ବିତରକ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ମୋକିମ୍ ଫାଉଣ୍ଡେଶନ୍ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଲକ୍‌ଡାଉନ୍ ଯୋଗୁ ବିତରକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଫାଉଣ୍ଡେଶନ୍ ପକ୍ଷରୁ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ବଣ୍ଟନ କରାଯାଇଛି। ବକ୍ସିବଜାର ନିକଟରେ ଫାଉଣ୍ଡେଶନ ଟ୍ରଷ୍ଟି ମହମ୍ମଦ ଆଲିମ୍ ଅତ୍ୟାବଶ୍ୟକ ସାମଗ୍ରୀ ଥିବା ପ୍ୟାକେଟ ଯୋଗାଇ ଦେଇଥିଲେ।

# ରେଭେନ୍ସା ୨ୟ କ୍ୟାମ୍ପସକୁ ନେଇ ବିବାଦ

କଟକ ଅଫିସ,୨୯।୪



■ଖରସୁଆ ନାଳ ଉପରେ ବେଆଇନ ନିର୍ମାଣ ଅଭିଯୋଗ
■ସ୍ଥିତି ଅନୁଧ୍ୟାନ କଲେ ସିଡିଏ, ଡ୍ରେନେଜ ବିଭାଗ ଅଧିକାରୀ
■ଭଙ୍ଗାଯାଇପାରେ ପାଚେରି

ରେଭେନ୍ସା ବିଶ୍ୱବିଦ୍ୟାଳୟ ବିରୋଧରେ ଉଠିଛି ସାଂଘାତିକ ଅଭିଯୋଗ। ନରାଜଠାରେ ନିର୍ମାଣ ଆରମ୍ଭ ହୋଇଥିବା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ବେଆଇନ ଭାବେ ପାଚେରି ନିର୍ମାଣ କରାଯାଇଛି। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ନିୟମ ଓ ହାଇକୋର୍ଟଙ୍କ ଆଦେଶକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରାଯାଇ ଖରସୁଆ ନାଳ ଉପରେ ପାଚେରି ହୋଇଥିବାରୁ ପ୍ରାକୃତିକ ସମ୍ପତ୍ତି ଜବରଦଖଲ କରାଯାଇଛି ବୋଲି ସେକ୍ଟର-୧୩ ଆବାସିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। କାଠଯୋଡ଼ି ନଦୀରୁ ବନ୍ୟା ଜଳ ମହାନଦୀକୁ ନିଷ୍କାସନ କରିବାରେ ବ୍ୟବହୃତ ହେଉଥିବା ଖରସୁଆ ଏବେ ପୋତି ହୋଇପଡ଼ିଛି। ଫଳରେ ଅବରୋଧ କରିଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ପାଚେରି ଭଙ୍ଗା ନ ଗଲେ ଆଗାମୀ ଦିନରେ ଏହାର ପ୍ରଭାବ ସିଡିଏର ବିଭିନ୍ନ ସେକ୍ଟର ସମେତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲୟୁ), ରେଭେନ୍ସା ବିଶ୍ୱବିଦ୍ୟାଳୟ ଉପରେ ପଡ଼ିବ। କାଠଯୋଡ଼ି ଜଳପତନ ବୃଦ୍ଧି ପାଇଲେ ସିଡିଏର ବିଭିନ୍ନ ସ୍ଥାନ ଜଳମଗ୍ନ ହେବ। ଏ ନେଇ ଅଭିଯୋଗ ପରେ ବୁଧବାର ସିଡିଏ ଏବଂ ଡ୍ରେନେଜ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଖରସୁଆ ହେଉଛି ବହୁ ପୁରାତନ ନାଳ। ଏହି ନାଳର ଲମ୍ବ ପ୍ରାୟ ୨.୫ କିମି। ବର୍ଷର ଅନେକ ଦିନ ଶୁଷ୍କ ରହୁଥିବା ଏହି ନାଳ ମୁଖ୍ୟତଃ କାଠଯୋଡ଼ି ନଦୀରୁ ବନ୍ୟା ଜଳ ନିଷ୍କାସନ କରିବାରେ ବ୍ୟବହୃତ ହୁଏ। ପୂର୍ବରୁ ଅନେକ ଥର କାଠଯୋଡ଼ି ନଦୀରୁ ବନ୍ୟାଜଳ ନିଷ୍କାସନ କରିବାରେ ଖରସୁଆ ନାଳର ଭୂମିକା ରହିଛି। ତେବେ ଏହି ନାଳଟି ସିଡ଼ିଏର ସେକ୍ଟର-୧୪ ଓ ସେକ୍ଟର-୧୫ ଅଞ୍ଚଳ ଦେଇଯାଇଛି। ସେକ୍ଟର-୧୪ର ଅର୍ଦ୍ଧାଧିକ ଭାଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ଓ ସେକ୍ଟର-୧୫ର ଅଧିକାଂଶ ଭାଗରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ରହିଛି। ଏହାଛଡ଼ା ଗଡ଼ି ଉଠୁଥିବା ସେକ୍ଟର-୧୩ ଅଞ୍ଚଳର ସୀମାରେଖାରେ ରହିଛି ଖରସୁଆ। ଏଣୁ ଖରସୁଆର ପଥ ଅବରୋଧ ହେଲେ ଏହାର ପ୍ରଭାବ ଭୟଙ୍କର ଭାବେ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ବର୍ତ୍ତମାନ ପରିସ୍ଥିତିରେ ପ୍ରାୟ ୮କୋଟି ଟଙ୍କା ବ୍ୟୟରେ ପାଚେରି ଓ କିଛି ରାସ୍ତା ନିର୍ମାଣ ସରିଛି। ପ୍ରାଥମିକ କାର୍ଯ୍ୟ ନିମନ୍ତେ ୧୦କୋଟି ଟଙ୍କାର ବଜେଟ ଧାର୍ଯ୍ୟ ହୋଇଥିବା ବେଳେ ବଳକା ଟଙ୍କାରେ ଦ୍ୱିତୀୟ କ୍ୟାମ୍ପସ ପରିସର ବିକାଶରେ ଖର୍ଚ୍ଚ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ନିର୍ମାଣ ନିମନ୍ତେ ୨୪ କୋଟି ଟଙ୍କା ଅନୁଦାନ ମିଳିଛି। ଆଗାମୀ ଦିନରେ ଏଠାରେ ପାଚେରି ଭଙ୍ଗା ନ ହେଲେ ଭୟଙ୍କର ପରିସ୍ଥିତି ଉପୁଜିବ ବୋଲି ଆବାସିକ ସଂଘ ସମ୍ପାଦକ ସୋମ ପଟ୍ଟନାୟକ କହିଛନ୍ତି।

# ଆନ୍ଧ୍ରରୁ ସାଇକେଲରେ ଗାଁକୁ ଫେରିଲେ ୭ ଶ୍ରମିକ

ବ୍ରହ୍ମଗିରି,୨୯।୪(ଡି.ଏନ.ଏ)

**ବ୍ରହ୍ମଗିରି ପର୍ଯ୍ୟନ୍ତ ୭୫୦ କି.ମି.କୁ ଲାଗିଲା ୭ ଦିନ**

ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ୭ଜଣ ଶ୍ରମିକ ଗାଁ ଛାଡ଼ି ଆନ୍ଧ୍ରପ୍ରଦେଶକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। କିନ୍ତୁ ସେମାନଙ୍କ ପାଇଁ ଦୁର୍ଦ୍ଦଶା ଆଣିଲା କରୋନା। ମାସେ ହେଲା ସାରା ଦେଶ ଲକ୍‌ଡାଉନ। ଏଥିଯୋଗୁ ଶିଳ୍ପ, କାରଖାନା ଓ ଜୀବନଜୀବିକଲ୍ପପ୍ରବୁ ଠପ୍ ହୋଇପଡ଼ିଛି। ଫଳରେ ସେମାନେ କାମଧନ୍ଦା ହରାଇବା ସହ ରୋଜଗାର ବନ୍ଦ ହୋଇଯିବାରୁ ବହୁ କଷ୍ଟରେ କିଛିଦିନ ଚଳିବା ପରେ ନିଜ ଭିଟାମାଟିକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସାଇକେଲ ଯୋଗେ ଏହି ୭ଜଣ ଶ୍ରମିକ ଆନ୍ଧ୍ରପ୍ରଦେଶରୁ ଓଡ଼ିଶାର ବିଭିନ୍ନ ଗଳାବାଟ ଦେଇ ଦୀର୍ଘ ୭୫୦ କିଲୋମିଟର ଅତିକ୍ରମ କରି ବୁଧବାର ନିଜ ଗ୍ରାମରେ ପହଞ୍ଚିଛନ୍ତି। ଏବେ ଗ୍ରାମରେ ସମସ୍ତଙ୍କୁ ଆଇସୋଲେଶନ ସେଣ୍ଟରରେ ରଖାଯାଇଛି।

ସୂଚନା ଅନୁଯାୟୀ, ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ଏହି ୭ଜଣ ଓଡ଼ିଆ ଶ୍ରମିକ ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲା ଗୁଡ଼ିଭାଡ଼ା ଅଞ୍ଚଳର ଏକ ରାଇସ୍ ମିଲରେ କାମ କରୁଥିଲେ। ଲକ୍‌ଡାଉନ ପ୍ରଭାବରୁ କାମ ବନ୍ଦ ପରେ ସେମାନଙ୍କ ପକ୍ଷେ ଚଳିବା କଷ୍ଟକର ହୋଇପଡ଼ିଥିଲା। ପାଖରେ ଥିବା ଖାଦ୍ୟ ସାମଗ୍ରୀ ଓ ପଇସାପତ୍ର ସରିଯିବାରୁ ଏମାନେ ଶେଷରେ ବାଧ ହୋଇ ନିଜ ଗାଁକୁ ଗତ ୨୩ ତାରିଖରେ ସାଇକେଲ ଯୋଗେ ବାହାରିଥିଲେ। ବୁଧବାର ଏମାନେ ନିଜ ନିଜ ଗ୍ରାମରେ ପହଞ୍ଚିଥିଲେ। ଏହି ଖବର ପାଇ ବ୍ରାହ୍ମଣିଆ, ବଡବେଣାକୁଦି, ଭୁବନପୁର ଓ ନିଆଜପୁର ଗ୍ରାମପଞ୍ଚାୟତର ସରପଞ୍ଚମାନେ ସେମାନଙ୍କୁ ନେଇ ସମ୍ପୃକ୍ତ ପଞ୍ଚାୟତରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ୧୪ଦିନ ପାଇଁ ରଖାଇବା ବ୍ୟବସ୍ଥା କରିଥିଲେ।




ଆର୍ଥିକ ସହାୟତା ଦାବି ନେଇ ବୁଧବାର ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନ ଆଗରେ ଅଟୋ ଚାଳକମାନେ ଧାରଣାରେ ବସିଛନ୍ତି।

# ସହାୟତା ପାଇଁ ରାସ୍ତାରେ ଅଟୋ ଚାଳକ

ଭୁବନେଶ୍ୱର, ୨୯।୪(ବ୍ୟୁରୋ)

ଲକଡାଉନ୍ ପାଇଁ ଲୋକଙ୍କ ଜୀବନ ଜୀବିକା ଗୁରୁତର ପ୍ରଭାବିତ ହୋଇଛି। ବିଶେଷ କରି ଅଟୋ ଚଲାଇ ପରିବାର ଭରଣପୋଷଣ କରୁଥିବା ଚାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ଅଟୋ ଚାଳକ ଋଣରେ ଅଟୋ କିଣିଛନ୍ତି। ଗୋଟିଏ ପଟେ ଋଣ ସୁଝିବା ପାଇଁ ଚିନ୍ତା ରହିଥିବାବେଳେ ଅନ୍ୟପଟେ ପରିବାର ବୋଝ ସେମାନଙ୍କର ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ସରକାରୀ ସ୍ତରରେ ଅନ୍ୟମାନଙ୍କ ସାହାଯ୍ୟ ସହଯୋଗ ମିଳୁଥିବାବେଳେ ଓଡିଶାରେ ପରିବହନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉଥିବା ଓ ନାନା ଦୁର୍ଦ୍ଦଶାରେ କାଳାତିପାତ କରୁଥିବା ଅଟୋ ଚାଳକ ଏଥିରୁ ବଞ୍ଚିତ ହେଉଛନ୍ତି। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅଟୋ ଚାଳକମାନେ ବୁଧବାର ରାସ୍ତାକୁ ଓହ୍ଲାଇ ଥିଲେ। ଭୁବନେଶ୍ୱର ଅଟୋ ମହାସଂଘ ତରଫରୁ ମାଷ୍ଟରକ୍ୟାଣ୍ଟିନ ଛକରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମହାସଂଘର କାର୍ଯ୍ୟକାରୀ ସଭାପତି ନବକିଶୋର ମହାନ୍ତି, ସାଧାରଣ ସମ୍ପାଦକ ପଦ୍ମନ କୁମାର ସାମଲ, ସମ୍ପାଦକ ସୁର ଜେନା, ବିଜୟ କୁମାର ପଟ୍ଟନାୟକ ଓ ପ୍ରଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ସରକାର ଦୁର୍ଦ୍ଦିନରେ ଥିବା ଅଟୋ ଚାଳକଙ୍କୁ ମାସିକ ଅତିକମ୍‌ରେ ୫ ହଜାର ଟଙ୍କା ପ୍ରଦାନ କରିବା ସହ ବ୍ୟାଙ୍କ ଋଣରେ ସୁଧ ନ ନେବା, ଗାଡି କାଗଜପତ୍ର ପାଇଁ ସମୟ ୬ ମାସ ବୃଦ୍ଧି କରିବା ଏବଂ ବୀମା ରାଶି ଛାଡ କରିବାକୁ ଦାବି ଜଣାଇଛନ୍ତି। ଭୁବନେଶ୍ୱରର ବିଭିନ୍ନ ସଂଘର କର୍ମକର୍ତ୍ତା ଯୋଗଦେଇ ସାମାଜିକ ଦୂରତା ରକ୍ଷା କରିବା ସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଥିଲା।

### ୨ ହଜାର ଟଙ୍କାରେ ବିକିଲେ ଚୋରି ମୋବାଇଲ୍

**ଭୁବନେଶ୍ୱର,୨୯।୪ (ବ୍ୟୁରୋ):** ମାଲବାହୀ ଟାଟା ଏସିଇରୁ ଚୋରି ମୋବାଇଲ୍ ଫୋନ୍ ବିକ୍ରି କରି ଟଙ୍କା ହଜମ କରିଥିବା ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ୟୁନିଟ ୪ ମଙ୍ଗଳା ବସ୍ତିରେ ରହୁଥିବା ବଳରାମ ବେହେରା ଓରଫ କାହ୍ନା। ସୂଚନାମୁତାବକ, ଯାଜପୁର ବରୁହାଁର ନଳିନୀକାନ୍ତ ସ୍ୱାଇଁ ଟାଟାଏସିଇରେ ମାଲ ଧରି ଗତ ସୋମବାର ଭୁବନେଶ୍ୱର ଆସିଥିଲେ। ଖାରବେଳନଗର ଥାନା ଅଞ୍ଚଳରେ ମାଲ ଖାଲି ହେଉଥିବାବେଳେ ନଳିନୀ ମୋବାଇଲ୍ ଚାର୍ଜରେ ବସାଇଥିଲେ। କାହ୍ନା ମୋବାଇଲ୍ ନେଇ ଫେରାର ହୋଇଯାଇଥିଲେ। ପୋଲିସ ୯୧/୨୦ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜକୁ ଯାଞ୍ଚ ପରେ ପୋଲିସ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଥିଲା। ସେ ଉକ୍ତ ମୋବଇଲକୁ ୨ ହଜାର ଟଙ୍କାରେ ବିକ୍ରି କରିବା ସହ ଟଙ୍କାକୁ ଖର୍ଚ୍ଚ କରିଦେଇଥିବା ସ୍ୱୀକାର କରିଥିଲେ।

# ଦିବ୍ୟାଙ୍ଗଙ୍କ ପାଇଁ କୋଭିଡ୍ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କର

ଭୁବନେଶ୍ୱର,୨୯।୪(ବ୍ୟୁରୋ)

**ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲା ସଶକ୍ତୀକରଣ ମନ୍ତ୍ରଣାଳୟ**

କରୋନା ମହାମାରୀର ପ୍ରକୋପକୁ ହ୍ରାସ କରିବା ପାଇଁ କୋଭିଡ୍ ହସ୍ପିଟାଲଗୁଡ଼ିକରେ ଏକାନ୍ତବାସ (ଆଇସୋଲେଶନ), ସଙ୍ଗରୋଧ କେନ୍ଦ୍ର(କ୍ୱାରାଣ୍ଟାଇନ ସେଣ୍ଟର), ନମୁନା ପରୀକ୍ଷା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଚିକିତ୍ସା ସୁବିଧା ରହିଛି। ଦିବ୍ୟାଙ୍ଗଙ୍କ ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକତାଠାରୁ କମ୍ ରହିଥାଏ। ତେଣୁ କୋଭିଡ୍ ହସ୍ପିଟାଲଗୁଡ଼ିକରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାର ଅଭାବ ଯୋଗୁ ସେମାନେ ଆହୁରି ଅସୁବିଧାରେ ପଡ଼ିବା ସମ୍ଭାବନା ରହିଛି। ସେମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ସଚିବ ଶକୁନ୍ତଳା ଡି. ଗାମ୍‌ଲିନ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମୁଖ୍ୟ ଶାସନସଚିବଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାରମାନେ ଦିବ୍ୟାଙ୍ଗଙ୍କ ପାଇଁ ଅଧିକ ଯତ୍ନବାନ ହେବା ସହ ଚକଲଗା ଗାଡ଼ି ବ୍ୟବହାର କରୁଥିବା ଦିବ୍ୟାଙ୍ଗଙ୍କୁ ହାତ ପାହାନ୍ତାରେ ସାନିଟାଇଜର, ସାବୁନ, ବେସିନ ଯୋଗାଇ ଦେବା ଦରକାର। ରେଲିଂ ସହ ର୍‍ୟାମ୍ପ ବ୍ୟବସ୍ଥା, ସରଳ ଓ ରେଖାଙ୍କିତ ପଦ୍ଧତିରେ ବିଭିନ୍ନ ଆବଶ୍ୟକ ସାମଗ୍ରୀର ଚିତ୍ର ରହିବା ସହ କମ୍ ଉଚ୍ଚତା ବିଶିଷ୍ଟ ରିସେପ୍ସନ୍ ଓ ଫାର୍ମାସୀ କାଉଣ୍ଟର, ଡାକବାଜି ଯନ୍ତ୍ର ଯୋଗେ ବିଭିନ୍ନ ସୂଚନା ଆଦି ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ମାନସିକ ରୋଗୀ କୋଭିଡ-୧୯ରେ ଆକ୍ରାନ୍ତ ହୋଇଥିବେ ତାଙ୍କ ସହାୟକଙ୍କ ପାଇଁ ରୋଗୀଙ୍କ ପ୍ରକୋଷ୍ଠକୁ ଲାଗି ସ୍ୱତନ୍ତ୍ର କ୍ୟାବିନ ବ୍ୟବସ୍ଥା କରିବାକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଏକାଧିକ ଚୋରି, ୨ ଗିରଫ

ଭୁବନେଶ୍ୱର,୨୯।୪ (ବ୍ୟୁରୋ)

ଖାରବେଳନଗର ଓ ଖଣ୍ଡଗିରି ଥାନା ଅଞ୍ଚଳରେ ୨ଟି ଚୋରି ଘଟଣାରେ ୨ ଜଣଙ୍କୁ ଗିରଫ୍ କରାଯାଇଛି। ଜାଗମରାର ରଜନୀକାନ୍ତ ପାତ୍ରଙ୍କର ଖଣ୍ଡଗିରି ଛକରେ ମା' ତାରିଣୀ ହୋଟେଲ୍ ରହିଛି। ମଙ୍ଗଳବାର ରାତିରେ ଭୁଣ୍ଡା ସିଂ ତାଲା ଭାଙ୍ଗି ହୋଟେଲ ଭିତରକୁ ପଶି ୧ ହଜାର ଟଙ୍କା ଓ ଜରୁରୀ କାଗଜପତ୍ର ଧରି ଫେରାର ହେବା ବେଳେ ସ୍ଥାନୀୟ ଲୋକ ପିଛା କରି ତାଙ୍କୁ ଚିହ୍ନି ନେଇଥିଲେ। ପୋଲିସ ନଂ.୨୫୪/୨୦ରେ ମାମଲା ରୁଜୁ କରିଥିଲା। ତମାଣ୍ଡୋ ଥାନା ଅନ୍ତର୍ଗତ ସାଇ ମନ୍ଦିର ବସ୍ତିରେ ବୁଧବାର ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ବୁଧବାର ପୂର୍ବାହ୍ନରେ ଖାରବେଳ ନଗର ଥାନା ଅଞ୍ଚଳର ରବୀନ୍ଦ୍ର ପରିଡ଼ାଙ୍କ ଟ୍ରଲି ତାଲା ଭାଙ୍ଗି ୟୁନିଟ ୩ ଅଞ୍ଚଳର ଗଙ୍ଗା ରାଓ ଟ୍ରଲି ନେଇ ଫେରାର ହୋଇଯାଇଥିଲେ। ଲୋକ ପିଛା କରି କାବୁ କରିବା ସହ ମାଡ଼ମାରି ପୋଲିସ ଜିମାରେ ଦେଇଥିଲେ। ପୋଲିସ ୯୪/୨୦ନମ୍ବରରେ ମାମଲା ରୁଜୁ କରି ଗିରଫ କରିଛି।

# ସରପଞ୍ଚଙ୍କ ସମେତ ୫ ଗିରଫ

ପୁରୀ ଅଫିସ,୨୯।୪

**ବୋମାମାଡ଼ ମାମଲା**

■ବାଇକ୍, ପିସ୍ତଲ ସମେତ ୨ ରାଉଣ୍ଡ ଗୁଳି ଜବତ
■ପୋଲିସକୁ ବନ୍ଧୁକ ଦେଖାଇ ଖସିଯାଇଥିଲେ ଅଭିଯୁକ୍ତ

ଏକ ବୈଦ୍ୟୁତିକ ଗଣମାଧମର ପ୍ରତିନିଧି ସଞ୍ଜୟ ପତିଙ୍କ କୋଣାର୍କ ଏନ୍‌ଏସି ୪ ନଂ. ୱାର୍ଡ ବାଲିସାହିସ୍ଥିତ ବାସଭବନ ଉପରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ଜଣେ ସରପଞ୍ଚଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ବାଇକ୍, ଗୋଟିଏ ୯ଏମ୍‌ଏମ୍ ପିସ୍ତଲ ଓ ୨ ରାଉଣ୍ଡ ଗୁଳି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୋଣାର୍କ ଥାନା ଅଧୀନ ଅଚ୍ୟୁତପୁର ପଞ୍ଚାୟତର ସରପଞ୍ଚ ଭକ୍ତବତ୍ସଳ ଦାସ, ବେରୁଆଁ ଗାଁର ଦିଲୀପ ନାୟକ, ପେଣ୍ଡକଟା ମେରାଇନ ଥାନା ସମହରା ଗାଁର ଧୀରଜ ସ୍ୱାଇଁ, ବାଲିଗୁଆଳିର ବାଦଲ ନାୟକ, କୈଳାସ ପ୍ରଧାନ। ପୂର୍ବ ଶତ୍ରୁତାରୁ ବୋମାମାଡ଼ ହୋଇଥିଲା ବୋଲି ଆଡିଶନାଲ ଏସ୍‌ପି ଅରୁଣ କୁମାର ଜେନା କହିଛନ୍ତି।

ଏ ସମ୍ପର୍କରେ ବୁଧବାର ପୋଲିସ କହିଛି, ଗତ ୨୩ ତାରିଖ ରାତିରେ ସଞ୍ଜୟଙ୍କ ଘର ଉପରକୁ ବୋମାମାଡ଼ ହୋଇଥିଲା। ଏଥିରେ ତାଙ୍କ ପରିବାରର କାହାର କିଛି କ୍ଷତି ହୋଇ ନ ଥିଲା। ତାଙ୍କ ବାପା ଜଳନ୍ଧରଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୪୯/୨୦ରେ ମାମଲା ରୁଜୁ ହୋଇଥିଲା। ବୋମାମାଡ଼ ପରେ ଖସିଯାଉଥିବାବେଳେ ରାତ୍ରି ପାଟ୍ରୋଲିଂରେ ଥିବା ପୋଲିସ କର୍ମଚାରୀ ଅଭିଯୁକ୍ତମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେମାନେ ତାଙ୍କୁ ବନ୍ଧୁକ ଦେଖାଇ ଖସି ପଳାଇଥିଲେ। ଥାନାରେ ନଂ. ୫୦/୨୦ରେ ଆଉ ଏକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ ଜାରି ରଖି ପୋଲିସ ପରବର୍ତ୍ତୀ ସମୟରେ ୫ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି।

# କ୍ୱାରାଣ୍ଟାଇନ କେନ୍ଦ୍ର ବୁଲି ସ୍ଥିତି ପରଖିଲେ ଆର୍‌ଡିସି

ଖୋର୍ଦ୍ଧା ଅଫିସ,୨୯।୪

■ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକ ଶ୍ରମ ଦିବସ ସୃଷ୍ଟି କର
■୨୦ ହଜାର ଲୋକଙ୍କ ଲାଗି ୨ ହଜାର ଶୌଚାଳୟ ହେବ
■୧୯,୧୯୨ ପ୍ରବାସୀ ଓଡ଼ିଆ କରିଛନ୍ତି ପଞ୍ଜୀକରଣ

ଲକ୍‌ଡାଉନ ପରେ ବାହାର ରାଜ୍ୟରୁ ନିଜ ଘରକୁ ଫେରିବାକୁ ଚାହୁଁଥିବା ପ୍ରବାସୀମାନଙ୍କ ଲାଗି ରାଜ୍ୟ ସରକାର ପଞ୍ଜୀକରଣ, କ୍ୱାରାଣ୍ଟାଇନକୁ ବାଧ୍ୟତାମୂଳକ କରିଛନ୍ତି। ବୁଧବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ଅନିଲ ସାମଲ ଖୋର୍ଦ୍ଧା ଜିଲାର କୋଭିଡ୍-୧୯ ସ୍ଥିତି ପରଖିବା ସହ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଜିଲାପାଳ ସିତାଂଶୁ କୁମାର ରାଉତ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ସହ କରୋନା ଭୂତାଣୁ ସଂକ୍ରମଣ ରୋକିବା ସମ୍ପର୍କରେ ସେ ଆଲୋଚନା କରିଛନ୍ତି।

ପ୍ରବାସୀମାନେ ଫେରିବା ପୂର୍ବରୁ ସରକାର ଯୋଗାଇ ଦେଇଥିବା ଅର୍ଥରେ ପଞ୍ଚାୟତସ୍ତରରେ କ୍ୱାରାଣ୍ଟାଇନ କେନ୍ଦ୍ର ତଥା ଆନୁଷଙ୍ଗିକ ବ୍ୟବସ୍ଥା ଯଥାଶୀଘ୍ର ଶେଷ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ପ୍ରବାସୀମାନେ ଆସିବା ପରେ ୧୪ ଦିନ ଲାଗି କ୍ୱାରାଣ୍ଟାଇନ କେନ୍ଦ୍ରରେ ରହିବେ। ସେମାନଙ୍କ ରହିବା, ଖାଇବା, ସ୍ୱାସ୍ଥ୍ୟ ପରୀକ୍ଷା ଆଦି ସମସ୍ତ ବ୍ୟବସ୍ଥା କରାଯିବ। ମହିଳାପୁରୁଷଙ୍କ ଲାଗି ରହିବାର ଅଲଗା ବ୍ୟବସ୍ଥା ହେବ। ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ କେନ୍ଦ୍ର ଓ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଆରଡିସି ସାମଲ ବୁଲି ଦେଖିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟ ତ୍ୱରାନ୍ୱିତ ସହ ଜିଲାରେ ଅଧିକ ଶ୍ରମ ଦିବସ ସୃଷ୍ଟି କରି ଶ୍ରମିକଙ୍କୁ କାମ ଯୋଗାଇ ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଜିଲାପାଳ ରାଉତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, କ୍ୱାରାଣ୍ଟାଇନ କେନ୍ଦ୍ରରେ ପ୍ରାୟ ୨୦ ହଜାର ଲୋକଙ୍କ ଲାଗି ୨ ହଜାର ଅସ୍ଥାୟୀ ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା ଲାଗି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ବ୍ଲକରେ ସ୍ୱାସ୍ଥ୍ୟ ଶିବିର ଏବଂ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଆୟୋଜନ ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ସମେତ ୧୯୦ଟି ପଞ୍ଚାୟତରେ ୨୧୦ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି। ଏଥିସହ ଭୁବନେଶ୍ୱର ବ୍ଲକରେ ୧୨ଟି, ଜଟଣୀରେ ୫ଟି କ୍ୱାରାଣ୍ଟାଇନ କେନ୍ଦ୍ର ପ୍ରସ୍ତୁତ ହୋଇଛି। ବାହାର ରାଜ୍ୟରୁ ୧୯,୧୯୨ ଜଣ ପ୍ରବାସୀ ଖୋର୍ଦ୍ଧା ଫେରିବା ଲାଗି ନାମ ପଞ୍ଜୀକରଣ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଡିଆରଡିଏ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତି, ଖୋର୍ଦ୍ଧା ପୌର କାର୍ଯ୍ୟନିର୍ବାହୀ ଶ୍ୱେତପଦ୍ମା ଶତପଥୀଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମୁସଲମାନ ବୋଲି ହେଲାନି ଡାଏଲିସିସ୍, ଚାଲିଗଲା ଜୀବନ

କଟକ ଅଫିସ,୨୯।୪

**ତଦନ୍ତ ଦାବିରେ ରୁଜୁ ହେଲା ଜନସ୍ୱାର୍ଥ ମାମଲା**

ମୁସଲମାନ ହୋଇଥିବା ଯୋଗୁ ଜଣେ କିଡ୍‌ନୀ ରୋଗୀଙ୍କୁ ଡାଏଲିସିସ୍ କରିବାକୁ ବୁଧବାର କଟକର ଏକ ଘରୋଇ ହସ୍‌ପିଟାଲ୍ କର୍ତ୍ତୃପକ୍ଷ ମନାକରି ଦେଇଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାର ତଦନ୍ତ ଦାବିରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏହାର ଉପଯୁକ୍ତ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି। ଚିକିତ୍ସା ବେଳେ କୌଣସି ରୋଗୀଙ୍କର ଜାତି, ଧର୍ମ ନ ଦେଖିବାକୁ ନିବେଦନ କରାଯାଇଛି।

ମାମଲାରୁ ପ୍ରକାଶ, କେନ୍ଦ୍ରାପଡ଼ା ସରକାରୀ ଡାକ୍ତରଖାନାର ଆୟୁଷ ଡାକ୍ତର ସୟଦ୍ ଅବ୍‌ଦୁଲ ହସନ୍ ଅବସର ନେବାପରେ ସାଲେପୁରରେ ରହୁଥିଲେ। ଗତ ଦେଢ଼ ବର୍ଷ ହେଲା ସେ କିଡ୍‌ନୀରୋଗରେ ଆକ୍ରାନ୍ତ ଥିବା ଯୋଗୁ କଟକ ମଙ୍ଗଳାବାଗର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲେ। ସପ୍ତାହରେ ଦୁଇଥର ଅର୍ଥାତ୍ ମଙ୍ଗଳବାର ଏବଂ ଶୁକ୍ରବାର ତାଙ୍କର ଡାଏଲିସିସ୍ ହେଉଥିଲା। ଗତ ୧୦ ତାରିଖରେ ତାଙ୍କର ଡାଏଲିସିସ୍ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ସେ ନିଜ ଡ୍ରାଇଭରଙ୍କ ସହ ନର୍ସିଂହୋମ୍‌କୁ ଆସିଥିଲେ। କିନ୍ତୁ କରୋନା ସଂକ୍ରମଣ ଆଶଙ୍କା କରି ନର୍ସିଂହୋମ୍ କର୍ତ୍ତୃପକ୍ଷ ତାଙ୍କୁ ବ୍ୟକ୍ତିଗତ ସୁରକ୍ଷା ସରଞ୍ଜାମ(ପିପିଇ) କିଟ୍ ଆଣିବାକୁ କହିବାରୁ ମଙ୍ଗଳାବାଗ ଛକରୁ ସେ କିଟ୍ କିଣିଥିଲେ। ତଥାପି ଟେକ୍ନିସିଆନ୍‌ଜଣକ ଡାଏଲିସିସ୍ କରିବାକୁ ମନା କରିଥିଲେ। ତବ୍‌ଲିଘି ଜମାତ୍ କାର୍ଯ୍ୟକ୍ରମ ଯୋଗୁ ଅନେକ ମୁସଲମାନ୍ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କର ପ୍ରଥମେ କରୋନା ପରୀକ୍ଷା କରିବା ପାଇଁ କୁହାଯାଇଥିଲା। କିନ୍ତୁ ସେ ଯେତେ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ନର୍ସିଂହୋମ୍ କର୍ତ୍ତୃପକ୍ଷ କିଛି ଶୁଣି ନ ଥିଲେ। ଏଣୁ ନିରାଶରେ ସେ ଘରକୁ ଫେରିଥିଲେ। ଡାଏଲିସିସ୍ ନ ହେବା ଯୋଗୁ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଆଉ ଦୁଇଟି ଘରୋଇ ହସ୍ପିଟାଲ୍ ମଧ ଡାଏଲିସିସ୍ ପାଇଁ ତାଙ୍କୁ ମନାକରି ଦେଇଥିଲେ। ଶେଷରେ ଅବ୍‌ଦୁଲ୍‌ଙ୍କ ଜୀବନ ଚାଲିଯାଇଥିଲା। ଏହି ଘଟଣାର ଉପଯୁକ୍ତ ତଦନ୍ତ ସହ ଘରୋଇ ନର୍ସିଂହୋମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ମୁଖ୍ୟ ଶାସନ ସଚିବ ଏବଂ ଓଡ଼ିଶା କାଉନ୍‌ସିଲ୍ ଅଫ୍ ମେଡ଼ିକାଲ୍ ରେଜିଷ୍ଟ୍ରେଶନ୍‌କୁ ନିର୍ଦ୍ଦେଶ ଦେବା ପାଇଁ ନିବେଦନ କରାଯାଇଛି। ଏଥି ସହ ସମସ୍ତ ସରକାରୀ ଏବଂ ଘରୋଇ ହସ୍ପିଟାଲ୍‌ରେ ରୋଗୀଙ୍କ ଜାତି, ଧର୍ମ, ରଙ୍ଗ ଏବଂ ଲିଙ୍ଗକୁ ନ ଦେଖି ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପ୍ରାର୍ଥନା କରାଯାଇଛି। ସେହିଭଳି ରାଜ୍ୟରେ ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ରଖିବା, ସମସ୍ତ ହସ୍‌ପିଟାଲ୍‌ରେ ଓପିଡ଼ି ଖୋଲା ରଖିବା ଏବଂ ମାଗଣା ଚିକିତ୍ସା ଦିଗରେ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପାଇଁ ନିବେଦନ କରାଯାଇଛି। ଆଜରା ଜମାଲଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିବା ବେଳେ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ମାମଲା ପରିଚାଳନା କରିଥିଲେ।

# ଉତ୍ତର ଓଡ଼ିଶାରେ ଆତଙ୍କ ଖେଳାଇଛି କରୋନା

**ବାଲେଶ୍ୱର ଅଫିସ/ ଖଇରା/ କେନ୍ଦୁଝର/ଆନନ୍ଦପୁର, ୨୯।୪ (ଡି.ଏନ.ଏ./ସ୍ୱ.ପ୍ର.)**

- କେନ୍ଦୁଝରରେ ପ୍ରଥମ ସଂକ୍ରମିତ ଚିହ୍ନଟ
- ବାଲେଶ୍ୱରରେ ପୁଣି ୩ ପଜିଟିଭ୍
- ଘାତକ ସାଜିଛି ପଶ୍ଚିମବଙ୍ଗ ଲିଙ୍କ୍

ଉତ୍ତର ଓଡ଼ିଶାରେ ଆତଙ୍କ ଖେଳାଇଛି କରୋନା ଭୂତାଣୁ। ପ୍ରଥମେ ଭଦ୍ରକ ପରେ ବାଲେଶ୍ୱର ଓ ଏବେ କେନ୍ଦୁଝରରେ ପ୍ରଥମ ସଂକ୍ରମିତ ଚିହ୍ନଟ ହେବା ପରେ ୩ ଜିଲା ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଭଦ୍ରକରେ କରୋନା ପଜିଟିଭଙ୍କ ସଂଖ୍ୟା ୧୯ରହିଛି। ବାଲେଶ୍ୱରରେ ବୁଧବାର ପୁଣି ୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨ଜଣ ସୋର ଅଞ୍ଚଳର ହୋଇଥିବା ବେଳେ ଜଣେ ଖଇରା ଅଞ୍ଚଳର ବୋଲି ଜଣାପଡ଼ିଛି। ସମସ୍ତ ଆକ୍ରାନ୍ତ ପୁରୁଷ ଓ ସେମାନଙ୍କ ବୟସ ଯଥାକ୍ରମେ ୪୪, ୬୧ ଓ ୬୩। ବାଲେଶ୍ୱରରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। କିଛିଦିନ ପୂର୍ବରୁ ସେମାନେ ପଶ୍ଚିମବଙ୍ଗରୁ ଫେରିଆସି କ୍ୱାରାଣ୍ଟାଇନ୍‌ରେ ରହିଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଛି। ଏ ସମ୍ପର୍କରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ ସାମଲ କହିଛନ୍ତି ଯେ, ପଶ୍ଚିମବଙ୍ଗରୁ ୨୮ଶହରୁ ଊର୍ଦ୍ଧ୍ୱ ଲୋକ ଜିଲାକୁ ପ୍ରବେଶ କରିଛନ୍ତି। ସେମାନଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି।

ସେହିପରି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ପଞ୍ଚୁପଲ୍ଲୀ ପଞ୍ଚାୟତ ଅଞ୍ଚଳରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୬୦ ବର୍ଷୀୟ ଏହି ବ୍ୟକ୍ତି କଲିକତାରୁ ଫେରି ୧୪ଦିନ କ୍ୱାରାଣ୍ଟାଇନରେ ରହି ଘରକୁ ଫେରିଥିଲେ। ତାଙ୍କର କୌଣସି ଲକ୍ଷଣ ଦେଖାଦେଇ ନ ଥିଲା। ପରବର୍ତ୍ତୀ ସମୟରେ କୋଲକାତାରେ କରୋନା ଭୟାବହତାକୁ ନେଇ ରାଜ୍ୟ ସରକାର ସମସ୍ତ ପଶ୍ଚିମବଙ୍ଗ ଫେରନ୍ତାଙ୍କ ସ୍ୱାବ ଯାଞ୍ଚ ପାଇଁ ଆଦେଶ ଦେବା ପରେ ସ୍ୱାସ୍ଥ୍ୟ ବିଭାଗ ଏହି ରୋଗୀଙ୍କ ସମେତ ଜିଲାର ୨୧୯ଜଣଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପଜିଟିଭ ଥିବା କେନ୍ଦୁଝର ସିଡିଏମ୍‌ଓ ଡକ୍ଟର ଅଶୋକ ଦାସ ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଅଶ୍ୱିନୀ କୋଭିଡ ୧୯ ଡାକ୍ତରଖାନାକୁ ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେ କଲିକତା ବଡବଜାରରେ ଶ୍ରମଜୀବୀ ଭାବରେ କାମ କରୁଥିଲେ। ଅପରାହ୍ନରେ ଜିଲାପାଳ ଆଶିଷ ଥାକରେ ଏକ ଖବରଦାତା ସମ୍ମିଳନୀରେ ପଞ୍ଚୁପଲ୍ଲୀ ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରିଛନ୍ତି। ଏହାକୁ ଲାଗି ଅନ୍ୟ ୧୧ଟି ଗ୍ରାମକୁ ବଫର ଜୋନ ଭାବେ ଘୋଷଣା କରାଯାଇ କଟକଣା ଲାଗୁ କରାଯାଇଛି। ତିନୋଟି ଟିମ୍ ଉକ୍ତ ରୋଗୀଙ୍କ ସିଧାସଳଖ ବା ପରୋକ୍ଷ ସମ୍ପର୍କରେ ଥିବା ଲୋକଙ୍କୁ ଚିହ୍ନଟ କରୁଥିବା କହିଥିଲେ। ଜିଲାକୁ ଲାଗି ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲା ରହିଥିବାରୁ ସୀମାନ୍ତ ଅଞ୍ଚଳକୁ ସିଲ୍ କରାଯାଇଛି। ତେବେ ଜିଲାକୁ ଚଳାଚଳ କରୁଥିବା ଲୁହାପଥର ବୋଝେଇ ଟ୍ରକ ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା କରି ବିଭିନ୍ନ ଅଞ୍ଚଳରେ ବିରୋଧ ଆରମ୍ଭ ହୋଇଯାଇଛି। ସେହିପରି କେତେକ ଟ୍ରକ ଚାଳକ ବାହାର ଜିଲା ଓ ରାଜ୍ୟରୁ ଲୋକ ନେବା ଆଣିବା କରୁଥିବା, ଖଣିଅଞ୍ଚଳ ତଥା ଲୋଡିଂ ପଏଣ୍ଟ ଓ ଟ୍ରାନ୍ସପୋର୍ଟରେ ଭିଡ଼ ଜମୁଥିବା, ସାମାଜିକ ଦୂରତ୍ୱ ରକ୍ଷା ହେଉ ନ ଥିବା ଏବଂ ବାହାର ଅଞ୍ଚଳର ଡ୍ରାଇଭରଙ୍କ ଅବାଧ ଚଳପ୍ରଚଳ ଯୋଗୁ କରୋନା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହୁଥିବାରୁ ଖଣିଜପଥର ପରିବହନ ଉପରେ ରୋକ ଲଗାଇବାକୁ ସଚେତନ ନାଗରିକମାନେ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜିଲାରେ ସମୁଦାୟ ୩୭୦ଜଣ କୋଲକାତା ଫେରନ୍ତାଙ୍କୁ ପ୍ରଶାସନ ଚିହ୍ନଟ କରିଛନ୍ତି।

## ସଂକ୍ଷେପରେ

### ଛାତ ଭୁଶୁଡ଼ି ଶିଶୁପୁତ୍ର ମୃତ, ମା' ଗୁରୁତର

**ଛତ୍ରପୁର,୨୯।୪(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ମାଟିଖାଲ ଗାଁରେ ବୁଧବାର ଭୋର୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ଘର ଛାତ ଭୁଶୁଡ଼ି ଉପରେ ପଡ଼ିବାରୁ ମା'ଙ୍କ ପାଖରେ ଶୋଇଥିବା ୨ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ମା' ଗୀତାଞ୍ଜଳି ପ୍ରଧାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖୋର୍ଦ୍ଧା ଜିଲା ଢୋଲିଆ ସାହି ଗାଁର ଭିକାରୀ ପ୍ରଧାନଙ୍କ ସ୍ତ୍ରୀ ଗୀତାଞ୍ଜଳୀ ମାସେ ହେଲା ବାପଘର ମାଟିଖାଲ ଗାଁକୁ ଆସିଥିଲେ। ଲକ୍‌ଡାଉନ୍ ଯୋଗୁ ସେ ଶାଶୁଘର ଫେରିପାରୁ ନ ଥିଲେ। ମଙ୍ଗଳବାର ରାତିରେ ସେ ନିଜ ଶିଶୁପୁତ୍ର ଚନ୍ଦନଜିତଙ୍କୁ ଧରି ଘରେ ଶୋଇଥିଲେ। ପୁରୁଣା ଘରର ଛାତ ଦୁର୍ବଳ ହୋଇଯାଇଥିବାରୁ ବୁଧବାର ଭୋରରେ ତାହା ଭୁଶୁଡ଼ି ମା', ପୁଅଙ୍କ ଉପରେ ଖସି ପଡ଼ିଥିଲା। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲେ। ସେଠାରେ ଚନ୍ଦନଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଦେବାକୁ ଏଆଇଡିଏସ୍‌ଓର ଦାବି

କଟକ ଅଫିସ୍,୨୯।୪: ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଏବଂ ଅନ୍ୟାନ୍ୟ ପାଠ୍ୟ ଉପକରଣ ଯୋଗାଇ ଦେବା ସହ ସମସ୍ତ ପ୍ରକାର ଫି' ଛାଡ଼ କରିବା ଦାବିରେ ବୁଧବାର ଏଆଇଡିଏସ୍‌ଓ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ରାଜ୍ୟ କମିଟି ସଭାପତି ଗଣେଶ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ଦାବିପତ୍ର ଦେଇଥିଲେ। ସରକାର ନବମ ଏବଂ ଦଶମ ଶ୍ରେଣୀ ବହି ମେ' ପ୍ରଥମ ସପ୍ତାହରେ ବିକିବାକୁ ପ୍ରସ୍ତୁତ ହେଉଛନ୍ତି। କରୋନା କବଳରେ ବିଶ୍ୱ ସଙ୍କଟ ପରିସ୍ଥିତି ଦେଇ ଗତି କରୁଛି। ଏଥି ଯୋଗୁ ରାଜ୍ୟର ସମସ୍ତ ଦିନ ମଜୁରିଆ, ଚାଷୀ, ଚୁକ୍ତିଭିତ୍ତିକ ଶ୍ରମିକ, ନିର୍ମାଣ ଶ୍ରମିକ ଓ ଛୋଟ ଦୋକାନୀଙ୍କ ରୋଜଗାର ବନ୍ଦ ହୋଇଯାଇଛି। ଫଳରେ ପିଲାମାନଙ୍କ ପାଠପଢ଼ା ଏବଂ ବହିକିଣା ଖର୍ଚ୍ଚ ଯୋଗାଡ଼ କରିବାକୁ ସେମାନେ ଅସମର୍ଥ। ଏପରି ସମୟରେ ବୋର୍ଡ କର୍ତ୍ତୃପକ୍ଷ ବର୍ତ୍ତମାନ ବ୍ୟବସାୟିକ ମନୋବୃତ୍ତି ରଖି ଦଶମ ଶ୍ରେଣୀର ପାଠ୍ୟ ପୁସ୍ତକ ପରିବର୍ତ୍ତନ କରିଛନ୍ତି। ଏହା ଛାତ୍ରୀଛାତ୍ରଙ୍କ ଉପରେ ବୋଝ ହୋଇଛି। ତେଣୁ ତୁରନ୍ତ ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଏବଂ ପାଠ୍ୟ ଉପକରଣ ଯୋଗାଇ ଦେବା, ଛାତ୍ରୀଛାତ୍ରଙ୍କ ସମସ୍ତ ପ୍ରକାର ଫି' ସଂପୂର୍ଣ୍ଣ ଛାଡ଼କରିବା ପାଇଁ ସରକାର ଘୋଷଣା କରନ୍ତୁ ବୋଲି ଦାବି କରାଯାଇଛି। ଜିଲା ସଭାପତି ଭାଗ୍ୟରବି ଦାସ, ଉପ-ସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, ଈଶା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସୁରଟରୁ ଗଞ୍ଜାମରେ ପହଞ୍ଚିଲା ୪ ବସ୍

**ଛତ୍ରପୁର,୨୯।୪(ଡି.ଏନ୍.ଏ.)**

- ଆଇସୋଲେଶନ ସେଣ୍ଟରରେ ୧୪ ଦିନ ରହିବେ

ବାହାର ରାଜ୍ୟରେ ଫସିଥିବା ଲୋକେ ସ୍ଥଳପଥ ଓ ଜଳପଥରେ ଗଞ୍ଜାମ ଜିଲାକୁ ଫେରିବାରେ ଲାଗିଛନ୍ତି। ଜିଲା ସୀମା ସିଲ୍ ଓ ସମୁଦ୍ରପଥକୁ ପୋଲିସ, କୋଷ୍ଟଗାର୍ଡ ନଜର ରଖୁଥିବା କୁହାଯାଉଥିଲେ ମଧ୍ୟ ବହୁ ସଂଖ୍ୟକ ଲୋକ ଆସୁଛନ୍ତି। ଗୁଜରାଟର ସୁରଟ ଜିଲା ପ୍ରଶାସନର ଅନୁମତିକ୍ରମେ ସେଠାରୁ ବୁଧବାର ମଧ୍ୟାହ୍ନ ସୁଦ୍ଧା ୨ ପର୍ଯ୍ୟାୟରେ ୮ଟି ବସ୍‌ରେ ଲୋକେ ଫେରୁଛନ୍ତି। ସେମାନେ ନିଜ ଖର୍ଚ୍ଚରେ ଆସୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪ଟି ବସ୍‌ରେ ଆସିଥିବା ୨୨୮ ଜଣ ବୁଧବାର ବିଳମ୍ବିତ ରାତିରେ ଗଞ୍ଜାମରେ ପହଞ୍ଚିଥିବା ସୂଚନା ମିଳିଛି। ଅନ୍ୟପଟେ ବାହାର ରାଜ୍ୟରୁ ଫେରୁଥିବା ଲୋକଙ୍କୁ ଆଇସୋଲେଶନ କେନ୍ଦ୍ରରେ ୧୪ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରଖିବାକୁ ଗଞ୍ଜାମ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ତେବେ ଏହି କେନ୍ଦ୍ର ନିକଟକୁ ଅନ୍ୟ କେହି ନ ଯିବାକୁ ଜିଲାପାଳ କୁଲାଙ୍ଗେ ଅନୁରୋଧ କରିଛନ୍ତି।

ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେ କହିଛନ୍ତି, ଗଞ୍ଜାମ ଜନସାଧାରଣ ଲକ୍‌ଡାଉନ୍ ନିୟମକୁ ମାନିଛନ୍ତି। ସେଥିପାଇଁ ଜିଲାରେ ଏ ପର୍ଯ୍ୟନ୍ତ ଗୋଟିଏ ବି କରୋନା ପଜିଟିଭ ବାହାରିନି। ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ପାଇଁ ପ୍ରତ୍ୟେକ ପଞ୍ଚାୟତ ଓ ସହରାଞ୍ଚଳରେ ଆଇସୋଲେଶନ କେନ୍ଦ୍ର କରାଯାଇଛି। ସେଠାରେ ସେମାନଙ୍କୁ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। କରୋନା ହଟ୍‌ସ୍ପଟ୍ ଅଞ୍ଚଳରୁ ପ୍ରବାସୀ ଫେରୁଥିବାରୁ ସେମାନଙ୍କ ଠାରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ତେଣୁ ଆଇସୋଲେଶନ ସେଣ୍ଟରଠାରୁ ଦୂରେଇ ରହିବା ଜରୁରୀ। ଯଦି କେହି ଏହି ଅନୁଶାସନ ଭାଙ୍ଗିବେ ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

## ଘରୋଇ ହିଂସା ରୋକିବାକୁ ୱେବ୍ କର୍ମଶାଳା ଆରମ୍ଭ

**ଭୁବନେଶ୍ୱର,୨୯।୪(ବ୍ୟୁରୋ):** କରୋନା କଟକଣା ଓ ଲକ୍‌ଡାଉନ୍ ପାଇଁ ଲୋକେ ଘରେ ରହିଛନ୍ତି। ଫଳରେ ଏବେ ଘରୋଇ ହିଂସା ବୃଦ୍ଧି ପାଇଛି। ତେବେ ଏଥିରେ ଅଧିକ ଶିକାର ହେଉଛନ୍ତି ମହିଳା, ଯୁବତୀ ଓ କିଶୋରୀ। ଏହାକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୱାନ୍ ଷ୍ଟପ୍ ସେଣ୍ଟର, ମହିଳା ସହାୟତା ନମ୍ବର ଏବଂ ପରିବାର ପରାମର୍ଶ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ କାଉନ୍‌ସେଲର ଏବଂ କର୍ମଚାରୀମାନଙ୍କ ପାଇଁ ଏହି ୱେବ୍ କର୍ମଶାଳା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଜ୍ୟରୁ ୨୦୦ ଜଣ ଅଂଶଗ୍ରହଣ କରିଛନ୍ତି। ୟୁନାଇଟେଡ୍ ନେଶନ୍ସ ପପୁଲେଶନ ଫଣ୍ଡ ଏବଂ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ ସହାୟତାରେ ଏହି ୱେବ୍ ଭିତ୍ତିକ କର୍ମଶାଳାର ଆୟୋଜନ କରାଯାଇଛି। ଏଥିରେ କର୍ମଚାରୀ ଓ କାଉନସେଲରମାନଙ୍କୁ ଲିଙ୍ଗଭିତ୍ତିକ ହିଂସାକୁ ପ୍ରତିହତ କରିବା ଦିଗରେ ମନସ୍ତାତ୍ତ୍ୱିକ ଏବଂ ସାମାଜିକ ସହାୟତା ପ୍ରଦାନ ପାଇଁ ବିଶେଷ କୌଶଳ ଅବଲମ୍ବନ ନିମନ୍ତେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## କେନ୍ଦୁଝର: ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ଶିକ୍ଷାଦାନ ଦାବି

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

କରୋନା ଯୋଗୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ବୁଧବାର କେନ୍ଦୁଝର ଜିଲାରୁ ପ୍ରଥମ କରୋନା ସଂକ୍ରମିତଙ୍କ ଚିହ୍ନଟ ହୋଇଛି। ତେଣୁ ଜିଲାରେ ଲକ୍‌ଡାଉନର ଅବଧି ସମ୍ପୂର୍ଣ୍ଣ ପ୍ରତ୍ୟାହାର ହେବାର ସମ୍ଭାବନା ନାହିଁ। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଗ୍ରୀଷ୍ମ ଅବକାଶ ଜାରି ରହିଛି। ତେଣୁ କେନ୍ଦୁଝର ଜିଲାର ବିଭିନ୍ନ ବିଦ୍ୟାଳୟ/ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଅନ୍‌ଲାଇନ ଶିକ୍ଷା ପ୍ରଦାନ କରାଯାଉ ବୋଲି କେନ୍ଦୁଝର ବିକାଶ ପରିଷଦ(କେଭିପି) ପକ୍ଷରୁ ଦାବି କରାଯାଇଛି। ଦଶମ, ଯୁକ୍ତ ୨ ଶେଷ ବର୍ଷ ଇତ୍ୟାଦିକୁ ବାଦ୍ ଦେଲେ ପୂର୍ବରୁ ଅନେକ ପାଠ୍ୟକ୍ରମ ସମାପ୍ତ ହୋଇନାହିଁ। ତେଣୁ ନିୟମିତ ପରୀକ୍ଷା ବାଧାପ୍ରାପ୍ତ ହୋଇଛି। ଏହାକୁ ଭରଣା କରିବା ପାଇଁ ଅନ୍‌ଲାଇନ ଶିକ୍ଷାଦାନର ଆବଶ୍ୟକତା ରହିଥିବା ପରିଷଦ ପକ୍ଷରୁ କୁହାଯାଇଛି। ତେଣୁ ଚଳିତ ବର୍ଷ ଶିକ୍ଷାବର୍ଷର ଅସମାପ୍ତ ଖସଡା ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରିବା ପାଇଁ ଜିଲାପାଳ ଏବଂ ଗଣଶିକ୍ଷା/ଉଚ୍ଚଶିକ୍ଷା ବିଭାଗକୁ କେନ୍ଦୁଝର ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି।



କରୋନା ଯୋଗୁ ସବୁ ବନ୍ଦ ରହିଥିବା ବେଳେ ଭୁବନେଶ୍ୱର ୟୁନିଟ୍-୪ ରାସ୍ତା ପାର୍ଶ୍ୱରେ ଜଣେ ମହିଳା ଛୋଟ ଛୁଆକୁ ଖାଇବାକୁ ଦେଉଛନ୍ତି।

## ୫କୋଟି ଆଭ୍ୟନ୍ତରୀଣ ବିସ୍ଥାପିତଙ୍କୁ କରୋନା ଭୟ



**ନୂଆଦିଲ୍ଲୀ,୨୯।୪**

ପାରିବାରିକ କିମ୍ବା ବିପର୍ଯ୍ୟୟ ଜନିତ ସମସ୍ୟା ଯୋଗୁ ଆଭ୍ୟନ୍ତରୀଣ ବିସ୍ଥାପିତ ହୋଇଥିବା ଲୋକଙ୍କ ପାଇଁ କୋଭିଡ-୧୯ ବିଶେଷମାତ୍ରାରେ ପ୍ରଭାବ ପକାଇଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ୨୦୧୯ରେ ସାରା ବିଶ୍ୱରେ ୫କୋଟି ୮ଲକ୍ଷ ଲୋକ ଆଭ୍ୟନ୍ତରୀଣ ବିସ୍ଥାପିତ ହୋଇଛନ୍ତି। ପାରିବାରିକ ବିବାଦ କିମ୍ବା କୌଣସି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଏତେସଂଖ୍ୟକ ଲୋକ ବିସ୍ଥାପିତ ହୋଇଥିବା ରିପୋର୍ଟରୁ ପ୍ରକାଶ ପାଇଛି। ୨୦୧୮ ଅପେକ୍ଷା ୨୦୧୯ରେ ପ୍ରାୟ ଏକ କୋଟିରୁ ଅଧିକ ଲୋକ ବିସ୍ଥାପିତ ହୋଇଥିବା ଜଣାପଡ଼ିଛି। ନରୱେ ଶରଣାର୍ଥୀ ପରିଷଦର ଇଣ୍ଟରନ୍ୟାଶନାଲ ଡିସ୍‌ପ୍ଲେସ୍‌ମେଣ୍ଟ ମନିଟରିଂ ସେଣ୍ଟର(ଆଇଡିଏମ୍‌ସି)ର ଗଣନା ଅନୁସାରେ ୨୦୧୯ଶେଷ ସୁଦ୍ଧା ୪୫୦କୋଟି ୭ଲକ୍ଷ ଲୋକ ଆଭ୍ୟନ୍ତରୀଣ ବିସ୍ଥାପିତ ହୋଇଛନ୍ତି, ଯେଉଁମାନେ କି ନିଜ ଦେଶରେ ରହି ମଧ୍ୟ ଶରଣାର୍ଥୀ ଭଳି ଜୀବନ କଟାଉଛନ୍ତି। ଏହି ଦୃଶ୍ୟ ପ୍ରାୟ ୬୧ଟି ରାଷ୍ଟ୍ରରେ ଦେଖିବାକୁ ମିଳିଛି। ଏଥିସହ ୯୬ଟି ରାଷ୍ଟ୍ରର ପ୍ରାୟ ୫୧ଲକ୍ଷ ଲୋକ ବିପର୍ଯ୍ୟୟ ଦ୍ୱାରା ବିସ୍ଥାପିତ ହୋଇଛନ୍ତି। ଆସନ୍ତା ଅକ୍ଟୋବରରେ ଜାତିସଂଘର ଉଚ୍ଚସ୍ତରୀୟ ପ୍ୟାନେଲରେ ଆଭ୍ୟନ୍ତରୀଣ ବିସ୍ଥାପନକୁ ଉତ୍‌ଥାପନ କରି ଏହାକୁ ବିଶ୍ୱସ୍ତରରେ ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି ଆଇଡିଏମ୍‌ସି ନିର୍ଦ୍ଦେଶକ ଆଲେକ୍ସଜାଣ୍ଡ୍ରା ବିଲାକ ଭାବୁଥିଲେ ବୋଲି କହିଛନ୍ତି। ଏପରି କି ଜାତିସଂଘର ଏହି ପ୍ୟାନେଲର ଏକ ବୈଠକ ଗତ ଫେବୃୟାରୀରେ ଅନୁଷ୍ଠିତ ହୋଇଥିଲା, ହେଲେ କୋଭିଡ-୧୯ ଯୋଗୁ ଆଭ୍ୟନ୍ତରୀଣ ବିସ୍ଥାପନ ପ୍ରସଙ୍ଗ ଆଲୋଚନା ହୋଇପାରି ନ ଥିଲା। ଚଳିତ ବର୍ଷ ଆଭ୍ୟନ୍ତରୀଣ ବିସ୍ଥାପନ ସମସ୍ୟାକୁ ଅନ୍ତଃରାଷ୍ଟ୍ରୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ସହ ଉଚ୍ଚସ୍ତରୀୟ ପ୍ୟାନେଲ ଦ୍ୱାରା ସମାଧାନ କରିବାକୁ ଯେଉଁ ଚିନ୍ତା କରାଯାଇଥିଲା, ତାହା ଏବେ ସମ୍ଭବ ମନେ ହେଉନାହିଁ ବୋଲି ବିଲାକ କହିଛନ୍ତି। ବିସ୍ଥାପନ ଉପରେ କରୋନା ଭାଇରସ୍‌ର ପ୍ରଭାବ କ'ଣ ରହିବ ତାହା ଏବେଠୁ କହିବା ସହଜ ନୁହେଁ ବୋଲି ସେ କହିଛନ୍ତି। ବିଭିନ୍ନ ରାଷ୍ଟ୍ରର ସରକାର ଆଭ୍ୟନ୍ତରୀଣ ବିସ୍ଥାପନ ନେଇ ଚିନ୍ତା କରିବା ପରିବର୍ତ୍ତେ ଏବେ କୋଭିଡ-୧୯ ମୁକାବିଲାକୁ ଗୁରୁତ୍ୱ ଦେଉଛନ୍ତି। ସର୍ବୋପରି ବିସ୍ଥାପିତ ଲୋକଙ୍କ ସମସ୍ୟା ସମାଧାନ କରିବା ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରର ଏକ ପ୍ରମୁଖ କର୍ତ୍ତବ୍ୟ। ବିସ୍ଥାପିତ ହୋଇଥିବା ଲୋକମାନେ ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଦୁଃସ୍ଥ ଅବସ୍ଥାରେ ରହୁଛନ୍ତି। ଏପରି କି ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। କରୋନା ମହାମାରୀ ଏବେ ସାରା ବିଶ୍ୱରେ ଆତଙ୍କ ଖେଳାଇଥିବାରୁ ବିସ୍ଥାପିତଙ୍କ ଜୀବନ ସଙ୍କଟ ମଧ୍ୟରେ ଗତି କରୁଛି।

## ୧୦ ବର୍ଷ ପରେ ବି ମିଳୁନି ସ୍ଥାୟୀ ନିଯୁକ୍ତି

**ଭୁବନେଶ୍ୱର,୨୯।୪(ବ୍ୟୁରୋ):**

- ଗୋଷ୍ଠୀ ସଂଗଠିକାଙ୍କ କ୍ଷୋଭ

ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ ନିଯୁକ୍ତି ପାଇଥିବା ସରକାରୀ ଚୁକ୍ତିଭିତ୍ତିକ ଓ ଆଉଟସୋର୍ସିଂ ଗୋଷ୍ଠୀ ସଂଗଠିକାମାନେ ଦୀର୍ଘବର୍ଷ ହେବ ନିଜର ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି। ୧୦ ବର୍ଷ ପରେ ସ୍ଥାୟୀ ନିଯୁକ୍ତି ଦିଆଯାଉ ନ ଥିବାରୁ ସଂଗଠିକାମାନେ କ୍ଷୋଭ ପ୍ରକାଶ କରିଛନ୍ତି। କରୋନା ସଂକ୍ରମଣକୁ ଭ୍ରୂକ୍ଷେପ ନ କରି ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟ କରୁଛନ୍ତି। ଲୋକଙ୍କ ପାଖରେ ସରକାରୀ ସହାୟତା ପହଞ୍ଚାଇବାଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରୁଛନ୍ତି। ଏହି ସଂଗଠିକାମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗରିବ ହିତାଧିକାରୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ସହିତ ବିଧବା, ଭିନ୍ନକ୍ଷମ, ବାର୍ଦ୍ଧକ୍ୟ, ସ୍ୱାମୀ ପରିତ୍ୟକ୍ତା ଓ ଅବିବାହିତାମାନଙ୍କୁ ଭତ୍ତା ପ୍ରଦାନ ଦାୟିତ୍ୱ ତୁଲାଉଛନ୍ତି। ଏଥିସହିତ ଗୋଷ୍ଠୀ ପାଇଖାନା ନିର୍ମାଣ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା, ହରିଶ୍ଚନ୍ଦ୍ର ସହାୟତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ପକ୍କାଘର ନିର୍ମାଣ, ସହରାଞ୍ଚଳ ଭେଣ୍ଡରମାନଙ୍କୁ ଥଇଥାନ, କୁଶଳଭିତ୍ତିକ ତାଲିମ ମାଧ୍ୟମରେ ନିଯୁକ୍ତି ପ୍ରଦାନ, ଗୋଷ୍ଠୀ ଉନ୍ନୟନ ପାଇଁ ଋଣ ଯୋଗାଣ, ଆତ୍ମନିଯୁକ୍ତି ଯୋଜନା ଆଦି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଅନ୍ତର୍ଗତ ସମସ୍ତ କାର୍ଯ୍ୟ ଗୋଷ୍ଠୀ ସଂଗଠିକାଙ୍କ ଦ୍ୱାରା କରାଯାଇଥାଏ। ନିଜ ପରିବାର କଥା ଭୁଲି ସହାୟିକାମାନେ ପ୍ରାକୃତିକ ବିପତ୍ତିରେ ବସ୍ତି ଲୋକଙ୍କ ଖାଇବା ସହ ଅନ୍ୟାନ୍ୟ ସୁବିଧା ଓ ଅସୁବିଧା କଥା ବୁଝିଥାନ୍ତି। କିନ୍ତୁ ଏମାନଙ୍କ ପ୍ରତି ସରକାରଙ୍କ ଦୃଷ୍ଟି ପଡୁନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ୬ ବର୍ଷ କାର୍ଯ୍ୟ କରିଥିବା ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯାଉଥିବା ବେଳେ ଗୃହ ଓ ନଗର ଉନ୍ନୟନ ବିଭାଗରେ ଦୀର୍ଘ ଦଶନ୍ଧି ଧରି ଦୟନୀୟ ଅବସ୍ଥାରେ ଥିବା ଏହି ସଂଗଠିକାମାନଙ୍କୁ ହତାଶ କରାଯାଉଛି। ସରକାର ଏହି ନ୍ୟାଯ୍ୟ ଦାବିକୁ ଗ୍ରହଣ କରି ସ୍ଥାୟୀ ନିଯୁକ୍ତି ଦେବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଗୋଷ୍ଠୀ ସଂଗଠିକାମାନେ ଦାବି କରିଛନ୍ତି।

## ଉପସହକାରୀ ନିବନ୍ଧକଙ୍କ ଦ୍ୱାରା ତଦନ୍ତ ଆରମ୍ଭ

**ନୟାଗଡ଼ ଅଫିସ/ଓଡଗାଁ,୨୯।୪(ସ୍ୱ.ପ୍ର.)**

- ଜାଲ୍ ସାର୍ଟିଫିକେଟରେ ପଦୋନ୍ନତି ଘଟଣା

ନୟାଗଡ଼ ଜିଲାର ପାଣ୍ଡେରିପଡା, କୈବଲ୍ୟପୁର ଓ ହନୁମନ୍ତିଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଜାଲ୍ ସାର୍ଟିଫିକେଟରେ ସହକାରୀ ସମ୍ପାଦକ ପଦୋନ୍ନତି ପାଇଥିବା ଅଭିଯୋଗ ହୋଇଥିଲା। ପରେ ରାଜ୍ୟ ସମବାୟ ବିଭାଗ ରେଜିଷ୍ଟ୍ରାର ଭୁବନେଶ୍ୱର ଏହାର ତଦନ୍ତ କରି ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡେପୁଟି ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟି ପୁରୀ ଓ ଏଆର୍‌ସିଏସ୍ ନୟାଗଡଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଗତ ୨୨ ତାରିଖରେ କେବଳ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ବୁଧବାର ସହକାରୀ ନିବନ୍ଧକଙ୍କ ନିର୍ଦ୍ଦେଶ ଅନୁସାରେ ଉପସହକାରୀ ନିବନ୍ଧକ ହାଡୁବନ୍ଧୁ ମହାକୁଡ ଅଭିଯୋଗ ଥିବା ସମିତିକୁ ତଦନ୍ତ କରିବାକୁ ଯାଇଥିଲେ। ତେବେ ତଦନ୍ତକୁ ଲୁଚାଇବା ପାଇଁ ଲକ୍‌ଡାଉନ ସମୟରେ କୁରାଳ ପ୍ରାଥମିକ କୃଷି ସମବାୟ ସମିତିରେ ମାଂସ ଭୋଜିର ଆସର ହୋଇଥିଲା। ଖବର ପାଇ ପୋଲିସ ଚଢ଼ାଉ କରିବା ସମୟରେ ଭୋଜିଭାତର ଆସର ସତ୍ୟ ବୋଲି ଜଣାପଡିଥିଲା। ତଦନ୍ତକାରୀ ଅଧିକାରୀ ଉପ ସହକାରୀ ନିବନ୍ଧକ ଭୋଜି ସ୍ଥାନରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏ ନେଇ ଉପସହକାରୀ ନିବନ୍ଧକ ମହାକୁଡ କୁହନ୍ତି, ମୁଁ ମାଂସ ଖାଏ ନାହିଁ, ନିରାମିଷାସୀ। ତଦନ୍ତରେ ଥିବାରୁ ଭୋଜି ଖାଇବାକୁ ମନା କରିଥିଲି। ଅନ୍ୟପକ୍ଷେ ଜାଲ୍ ସାର୍ଟିଫିକେଟରେ ପଦୋନ୍ନତି ଘଟଣାର ତଦନ୍ତ ଆରମ୍ଭ ହୋଇଥିବା କହିଥିଲେ।

ଅଭିଯୋଗ ଅନୁସାରେ ପାଣ୍ଡେରୀପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀ ସତ୍ୟ ନାରାୟଣ ଭୋଇ ମାଟ୍ରିକ ପାସ୍ କରିନାହାନ୍ତି। କିନ୍ତୁ ଜାଲ୍ ମାଟ୍ରିକ ଓ ଯୁକ୍ତ ୨ ସାର୍ଟିଫିକେଟ ଦାଖଲ କରି ପଦୋନ୍ନତି ନେଇଛନ୍ତି। ସେହିପରି କୈବଲ୍ୟପୁର ଓ ହନୁମନ୍ତିଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀ ମାଟ୍ରିକ ପାସ ନ କରି ଜାଲ୍ ସାର୍ଟିଫିକେଟ ବଳରେ ପଦୋନ୍ନତି ପାଇଛନ୍ତି।

## ସମନ୍ୱୟ ପାଇଁ ନୋଡାଲ ଅଥରିଟି ଗଠନ କର

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

- ପ୍ରବାସୀଙ୍କ ପାଇଁ ବାଟ ଫିଟିଲା
- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କଲା ନିର୍ଦ୍ଦେଶନାମା

କରୋନା(କୋଭିଡ୍-୧୯) ସଂକ୍ରମଣ ଆଶଙ୍କାରେ ସମଗ୍ର ଦେଶ ମାସେରୁ ଊର୍ଦ୍ଧ୍ୱକାଳ ଧରି ଲକ୍‌ଡାଉନରେ ରହିଛି। ଲକ୍ଷଲକ୍ଷ ଲୋକ ଅସହାୟ ଅବସ୍ଥାରେ ବିଭିନ୍ନ ରାଜ୍ୟରେ ଫସି ରହିଛନ୍ତି। ସେଠାରେ ସେମାନଙ୍କୁ କାମଧନ୍ଦା ମିଳୁ ନ ଥିବାରୁ ନିଜ ଭିଟାମାଟିକୁ ଫେରିବାକୁ ବ୍ୟାକୁଳ ହେଉଛନ୍ତି। ତେବେ ଅନ୍ୟ ରାଜ୍ୟରେ ଫସିଥିବା ଲୋକମାନେ କିଭଳି ସୁରକ୍ଷିତ ଭାବେ ନିଜ ଗ୍ରାମକୁ ଫେରିବେ ଓ ସେମାନଙ୍କ କୋଭିଡ୍ ପରୀକ୍ଷା କରାଯିବ ସେନେଇ ରାଜ୍ୟ ସରକାର ପଞ୍ଚାୟତ ଓ ପୌରାଞ୍ଚଳରେ ଅସ୍ଥାୟୀ ଚିକିତ୍ସା କ୍ୟାମ୍ପ ବା କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲିଛନ୍ତି। ଅନ୍ୟ ରାଜ୍ୟରୁ ଲୋକମାନେ କିଭଳି ସୁରକ୍ଷିତ ଭାବେ ନିଜ ରାଜ୍ୟକୁ ଫେରିବେ ସେ ନେଇ ଏସଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭିଡିଓ କନ୍‌ଫରେନ୍‌ସିଂ ଆଲୋଚନାବେଳେ ପ୍ରସ୍ତାବ ଦେଇଥିଲେ। ବୁଧବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲୋକଙ୍କ ଆନ୍ତଃରାଜ୍ୟ ପରିବହନ ନେଇ ଏକ ଗାଇଡ୍‌ଲାଇନ ବା ନିର୍ଦ୍ଦେଶନାମା ଜାରି କରିଛି। ବିଭିନ୍ନ ରାଜ୍ୟରେ ଫସି ରହିଥିବା ଶ୍ରମିକ, ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ରୀଛାତ୍ର, ଏବଂ ଅନ୍ୟାନ୍ୟ ଲୋକମାନେ କିପରି ବିନା ବାଧାରେ ଫେରି ପାରିବେ ସେନେଇ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଅନ୍ୟ ରାଜ୍ୟରେ ଫସି ରହିଥିବା ଲୋକଙ୍କୁ ନିଜ ରାଜ୍ୟରୁ ପଠାଇବା ଏବଂ ଗ୍ରହଣ କରିବା ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ସ୍ୱୀକୃତିପ୍ରାପ୍ତ ନୋଡାଲ କର୍ତ୍ତୃପକ୍ଷ ଗଠନ କରିବା ସହ ଏକ ଷ୍ଟାଣ୍ଡାର୍ଡ ପ୍ରୋଟୋକଲ ବିକାଶ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ନୋଡାଲ କର୍ତ୍ତୃପକ୍ଷ ଲୋକଙ୍କ ପଞ୍ଜୀକରଣ କରିବା ଆବଶ୍ୟକ। ଯଦି ଫସି ରହିଥିବା ଲୋକମାନେ ଗୋଟିଏ ରାଜ୍ୟରୁ ଅନ୍ୟରାଜ୍ୟକୁ ଯିବାକୁ ଚାହିଁବେ ତେବେ ଉଭୟ ରାଜ୍ୟ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ମିଳିତ ଭାବେ ସଡ଼କ ପଥରେ ଯିବାକୁ ଅନୁମତି ଦେବାକୁ କୁହାଯାଇଛି। ସେହିପରି ଅନ୍ୟ ରାଜ୍ୟକୁ ଯାଉଥିବା ଲୋକଙ୍କୁ ସ୍କ୍ରିନିଂ କରି ଛାଡ଼ିବାକୁ କୁହାଯାଇଛି। ଯଦି କେହି ସାମାନ୍ୟ ଅସୁସ୍ଥ ଅନୁଭବ କରୁଥିବେ ତେବେ ସେମାନଙ୍କୁ ଯିବା ପାଇଁ ଅନୁମତି ଦେବାକୁ ପରାମର୍ଶ ଦିଆଯାଇଛି। ନିଜ ରାଜ୍ୟରେ ପହଞ୍ଚିବା ପରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଯଦି କେହି ଗୁରୁତର ନ ଥିବେ ତେବେ ସେମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ସରକାରୀ କ୍ୱାରାଣ୍ଟାଇନ୍‌ରେ ନ ରଖି ନିଜ ଘରେ କ୍ୱାରାଣ୍ଟାଇନରେ ରଖାଯିବ। ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବାସହିତ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

# ଦେବଗଡ଼, ଝାରସୁଗୁଡ଼ା ଆକ୍ରାନ୍ତଙ୍କ କୋଲକାତା ଲିଙ୍କ୍

**ଝାରସୁଗୁଡ଼ା ଅଫିସ/ଦେବଗଡ଼ ୨୯।୪(ଡି.ଏନ.ଏ.)**

ବୁଧବାର ଝାରସୁଗୁଡ଼ା ଓ ଦେବଗଡ଼ ଜିଲାରେ ପ୍ରଥମ ଥର ପାଇଁ ଚିହ୍ନଟ ହୋଇଥିବା ୨ କରୋନା ରୋଗୀଙ୍କ କୋଲକାତା ଲିଙ୍କ୍ ଥିବା ଜଣାପଡିଛି । ଝାରସୁଗୁଡ଼ାରେ ଚିହ୍ନଟ ରୋଗୀଙ୍କୁ ସ୍ଥାନୀୟ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ସେହିପରି ଦେବଗଡ଼ରେ ଚିହ୍ନଟ ରୋଗୀଙ୍କୁ ରାଉରକେଲା ହାଇଟେକ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଝାରସୁଗୁଡ଼ା ଜିଲାରେ ଚିହ୍ନଟ ହୋଇଥିବା କରୋନା ରୋଗୀଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପୁରୁଲିଆ ଜିଲାରେ ବୋଲି ଜଣାପଡିଛି । ତାଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଦୁଇଟି ଟିମ୍ ନିୟୋଜିତ ହୋଇଛନ୍ତି। ଏଥିପାଇଁ ଜିଲାବାସୀ ଆତଙ୍କିତ ନ ହେବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲାପାଳ ସରୋଜ କୁମାର ସାମଲଙ୍କ ସୂଚନା ମୁତାବକ ପଶ୍ଚିମବଙ୍ଗ ରାଜ୍ୟ ପୁରୁଲିଆ ଜିଲାର ଜଣେ ବ୍ୟକ୍ତି ବ୍ରଜରାଜନଗର ମ୍ୟୁନିସିପାଲିଟିର ବୁଢ଼ିଜାମ ଅଞ୍ଚଳରେ ରହି ଡ୍ରାଇଭର ଭାବେ କାମ କରୁଥିଲେ। ଉକ୍ତ ବ୍ୟକ୍ତିଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତାଙ୍କ ଅନ୍ତିମ ସଂସ୍କାର ପାଇଁ ସଂପୃକ୍ତ ବ୍ୟକ୍ତିଙ୍କ ପରିବାରର ୪ ଜଣ ସମ୍ପର୍କୀୟ ଗତ ୨୩ ତାରିଖ ସନ୍ଧ୍ୟାରେ ଏଠାକୁ ଆସିଥିଲେ। ୨୪ ତାରିଖରେ ଉପରୋକ୍ତ ୪ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ସମସ୍ତଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ନମୁନା ପରୀକ୍ଷା ରିପୋର୍ଟ ଆସିବା ପରେ ମୃତ ବ୍ୟକ୍ତିଙ୍କ ଭଉଣୀ(୧୮)ଙ୍କଠାରେ କରୋନା ପଜିଟିଭ ଜଣାପଡିଛି। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ଜିଲାପାଳ ସାମଲ କହିଛନ୍ତି।

ସେହିପରି ଦେବଗଡ଼ ଜିଲା ତିଲେଇବଣିବ୍ଲକବଲଣ୍ଡାପଞ୍ଚାୟତଅନ୍ତର୍ଗତ ବାସୁଦେବପୁର(କରଡାଖମଣ)ଗ୍ରାମର ଜଣେ ୩୪ବର୍ଷୀୟ ଯୁବକ କରୋନା ଆକ୍ରାନ୍ତ ଜଣା ପଡିବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି।



କରୋନା ପଜିଟିଭ ଜଣାପଡିବା ପରେ ବାସୁଦେବପୁର ଗାଁ ରାସ୍ତାକୁ ସିଲ୍ କରାଯାଇଛି।

- ଗାଁର ସମସ୍ତ ପ୍ରବେଶ ପଥକୁ ସିଲ୍ କଲା ଦେବଗଡ଼ ପ୍ରଶାସନ
- ରାଉରକେଲା ହାଇଟେକ୍ ମେଡିକାଲକୁ ପଠାଗଲା
- ଆକ୍ରାନ୍ତ ଯୁବକ କୋଲକାତାରେ ଡ୍ରାଇଭର ରୂପେ କାମ କରୁଥିଲେ

ଆକ୍ରାନ୍ତ ଯୁବକ ଜଣକ ପଶ୍ଚିମବଙ୍ଗରେ ଜଣେ ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ପୂର୍ବେ ସେ ପଶ୍ଚିମବଙ୍ଗରୁ ନିଜ ଗ୍ରାମ ବାସୁଦେବପୁରକୁ ଫେରିଥିଲେ । ଗ୍ରାମବାସୀ ତାଙ୍କୁ ଗାଁରେ ପୂରାଇ ନ ଦେବାରୁ ସେ ଅନ୍ୟତ୍ର ଚାଲିଯାଇଥିଲେ । ଗତ ୨୬ ତାରିଖରେ ସେ ପୁନର୍ବାର ଗାଁକୁ ଆସିଥିଲେ। ୨୭ ତାରିଖ ଦିନ ସେ ଗ୍ରାମବାସୀଙ୍କ ଚାପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ନିଜର ନାମ ପଞ୍ଜୀକୃତ କରିଥିଲେ । ମାତ୍ର ତାଙ୍କ ଶରୀରରେ କରୋନାର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା । ତଥାପି ସେଦିନ ତାଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା । ଏଥିସହ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । ବୁଧବାର ତାଙ୍କର ନମୁନା ପଜିଟିଭ ଥିବା ଜଣାପଡିବା ପରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ରାଉରକେଲାସ୍ଥିତ ହାଇଟେକ ମେଡିକାଲକୁ ପଠାଯାଇଛି। ତାଙ୍କ ସଂସ୍ପର୍ଶରେ ଆଉ କିଏ ଆସିଛନ୍ତି ସେନେଇ ଅନୁସନ୍ଧାନ ଜାରି ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମନୋଜ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି । ବାସୁଦେବପୁର ଗ୍ରାମକୁ ସଂଯୋଗ କରୁଥିବା ସମସ୍ତ ୩ ପ୍ରବେଶପଥକୁ ସିଲ୍ କରିଦିଆଯାଇଛି । ସେଠାରେ କ୍ୟାମ୍ପ କରାଯାଇ ପୋଲିସ ମୁତୟନ କରାଯାଇଛି । ବାହାରକୁ ନ ବାହାରିବା ପାଇଁ ଡାକବାଜି ଯନ୍ତ୍ରରେ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି।

## ଉତ୍ତାପ ବୃଦ୍ଧିରେ କରୋନା ଭାଇରସ୍ ସଂକ୍ରମଣ ହ୍ରାସ

**ପୁନେ,୨୯।୪**

ଦିନର ତାପମାତ୍ରା ବୃଦ୍ଧି ସହ କରୋନା ସଂକ୍ରମଣ ହ୍ରାସ ସମ୍ପର୍କ ରହିଥିବା ଜଣାପଡ଼ିଛି। ନାଗପୁରସ୍ଥିତ ନ୍ୟାଶନାଲ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ନେରୀ) ପକ୍ଷରୁ କରାଯାଇଥିବା ଗବେଷଣାରୁ ଏହି ତଥ୍ୟ ଜାଣିବାକୁ ମିଳିଛି। ବିଶେଷକରି ମହାରାଷ୍ଟ୍ର ଏବଂ କର୍ନାଟକରେ ଦିନର ତାପମାତ୍ରା ବୃଦ୍ଧି ସହ କରୋନା ତାପମାତ୍ରା ହ୍ରାସ ପାଉଥିବା ପ୍ରମାଣ ମିଳିଛି। ଏହା ମହାରାଷ୍ଟ୍ରରେ ୮୫% ଏବଂ କର୍ନାଟକରେ ୮୮% କ୍ଷେତ୍ରରେ ପ୍ରମାଣିତ ହୋଇଛି। ତେବେ ସାମାଜିକ ଦୂରତା ବଜାୟ ରଖିବା ଦ୍ୱାରା କରୋନା ହ୍ରାସ ବେଶ୍ ପ୍ରଭାବଶାଳୀ ହୋଇପାରିଛି। କୋଭିଡ-୧୯ ଥଣ୍ଡା ଏବଂ ଶୁଖିଲା ପରିସ୍ଥିତରେ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଏହା ୨୧ରୁ ୨୩ଡିଗ୍ରୀ ସେଣ୍ଟିଗ୍ରେଡ୍‌ର ତାପମାତ୍ରାରେ ବିଶେଷକରି କଠିନ ବସ୍ତୁ ଉପରେ ୭୨ଘଣ୍ଟା ପର୍ଯ୍ୟନ୍ତ ରହିଥାଏ ବୋଲି ଜଣାପଡ଼ିଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ରୁ କୋଭିଡ-୧୯ ଡାଟା ଏବଂ ଭାରତୀୟ ପାଣିପାଗ ବିଭାଗରୁ ମିଳିଥିବା ତାପମାତ୍ରାକୁ ଆଧାର କରି ନେରୀର ଗବେଷକମାନେ ଗାଣିତିକ ସୂତ୍ରରେ କରିଥିବା ପରୀକ୍ଷାରୁ ଏହା ଜାଣିବାକୁ ପାଇଛନ୍ତି। ଦିନର ନିର୍ଦ୍ଦିଷ୍ଟ ସମୟର ତାପମାତ୍ରା ଏବଂ ଆର୍ଦ୍ରତା ସହ ମହାରାଷ୍ଟ୍ର ଏବଂ କର୍ନାଟକରେ ବଢୁଥିବା କୋଭିଡ୍-୧୯ ସଂକ୍ରମଣର ସମ୍ପର୍କ ଉପରେ ଗବେଷଣା କରାଯାଇଥିଲା। ଗବେଷକଙ୍କ ମତରେ ଯେତେବେଳେ ମହାରାଷ୍ଟ୍ର ଏବଂ କର୍ନାଟକର ତାପମାତ୍ରା ଏବଂ ଆର୍ଦ୍ରତାକୁ ହାରାହାରି ୨୫ଡିଗ୍ରୀରେ ଅନୁଧ୍ୟାନ କରାଯାଇଥିଲା, ସେତେବେଳେ କୋଭିଡ୍ ସଂକ୍ରମଣ କମିଥିବା ଜଣାପଡ଼ିଛି ।

## ସଂକ୍ଷେପରେ

### ମାଲକାନଗିରି ଜିଲାକୁ ଫେରିବେ ୧୭ ହଜାର ଶ୍ରମିକ

**ମାଲକାନଗିରି,୨୯।୪(ଡି.ଏନ୍.ଏ.):** କରୋନାକୁ ନେଇ ସମଗ୍ର ଭାରତ ଚିନ୍ତିତ। ପରିସ୍ଥିତିକୁ ଆୟତ୍ତ କରିବା ଲାଗି ଜାରି ହୋଇଛି ଲକ୍‌ଡାଉନ। ଏପରି ଅବସ୍ଥାରେ ରାଜ୍ୟ ବାହାରେ ରହି କାର୍ଯ୍ୟ କରୁଥିବା ଶ୍ରମିକମାନେ ନିଜ ଗ୍ରାମକୁ ଫେରିପାରୁନାହାନ୍ତି। ଆସନ୍ତା ୩ ତାରିଖ ଲକ୍‌ଡାଉନ ଉଠିବା ପରେ ରାଜ୍ୟ ସରକାର ସେମାନଙ୍କୁ ରାଜ୍ୟକୁ ଫେରାଇ ଆଣିବା ବ୍ୟବସ୍ଥା କରୁଛନ୍ତି। ସେମାନେ ଆସିବା ପାଇଁ ପଞ୍ଜୀକୃତ କରିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଅଣାଯିବ। ଫେରିଲେ ୧୪ ଦିନ ସଙ୍ଗରୋଧ ଗୃହରେ ରହିବେ। ମାଲକାନଗିରି ଜିଲାର ୧୭ ହଜାର ଶ୍ରମିକ ବିଭିନ୍ନ ରାଜ୍ୟରୁ ଆସିବେ। ଏଥିପାଇଁ ଜିଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ସୁବିଧା ଥାଇ ସଙ୍ଗରୋଧ ଗୃହ ପ୍ରସ୍ତୁତି କରୁଛି। ଏହି ସମୟ ମଧରେ ସେମାନଙ୍କ ନିମନ୍ତେ ଜିଲା ପ୍ରଶାସନ ସାପ୍ତାହିକ ଖାଦ୍ୟ ତାଲିକା ପ୍ରସ୍ତୁତ କରିଛି। ତାଲିକା ଅନୁସାରେ ଖାଦ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରଦାନ କରାଯିବ।

### ୨୮୨ ସ୍ୱାବ୍ ନେଗେଟିଭ

**ରାୟଗଡ଼ା ଅଫିସ,୨୯।୪:** ରାୟଗଡ଼ା ଜିଲାରେ କରୋନା ସଂକ୍ରମଣ ନ ବ୍ୟାପିବା ପାଇଁ ସବୁ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ଜିଲାରେ କରୋନାର ସ୍ଥିତି ନିୟନ୍ତ୍ରଣାଧୀନ ଅଛି। ଏଯାବତ୍ ଜିଲାରୁ ୮ଟି ପର୍ଯ୍ୟାୟରେ ୫୬ ଜଣ ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସିକୁ ପଠାଯାଇଥିଲା। ସେଥିରେ ସମସ୍ତ ରିପୋର୍ଟ ନେଗେଟିଭ ଆସିଛି। ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ଜିଲାରୁ ୨୮୨ ଜଣଙ୍କର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସମସ୍ତଙ୍କର ରିପୋର୍ଟ ନେଗେଟିଭ ରହିଥିବା ଜିଲା ମୁଖ୍ୟ ଚିକିତ୍ସାଳୟର ସିଡିଏମ୍‌ଓ ଡାକ୍ତର ଆର୍ତ୍ତବନ୍ଧୁ ନାୟକ କହିଛନ୍ତି।

### ଜମି ବିବାଦରୁ ଯୁବକଙ୍କୁ ହତ୍ୟା ଉଦ୍ୟମ

**ପଦ୍ମପୁର,୨୯।୪(ଡି.ଏନ.ଏ.):** ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ନିକଟସ୍ଥ ଗୁମୁଡା ଗ୍ରାମରେ ବୁଧବାର ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ହୋଇଛି। ତାଙ୍କ ନାମ ରମେଶ ପାତିକା(୪୦)। ଜମିଜମା ବିବାଦକୁ ନେଇ ଏପରି ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି ରମେଶଙ୍କ ଜମିବାଡି ନେଇ ପୂର୍ବରୁ କେତେଜଣ ବ୍ୟକ୍ତିଙ୍କ ସହ ବିବାଦ ଥିଲା। ବୁଧବାର ସେ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସେ ଗୁରୁତର ଅବସ୍ଥାରେ ପଡିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ପଦ୍ମପୁର ଡାକ୍ତରଖାନା ପଠାଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ରମେଶଙ୍କୁ ଗୁଣୁପୁର ସ୍ଥାନାନ୍ତର କରିଦେଇଥିବା ଜଣାପଡିଛି।

## ୬୪ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ

**ଜୁନାଗଡ,୨୯।୪(ଡି.ଏନ୍.ଏ)**

**ବିନା ଅନୁମତିରେ ହେଡକ୍ୱାର୍ଟର୍ସ ଛାଡ଼ିବା ମହଙ୍ଗାପଡ଼ିଲା**

କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ସ୍କୁଲ, କଲେଜକୁ ଆଗତୁରା ଛୁଟି ଘୋଷଣା କରିଛନ୍ତି। ଏପରିକି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିଜ ମହକୁମାରେ ରହି କୋଭିଡ-୧୯ ମୁକାବିଲା କାର୍ଯ୍ୟରେ ପ୍ରଶାସନକୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ସରକାରଙ୍କ ଏହି ନିର୍ଦ୍ଦେଶକୁ ବେଖାତିର କରି ଶିକ୍ଷା ବିଭାଗର ବିନା ଅନୁମତିରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ୬୪ ଜଣ ଶିକ୍ଷୟିତ୍ରୀଶିକ୍ଷକ ଜିଲା ଛାଡ଼ି ନିଜ ନିଜ ଜିଲାକୁ ଚାଲିଯାଇଛନ୍ତି। ଏହା ଜଣାପଡ଼ିବା ପରେ ସେମାନଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ୨ବର୍ଷ ତଳେ ଜୁନାଗଡ଼ ବ୍ଲକ ଶିକ୍ଷା ବିଭାଗରେ ଅନ୍ୟ ଜିଲାର ୮୪ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଯୁକ୍ତି ପାଇଥିଲେ। କରୋନା ପାଇଁ ସ୍କୁଲଗୁଡିକ ବନ୍ଦ ରହିଥିବା ଯୋଗୁ ଏହି ସମୟରେ ସେମାନଙ୍କୁ ସେହି ଅଞ୍ଚଳର ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ପଞ୍ଚାୟତ ଅଧିକାରୀମାନଙ୍କ ସହିତ ମିଶି କୋଭିଡ-୧୯ ସର୍ଭେ କରିବା ସହ ସଚେତନତା କରିବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଜୁନାଗଡ ବ୍ଲକରେ ନିଯୁକ୍ତି ପାଇଥିବା ୬୪ ଶିକ୍ଷୟିତ୍ରୀଶିକ୍ଷକ ନିଜ କ୍ଷେତ୍ର ଛାଡି ଗାଁକୁ ପଳାଇଛନ୍ତି। ଫଳରେ ଏବେ ଘର ଘର ବୁଲି ସ୍କୁଲ ପିଲାଙ୍କୁ ବହି ବଣ୍ଟନ କାର୍ଯ୍ୟରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁବାଳା ଦେବୀଙ୍କୁ ପଚାରିବାରୁ ଶିକ୍ଷା ବିଭାଗର ବିନା ଅନୁମତିରେ ହେଡକ୍ୱାର୍ଟର୍ସ ଛାଡ଼ିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଚୋପଦାର କହିଛନ୍ତି ଯେ, ସମ୍ପୃକ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ବାହାରୁ ରାୟଗଡ଼ା ଫେରିବାକୁ ପଞ୍ଜୀକୃତ ହେଲେ ୫୧୭୩ ଶ୍ରମିକ

**ରାୟଗଡ଼ା ଅଫିସ,୨୯।୪**

କରୋନା ମହାମାରୀର ପ୍ରକୋପକୁ ଦେଖି ମେ ୩ ପର୍ଯ୍ୟନ୍ତ ଲକ୍‌ଡାଉନ ଜାରି ରହିବ। ତେବେ ଲକ୍‌ଡାଉନ ସମୟରେ ବାହାର ରାଜ୍ୟ ଓ ଜିଲାରେ ରାୟଗଡ଼ା ଅଞ୍ଚଳର ଅନେକ ଶ୍ରମିକ ଫସିରହିଛନ୍ତି। ଦେଶରେ ତାଲା ବନ୍ଦ ଘୋଷଣା ହେବା ପରଠାରୁ ଗାଡ଼ି ଓ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାରୁ ବାହାରେ ଫସିଥିବା ଶ୍ରମିକମାନେ ନିଜର ଭିଟାମାଟିକୁ ଫେରିପାରୁନାହାନ୍ତି। ବାହାରେ ସେମାନଙ୍କ ନାନା ସମସ୍ୟା ଭୋଗିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେମାନଙ୍କୁ ଫେରାଇ ଆଣିବା ପାଇଁ ପଞ୍ଜୀକରଣ ଆରମ୍ଭ କରିଛନ୍ତି। ବାହାର ରାଜ୍ୟରେ ରହି ଯାଇଥିବା ଲୋକେ ନିଜ ଅଞ୍ଚଳକୁ ଆସିବା ପାଇଁ ନାମ ପଞ୍ଜୀକରଣ କରିବାକୁ ହେବ। ବର୍ତ୍ତମାନ ସୁଦ୍ଧା ୫୧୭୩ ଜଣ ଶ୍ରମିକ ରାୟଗଡ଼ା ଜିଲାକୁ ଫେରିବା ପାଇଁ ପଞ୍ଜୀକୃତ ହୋଇସାରିଛନ୍ତି।

## ଅବସର ସମୟରେ ଗରିବଙ୍କୁ ସହାୟତା କରୁଛନ୍ତି ଏଏସ୍‌ଆଇ

**ନବରଙ୍ଗପୁର,୨୯।୪(ବି.ପ୍ର.)**

କୋଭିଡ୍-୧୯ ପାଇଁ ସାରା ବିଶ୍ୱ ଚିନ୍ତିତ। କରୋନାକୁ କିଭଳି ପ୍ରତିହତ କରାଯିବ ସେ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଦେଶରେ ଲକ୍‌ଡାଉନ ଜାରି ରହିଛି। ଏହାକୁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ କାର୍ଯ୍ୟକାରୀ କରୁଛନ୍ତି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ନବରଙ୍ଗପୁର ଥାନା ଏଏସ୍‌ଆଇ ଅଶୋକ କୁମାର ଦେଓ ଡ୍ୟୁଟି ପରେ ସହରରେ ସମାଜସେବାରେ ନିଜକୁ ନିୟୋଜିତ କରୁଛନ୍ତି। ଗରିବ ଲୋକଙ୍କୁ ସହାୟତା କରୁଛନ୍ତି। ନବରଙ୍ଗପୁର ତାରାଗାଁ ଛକ ଓ ମାଝିଗୁଡା ଛକଠାରେ ମହାରାଷ୍ଟ୍ରର ୪୮ ଜଣ ବାଞ୍ଜରା ଫସି ରହିଛନ୍ତି। ସେମାନଙ୍କ ମଧ୍ୟରେ ବୃଦ୍ଧାବୃଦ୍ଧ, ଯୁବତୀ ଯୁବକ ସହ ଛୋଟ ପିଲା ମଧ୍ୟ ଅଛନ୍ତି। ପ୍ରଶାସନ ପକ୍ଷରୁ ନିକଟରେ ସେମାନଙ୍କୁ ଚାଉଳ ମିଳିଛି। ସେତକରେ ଲକ୍‌ଡାଉନ ଶେଷ ଯାଏ ଚଳିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ଏଭଳିସ୍ଥିତିରେ ଏଏସ୍‌ଆଇ ଦେଓ ବୁଧବାର ତାରାଗାଁ ଓ ମାଝିଗୁଡା ଯାଇ ୪୮ ଜଣଙ୍କୁ ବିଭିନ୍ନ ରାଶନ ସାମଗ୍ରୀ ଆଳୁ, ପିଆଜ, ଚିନି, ତେଲ, ଚାଉଳ, ଡାଲି, ସାବୁନ, ଚା' ପ୍ରଭୃତି ଦେଇଛନ୍ତି। କେବଳ ଏତିକି ନୁହେଁ ସେ ଡ୍ୟୁଟିରେ ଥିବା ସମୟରେ କୌଣସି ଗରିବ କିମ୍ବା ଭିକାରୀ ଦେଖିଲେ ତାଙ୍କୁ ଫଳ ଓ ଖାଦ୍ୟ ପୁଡିଆ ଦେଇଥାନ୍ତି। ତାଙ୍କର ଏପରି ସେବା ମନୋବୃତ୍ତିକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଗରିବଙ୍କୁ ସହାୟତା ଦେଉଛନ୍ତି ଏଏସ୍‌ଆଇ।

## ମେ' ପ୍ରଥମ ସପ୍ତାହରୁ ରବି ଧାନ ସଂଗ୍ରହ

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ରାଜ୍ୟରେ ରବିଧାନ ସଂଗ୍ରହ କାର୍ଯ୍ୟ ମେ ମାସ ପ୍ରଥମ ସପ୍ତାହରେ ଆରମ୍ଭ ହେବ। କରୋନା ସଂକ୍ରମଣ ଯୋଗୁ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରି ରବିଧାନ ସଂଗ୍ରହ କାର୍ଯ୍ୟ କରିବା ପାଇଁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଏହି ମର୍ମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ସଂପୃକ୍ତ ଜିଲାପାଳମାନଙ୍କ ଉଦ୍ଦେଶ୍ୟରେ ଏକ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। କୌଣସି କେନ୍ଦ୍ରରେ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁପାଳନରେ ଖିଲାପ ହେଲେ ସେହି କେନ୍ଦ୍ରରେ ଧାନ ସଂଗ୍ରହ କାର୍ଯ୍ୟକୁ ବନ୍ଦ କରିଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ରବିଧାନ ସଂଗ୍ରହ ନିମନ୍ତେ ରାଜ୍ୟର ୧୭ ଜିଲାରେ ମୋଟ ୨, ୫୮,୩୫୭ ଚାଷୀ ସେମାନଙ୍କ ନାମ ଅନ୍‌ଲାଇନ୍‌ରେ ପଞ୍ଜିକୃତ କରିଛନ୍ତି । ଚଳିତବର୍ଷ ଗତବର୍ଷ ଅପେକ୍ଷା ୨୦ ପ୍ରତିଶତ ଅଧିକ ଚାଷୀ ରବିଧାନ ବିକ୍ରୟ ନିମନ୍ତେ ନାମ ପଞ୍ଜୀକରଣ କରିଛନ୍ତି । ଏହି ୧୭ଟି ଜିଲା ହେଉଛି- ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର। ୮୨୯ ପ୍ୟାକ୍ସ, ଲ୍ୟାମ୍ପ୍‌ସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ ସଂଗ୍ରହ କରାଯିବ। ପ୍ରତିଦିନ ସକାଳ ୭ ଘଣ୍ଟିକାରୁ ଦିନ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ। ସେହିଦିନ ଅପରାହ୍ନରେ କଷ୍ଟମ ମିଲରମାନେ କେନ୍ଦ୍ରରୁ ଧାନ ଉଠାଣ କରିବେ।

## ଫିନାଇଲ ପିଇ ଅନ୍ତେବାସୀଙ୍କ ଆତ୍ମହତ୍ୟା ଉଦ୍ୟମ

**ରାୟଗଡ଼ା ଅଫିସ,୨୯।୪**

**କ୍ୱାରାଣ୍ଟାଇନ ସେଣ୍ଟରରେ ଅଭାବନୀୟ କାଣ୍ଡ**

ରାୟଗଡ଼ା ଜିସିଡି ହାଇସ୍କୁଲସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରରେ ବୁଧବାର ଏକ ଅଭାବନୀ କାଣ୍ଡ ଘଟିଛି। ସେଠାରେ ରହୁଥିବା ଜଣେ ଅନ୍ତେବାସୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଉଛନ୍ତି ଗଞ୍ଜାମ ଜିଲାର ଜଗା ପାତ୍ର। କ୍ୱାରାଣ୍ଟାଇନ ସେଣ୍ଟରର ବାଥ୍‌ରୁମ୍‌ରେ ଥିବା ଫିନାଇଲ ପିଇ ସେ ଜୀବନ ହାରିବାକୁ ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ପୂର୍ବରୁ ମଧ୍ୟ ଏପରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ଆତ୍ମହତ୍ୟା ପଛର କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ରହିଛି। ଗଞ୍ଜାମ ଜିଲାରୁ କୌଣସି କାମରେ ରାୟଗଡ଼ା ଆସିଥିବା ବେଳେ ଏଠାରେ ସେ ଫସିରହିଥିଲେ ଓ ତାଙ୍କୁ ଗତ ଏପ୍ରିଲ ୭ରୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ସେଥିରେ ବୀତସ୍ପୃହ ହୋଇ ସେ ଏପରି କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏନେଇ ରାୟଗଡ଼ା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ କହିଛନ୍ତି, ବାହାର ଜିଲାର ଯେଉଁ ଶ୍ରମିକମାନେ ଏଠାରେ ଫସରହିଛନ୍ତି, ପର୍ଯ୍ୟାୟ କ୍ରମେ ସମସ୍ତଙ୍କୁ ନିଜ ନିଜ ଘରକୁ ପଠାଯାଉଛି। ଜଗା ମଧ୍ୟ ଶୀଘ୍ର ତାଙ୍କ ଘରକୁ ଫେରିବେ।

## ଗୋଦାମରେ ଚଢ଼ାଉ, ୧୬ ବସ୍ତା ଗୁଟ୍‌ଖା ଜବତ




ଜବତ ହୋଇଥିବା ଗୁଟ୍‌ଖା ଭର୍ତ୍ତି ବସ୍ତା।

**ଜୟପୁର,୨୯।୪(ନି.ପ୍ର./ଡି.ଏନ୍.ଏ.)**

କୋରାପୁଟ ଜିଲା ଜୟପୁର ସହରରେ ଗୁଟ୍‌ଖା ଓ ତମାଖୁର ଅବାଧ ବିକ୍ରି ଚାଲିଛି। ତେଣୁ ବୁଧବାର ପୋଲିସ, ତହସିଲ ଓ ପୌରପରିଷଦ ମିଳିତ ଭାବେ ସହରର ଭଦ୍ରାୟାସାହିରେ ଥିବା ଦୋକାନ ଓ ୨ଟି ଗୋଦାମରେ ଚଢ଼ାଉ କରି ୧୬ ବସ୍ତା ଗୁଟ୍‌ଖା ଜବତ କରିଛି । ରାଜ୍ୟ ଓ କେନ୍ଦ୍ର ସରକାର ଗୁଟ୍‌ଖା ବିକ୍ରିକୁ ବେନିୟମ ଘୋଷଣା କରିଥିଲେ ମଧ୍ୟ ଏହା ଜୟପୁର ଅଞ୍ଚଳରେ ଖୋଲାଖୋଲି ଚଢ଼ା ଦରରେ ବିକ୍ରି ହେଉଛି। ଆନ୍ଧ୍ରର ବିଜୟନଗରମ, ଛତିଶଗଡ଼ର ରାୟପୁର, ଜଗଦଲପୁର, ବ୍ରହ୍ମପୁରରୁ ଏହି ଦ୍ରବ୍ୟ ସବୁ ଜୟପୁର ଆସୁଛି। ଲକ୍‌ଡାଉନ ସତ୍ତ୍ୱେ ଚଢ଼ାଉ ହୋଇଥିବା ଗୋଦାମକୁ ଗତ ମଙ୍ଗଳବାର ବ୍ରହ୍ମପୁରରୁ ବିପୁଳ ପରିମାଣର ଗୁଟ୍‌ଖା ଆସିଥିଲା ଓ ଏହାକୁ ବ୍ୟବସାୟୀ ଜଣକ ଚଢ଼ା ଦରକରେ ବିକ୍ରି କରୁଥିଲେ। ପୌରସଂସ୍ଥା ଗୋଦାମ ମାଲିକ ବ୍ୟବସାୟୀ ନାରାୟଣ ସାହୁଙ୍କ ନାଁରେ ମାମଲା ରୁଜୁ କରିଛି। ଚଢ଼ାଉରେ ତହସିଲଦାର ଅଶ୍ୱିନ ମହାପାତ୍ର, ନୀଳାମ୍ବର ପୂଜାରୀ, ଟାଉନ ଥାନା ଏସ୍‌ଆଇ ସୁନିତା ବେହେରା ସାମିଲ ଥିଲେ।

## ହସୁଥିଲା ଫେର ହସୁଥିବ ଇଣ୍ଡିଆ..

**ସମ୍ବଲପୁର,୨୯।୪(ବ୍ୟୁରୋ)**

**ଗୀତ, ଅଭିନୟରେ ସଚେତନତା ସୃଷ୍ଟି କଲେ ପଶ୍ଚିମ ଓଡ଼ିଶା କଳାକାର**

ମହାମାରୀ କରୋନା ମୁକାବିଲା ପାଇଁ ସଚେତନତା ସୃଷ୍ଟି କରିଛନ୍ତି ପଶ୍ଚିମ ଓଡିଶାର କଳାକାରମାନେ । ସେମାନଙ୍କ ଏପରି ପ୍ରୟାସ ଯୋଗୁ ଏକ ଭିଡିଓ 'ହସୁଥିଲା ଫେର ହସୁଥିବ ଇଣ୍ଡିଆ' ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । କଳାକାରଙ୍କ ଏପରି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସପନରେ ଆସୁଛି ନୂଆଁ ସକାଳ, ସହର ଗଳିଥି ସବୁଆଡେ ଆସିବ ଖୁସି, ଭୋକ ଓ ଉପାସରେ କେହି ରହିବେ ନାହିଁ..। କିଛି ସମୟ ଧୌର୍ଯ୍ୟ ସହ ଆମକୁ ରହିବାକୁ ହେବ । ସଚେତନ ହୋଇ କଟକଣା ପାଳନ କଲେ କରେନା ହାରିଯିବ । ପୁଣି ସେଇ ସକାଳ ପ୍ରକୃତିରେ ସୌନ୍ଦର୍ଯ୍ୟ ଆସିବ । ଯେଭଳି ଭାବେ ଆମ ହସ ଖୁସିର ଦୁନିଆ ରହୁଥିଲା ପରିବେଶ ଚମକି ଉଠୁଥଲା ସେଭଳି ଭାବେ ପୁଣି ଚମକି ଉଠିବ । ପୁଣି ଇଣ୍ଡିଆ ହସି ଉଠିବ ବୋଲି ଗୀତରେ ବର୍ଣ୍ଣନା କରାଯାଇଛି । ଏହି ଭିଡିଓ ଜନସାଧାରଣଙ୍କ ମନୋବଳକୁ ଦୃଢ଼ କରିବାରେ ସହାୟକ ହୋଇଛି । ଉକ୍ତ ଭିଡିଓରେ ସମଲେଇ ମନ୍ଦିର, ଶୀଳତଷଷ୍ଠୀ ଯାତ୍ରା, ରଥ ଯାତ୍ରା, ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ, ବିଭିନ୍ନ ଆଞ୍ଚଳିକ ଓ ପାରମ୍ପରିକ ନାଚ ଗୀତ, ପୋଲିସ କର୍ମଚାରୀଙ୍କ ଏବଂ ସ୍ୱାସ୍ଥ୍ୟକର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଦୃଶ୍ୟ ସ୍ଥାନିତ ହୋଇଛି। କମ୍ପୋଜର ଓ କଣ୍ଠଦାନ କରିଛନ୍ତି ମଣ୍ଟୁ ଛୁରିଆ । ଗୀତ ରଚନା ଅମୂଲ୍ୟ ଡନସେନା କରିଥିବା ବେଳେ ମ୍ୟୁଜିକ୍ ଦେଇଛନ୍ତି ରେହାନ କମଳ । ଏହାର ଭିଡିଓ ପ୍ରସ୍ତୁତ କରିଛନ୍ତି ବିଶ୍ୱଜିତ୍ ସମାଲ, ସୁବୋଧ ମହାରଣା । ଏଥିରେ ଅଭିନୟ କରିଛନ୍ତି ପଦ୍ମଶ୍ରୀ କବି ହଳଧର ନାଗ, ଯୁବ ହାସ୍ୟ ଅଭିନେତା ଯୋଗେଶ ଯୋଯୋ, ବିନ୍ଦୁ, ପଙ୍କଜ ଜାଲ, ଭାରତ ଗୌରବ, ପଦ୍ମିନୀ ଡୋରା, ଉମାକାନ୍ତ ବାରିକ, ଶାନ୍ତନୁ ସାହୁ, ଶୀତଳ ସାହୁ,ସର୍ବେଶ୍ୱର ଭୋଇ ପ୍ରମୁଖ ।

ଏ ସମ୍ପର୍କରେ ହଳଧର କହିଛନ୍ତି, ଭୂତାଣ ଜନିତ ରୋଗ ସଂକ୍ରମଣ ହେବା ପ୍ରଥମ ନୁହେଁ । ପୂର୍ବରୁ ମଧ୍ୟ ହୋଇଛି। ସରକାର ଏହାର ମୁକାବିଲା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଆମର ମଧ୍ୟ କିଛି କର୍ତ୍ତବ୍ୟ ରହିଛି । କବି, କଳାକାରମାନଙ୍କୁ ମଧ୍ୟ ଅନେକ ଲୋକ ବିଶ୍ୱାସ ଓ ଅନୁକରଣ କରିଥାନ୍ତି । ତେଣୁ ଏକ ଗୀତ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଛି । କରୋନା ମୁକାବିଲା ପାଇଁ କାମ କରୁଥିବା କର୍ମଚାରୀମାନଙ୍କ ମନୋବଳ ବଢାଇବା ଆମର ଲକ୍ଷ୍ୟ ରହିଛି । ସାମାଜିକ ଦୂରତ୍ୱ ମାନିବା, ମାସ୍କ ପିନ୍ଧିବା ଓ ସରକାର ଦେଇଥିବା ଲକ୍‌ଡାଉନ ମିଆଦୀ ପୂରଣ କଲେ କରୋନାକୁ ଜିତି ହେବ । ନିଜେ ବଞ୍ଚିବା, ଦେଶକୁ ବଞ୍ଚାଇବା ଆମର ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ସେ କହିଛନ୍ତି।



ମଣ୍ଟୁ ଛୁରିଆ ଓ ପଦ୍ମିନୀ ଡୋରା।



ସର୍ଚ୍ଚ ଇଞ୍ଜିନ ଗୁଗଲ ଡୁଡୁଲସ୍ ସିରିଜରେ ପୁଣି ଆରମ୍ଭ ହୋଇଛି କ୍ରିକେଟ ମ୍ୟାଚ୍। କରୋନା ଯୋଗୁ ଲକ୍‌ଡାଉନ୍ ଜାରି ରହିଥିବାବେଳେ ସମସ୍ତେ ଘରେ ବସି ଗୁଗଲରେ କ୍ରିକେଟ ମ୍ୟାଚ୍ ଖେଳିପାରିବେ। ଏଥିପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗୁଗଲର ଆଇକନ୍ ଉପରେ କ୍ଲିକ୍‌କରିବା ପରେ କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଯିବ। ଏଥିରେ ଖେଳାଳି ଛକା, ଚୌକା ମାରିବା ସହ ସିଙ୍ଗଲ ରନ୍ ମଧ୍ୟ ନେଇପାରିବାର ସୁବିଧା ରହିଛି। ବ୍ୟାଟିଂବେଳେ ଆଉଟ୍ ହେଲେ ଅଣ୍ଡରଗ୍ରାଉଣ୍ଡରୁ ଏକ କାର୍ଟୁନ ଅମ୍ପାୟାର ବାହାରି ସାଇନବୋର୍ଡ ଦ୍ୱାରା ଆଉଟ୍ ସଙ୍କେତ ଦେବ।

# ନାଡ଼ିରୁ ଚିହ୍ନିହେବେ ସଂକ୍ରମିତ

**ନ୍ୟୁୟର୍କ:** ସମ୍ପ୍ରତି କରୋନା ସଂକ୍ରମଣ ଯୋଗୁ ସାରା ପୃଥିବୀରେ ଆତଙ୍କ ଦେଖାଦେଇଛି। ଏହି ସଂକ୍ରମଣରୁ ଦୂରେଇ ରହିବା ଏବଂ ସଂକ୍ରମିତଙ୍କୁ ଶୀଘ୍ର ଚିହ୍ନଟ କରିବା ନେଇ ଚିକିତ୍ସା ବିଜ୍ଞାନୀମାନେ ଗବେଷଣା ଜାରି ରଖିଛନ୍ତି। ନ୍ୟୁୟର୍କର ଡାକ୍ତର ରିଚାର୍ଡ ଲେଭିଟାନ୍ କହିଛନ୍ତି ଯେ, ନାଡ଼ିର ଗତିରୁ ବି କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇ ପାରିବ। ରକ୍ତରେ ଅମ୍ଳଜାନ ସ୍ତର ମାପିବା ଲାଗି ବ୍ୟବହୃତ ହେଉଥିବା ପଲ୍‌ସ ଅକ୍ସିମିଟର ଏ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି।

କାଶ, ଥଣ୍ଡା, ଜ୍ୱର, କଫ ଥିବା ବ୍ୟକ୍ତିବିଶେଷ ଏହାର ବ୍ୟବହାର କରି ସେମାନେ କରୋନା ପଜିଟିଭ୍ କି ନାହିଁ ତାହା ସହଜରେ ଜାଣିପାରିବେ। ବେଳେବେଳେ କରୋନା ସଂକ୍ରମଣ ଲକ୍ଷଣ ନ ଥିବା ଲୋକେ ସୁପର ସ୍ପ୍ରେଡର ପାଲଟିଥାନ୍ତି। ସେମାନଙ୍କ ନମୁନା କରୋନା ନେଗେଟିଭ୍ ଆସିଥାଏ। କିନ୍ତୁ ପଲ୍‌ସ ଅକ୍ସିମିଟର ଦ୍ୱାରା ନାଡ଼ିର ଗତି ଅନୁଧ୍ୟାନ କରି ସେମାନେ କରୋନା ସଂକ୍ରମିତ ହୋଇଛନ୍ତି କି ନାହିଁ ତାହା ଅଳ୍ପ ସମୟ ମଧ୍ୟରେ ଜଣାପଡ଼ିଯିବ। ଏ ସମ୍ପର୍କରେ କ୍ୱାର୍ଜ ପତ୍ରିକାରେ



ଏକ ପ୍ରବନ୍ଧ ପ୍ରକାଶ ପାଇଛି। ଅଙ୍ଗୁଳିର ଟିପରେ ପଲ୍‌ସ ଅକ୍ସିମିଟର ଚିମୁଟା ଲଗାଇବା ଦ୍ୱାରା ନାଡ଼ିର ଗତି ଜଣାପଡ଼ିଥାଏ। ଲୋହିତ ରକ୍ତ କଣିକା ସହାୟତାରେ ଶରୀରରେ କେତେ ପରିମାଣର ଅମ୍ଳଜାନ ପ୍ରବାହିତ ହେଉଛି ତାହା ପଲ୍‌ସ ଅକ୍ସିମିଟରରୁ ନାଡ଼ିର ଗତି ଆଧାରରେ ଜଣାପଡ଼ିଥାଏ ବୋଲି ବେଥ୍ ଇସ୍ରାଏଲ୍ ଲାହେୟେ ହେଲଥ୍‌ରେ କାର୍ଯ୍ୟ କରୁଥିବା ଡାକ୍ତର ଆଲୋନ ଡାଗାନ୍ ସୂଚନା ଦେଇଛନ୍ତି। କରୋନା ସଂକ୍ରମିତଙ୍କ ନିଃଶ୍ୱାସପ୍ରଶ୍ୱାସ ସ୍ୱାଭାବିକ ନ ଥାଏ। ତେଣୁ ସେମାନଙ୍କ ରକ୍ତରେ ଅମ୍ଳଜାନ ସ୍ତର କମ୍ ରହିଥାଏ। ଶରୀରରେ ପ୍ରବାହିତ ହେଉଥିବା ଲୋହିତ ରକ୍ତ କଣିକାରେ କମ୍ ଅମ୍ଳଜାନ ଥିବାରୁ ହୃତ୍‌ସ୍ପନ୍ଦନ ବଢ଼ିଯାଇଥାଏ। ଫଳରେ ନାଡ଼ିର ଗତି ମଧ୍ୟ ତୀବ୍ର ହୋଇଥାଏ। ପଲ୍‌ସ ଅକ୍ସିମିଟରର ରିପୋର୍ଟ ୯୫ରୁ ୧୦୦ ପ୍ରତିଶତ ମଧ୍ୟରେ ରହିଲେ ଏହା ଖୁବ୍ ଭଲ। କରୋନା ସଂକ୍ରମଣ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି ଡାଗାନ୍ କହିଛନ୍ତି।

ଦିନରେ ୩-୪ ଥର ପଲ୍‌ସ ଅକ୍ସିମିଟରର ବ୍ୟବହାର କରି ଜଣେ ନିଜକୁ ମଧ୍ୟ ସୁସ୍ଥ ରଖିବା ସହିତ କରୋନା ସଂକ୍ରମଣ ନେଇ ସଚେତନ ରହିପାରିବେ। ତେବେ ଅଙ୍ଗୁଳିରେ ନେଲ୍‌ପଲିସ୍, ରକ୍ତ ପ୍ରବାହରେ ସମସ୍ୟା ଏବଂ ଅଙ୍ଗୁଳିରେ ଉଷ୍ମତା ବଜାୟ ନ ରହିଲେ ପଲ୍‌ସ ଅକ୍ସିମିଟରର ରିପୋର୍ଟ ଠିକ୍ ଆସି ନ ଥାଏ ବୋଲି ଉତ୍ତର କାଲିଫର୍ନିଆ ସ୍ଥାୟୀ ମେଡିକାଲ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ଷ୍ଟିଫେନ୍ ପାରୋଡି ସୂଚନା ଦେଇଛନ୍ତି।

# ମନୀଷଙ୍କ ଫିଟ୍‌ନେସ୍ ମନ୍ତ୍ର



ମନୀଷ ପଲ୍

**ମୁମ୍ବାଇ :** ଲକ୍‌ଡାଉନ୍ ସମୟରେ ସେଲିବ୍ରିଟିମାନେ ଘରେ ରହି ସମୟ ଅତିବାହିତ କରୁଛନ୍ତି। ଏଥିରୁ ବାଦ୍ ପଡ଼ିନାହାନ୍ତି ହାସ୍ୟ ଅଭିନେତା ମନୀଷ ପଲ୍। କିନ୍ତୁ ଏହି ସମୟରେ ତାଙ୍କର ଫିଟ୍‌ନେସ୍ ଯେମିତି ପ୍ରଭାବିତ ନ ହେବ ସେଥିପ୍ରତି ସେ ଗୁରୁତ୍ୱ ଦେଉଛନ୍ତି। ପ୍ରତିଦିନ ସ୍ତ୍ରୀଙ୍କ ସହ ୧୦ ମହଲା କୋଠାର ସିଡ଼ି ଚଢ଼ି ଓହ୍ଲାଉଛନ୍ତି ସେ। ଏହା ବ୍ୟତୀତ ଘରେ ଆବଶ୍ୟକ ଜିମ୍ ଉପକରଣ ତିଆରି କରିଛନ୍ତି। ଏହି ସମୟରେ ପରିବାର ଲୋକେ ଘରେ ଅନ୍ୟ କାମରେ ବ୍ୟସ୍ତ ଥିବାବେଳେ ମନୀଷ ତାଙ୍କ କ୍ୟାଲୋରୀ ହ୍ରାସ କରିବାର ନୂଆ ତରିକା ଆପଣାଇଛନ୍ତି। ମନୀଷ୍ କୁହନ୍ତି, ମୁଁ ସାରେଗାମା ପା ଲିଟିଲ ଚାମ୍ପସ୍ ଶୁଟିଂ ସହିତ ଯୁବ ପ୍ରତିଯୋଗୀଙ୍କୁ ବହୁ ମିସ୍ କରୁଛି। ମୁଁ ମଧ୍ୟ ଘରେ ରହିବାର ଆବଶ୍ୟକତାକୁ ବୁଝିପାରୁଛି। ମୁଁ ଜାଣିଥିଲି ଯେ, ଲକ୍‌ଡାଉନ୍ ସମୟରେ ଜିମ୍ ଯାଇପାରିବି ନାହିଁ। କିନ୍ତୁ ପ୍ରତିଦିନ ବ୍ୟାୟାମ କରିବାକୁ ଚାହୁଁଥିଲି। ତେଣୁ କିଛି ଜିମ୍ ଉପକରଣ କିଣିଥିଲି। ଯାହାହେଉନା କାହିଁକି ମୁଁ ଏବଂ ମୋ' ସ୍ତ୍ରୀ ଲକ୍‌ଡାଉନ୍ ସମୟରେ ଫିଟ୍ ରହିବାକୁ ଚାହୁଁଛୁ। ସେଥିପାଇଁ ଘର ପାଇଁ ଡମ୍ବଲ, ବେଞ୍ଚ୍ ଏବଂ ଷ୍ଟିକ୍ କିଣିଥିଲି। ଏହା ବ୍ୟତୀତ ମୋ' ସ୍ତ୍ରୀ ମଧ୍ୟ ଅନେକ ତାଲିମ ଦିଅନ୍ତି। ତେଣୁ ଆମେ ଅନେକ ପ୍ଲାଙ୍କ୍, ପୁସ୍‌ଅପ୍, ଅବ୍‌ସ କ୍ରଞ୍ଚ୍ ଆଦି କରୁଛୁ। ବାସ୍ତବରେ ଫିଟ୍‌ରହିବା ପାଇଁ ଆମେ ପ୍ରତିଦିନ ୨୦ ମିନିଟ୍ ପର୍ଯ୍ୟନ୍ତ ବ୍ୟାୟାମ କରୁଛୁ।

# ଇନ୍‌ଭର୍ଟ ମାଇସିନ୍ କରିବ କରୋନା ମୁକ୍ତ

**ୱାଶିଂଟନ/ମେଲବୋର୍ନ:** କରୋନା ସଂକ୍ରମଣ ଯୋଗୁ ସାରା ପୃଥିବୀରେ ଆତଙ୍କ ଦେଖାଦେଇଛି। ଏହି ମହାମାରୀକୁ କିଭଳି ରୋକାଯିବ ସେ ନେଇ ବୈଜ୍ଞାନିକମାନେ ଉଦ୍ୟମ ଜାରି ରଖିଛନ୍ତି। ନିକଟରେ ଆମେରିକା ନର୍ଥଶାୟାର ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଆଣ୍ଟି ପାରାସାଇଟ୍ ଔଷଧ ଇନ୍‌ଭର୍ଟ ମାଇସିନ୍‌ର ବ୍ୟବହାର ଦ୍ୱାରା ମାତ୍ର ୨ ଦିନରେ କରୋନା ସଂକ୍ରମିତ ଭଲ ହୋଇଯିବେ। ବିଶ୍ୱବିଦ୍ୟାଳୟର ହେଲଥ୍ ସିଷ୍ଟମ୍ ବିଭାଗର ସଂକ୍ରାମକ ରୋଗ ବିଶେଷଜ୍ଞ ପ୍ରଫେସର ଡ. ନୀରଜ ଶାହା କହିଛନ୍ତି। ଏହି ଔଷଧ ସହଜରେ ପୃଥିବୀବ୍ୟାପୀ ଉପଲବ୍ଧ ହେଉଥିବାବେଳେ ଏହାର ଉପଯୋଗ ସହଜରେ କରାଯାଇ ପାରିବ ବୋଲି ସେ କହିଛନ୍ତି। ସେହିପରି ଅଷ୍ଟ୍ରେଲିଆ ମେଲବୋର୍ନର ମୋନାସା ବାୟୋମେଡ଼ିସିନ୍ ଡିସକଭରି ଇନ୍‌ଷ୍ଟିଚ୍ୟୁଟ୍‌ର ଡ. କାଇଲି ୱାଙ୍ଗ୍‌ଷ୍ଟାଫ୍ କହିଛନ୍ତି, ଇନଭର୍ଟ ମାଇସିନ୍‌କୁ ଗୋଟିଏଥର ସେବନ କରିବା ଦ୍ୱାରା କରୋନା ଭୂତାଣୁର ଆର୍‌ଏନ୍‌ଏ ୨୪ରୁ ୪୮ ଘଣ୍ଟା ମଧ୍ୟରେ ନଷ୍ଟ ହୋଇଯାଇଥାଏ। ଫ୍ଲୋରିଡ଼ାର ବ୍ରୋବାର୍ଡ ହେଲଥ୍ ମେଡିକାଲ ସେଣ୍ଟରର ଡ.ଜ୍ୟାକ୍ସ ରେକ୍ଟର କହିଛନ୍ତି, ଇନଭର୍ଟ ମାଇସିନ୍ ଦ୍ୱାରା ସଂକ୍ରମିତଙ୍କ ଚିକିତ୍ସା ଜାରି ରହିଛି। ଏହାର ଉପଯୋଗ ବେଶ୍ ସଫଳ ମଧ୍ୟ ରହିଥିବା ସେ କହିଛନ୍ତି। ସେହିପରି ଅଟାଓ୍ୱା ବିଶ୍ୱବିଦ୍ୟାଳୟର ଡ. ଅମିତ ପଟେଲ କହିଛନ୍ତି, ଭେଣ୍ଟିଲେଟରରେ ଥିବା ସଂକ୍ରମିତଙ୍କ କ୍ଷେତ୍ରରେ ଇନଭର୍ଟ ମାଇସିନ୍ ଭଲ ଭାବେ କାର୍ଯ୍ୟ କରୁଛି। ୧୯୭୦-୮୦ରୁ ଇନଭର୍ଟ ମାଇସିନ୍ ଅତ୍ୟାବଶ୍ୟକ ଔଷଧ ତାଲିକାରେ



ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହାକୁ ସ୍ୱୀକୃତି ଦେଇଛି। ତେବେ ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେଶନ୍ ପକ୍ଷରୁ କୁହାଯାଇଛି, ଇନଭର୍ଟ ମାଇସିନ୍ ଉପରେ ଅଧିକ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି।

# କରୋନା ରେଷ୍ଟୁରାଣ୍ଟ



**ଷ୍ଟକ୍‌ହୋମ୍:** ସୋସିଆଲ୍ ଡିଷ୍ଟାନ୍ସିଂ ନିମନ୍ତେ ଏବେ ବିଭିନ୍ନ ସ୍ଥାନରେ ନୂଆ ନୂଆ ଉପାୟ ଆପଣା ଯାଉଛି। ଏହାର ଏକ ସୁନ୍ଦର ଉଦାହରଣ ହେଉଛି ସ୍ୱିଡେନର ଏକ ରେଷ୍ଟୁରାଣ୍ଟ। ଏହି ରେଷ୍ଟୁରାଣ୍ଟରେ ସାମାଜିକ ଦୂରତ୍ୱ ପାଳନ କରିବା ପାଇଁ ମାତ୍ର ଗୋଟିଏ ହିଁ ଟେବୁଲ ରଖାଯାଇଛି। ତେଣୁ ଏହି ଟେବୁଲରେ କେବଳ ଜଣେ ମାତ୍ର ବସିବାର ସୁବିଧା ରହିଛି। ସେଥିପାଇଁ ଗୋଟିଏ ଚେୟାର ବି ପଡ଼ିଛି। ରେଷ୍ଟୁରାଣ୍ଟର ଏଭଳି ଏକ ସ୍ୱତନ୍ତ୍ରତା ପାଇଁ ଏହାର ନାଁ ରହିଛି 'ଟେବୁଲ୍ ଫର୍ ୱାନ୍'। ରେଷ୍ଟୁରାଣ୍ଟର ବୈଠକ ବ୍ୟବସ୍ଥା କୌଣସି ରୁମ୍ ଭିତରେ କରାଯାଇ ନାହିଁ ବରଂ ଏକ ଖୋଲା ସ୍ଥାନରେ ହିଁ ଏହି ରେଷ୍ଟୁରାଣ୍ଟ ଚାଲୁ କରାଯାଇଛି। ତେଣୁ ପ୍ରାକୃତିକ ପରିବେଶରେ ବସି ଖାଇବାର ମଜା ଏଠାରେ ନେଇହେବ। ସେହିପରି ଲୋକଙ୍କ ପାଖରେ ଖାଦ୍ୟ ପହଞ୍ଚାଇବା ନିମନ୍ତେ ବି ଏକ ସ୍ୱତନ୍ତ୍ର ଶୈଳୀ ରହିଛି। ରୋଷେଇ ଘରଠାରୁ ଟେବୁଲ ପର୍ଯ୍ୟନ୍ତ ଏକ ରସି ବନ୍ଧାଯାଇଛି, ଯେଉଁଥିରେ ଏକ ବଡ଼ ପାତ୍ର ଝୁଲାଯାଇଛି। ଖାଦ୍ୟ ପ୍ରସ୍ତୁତି ଶେଷହେବା ପରେ ଏହି ଝୁଲାପାତ୍ର ଭିତରେ ରଖି ଗ୍ରାହକଙ୍କ ପାଖରେ ପହଞ୍ଚାଇ ଦିଆଯାଏ। ଏଭଳି ଏକ ଭିନ୍ନ ଧରଣର ରେଷ୍ଟୁରାଣ୍ଟ ତିଆରି କରିଛନ୍ତି ସ୍ୱିଡେନର ରେସମସ୍ ପର୍ସନ୍ ଓ ଲିଣ୍ଡା କାର୍ଲସନ୍। ରେଷ୍ଟୁରାଣ୍ଟରେ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦିଆଯାଏ ଏବଂ ଟେବୁଲ ମଧ୍ୟ ପ୍ରତିଥର ସଫା କରାଯାଏ। ଏହି ରେଷ୍ଟୁରାଣ୍ଟଟି ବିଶ୍ୱର ଏକମାତ୍ର କୋଭିଡ୍-୧୯ ସୁରକ୍ଷିତ ହୋଟେଲ ହୋଇପାରିବ ବୋଲି ସେମାନେ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟ ସଚେତନତା, ସହାୟତାକୁ ଗୁରୁତ୍ୱ

**ଆୟୁଷ୍ମାନ ଭାରତ ଦିବସ ଆଜି**



**ନୂଆଦିଲ୍ଲୀ:** ଗ୍ରାମ ସ୍ୱରାଜ ଅଭିଯାନ ଭଳି ଦେଶବ୍ୟାପୀ ଏପ୍ରିଲ ୩୦କୁ ଆୟୁଷ୍ମାନ ଭାରତ ଦିବସ ଭାବେ ପାଳନ କରାଯାଉଛି। ଦେଶର କୋଣ ଅନୁକୋଣରେ ଚିକିତ୍ସା ସୁବିଧା ପହଞ୍ଚାଇବା ଓ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଔଷଧ ଯୋଗାଇ ବିଭିନ୍ନ ରୋଗ ଦାଉରୁ ରକ୍ଷାକରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନା ଅନ୍ତର୍ଗତ ଗୋଟିଏ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ସୁବିଧା ମିଳିଥାଏ। ଗରିବ, ଶ୍ରମିକ, ପଛୁଆବର୍ଗ ଓ ନିରାଶ୍ରୟମାନେ ଏହି ସୁବିଧାର ଭାଗିଦାରୀ ହୋଇପାରିବେ। ପ୍ରାୟ ୧୦ କୋଟି ଗରିବ ଲୋକ ଏହି ସୁବିଧା ପାଇପାରିବେ। ଦେଶର ଯେକୌଣସି ସରକାରୀ ଓ ଘରୋଇ ହସ୍ପିଟାଲରେ ଏମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯିବ। ଜାତୀୟ ସ୍ୱାସ୍ଥ୍ୟ ନୀତିର ଏହା ଏକ ଅଂଶବିଶେଷ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗତ ୨ ବର୍ଷ ହେବ କାର୍ଯ୍ୟକାରୀ କରାଯାଇଛି।

ଦେଶବ୍ୟାପୀ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଚଳିତବର୍ଷ କରୋନା ମହାମାରୀ ଭୟଙ୍କର ରୂପ ଧାରଣ କରିଛି। ଲୋକମାନେ ଲକ୍‌ଡାଉନ୍‌କୁ ମାନି ସାମାଜିକ ଦୂରତ୍ୱ ଗ୍ରହଣ କରିଛନ୍ତି। ଚଳିତବର୍ଷ କରୋନା ବିରୋଧରେ କିପରି ଲଢ଼ାଯିବ ଓ ବିଜୟ ହାସଲ କରାଯିବ, ସେ ସମ୍ପର୍କରେ ଲୋକମାନେ ସଚେତନ ହେବା ଲାଗି ପରାମର୍ଶ ରହିଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟଶିବିର କରି ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ଓ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଇବା ଏହାର ମୁଖ୍ୟ ଲକ୍ଷ୍ୟ। ବିଭିନ୍ନ ଗ୍ରାମରେ ଗ୍ରାମସଭା, ପଞ୍ଚାୟତ ଓ ବ୍ଲକସ୍ତରରେ ସ୍ୱାସ୍ଥ୍ୟ ସଚେତନତା ଓ କ୍ୟାମ୍ପ୍ ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। ଏବେ କରୋନା ମହାମାରୀ ଯୋଗୁ ସେ ସବୁ କରା ନ ଗଲେ ମଧ୍ୟ ଲୋକଙ୍କୁ ସଚେତନ କରିବା ଓ କରୋନା ବିରୋଧରେ ଲଢ଼େଇ ଲାଗି ସେମାନଙ୍କୁ ସଶକ୍ତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

# ପୃଥିବୀରେ ଧକ୍କା ହେଲାନି ଉଲ୍‌କାପିଣ୍ଡ

**ୱାଶିଂଟନ/ନୂଆଦିଲ୍ଲୀ:** ବୁଧବାର ଭାରତୀୟ ସମୟ ଅପରାହ୍ନ ୩ଟା ୨୫ରେ ଉଲ୍‌କାପିଣ୍ଡ ୧୯୯୮-ଓଆର୍-୨(୫୨୭୬୮) ପୃଥିବୀ ନିକଟବର୍ତ୍ତୀ ହୋଇଛି। ଘଣ୍ଟାପ୍ରତି ୩୧ ହଜାର ୩୨୦ କିଲୋମିଟର ବେଗରେ ଏହା ପୃଥିବୀଠାରୁ ୬୩ ଲକ୍ଷ କିଲୋମିଟର ଦୂରରେ ନିଜ କକ୍ଷପଥରେ ଗତି କରିଛି। ୪.୧ କିଲୋମିଟର ବ୍ୟାସ ବିଶିଷ୍ଟ ଏଭରେଷ୍ଟ ଶୃଙ୍ଗ ଆକାରର ଏହି ଉଲ୍‌କାପିଣ୍ଡ ପୃଥିବୀକୁ ଧକ୍କା ଦେବ ବୋଲି ପୂର୍ବରୁ ଗୁଜବ ସୃଷ୍ଟି ହୋଇଥିଲା। ଏହା ମିଛ ବୋଲି ନାସାର ମହାକାଶବିଜ୍ଞାନୀ ମତ ଦେଇଥିଲେ। ଶେଷରେ ଏହା ସତ୍ୟରେ ପରିଣତ ହୋଇଛି। ଉଲ୍‌କାପିଣ୍ଡ ନିଜ କକ୍ଷପଥରେ ଆଗକୁ ଯିବା ସହିତ ବିପଦ ମଧ୍ୟ ଟଳିଯାଇଥିବା ନାସା କହିଛି। ଲକ୍ଷ ଲକ୍ଷ ବର୍ଷ ତଳେ ଏଭଳି ଏକ ଉଲ୍‌କାପିଣ୍ଡ ପୃଥିବୀକୁ ଧକ୍କା ଦେଇଥିଲା। ଏହାଯୋଗୁ ପୃଥିବୀରେ ଡାଏନୋସୋରସ୍ ବଂଶ ଧ୍ୱଂସ ହୋଇଯାଇଥିଲା। ୫୯ ବର୍ଷ ପରେ ୨୦୭୯ ଏପ୍ରିଲ ୧୬ରେ ଏହା ମାତ୍ର ଏକ ନିୟୁତ ମାଇଲ୍ ଦୂରରେ ପୃଥିବୀକୁ ଅତିକ୍ରମ କରିବ। ଏହାଯୋଗୁ ସେତେବେଳେ ହୁଏତ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ମହାକାଶ ବିଜ୍ଞାନୀ ସୂଚନା ଦେଇଛନ୍ତି। ଏହି ଉଲ୍‌କାପିଣ୍ଡ ୧୩୪୪ ଦିନରେ ଥରେ ସୂର୍ଯ୍ୟକୁ ପରିକ୍ରମା କରିଥାଏ। ପୃଥିବୀ ସହିତ କୌଣସି ଗ୍ରହାଣୁପିଣ୍ଡ ଧକ୍କା ହେବା ଘଟଣା ପ୍ରାୟ ୨୦ ନିୟୁତ ବର୍ଷରେ ଥରେ ଘଟିଥାଏ ବୋଲି ମହାକାଶ ବିଜ୍ଞାନୀ କହିଛନ୍ତି।



# ସ୍ୱାସ୍ଥ୍ୟକର୍ମୀଙ୍କୁ ସହଯୋଗ ଲାଗି ଶିଳ୍ପାଙ୍କ ଅପିଲ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ସୋମବାର ନିଜ ସୋସିଆଲ ଆକାଉଣ୍ଟରେ ଏକ ନୂଆ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ସେ ଡାକ୍ତର, ନର୍ସଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ସ୍ୱର ଉଠାଇବାକୁ କହିଛନ୍ତି। ଏହା ସହିତ ରବିନାଙ୍କ 'ଜିତେଗା ଇଣ୍ଡିଆ' 'ଜିତେଙ୍ଗେ ହମ୍' ଅଭିଯାନର ବହୁତ ପ୍ରଶଂସା କରିଛନ୍ତି। ସେ ଏହି ଭିଡିଓ ପାଇଁ ରବୀନଙ୍କୁ ସବୁ ଶ୍ରେୟ ଦେଇଛନ୍ତି। ଏହାସହିତ ସେ ଉଲ୍ଲେଖ କରିଛନ୍ତି ଯେ, ଆମ ଆଖାପଖରେ ଯେତେସବୁ ଯୋଦ୍ଧା ଅଛନ୍ତି ତାଙ୍କୁ ଧନ୍ୟବାଦ କରିବା କଥା। ସେମାନେ ନିଜ ଜୀବନକୁ ବାଜିଲଗାଇ ଆମକୁ ସୁରକ୍ଷିତ ରଖୁଛନ୍ତି। ସେମାନଙ୍କୁ ସହଯୋଗ କରିବା ପାଇଁ ବିନମ୍ର ଅନୁରୋଧ କରୁଛି ବୋଲି ଶିଳ୍ପା କହିଛନ୍ତି।

# ସାହାଯ୍ୟ ପାଇଁ ବହି ବିକିଲେ ୫ ବର୍ଷର ଝିଅ

**ନୂଆଦିଲ୍ଲୀ:** କରୋନା ଯୋଗୁଁ ଏବେ ସବୁଆଡେ ଲକ୍‌ଡାଉନ୍ ଚାଲିଥିବାରୁ ଶ୍ରମିକ ତଥା ଗରିବ ଶ୍ରେଣୀର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି କେତେକଙ୍କ ପାଖରେ ଦିନକୁ ଓଳିଏ ପେଟପୂରା ଖାଇବା ପାଇଁ ମଧ୍ୟ ନାହିଁ। ତେଣୁ ଏଭଳି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସରକାରଙ୍କ ସହିତ ବହୁଲୋକେ ସ୍ୱଇଚ୍ଛାରେ ସାହାଯ୍ୟ କରୁଛନ୍ତି। ଏଭଳି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ୫ ବର୍ଷ ଝିଅର ଉଦ୍ୟମ ଏବେ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛି। ନୂଆଦିଲ୍ଲୀରେ ରହୁଥିବା ଏହି ୫ ବର୍ଷୀୟ ଝିଅଟିର ନାଁ ହେଉଛି ଅରଣ୍ୟା ଦତ୍ତ ବେଦି। ସେ ପ୍ରଥମେ ନିଜ ଘଡ଼ିଭାଙ୍ଗି ସମସ୍ତ ଟଙ୍କା ଏହି ଉଦ୍ଦେଶ୍ୟରେ ଦାନ କରିବାକୁ ଇଚ୍ଛା କରିଥିଲେ। କିନ୍ତୁ ତାହା ବହୁତ କମ୍ ହେବାରୁ ସେ ଅନ୍ୟ ଏକ ଉପାୟ ଚିନ୍ତା କରିଥିଲେ। ଫଳରେ ଅନ୍‌ଲାଇନ୍‌ରେ ସେ ଏବେ ବହିବିକ୍ରି କରିବା ଆରମ୍ଭ କରିଛନ୍ତି। ଅର୍ଥାତ୍ ଅରଣ୍ୟା ନିଜେ



ସୁନ୍ଦର ସୁନ୍ଦର ପେଣ୍ଟିଂ ଥିବା ପୁସ୍ତକକୁ ଏବେ ଅନ୍‌ଲାଇନ୍‌ରେ ବିକ୍ରି କରୁଛନ୍ତି। ବହିରେ ସେ କରୋନା ସମ୍ପର୍କିତ ବିଭିନ୍ନ ବାର୍ତ୍ତାକୁ ଚିତ୍ର ମାଧ୍ୟମରେ ଦେଖାଇଛନ୍ତି। ଏହି ସମୟରେ ଘରେ ରହିବା, ମାସ୍କ ପିନ୍ଧିବା, ପରିଷ୍କାର ରହିବା ଆଦି ବିଭିନ୍ନ କଥାକୁ ଚିତ୍ରରେ ରୂପ ଦେଇଛନ୍ତି। ସେ ଏହି ବହି ବିକ୍ରି ମାଧ୍ୟମରେ ଅର୍ଥ ଯୋଗାଡ଼ କରି କରୋନା ସମୟରେ ଅସହାୟଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିବା କହିଛନ୍ତି। ତାଙ୍କର ଏହି ଉଦ୍ୟମ ଫଳରେ ବହୁଲୋକ ତାଙ୍କୁ ଟଙ୍କା ଦେବାପାଇଁ ଆଗେଇ ଆସିଛନ୍ତି। ୟୁନିସେଫ୍ ଓ ଅକ୍ଷୟ ପାତ୍ର ଭଳି ଅନୁଷ୍ଠାନ ମଧ୍ୟ ତାଙ୍କୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେ ଏବେ ୧୦ଟି ବହି ତିଆରି କରି ଅନ୍‌ଲାଇନ୍‌ରେ ବିକ୍ରି ଆରମ୍ଭ କରିଛନ୍ତି ଏବଂ ଏହି ମାଧ୍ୟମରେ ପୀଡ଼ିତଙ୍କ ପାଇଁ ଏବେ ସୁଦ୍ଧା ସେ ୧ ଲକ୍ଷରୁ ଅଧିକ ଟଙ୍କା ଏକାଠି କରି ସାରିଲେଣି।

**ମାସ୍କ ପିନ୍ଧି ନ ଥିବା ଲୋକ, ଟ୍ରକ୍, କାରରୁ ଜରିମାନା ଆଦାୟ**

ଖୁଣ୍ଟୁଣୀ, ୨୯।୪(ଡି.ଏନ.ଏ.): ଖୁଣ୍ଟୁଣୀ, ଗୁରୁଡିଝାଟିଆ ଥାନା ଅଞ୍ଚଳରେ ବୁଧବାର ମାସ୍କ ନ ପିନ୍ଧି ବୁଲୁଥିବା ୩୦ ଜଣଙ୍କଠାରୁ ୬ ହଜାର ଟଙ୍କା ଆଦାୟ କରିଛି। ଗୁରୁଡିଝାଟିଆ ପୋଲିସ ୨ ଟ୍ରକ ଓ ୨ କାରର ଚାଳକ ଗାଡିର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରି ସେମାନଙ୍କଠାରୁ ୨୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ସରକାରୀ ଅର୍ଥ ଚଳୁ ପାଇଁ ମସୁଧା

## ଭତ୍ତା ଅନୁଦାନ ଫେରାଉ ନାହାନ୍ତି ପିଇଓ

କାକଟପୁର, ୨୯।୪(ଡି.ଏନ.ଏ):

ଗୋଟିଏ ପଞ୍ଚାୟତ ପାଇଁ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ରହିବା ନେଇ ସରକାରୀ ନିୟମ ଥିବାବେଳେ କାକଟପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏହି ବ୍ଲକରେ କେତେଜଣ ପିଇଓଙ୍କୁ ଏକାଧିକ ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। କାକଟପୁର ବ୍ଲକରେ ବର୍ତ୍ତମାନ କାର୍ଯ୍ୟରତ ପିଇଓଙ୍କ ମଧ୍ୟରୁ କେତେଜଣଙ୍କ ଏଠାରେ ରହଣି କାଳ ୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ବି ବଦଳି କରାଯାଉନାହିଁ। ବରଂ ନାମକୁ ମାତ୍ର ଏହି ବ୍ଲକର ଗୋଟିଏ ପଞ୍ଚାୟତରୁ ଅନ୍ୟ ପଞ୍ଚାୟତରେ ଅବସ୍ଥାପିତ କରାଯାଇଛି। ଅନେକ ପିଇଓଙ୍କ ଉପରେ ଲକ୍ଷ ଲକ୍ଷ ଟଙ୍କା ଆଡଭାନ୍ସ ଗଡୁଥିଲେ ମଧ୍ୟ ବ୍ଲକ ପ୍ରଶାସନ ଉକ୍ତ ଅର୍ଥ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଉ ନ ଥିବାରୁ ଏହା କଙ୍କଡ଼ାକୁ ଗୋଳି ପାଣି ସୁହାଇଲା ପରି ହୋଇଛି।

ପ୍ରତି ମାସରେ ଭତ୍ତା ବାବଦରେ ପିଇଓମାନେ ବ୍ଲକ କାର୍ଯ୍ୟାଳୟରୁ କେତେ ଟଙ୍କା ଉଠାଇଲେ, କେତେଜଣ ହିତାଧିକାରୀଙ୍କୁ ବାଣ୍ଟିଲେ, କେତେ ଟଙ୍କା ବଳକା ରହିଲା, ଉକ୍ତ ଭତ୍ତା ରେଜିଷ୍ଟରକୁ ବ୍ଲକ ବିଏସ୍ଏସ୍, ହେଡ କ୍ଲର୍କ, ହିସାବ ଅଧିକାରୀମାନେ ଯାଞ୍ଚ କରି ସାରିବା ପରେ ପିଇଓମାନେ ବ୍ଲକ କ୍ୟାଶିୟରଙ୍କ ପାଖରେ ବଳକା ଟଙ୍କା ଜମା କରିବା କଥା। ମାତ୍ର ପିଇଓମାନେ ଏହା ନ କରି ଆବଷ୍ଟାକ୍ଟ ଫର୍ମରେ ମନଇଚ୍ଛା ଭତ୍ତା ଟଙ୍କା ବଣ୍ଟନ ଏବଂ ବଳକା ଅର୍ଥର ପରିଣାମ ଦର୍ଶାଇ ବର୍ଷ ବର୍ଷ ଧରି ବଳକା ଅର୍ଥ ନିଜ ପାଖରେ ରଖୁଛନ୍ତି। ୧.୧.୨୦୨୦ ହିସାବ ଅନୁଯାୟୀ ୧୦.୨. ୨୦୨୦ରିଖରେ ବିଡିଓ ବିଭିନ୍ନ ଗ୍ରାମପଞ୍ଚାୟତକୁ ପତ୍ର ପଠାଇଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ବ୍ଲକର ୧୬ଟି ପଞ୍ଚାୟତ ମଧ୍ୟରୁ ଅବଦାନ, ବାଙ୍ଗୁରୀଗାଁ, କଣ୍ଟାପଡ଼ା, ସୁହାଣପୁର ଆଦି ୪ ପଞ୍ଚାୟତରେ ଭତ୍ତା ବାଣ୍ଟୁଥିବା ଅଧିକାରୀମାନଙ୍କ ଉପରେ ଆଡଭାନ୍ସ ଟଙ୍କା ଶୂନ୍ୟ ରହିଛି। ମାତ୍ର ଅନ୍ୟ ୧୨ଟି ପଞ୍ଚାୟତ ଯଥା ଭଣ୍ଡାଘର ୯୨ହଜାର, ଜଳେଶ୍ୱରପଡ଼ା ୨ଲକ୍ଷ ୯ଶହ, କାଦୁଆ ନୂଆଗାଁ ୧ଲକ୍ଷ ୯୮ହଜାର ୨ଶହ, କାକଟପୁର ୭୧ହଜାର ୫ଶହ, କଟକଣା ୭୬ହଜାର, କୁଣ୍ଢେଇ ୭୨ହଜାର ୮ଶହ, କୁରୁଜଙ୍ଗ ୩ଲକ୍ଷ ୪୬ ହଜାର ୭ଶହ, ଲତାହରଣ ୪୪ ହଜାର ୭ଶହ, ନାଶିକେଶ୍ୱର ୪୧ହଜାର ୫୫୦ ଟଙ୍କା, ଓଥକା ୩୯ଶହ, ପାଟସୁନ୍ଦରପୁର ୧ ଲକ୍ଷ ୩୯ ହଜାର, ସୁହାଗପୁର ୨ ଲକ୍ଷ ୨୨ହଜାର ୮ଶହ ଟଙ୍କା ସବୁକୁ ମିଶାଇଲେ ମୋଟ ୧୫ ଲକ୍ଷ ୧୦ ହଜାର ୫୦ ଟଙ୍କା ପିଇଓମାନଙ୍କ ଉପରେ ଆଡଭାନ୍ସ ଆକାରରେ ପଡ଼ିରହିଛି।

ସେହିଭଳି ବାତ୍ୟା ଫନୀରେ ବିପନ୍ନମାନଙ୍କୁ ସରକାରୀ ସହାୟତା ଅର୍ଥ ପଞ୍ଚାୟତଗୁଡ଼ିକୁ ବାଣ୍ଟିବାକୁ ଯାଇ ବଳକା ରାଶି ପିଇଓମାନେ ବ୍ଲକକୁ ନ ଫେରାଇ ନିଜ ପାଖରେ ରଖିଛନ୍ତି। ପଞ୍ଚାୟତରେ ସିଏଫ୍ସି ଓ ଏସ୍ଏଫ୍ସି ଅନୁଦାନ ଅର୍ଥର କାର୍ଯ୍ୟାଦେଶ ପିଇଓମାନଙ୍କ ନାମରେ ଥିବାରୁ ସେମାନେ ମନଇଚ୍ଛା କାର୍ଯ୍ୟ କରି ଏହାର ଅଡିଟ ରିପୋର୍ଟ ନ ଆସିବା ପୂର୍ବରୁ ଅମାନତ ରାଶିକୁ ଉଠାଇ କେତେଜଣ ପିଇଓ ଚଳୁ କରି ଦେଇଥିବା ଚର୍ଚ୍ଚା ହେଉଛି। ତେବେ ଉକ୍ତ ଆଡଭାନ୍ସ ଟଙ୍କା କାହା ଉପରେ କେତେ ରହିଛି ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଆଡଭାନ୍ସ ଅର୍ଥ ଆଦାୟ ପାଇଁ ପୁରୀ ଜିଲାପାଳ, ପଞ୍ଚାୟତିରାଜ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପଞ୍ଚାୟତ ପ୍ରତିନିଧିମାନେ ପ୍ରକାଶ କରିଛନ୍ତି। ଏ ନେଇ ବିଡିଓ ସୁଧୀର କୁମାର ନାୟକଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ।



ଲକ୍‌ଡାଉନ୍ କଟକଣା କୋହଳ ପରେ କାଠଯୋଡ଼ି ନଦୀରୁ ନିର୍ମାଣ କାର୍ଯ୍ୟ ଲାଗି ବାଲି ଉଠାଯାଉଛି।

## ସଂକ୍ଷେପରେ

### ମାସ୍କ ନ ପିନ୍ଧି ଦଣ୍ଡ ଗଣିଲେ ୯୩ ଜଣ

ନିମାପଡା, ୨୯।୪(ଡି.ଏନ.ଏ.): କରୋନା ସଂକ୍ରମଣକୁ ରୋକିବା ଲାଗି ସମସ୍ତେ ମାସ୍କ ପିନ୍ଧିବାକୁ କୁହାଯାଇଛି। ହେଲେ ଅମାନିଆ ବ୍ୟକ୍ତି ନିମାପଡା, ବଳଙ୍ଗା ଅଞ୍ଚଳରେ ମଙ୍ଗଳବାର ଓ ବୁଧବାର ବୁଲୁଥିଲେ। ଅତିରିକ୍ତ ତହସିଲଦାର ନିଶା ଗୋଏଙ୍କା ଓ ପୋଲିସ ଚେକିଂ ବେଳେ ୯୩ ଜଣ ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କଠାରୁ ୧୮ ହଜାର ୬ ଶହ ଟଙ୍କା ଆଦାୟ କରାଯାଇଛି।

### କରୋନା ମୁକାବିଲା ପାଇଁ ରିଲିଫ ପାଣ୍ଠିକୁ ଦାନ

ପୁରୀ ଅଫିସ,୨୯।୪: କରୋନା ମୁକାବିଲା ପାଇଁ ପୁରୀ ଜିଲା ଓଏଏସ୍ ସଂଘ ପକ୍ଷରୁ ୪୩ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି। ବୁଧବାର ଉକ୍ତ ରାଶିର ଏକ ଚେକ୍ ଜିଲାପାଳ ବଳୱନ୍ତ ସିଂଙ୍କୁ ସଂଘର ଅଧକ୍ଷ ତଥା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଡେପୁଟି କଲେକ୍ଟର ସୁମନ୍ତ କର, ଲକ୍ଷ୍ମୀଧର ମହାରଣା, ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ କାର୍ଯ୍ୟରତ ଓଏଏସ୍ ଅଧିକାରୀ ପ୍ରମୁଖ ଅନ୍‌ଲାଇନ ମାଧ୍ୟମରେ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିସାରିଛନ୍ତି। ଅନ୍ୟପକ୍ଷରେ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ୧,୧୩,୩୦୦ ଟଙ୍କା ମଧ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଜିଲାପାଳଙ୍କ ମାଧମରେ ପ୍ରଦାନ କରାଯାଇଛି। ସେହିପରି ଆର୍ଯ୍ୟକାନ୍ତ ପଟ୍ଟନାୟକ ୫୦ହଜାର, ଝିମିଲି ପଟ୍ଟନାୟକ ୫୦ହଜାର, ନେତ୍ରାନନ୍ଦ ଭୋଇ ୧ଲକ୍ଷ ଟଙ୍କା, ଗୋଲବଜାର ସଂଘ ୧୦ ହଜାର, କଣାସ ବରିଷ୍ଠ ନାଗରିକ ମଞ୍ଚ ୫୦ ହଜାର, ସୁରେନ୍ଦ୍ର କୁମାର ପଟ୍ଟନାୟକ ୧୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଏ ପର୍ଯ୍ୟନ୍ତ ଜିଲାର ଶହେ ସଂସ୍ଥା ଓ ବ୍ୟକ୍ତିବିଶେଷ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ଜିଲା ପ୍ରଶାସନ ମାଧମରେ ୩୨ଲକ୍ଷ ୧୬ ହଜାର ୨୨୬ ଟଙ୍କା ଦାନ କରିସାରିଛନ୍ତି।

### ହୋଟେଲ କର୍ମଚାରୀଙ୍କୁ ସହାୟତା ଦାବି

ପୁରୀ ଅଫିସ,୨୯।୪: ପର୍ଯ୍ୟଟନ ସହର ପୁରୀରେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ହୋଟେଲ, ଲଜିଂ, ଗେଷ୍ଟହାଉସ୍ ଆଦି ରହିଛି। ଏଠାରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ କାମ କରନ୍ତି। ହୋଟେଲ ଗୁଡ଼ିକ ବନ୍ଦ ହେବା ପରେ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ନିଜ ଗାଁକୁ ପଳାଇଛନ୍ତି। ଏପଟେ ହୋଟେଲଗୁଡ଼ିକରେ ବି ତାଲା ଝୁଲୁଛି। ଏଭଳି ସ୍ଥିତିରେ କର୍ମଚାରୀମାନେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ତେଣୁ ହୋଟେଲ କର୍ମଚାରୀଙ୍କୁ ସହାୟତା କରିବା ଲାଗି ଜିଲା କଂଗ୍ରେସର ଯୁବନେତା ଆଲୋକ କୁମାର ଦାଶ। ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

### ସହାୟତା ପାଇଁ ଟ୍ୟାକ୍ସି ଚାଳକ ସଂଘର ଦାବିପତ୍ର

ଚୌଦ୍ୱାର,୨୯।୪(ଡି.ଏନ୍.ଏ.): ଲକ୍‌ଡାଉନ୍‌ରେ ଚୌଦ୍ୱାର ଟ୍ୟାକ୍ସି ଚାଳକ ସଂଘର ୨୦୦ରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଡ୍ରାଇଭର ଓ ତାଙ୍କ ପରିବାର ନାନାଦି ଅସୁବିଧାରେ କାଳାତିପାତ କରୁଛନ୍ତି । ଅଖଚକ ବନ୍ଦ ଯୋଗୁ ପରିବାର ପ୍ରତିପୋଷଣ କଷ୍ଟକର ହୋଇଯାଇଛି। ଏଭଳି ପରିସ୍ଥିତିରେ ସରକାର ଅବହେଳା କରୁଥିବା ସଂଘ ଅଭିଯୋଗ କରିଛି । ଏନେଇ ସଂଘ ତରଫରୁ କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଚୌଦ୍ୱାର ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି।

### ଗୋପବନ୍ଧୁ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ,୨୯।୪: ଗୋପବନ୍ଧୁ ଚୌଧୁରୀଙ୍କ ୬୨ତମ ଶ୍ରାଦ୍ଧବାର୍ଷିକୀ ବୁଧବାର ଥୋରିଆ ସାହିସ୍ଥିତ ଗୁଣନିଧି ଭବନରେ ପାଳିତ ହୋଇଯାଇଛି। ଅତିଥି ଭାବେ ଗାନ୍ଧୀ ସ୍ମାରକୀ ନିଧିର କେନ୍ଦ୍ରୀୟ ଟ୍ରଷ୍ଟି ଡା. ବିଶ୍ୱଜିତ ଯୋଗଦେଇ କହିଥିଲେ ଯେ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାରେ ଗୋପବନ୍ଧୁ ଚୌଧୁରୀ ମୁଖ୍ୟ ପୁରୋଧା ଥିଲେ। ନିଜର ସଂକୀର୍ଣ୍ଣ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସମୂହ ସ୍ୱାର୍ଥ ପାଇଁ ସେ ଆନ୍ଦୋଳନରେ ଝାସ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ଖଦି ମଣ୍ଡଳର ସଭାପତି ଆଇନଜୀବୀ ବୈଷ୍ଣବ ଦାସ ଯୋଗଦେଇଥିଲେ। ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ଏହି ସଭା ହୋଇଥିଲା। ଅନ୍ନପୂର୍ଣ୍ଣା ପତି, ତାପସ ଦ୍ୱିବେଦୀ, ଅଶୋକ ନାୟକ, ଚିତ୍ତ ରଞ୍ଜନ ନାୟକ, ଅନିମା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କରୋନାକୁ ଆମନ୍ତ୍ରଣ କରୁଛି ପରିବା ହାଟ

## ନିର୍ଦ୍ଦେଶ ସତ୍ତ୍ୱେ ଜମୁଛି ଲୋକଙ୍କ ଭିଡ଼

ଖୋର୍ଦ୍ଧା ଅଫିସ,୨୯।୪

କରୋନା ଭୂତାଣୁ ସଂକ୍ରମଣକୁ ଏଡାଇବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ଦେଶରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ସାମାଜିକ ଦୂରତା ଓ ମାସ୍କ ପରିଧାନକୁ ସରକାର ପକ୍ଷରୁ କୁହାଯାଇଛି। ତୃଣମୂଳ ସ୍ତରରେ ଏହାକୁ ନିୟନ୍ତ୍ରଣ ଲାଗି ଗ୍ରାମାଞ୍ଚଳରେ ମଧ କାର୍ଯ୍ୟକାରୀ କରିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ ରାପିଡ ରେସପନ୍ସ ଟିମ କାର୍ଯ୍ୟ କରୁଛି। ଏହାସତ୍ତ୍ୱେ କେତେଜଣ ଅମାନିଆ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ପରିବା ହାଟ। ହାଟରେ ପ୍ରବଳ ଗହଳି ଦେଖିବାକୁ ମିଳିଛି। ସାମାଜିକ ଦୂରତା, ମୁହଁରେ ମାସ୍କ ପିନ୍ଧିବାକୁ ଏଠାରେ ଲୋକେ ଓ ବ୍ୟବସାୟୀ ମାନୁନାହାନ୍ତି। ସତେ ଯେପରି ପରିବା ହାଟ କରୋନା ଭୂତାଣୁକୁ ସଂକ୍ରମଣ ଲାଗି ଆମନ୍ତ୍ରଣ କରୁଛି।

ସପ୍ତାହର ଶନିବାର ଓ ମଙ୍ଗଳବାର ଏଠାରେ ହାଟ ବସିଥାଏ। ମଙ୍ଗଳବାର ଏହି ହାଟରେ ପ୍ରବଳ ଭିଡ ଜମିଥିଲା। ସ୍ଥାନୀୟ ପ୍ରଶାସନର ଅବହେଳା ଓ ଦାୟିତ୍ୱହୀନତାକୁ ସାଧାରଣରେ ଦାୟୀ କରାଯାଇଛି। ପରିବା ହାଟରେ ଲୋକଙ୍କ ଭିଡକୁ ନେଇ ବାରମ୍ବାର ଅଭିଯୋଗ ହେବା ପରେ ବେଗୁନିଆ ବିଡିଓ ଚିଠି ନଂ. ୯୩୦/୭।୪ରେ ଏହି ହାଟ ବନ୍ଦ କରିବାକୁ ସ୍ଥାନୀୟ ସରପଞ୍ଚଙ୍କୁ ନୋଟିସ କରିଥିଲେ। ଲକ୍‌ଡାଉନ ଅବଧି ସରିବା ପର୍ଯ୍ୟନ୍ତ ହାଟ ବନ୍ଦ ରହିବ ବୋଲି କୁହାଯାଇଥିଲା। ଏହାସତ୍ତ୍ୱେ ପରିବା ହାଟ ଚାଲୁ ରହିଛି। କେତେଜଣ ରାଜନୈତିକ ବ୍ୟକ୍ତି ବିଶେଷ ଏହାକୁ ପ୍ରୋତ୍ସାହନ ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଏଠାରେ କରୋନା ଭୂତାଣୁ ସଂକ୍ରମଣ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ବିଡିଓ ରଶ୍ମିରେଖା ଦାସଙ୍କୁ ପଚାରିବାରେ ଏ ସମ୍ପର୍କରେ ପୂର୍ବରୁ ଅଭିଯୋଗ ଆସିବା ପରେ ହାଟରେ ୧୪୪ ଜାରି କରାଯାଇଥିଲା। ଯଦି ହାଟ ଖୋଲୁଥିବ ଜିଲାପାଳଙ୍କ ସହ ଆଲୋଚନା କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



କଣ୍ଟାପଡ଼ା ପରିବା ହାଟରେ ହୋଇଥିବା ଗହଳି।

# ୬୨ ଅମାନିଆଙ୍କଠାରୁ ୧୨,୪୦୦ ଟଙ୍କା ଆଦାୟ

## ମାସ୍କ ନ ପିନ୍ଧି ଜରିମାନା ଦେଲେ

ପୁରୀ ଅଫିସ,୨୯।୪:

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରୁଛନ୍ତି। ତେବେ ଏହି ନିର୍ଦ୍ଦେଶାବଳୀକୁ ଅନେକ ଅମାନିଆ ମାନୁ ନାହାନ୍ତି।

ପ୍ରଶାସନ ପକ୍ଷରୁ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ମାସ୍କ ନ ପିନ୍ଧି ବାହାରକୁ ବାହାରିବା ନେଇ ପୁରୀ ତହସିଲଦାର ବୁଧବାର ସୁଦ୍ଧା ୬୨ଜଣଙ୍କଠାରୁ ୧୨,୪୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ରାଜ୍ୟରେ ଗତ ୯ତାରିଖଠାରୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଥିଲେ ରାଜ୍ୟ ସରକାର। ମାସ୍କ ବଦଳରେ ରୁମାଲ, ଓଢଣି, ଗାମୁଛା ବ୍ୟବହାର କରିପାରିବେ ବୋଲି କୁହାଯାଇଥିଲା। ଯେଉଁମାନେ ଏହାକୁ ନ ପିନ୍ଧି ବାହାରକୁ ଆସିବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି କ୍ରମରେ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉଛି। ବୁଧବାର ପୁରୀ ସହରର ମାର୍କେଟ ଛକ, ମେଡିକାଲ ଛକ ପ୍ରଭୃତି ସ୍ଥାନରେ ଯାଞ୍ଚ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ପୁରୀରେ ବିନା ମାସ୍କରେ ବୁଲୁଥିବା ୬୨ଜଣଙ୍କଠାରୁ ଜରିମାନା ଆଦାୟ ହୋଇଛି। ପ୍ରତ୍ୟେକଙ୍କଠାରୁ ୨୦୦ ଟଙ୍କା ଲେଖାଏ ମୋଟ ୧୨,୪୦୦ ଟଙ୍କା ଆଦାୟ କରାଯାଇଛି। କିନ୍ତୁ ବାହାରେ ଛେପ ପକାଇବା ନେଇ କାହାରିଠାରୁ ଜରିମାନା ଆଦାୟ ହୋଇ ନ ଥିବା ଜଣାପଡ଼ିଛି ।

# ବୋମା ବିସ୍ଫୋରଣରେ ନାବାଳକ ଗୁରୁତର

କୋଣାର୍କ,୨୯।୪(ଡି.ଏନ.ଏ.)

କୋଣାର୍କ ଥାନା ନିକଟସ୍ଥ ବନାଖଣ୍ଡି ପଞ୍ଚାୟତର ବାହାରଣା ଗ୍ରାମରେ ବୁଧବାର ଏକ ବୋମା ବିସ୍ଫୋରଣରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଜୟଦେବ ପଣ୍ଡା। ସନ୍ଧ୍ୟାରେ ସେ ନିଜ ସାଙ୍ଗ ସହ ଗାଈ ଖୋଜିବାକୁ ଯାଇ ବିଲ ମଝିରେ ଥିବା ଏକପୋଲ ତଳେ ବ୍ୟାଗ ପାଇଥଲେ। ବ୍ୟାଗ ଖୋଲିବା ପରେ ସେଥିରେ ଥିବା କୁଣ୍ଡା ମଧ୍ୟରୁ ଏକ ଡବା ମିଳିଥିଲା। ଜୟଦେବ ଉକ୍ତ ଡବାକୁ ଖୋଲିବାକୁ ପ୍ରୟାସ କରିବାକୁ ଯାଇ ପିଣ୍ଡିରେ ପିଟି ଦେଇଥିଲେ। ଫଳରେ ତାହା ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ଜୟଦେବଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଭୟରେ ସାଙ୍ଗଜଣକ ଦୌଡ଼ି ଯାଇ ଗ୍ରାମବାସୀଙ୍କୁ ଜଣାଇଥିଲେ।ଗ୍ରାମବାସୀ ସେଠାରେ ପହଞ୍ଚି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଖବରପାଇ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ପହଞ୍ଚି ବ୍ୟାଗକୁ ଚେକ କରିଥିଲେ ମଧ ସେଥିରୁ କେବଳ କୁଣ୍ଡା ବାହାରିଥିଲା । ଏନେଇ ଗୁରୁବାର ତଦନ୍ତ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

# ନିଶ୍ଚିନ୍ତକୋଇଲିକୁ ଫେରିବେ ୪ ହଜାର ପ୍ରବାସୀ

ନିଶ୍ଚିନ୍ତକୋଇଲି,୨୯।୪(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳର ପ୍ରାୟ ୪ ହଜାର ଲୋକ ରାଜ୍ୟ ବାହାରେ ଫସି ରହିଛନ୍ତି। ଲକ୍‌ଡାଉନ୍ ପରେ ସେମାନେ ଘରକୁ ଫେରିବେ। ତେଣୁ ସେମାନଙ୍କ ମଧ୍ୟରୁ ୩୭୪୨ଜଣ ନାମ ପଞ୍ଜୀକରଣ କରି ସାରିଲେଣି। ଘରକୁ ଫେରିବା ପରେ ସେମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରଖାଯିବ। ଏଥିପାଇଁ ବ୍ଲକ ଅଞ୍ଚଳରେ ୯୫ଟି କ୍ୱାରାଣ୍ଟାଇନ କେନ୍ଦ୍ର ପ୍ରସ୍ତୁତ ହୋଇଛି। ଏଥିରେ ୪ ହଜାର ବେଡ୍ ପକାଯିବା ବ୍ୟବସ୍ଥା କରାଯାଇଛି। ଏହି କ୍ୱାରାଣ୍ଟାଇନ କେନ୍ଦ୍ରଗୁଡିକ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସରକାରୀ ଦପ୍ତରରେ ଖୋଲାଯାଇଛି। ବ୍ଲକ ପରିସରରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର କ୍ୱାରାଣ୍ଟାଇନ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ପ୍ରତିକେନ୍ଦ୍ରକୁ ବିଶୋଧନ କରାଯାଉଛି। ଏଥିସହିତ ଯେଉଁମାନେ ରହିବେ ସେମାନଙ୍କ ପାଇଁ ଖାଇବା ଓ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଚିଠା ପ୍ରସ୍ତୁତ କରାଯାଇଛି। କ୍ୱାରାଣ୍ଟାଇନ କେନ୍ଦ୍ରଗୁଡିକୁ ପରିଦର୍ଶନ କରିବା ପାଇଁ ପଞ୍ଚାୟତସ୍ତରୀୟ କମିଟି ଓ ସ୍ୱତନ୍ତ୍ର ପରିଦର୍ଶନ ଟିମ୍ ଗଠନ କରାଯାଇଛି। ବୁଧବାର ଜିଲାପାଳ ଭବାନୀଶଙ୍କର ଚୟନୀ, ଜିଲା ପର୍ଯ୍ୟବେକ୍ଷକ ସୁଶାନ୍ତ ମହାପାତ୍ର, ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଅପରାହ୍ନରେ ପହଞ୍ଚି ମହିଳାଙ୍କ ପାଇଁ ହୋଇଥିବା ସ୍ୱତନ୍ତ୍ର କ୍ୱାରାଣ୍ଟାଇନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାପରେ ରାମକୃଷ୍ଣପୁର ପଞ୍ଚାୟତରେ ହୋଇଥିବା ୨ କ୍ୱାରାଣ୍ଟାଇନ କେନ୍ଦ୍ର, ନିଶ୍ଚିନ୍ତକୋଇଲି ପଞ୍ଚାୟତରେ ହୋଇଥିବା ଗୋଟିଏ ଓ କଟିକଟାରେ ହୋଇଥିବା ଗୋଟିଏ କ୍ୱାରାଣ୍ଟାଇନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ବ୍ଲକ ଅଧକ୍ଷା ସବିତା ଓଝା, ବିଡିଓ କର୍ଣ୍ଣଦେବ ସମାଦ୍ଦାର, ତହସିଲଦାର ଜିତେନ୍ଦ୍ର ପାତ୍ର, ସରପଞ୍ଚ ରବୀନ୍ଦ୍ର ସେଠୀ, ମନୋରଞ୍ଜନ ସ୍ୱାଇଁ ଓ ମନସ୍ୱିତା ପଣ୍ଡା ଉପସ୍ଥିତ ଥିଲେ।

# ପିଲାଙ୍କୁ ପାଠପଢ଼ା ସହ ଯୋଡ଼ି ରଖିବାକୁ ପ୍ରୟାସ

## ଅନ୍‌ଲାଇନରେ ପାଠ ପଢ଼ାଉଛନ୍ତି ଅଧାପକ

ଖୋର୍ଦ୍ଧା ଅଫିସ,୨୯।୪

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଦେଶରେ ଲକ୍‌ଡାଉନ ଜାରି ରହିଛି। ଲକ୍‌ଡାଉନ ଯୋଗୁ ରାଜ୍ୟ ସରକାର ଜୁନ ୧୭ ପର୍ଯ୍ୟନ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ବନ୍ଦ କରିଛନ୍ତି। ପିଲାଙ୍କ ପାଠପଢା ଲାଗି ବିଭିନ୍ନ ଅନୁଷ୍ଠାନ ସୋସିଆଲ ମିଡିଆକୁ ମାଧ୍ୟମ କରିଛନ୍ତି। ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଅଧୀନରେ ଶିକ୍ଷା ସଂଯୋଗ ନାମରେ ସ୍କୁଲ ଓ ହାଇସ୍କୁଲ ପିଲାଙ୍କୁ ପାଠପଢା କାର୍ଯ୍ୟକ୍ରମ ଜାରି ରହିଛି। ଯୁକ୍ତ ଦୁଇ ଓ ତିନି ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ପାଠପଢାଇବା ଲାଗି ଆଗେଇ ଆସିଛନ୍ତି ଅଧ୍ୟାପକ ଦିଲୀପ କୁମାର ବେହେରା। ନାରୁଣୀ ଡିଗ୍ରୀ କଲେଜରେ ରସାୟନ ବିଜ୍ଞାନର ଅଧ୍ୟାପକ ଭାବେ ସେ କାର୍ଯ୍ୟରତ ଅଛନ୍ତି। ଦିଲୀପ ପ୍ରତ୍ୟେକ ଦିନ ରସାୟନ ବିଜ୍ଞାନ ବହିରେ ଥିବା ବିଭିନ୍ନ ବିଷୟ ଉପରେ ଅନ୍‌ଲାଇନ ମାଧ୍ୟମରେ ପିଲାଙ୍କୁ ପଢାଉଛନ୍ତି। ଏଥିମଧ୍ୟରେ ଦିଲୀପ ୧୨ଟି ଭିଡିଓ ୟୁଟ୍ୟୁବରେ ଅପ୍‌ଲୋଡ୍ କରିଛନ୍ତି। ଏହାକୁ ଛାତ୍ରୀଛାତ୍ରମାନେ ଡାଉନଲୋଡ କରି ପଢୁଛନ୍ତି। ବର୍ତ୍ତମାନ ସୁଦ୍ଧା ଅନଲାଇନ ମାଧ୍ୟମରେ ସେ ଖୋର୍ଦ୍ଧା ଜିଲାରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ଯୋଡିଛନ୍ତି। ଦିଲୀପଙ୍କ ପାଠପଢାକୁ ଅଭିଭାବକମାନେ ସ୍ୱାଗତ କରିଛନ୍ତି। ଅନ୍‌ଲାଇନ ପାଠପଢା ପ୍ରତି ପିଲାଙ୍କର ମଧ ଆଗ୍ରହ ବଢିବାରେ ଲାଗିଛି। ଆଗକୁ ହ୍ୱାଟ୍ସ ଆପ୍, ଫେସ୍‌ବୁକରେ ପାଠପଢା ଆରମ୍ଭ କରିବେ ବୋଲି ସେ କହିଛନ୍ତି। ସେ କୁହନ୍ତି, ଲକ୍‌ଡାଉନ ସମୟରେ ପିଲାଙ୍କୁ ପାଠପଢା ସହ ଯୋଡି ରଖିବା ଲାଗି ଏହି ପ୍ରୟାସ ଆରମ୍ଭ କରିଛି। ଏଥିପ୍ରତି ପିଲାଙ୍କ ଆଗ୍ରହ ରହିଛି। ଏହି ଅଭିଯାନ ବର୍ଷସାରା ଜାରି ରହିବ। ଅଧିକରୁ ଅଧିକ ପିଲାଙ୍କୁ କିପରି ଅନ୍‌ଲାଇନ ମାଧ୍ୟମରେ ପାଠ ପଢାଇ ହେବ ସେଥିପ୍ରତି ଗୁରୁତ୍ୱ ଦେଉଛି। ପିଲାମାନେ ମଧ ଅନେକ ପ୍ରଶ୍ନ ପଚାରୁଛନ୍ତି, ତାହାର ଉତ୍ତର ମଧ ଦେଉଛି। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ଲାଗି ଏହି ପ୍ରୟାସ କରିଛି ବୋଲି ସେ କହିଛନ୍ତି।



# ୧୪ ମାସ ହେଲା ଦରମା ମିଳିନି

## ଜିଲାପାଳଙ୍କ ଦ୍ୱାରସ୍ଥ ଜେଡ୍ଏସ୍ଏସ୍ ଅସ୍ଥାୟୀ କର୍ମଚାରୀ



ପୁରୀ ଅଫିସ,୨୯।୪: କରୋନା ପାଇଁ ସମଗ୍ର ଦେଶ ଏବେ ଲକ୍‌ଡାଉନ। ଏହାର ପ୍ରଭାବ ପ୍ରତ୍ୟେକ ଲୋକଙ୍କ ଉପରେ ପଡ଼ିଛି। ୧୪ ମାସ ହେଲା ଦରମା ନ ପାଇ ଅଧିକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜେଡ୍ଏସ୍ଏସ୍ ଅସ୍ଥାୟୀ କର୍ମଚାରୀ। ତେଣୁ କର୍ମଚାରୀମାନେ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ୪୭ଜଣ କର୍ମଚାରୀ ୨୦୦୩ରୁ ଏ ପର୍ଯ୍ୟନ୍ତ ହସ୍ପିଟାଲର ବିଭିନ୍ନ ବିଭାଗରେ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଆସୁଛନ୍ତି। ହେଲେ ଗତବର୍ଷ ଫେବୃୟାରୀ ମାସଠାରୁ ସେମାନଙ୍କୁ ଦରମା ମିଳିନାହିଁ। ଏ ନେଇ ସେମାନେ ସିଡିଏମ୍ଓଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ କରୋନାକୁ ନେଇ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି ସେମାନେ ଚଳିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ଡ୍ୟୁଟି କରୁଛନ୍ତି। ଏଭଳି ଅବସ୍ଥା ଦେଖି ସେମାନଙ୍କ ମାନସିକ ଏବଂ ଶାରୀରିକ ଅବସ୍ଥା ବିଗିଡ଼ିବାକୁ ଲାଗିଲାଣି। ତେଣୁ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ବିହୀତ ପଦକ୍ଷେପ ନେବାକୁ କର୍ମଚାରୀମାନେ ଜିଲାପାଳଙ୍କୁ ଗୁହାରି ଜଣାଇଛନ୍ତି।

# ରାସ୍ତାକଡ଼ ଅସହାୟ, ଭିକାରିଙ୍କ ଭୋକରେ କଟୁଛି ଦିନ

ଖୋର୍ଦ୍ଧା ଅଫିସ,୨୯।୪

ଦେଶରେ ଲକ୍‌ଡାଉନ ଜାରି ରହିଥିବାବେଳେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡି ଅନ୍ୟ ସବୁ ବନ୍ଦ ରହିଛି। ଏହାଦ୍ୱାରା ବିଶେଷ ପ୍ରଭାବିତ ହେଉଛନ୍ତି ରାସ୍ତାକଡରେ କାଳାତିପାତ କରୁଥିବା ମାନସିକ ବିକାର ଗ୍ରସ୍ତ ଓ ଭିକାରି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କୁ ରନ୍ଧାଖାଦ୍ୟ ଦେବା ଲାଗି ସରକାର ନିର୍ଦ୍ଦେଶାନାମା ଜାରି କରିଛନ୍ତି। ଅନ୍ୟପକ୍ଷେ ଅସହାୟମାନେ ବର୍ଷବର୍ଷ ଧରି ରାସ୍ତାକଡ, ଗଛ ତଳେ, ବ୍ରିଜ ତଳେ, ବିଶ୍ରାମ ଗୃହରେ ଜୀବନ ଅତିବାହିତ କରୁଛନ୍ତି। ଖୋର୍ଦ୍ଧା ବାଇବାସ, ଜାତୀୟ ରାଜପଥ, ନୂଆବସଷ୍ଟାଣ୍ଡ, ଗଡ଼ଖୋର୍ଦ୍ଧା, ଜଟଣୀ ରୋଡ ଓ ତୋଟାପଡା ଆଦି ଅଞ୍ଚଳରେ ଏଭଳି ଅନେକ ବ୍ୟକ୍ତି ଏଣେତେଣେ ବୁଲୁଛନ୍ତି। କିଏ କେବେ ଗୋଟିଏ ବିସ୍କୁଟ ପ୍ୟାକେଟିଏ ବଢାଇ ଦେଲେ ଖାଉଛନ୍ତି, ନ ହେଲେ ଭୋକ ଉପାସରେ ଦିନ କାଟୁଛନ୍ତି। ଏଭଳିସ୍ଥିତିରେ ସହରର ବିଭିନ୍ନସ୍ଥାନରେ ଆଶ୍ରୟ ନେଇଥିବା ବ୍ୟକ୍ତି ପେଟକୁ ଗଣ୍ଡେ ଖାଦ୍ୟ ନ ପାଇ ଭୋକରେ ଆଉଟପାଉଟ ହେଉଛନ୍ତି।

ସହରର ବିଭିନ୍ନ ସ୍ଥାନରେ ମାନସିକ ବିକୃତ ତଥା ଭିକ୍ଷାବୃତ୍ତି କରି ଜୀବନ ଅତିବାହିତ କରୁଥିବା ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, କୁଷ୍ଠରୋଗୀ ବସବାସ କରୁଛନ୍ତି। କିଛିଦିନ କେତେଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଦେଇ ଆସୁଥିଲେ। ଲକ୍‌ଡାଉନ ଅବଧି ସରି ଆସୁଥିବା ବେଳେ ଯାତାୟାତ ବେଳେ ପୋଲିସର ନାକାବନ୍ଦି ଏବଂ ବାଇକ୍ ଧରପଗଡ ଯୋଗୁ ସ୍ୱେଚ୍ଛାସେବୀମାନେ ମଧ ଆଉ ପଦାକୁ ବାହାରୁ ନାହାନ୍ତି। ଫଳରେ ସେମାନଙ୍କୁ ଖାଦ୍ୟ ମିଳୁନି। ନିୟମିତ ଏମାନଙ୍କୁ ଖାଇବାକୁ ଦିଆ ନ ଗଲେ, ଆଗାମୀଦିନରେ ମୃତ୍ୟୁ ଘଟିବା ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ ଶକ୍ତି ଶଙ୍କର ମିଶ୍ର କହିଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀଙ୍କୁ ପଚାରିବାରେ ପୌରସଂସ୍ଥା ପକ୍ଷରୁ ଗରିବ, ଅସହାୟଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି। ପୌର ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ପରିବାର ଏବଂ ରାସ୍ତାକଡରେ ବୁଲୁଥିବା ଅସହାୟଙ୍କୁ ମଧ୍ୟ ଖାଦ୍ୟ ଦିଆଯାଉଛି। ଯଦି କେହି ଅସହାୟ ଖାଦ୍ୟ ପାଉ ନ ଥିବା ଖବର ଆସେ ତେବେ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ରାସ୍ତା କଡ଼ରେ ଟ୍ରଲିରେ ବସିଥିବା ଅସହାୟ ଦମ୍ପତି।

## ସଂକ୍ଷେପରେ

### ବାପାଙ୍କ ଶେଷ ଦର୍ଶନ କରିପାରିଲେନି ପୁଅ

ରତ୍ନଗିରି,୨୯।୪(ଡି.ଏନ.ଏ)- ଲକ୍‌ଡାଉନ ଯୋଗୁ ମା'ବାପା କିମ୍ବା ଅନ୍ୟ ଯେ କେହି ରକ୍ତ ସମ୍ପର୍କୀୟଙ୍କ ମୃତ୍ୟୁ ପରେ ସେମାନଙ୍କ ଶେଷ ଦର୍ଶନ କରିବା ବି କେତେଜଣଙ୍କ ଭାଗ୍ୟରେ ଜୁଟୁନି। ବରୀ ବ୍ଲକ ବୋଦୁଅ ଗ୍ରାମରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଶିବପ୍ରସାଦ ମଲିକ(୪୯) ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ବଡ଼ପୁଅ କିଶୋର ଜଣେ ଦିନ ମଜୁରିଆଭାବେ ସୁରତରେ କାମ କରନ୍ତି। ବାପାଙ୍କ ଅସୁସ୍ଥତା ଜାଣିବା ପରେ ମଧ ଲକ୍‌ଡାଉନ ଯୋଗୁ ଘରକୁ ଫେରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ବାପାଙ୍କ ମୃତ୍ୟୁ ହେବା ଯୋଗୁ ବୁଧବାର ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା ମଲିକ, ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

### ଗୋପୀନାଥପୁରରୁ ଉଠିଲା ୧୪୪ ଧାରା

**ରସୁଲପୁର, ୨୯।୪ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ଗୋପୀନାଥପୁର ଗାଁର ସଂଖ୍ୟାଲଘୁ ସଂପ୍ରଦାୟ ବସ୍ତିରେ ଗତ ୧୮ ତାରିଖରୁ ଜିଲା ପ୍ରଶାସନ ପକ୍ଷରୁ ଲାଗୁ କରାଯାଇଥିବା ୧୪୪ ଧାରା ବୁଧବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି। କରୋନା କଟକଣା ସ୍ଥିତି ସମୀକ୍ଷା କରିବାକୁ ଯାଇଥିବା ଯାଜପୁର ଜିଲାପାଳ, ରସୁଲପୁର ବିଡିଓ, ତହସିଲଦାର ପ୍ରମୁଖଙ୍କୁ ଏହି ଗାଁର କିଛି ଲୋକ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିଲେ। ସେବେଠାରୁ ଉକ୍ତ ଗାଁରେ ୧୪୪ ଧାରା ଲାଗୁ କରାଯାଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୁଜଙ୍ଗ,୨୯।୪(ଡି.ଏନ.ଏ.):** ପାରାଦୀପ ଲକ୍ ଥାନା ଅଧୀନ ଜଗତିଗଡ଼ା ନିକଟ ୫ନଂ(କ) ଜାତୀୟ ରାଜପଥ କଡ଼ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଅନୁଗୋଳ ଜିଲା ହଣ୍ଡପା ଥାନା ଅଧୀନ ବଇଣ୍ଡା ଗ୍ରାମର ସୁବର୍ଣ୍ଣ ପ୍ରଧାନଙ୍କ ପୁଅ ବୃନ୍ଦାବନ। ଲକ୍ ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ବୃନ୍ଦାବନ ଏକ ଟ୍ରକ୍ ହେଲ୍‌ପର ଭାବେ କାର୍ଯ୍ୟ କରୁଥିଲେ।

### ବ୍ରାଉନ ସୁଗାର ଜବତ, ୨ ଗିରଫ

**ଜଗତ୍‌ସିଂହପୁର ଅଫିସ,୨୯।୪:** ଜଗତ୍‌ସିଂହପୁର ଥାନା ମଙ୍ଗଳପୁର ଛକ ନିକଟରୁ ପୋଲିସ ବ୍ରାଉନସୁଗାର କାରବାର କରୁଥିବା ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦାଳର ପପୁ ଓରଫ ସର୍ବେଶ୍ୱର ଜେନା ଏବଂ ଓହଳର ସିକୁ ସରଫ ତୁଷାର ଦାସ। ସେମାନଙ୍କ ନିକଟରୁ ୪.୮୨୦ ଗ୍ରାମର ବ୍ରାଉନ ସୁଗାର ସହ ଏକ ବାଇକ୍, ୨ଟି ମୋବାଇଲ ଓ ୬୦,୩୫୦ ଟଙ୍କା ଜବତ ହୋଇଛି।

### ୪୩ ଜଣଙ୍କ ସ୍ୱାବ୍ ନମୁନା ନେଗେଟିଭ୍

ଖଣ୍ଡପଡ଼ା,୨୯।୪(ସ୍ୱ.ପ୍ର.): ଖଣ୍ଡପଡ଼ା କୋଭିଡ୍ ହସ୍ପିଟାଲରେ ସଂଗୃହୀତ ୪୩ ଜଣଙ୍କ ସ୍ୱାବ୍ ନମୁନା ନେଗେଟିଭ୍ ଥିବା ଜଣାପଡିଛି। ଖଣ୍ଡପଡା ବ୍ଲକର ୨୧ ଓ ଭାପୁର ବ୍ଲକର ୨୨ ଏପରି ୪୩ ଜଣ ବାହାର ଫେରନ୍ତାଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ସମସ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବା ଓ ରିପୋର୍ଟ ନେଗେଟିଭ୍ ଆସିଥିବା ଖଣ୍ଡପଡା କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ଥିବା ମୁଖ୍ୟ ଡ. ପ୍ରଦୀପ କୁମାର ପାଇକରାୟଙ୍କଠାରୁ ସୂଚନା ମିଳିଛି।

### ସରପଞ୍ଚ-ପୋଲିସ ବୈଠକ

**ଆଳି, ୨୯।୪ (ଡି.ଏନ୍.ଏ.):** ରାଜ୍ୟ ବାହାରୁ ଶ୍ରମିକଙ୍କୁ ନିଜ ନିଜ ଜିଲାକୁ ଆଣିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ବେଳେ ଏହି ସମୟରେ ସମସ୍ତେ କିପରି ସମସ୍ତ ନିୟମ ସୁଚାରୁ ରୂପେ ମାନିବେ ସେ ନେଇ ସରପଞ୍ଚ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ମିଳିତ ବୈଠକ ବସି ଆଲୋଚନା କରାଯାଇଛି। କେନ୍ଦ୍ରାପଡା ହେଡକ୍ୱାଟର ଡିଏସ୍‌ପି ସୁଶାନ୍ତ କୁମାର ସେନ୍‌ଙ୍କ ଆବାହକତ୍ୱରେ ବୈଠକ ବସିଥିଲା। ବୈଠକରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଆଳି ଆଇଆଇସି ସଲିଲ କୁମାର ପ୍ରଧାନ, ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।

# ବାହାର ରାଜ୍ୟରୁ ଫେରିବେ ୪୩ ହଜାର

ଜଗତ୍‌ସିଂହପୁର ଅଫିସ,୨୯।୪



ତିର୍ତ୍ତୋଲ ଅଞ୍ଚଳରେ ଥିବା ନୂଆପଡ଼ା ଜିଲାର ଶ୍ରମିକଙ୍କୁ ବସ୍ ଯୋଗେ ପଠାଯାଉଛି।

**ଜଗତ୍‌ସିଂହପୁର ଜିଲା**
- ଗ୍ରାମାଞ୍ଚଳରେ ୧୯୩, ସହରାଞ୍ଚଳରେ ୪ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ
- ପ୍ରାପ୍ତ ବୟସ୍କଙ୍କ ଖାଇବା ବାବଦରେ ଦିନକୁ ଖର୍ଚ୍ଚ ହେବ ୧୨୦ ଟଙ୍କା
- ଜିଲାରେ ଫସି ରହିଥିବା ଶ୍ରମିକଙ୍କୁ ପଠାଯିବାକୁ ବ୍ୟବସ୍ଥା

ଲକ୍‌ଡାଉନ୍ ଯୋଗୁ ଓଡ଼ିଶାର ବିଭିନ୍ନ ଜିଲା ଲୋକ ବାହାର ରାଜ୍ୟରେ ଫସି ରହିଛନ୍ତି। ଏବେ ରାଜ୍ୟ ସରକାର ସେମାନଙ୍କୁ ଆଣିବା ପାଇଁ ପଦକ୍ଷେପ ନେଇଛନ୍ତି। ତେବେ ଯେଉଁମାନେ ଫେରିବାକୁ ଚାହୁଁଛନ୍ତି ସେମାନେ ଅନଲାଇନ୍‌ରେ ନାମ ପଞ୍ଜୀକରଣ କରୁଛନ୍ତି। ଏହି ଅନୁଯାୟୀ ୨୭ ତାରିଖ ସୁଦ୍ଧା ଜଗତ୍‌ସିଂହପୁର ଜିଲାକୁ ଫେରିବା ପାଇଁ ୧୨,୭୯୨ଜଣ ନାମ ପଞ୍ଜୀକରଣ କରିଛନ୍ତି। ଆଉ ପାଖାପାଖି ୩୦ ହଜାର ଲୋକ ଫେରିବାକୁ ନାମ ପଞ୍ଜୀକରଣ କରିବା ସମ୍ଭାବନା ରହିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଥିରେ ଉଲ୍ଲେଖ ଅଛି ଜିଲାର ୧୯୩ଟି ଗ୍ରାମାଞ୍ଚଳ ଓ ୪ଟି ସହରାଞ୍ଚଳରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଅନ୍ୟ ରାଜ୍ୟରୁ ଫେରିବାକୁ ଥିବା ଲୋକଙ୍କୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ଦିନ କ୍ୱାରାଣ୍ଟାଇନରେ ରଖାଯିବା ସହ ଖାଇବା, ପିଇବା ଆଦି ବନ୍ଦୋବସ୍ତ କରାଯିବ। ଏଥିରେ ପ୍ରତ୍ୟେକ ପ୍ରାପ୍ତବୟସ୍କ ଓ ୧୪ ବର୍ଷରୁ କମ ବୟସ ପିଲାଙ୍କ ପ୍ରତ୍ୟହ ଖାଇବା ବାବଦରେ ଯଥାକ୍ରମେ ୧୨୦ ଓ ୧୦୦ ଟଙ୍କା ୧୪ ଦିନ ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ କେବଳ କୋଭିଡ୍ କାର୍ଯ୍ୟ ପାଇଁ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଅନୁଦାନ ରାଶି ଖର୍ଚ୍ଚ କରାଯିବ। ଏହାବ୍ୟତିତ ଅନ୍ୟ ଜିଲା ଶ୍ରମିକ ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ତିର୍ତ୍ତୋଲ ବ୍ଲକ ଇଟାଭାଟି ଅଞ୍ଚଳରେ ନୂଆପଡ଼ା ଜିଲାର ଥିବା ୧୫୧ ଜଣଙ୍କ ମଧ୍ୟରୁ ୭୧ ଜଣଙ୍କୁ ୨ଟି ବସ୍ ଯୋଗେ ସେମାନଙ୍କ ଘରକୁ ପଠାଯାଇଛି। ଏରସମା ବ୍ଲକ ଡିଙ୍ଗିଆ ପଞ୍ଚାୟତରେ ଥିବା କେନ୍ଦୁଝର ଜିଲାର ଶତାଧିକ ଶ୍ରମିକଙ୍କୁ ବସ ଯୋଗେ ପଠାଯିବା ବ୍ୟବସ୍ଥା କରାଯାଉଛି।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଦର୍ଶାଇଛନ୍ତି, ଜିଲାପାଳ ମଙ୍ଗଳବାର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ବିଡିଓ ଏବଂ ନିର୍ବାହୀ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଏଥିରେ କୁହାଯାଇଥିଲା ଗ୍ରାମାଞ୍ଚଳର ୧୯୩ ଓ ସହରାଞ୍ଚଳର ୪ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାକ୍ରମେ ୩,୩୫୩ ଓ ୮୩ଟି ଶଯ୍ୟା ପ୍ରସ୍ତୁତ କରାଯାଇଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। ଆହୁରି ୧୦ ହଜାର ଶଯ୍ୟା ପ୍ରସ୍ତୁତ କରିବାକୁ ପଡ଼ିବ। ପ୍ରତି ପଞ୍ଚାୟତରେ ଯେପରି ଅତିକମରେ ୩/୪ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇପାରିବ ସେଥିନେଇ ପଦକ୍ଷେପ ନିଆଯିବା ଉଚିତ। ଏଗୁଡିକ ଉଚ୍ଚ ବିଦ୍ୟାଳୟ, ନୋଡାଲ ଏମ୍‌ଇ ସ୍କୁଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହାବିଦ୍ୟାଳୟ, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଆଦିରେ କରାଯିବ। ପ୍ରତି ପଞ୍ଚାୟତକୁ ୧୦୦ରୁ ୧୫୦ ଲୋକ ବାହାରୁ ଫେରିବା ଆଶା କରାଯାଉଛି। ପାରାଦୀପସ୍ଥିତ ଭାରତୀୟ ତୈଳ ନିଗମ, ପାରାଦୀପ ବନ୍ଦର, ଇଫ୍‌କୋ, ପିପିଏଲ୍ ସାର କାରଖାନା, ଖାଇବା ତୈଳ ପ୍ରକଳ୍ପ ଓ ଅନ୍ୟ ବୃହତ ଶିଳ୍ପ ସଂସ୍ଥାଗୁଡିକ ଆବଶ୍ୟକ ସତର୍କତା ଅବଲମ୍ବନ କରିବେ। ପ୍ରତ୍ୟେକ ଶିଳ୍ପ ସଂସ୍ଥା ଥର୍ମାଲ ସ୍କାନର ରଖିବା ସାଙ୍ଗକୁ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ଅଳ୍ପ ସଂଖ୍ୟକ କର୍ମଚାରୀ ସାମାଜିକ ଦୂରତା ମଧ୍ୟରେ କାରଖାନା କାର୍ଯ୍ୟ ଚାଲୁ ରଖିବେ। ଏସବୁ କାର୍ଯ୍ୟ ଅତିରିକ୍ତ ଜିଲାପାଳ ଓ ତହସିଲଦାର ତଦାରଖ କରିବେ। କୌଣସି ସରକାରୀ ଅଧିକାରୀ, କର୍ମଚାରୀ କଟକ, ଭୁବନେଶ୍ୱରରୁ ଯିବାଆସିବା କରୁଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମୀକ୍ଷା ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସହ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କାଳବୈଶାଖୀରେ ଉପୁଡ଼ିଲା ଗଛ, ସବ୍‌ଷ୍ଟେଶନ

ରସୁଲପୁର,୨୯।୪(ଡିଏନଏ)

କାଳବୈଶାଖୀ ଯୋଗୁ ବୁଧବାର ଅପରାହ୍ନରେ ଏକ ବରଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିବାରୁ ରସୁଲପୁର ବ୍ଲକ ନରସିଂହପୁର ପଞ୍ଚାୟତ ହରିପୁର-ଗୌରୀଶ୍ୟାମପାଟଣା ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ଉକ୍ତ ବରଗଛ ନିକଟରେ ଥିବା ଏକ ବିଦ୍ୟୁତ ସବ୍‌ଷ୍ଟେଶନ ମଧ ଉପୁଡି ପଡିଛି। ଫଳରେ ଆଖପାଖ ଅଞ୍ଚଳରେ ବିଦ୍ୟୁତ ସରବରାହରେ ବ୍ୟାଘାତ ଘଟିଛି। ଖବର ଲେଖା ହେବା ବେଳକୁ କୁଆଖିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାତାୟାତ ସ୍ୱାଭାବିକ କରିବାକୁ ପ୍ରୟାସ ଜାରି ରହିଥିଲା। ରସୁଲପୁର ଦମକଳ କେନ୍ଦ୍ର ବାହିନୀ ଓ କୁଆଖିଆ ଥାନା ପୋଲିସ କର୍ମୀଙ୍କ ମିଳିତ ଉଦ୍ୟମରେ ରାସ୍ତା ଉପରୁ ଗଛ କାଟି ସଫା କରାଯାଉଥିଲା। ବିଦ୍ୟୁତ ଷ୍ଟକଚର ସମ୍ପର୍କରେ କୁଆଖିଆ ବିଦ୍ୟୁତ ସେକ୍ସନକୁ ଅବଗତ କରାଯାଇଛି। ଗଛଡାଳ ସଫା ହୋଇସାରିବା ପରେ ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ କରାଯିବ ବୋଲି କୁହାଯାଇଛି।

# ଚାଲିଚାଲି ଘରକୁ ଫେରିବାକୁ ଉଦ୍ୟମ



ନିଜ ରାଜ୍ୟକୁ ଚାଲି ଚାଲି ଫେରିଯାଉଥିବା ଶ୍ରମିକ।

ଯାଜପୁର ଅଫିସ,୨୯।୪

**ଲକ୍‌ଡାଉନ ଯୋଗୁ ଭୋକରେ ଶ୍ରମିକ**

ଦିନକ ପରେ ଅର୍ଥାତ ମେ ୧ ଶ୍ରମିକ ଦିବସ। ପ୍ରଶାସନ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶ୍ରମିକଙ୍କ ଅଧିକାରକୁ ନେଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସଚେତନତା କାର୍ଯ୍ୟକ୍ରମ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଲକଡାଉନ ଯୋଗୁ ଶ୍ରମିକ ଦିବସ ପାଳନ ହେବାର ସମ୍ଭାବନା ଦେଖାଯାଉ ନାହିଁ। କରୋନା ମାଡ଼ରେ ଯାଜପୁର ଜିଲା ସମେତ ରାଜ୍ୟ ତଥା ବାହାରୁ ଆସିଥିବା ଲକ୍ଷାଧିକ ଶ୍ରମିକଙ୍କ ଦାନାପାଣି ଉଜୁଡି ଯାଇଛି। ଯାଜପୁର ଜିଲା ଦାନଗଦି ବ୍ଲକ ରାସ୍ତାରେ ଏଭଳି ଏକ ଶ୍ରମିକ ଗୋଷ୍ଠୀଙ୍କୁ ଦେଖିବାକୁ ମିଳିଛି। ଲକଡାଉନ ଯୋଗୁ ଭୋପାଳ ଓ ଉତ୍ତରପ୍ରଦେଶ ଆମେଥି ଅଞ୍ଚଳରୁ ଯାଜପୁର ଜିଲା ସୀମାନ୍ତକୁ ଧାଇଁ ଆସିଥିବା ୧୬ଜଣ ଶ୍ରମିକ କାମଧନ୍ଦା ନ ପାଇ ହତାଶ ହୋଇ ନିଜ ଛୋଟଛୋଟ ପିଲାଙ୍କୁ ଧରି ଚାଲିଚାଲି ଫେରିଯାଉଥିବା ଦେଖିବାକୁ ମିଳିଛି।

ପ୍ରାୟ ବର୍ଷେ ହେବ ଭୋପାଳ ଓ ଉତ୍ତରପ୍ରଦେଶ ଅଞ୍ଚଳର ୧୬ଜଣ ଶ୍ରମିକ ଯାଜପୁର ଜିଲା ସୀମାନ୍ତ ଢେଙ୍କାନାଳ ଜିଲା ଭୁବନରେ ରହି ବିଭିନ୍ନ କାମ କରି ପରିବାର ପୋଷଣ କରୁଥିଲେ। କିନ୍ତୁ ମାର୍ଚ୍ଚ ୨୨ରୁ ଲକଡାଉନ ପରିସ୍ଥିତି ସୃଷ୍ଟି ହେବା ପରେ ସେମାନଙ୍କୁ ଆଉ କୌଣସି କାମ ମିଳିଲା ନାହିଁ। ଯାହା କିଛି ସଞ୍ଚୟ କରି ଅର୍ଥ ରଖିଥିଲେ ସେଥିରେ କଷ୍ଟେମଷ୍ଟେ ମାସେ ଯାଏ ଚଳିଲେ। ଶେଷରେ ସେମାନେ ଦାରିଦ୍ର୍ୟର ତାଡ଼ନାରେ ଛଟପଟ ହେବା ଅପେକ୍ଷା ନିଜ ମାତୃଭୂମିକୁ ଫେରି ଯିବାକୁ ଉଚିତ ମଣିଲେ। ମାତ୍ର ନିଜ ରାଜ୍ୟକୁ ଫେରିଯିବା ପାଇଁ ସେମାନଙ୍କ ପାଖରେ ଅର୍ଥ କିମ୍ବା ଗାଡ଼ି ମୋଟରର ବ୍ୟବସ୍ଥା ନ ଥିବାରୁ ବାଧ ହୋଇ କେତୋଟି ସାଇକେଲରେ ନିଜର କିଛି କପଡ଼ା ଲଦି ଚାଲିଚାଲି ବାହାରି ଥିଲେ। ଏହା ଜାଣିବା ପରେ ଦାନଗଦି ଫାଣ୍ଡି ପକ୍ଷରୁ ସେମାନଙ୍କୁ ଖାଇବା ବ୍ୟବସ୍ଥା କରାଯାଇଥିଲା।

# ଧାନକିଣା ଦୁର୍ନୀତି, ଜିଲାପାଳଙ୍କୁ ଫେରାଦ

**ନୟାଗଡ ଅଫିସ/ଓଡଗାଁ,୨୯।୪(ସ୍ୱ.ପ୍ର.)**

- ଚାଷ ଦଶପଲ୍ଲାରେ, ବିକିଲେ ବରସାହିରେ
- କୁଇଣ୍ଟାଲରେ ୫୦୦ରୁ ୮୦୦ ଟଙ୍କା ଲାଭ

ନୟାଗଡ ଜିଲା ବରସାହି ଧାନମଣ୍ଡିରେ ହୋଇଥିବା ଧାନକିଣା ଦୁର୍ନୀତିର ତଦନ୍ତ ପାଇଁ ବୁଧବାର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଦଶପଲ୍ଲା ଓ ନୟାଗଡରେ ଚାଷ କରାଯାଇଥିବା ଦର୍ଶାଇ ଠାକୁରଙ୍କ ନାଁରେ ଧାନ ବିକି କୁଇଣ୍ଟାଲ ପିଛା ୫୦୦ରୁ ୮୦୦ ଟଙ୍କା ରୋଜଗାର କରିଛନ୍ତି। ଅଣଚାଷୀମାନେ ଭାଗଚାଷୀ ଦର୍ଶାଇ ଲକ୍ଷାଧିକ ଟଙ୍କା ହଡପ କରିଛନ୍ତି। ବରସାହି ପ୍ରାଥମିକ ସେବା ସମବାୟ ସମିତିର କର୍ମଚାରୀ ଓ କିଛି ବ୍ୟବସାୟୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ଉଠିଛି।

ଅଭିଯୋଗ ଅନୁସାରେ କିଛି ଅଣଚାଷୀଙ୍କ ନିଜର ଜମି ନ ଥିବାବେଳେ ସେମାନେ ନିଜେ ଚାଷ କରନ୍ତି ନାହିଁ। ଏପରିସ୍ଥଳେ ଧାନମଣ୍ଡିରେ ଭାଗଚାଷୀ ହୋଇ କିଛି ଦଲାଲ ଲକ୍ଷାଧିକ ଟଙ୍କା ରୋଜଗାର କରିଛନ୍ତି। ଧାନ କୁଇଣ୍ଟାଲ ପିଛା ସରକାରୀ ଦର ୧୮୧୫ ଟଙ୍କା ରହିଛି। ବ୍ୟବସାୟୀମାନେ ୧ ହଜାରରୁ ୧୩ଶହ ଟଙ୍କା ମଧ୍ୟରେ ଚାଷୀ ଓ ଭାଗଚାଷୀଠାରୁ ଧାନ କିଣିନେଲେ। କିଛି ଦଲାଲଙ୍କ ସହାୟତାରେ ସମିତି କର୍ମଚାରୀଙ୍କୁ ହାତକରି ବ୍ୟବସାୟୀମାନେ ଧାନ ବିକ୍ରି କରିଦେଲେ। ଠାକୁରଙ୍କ ଜମିର ଜାଲ କାଗଜାତ କରି କୁଇଣ୍ଟାଲ ପିଛା ୫୦୦ରୁ ୮୦୦ ଟଙ୍କା ରୋଜଗାର କଲେ। ଦଶପଲ୍ଲା ବ୍ଲକ ଖମାରସାହି ନିକଟ ଚକ୍ରଧରପୁରଠାରେ ଥିବା ଶ୍ରୀଜଗନ୍ନାଥ ଜୀଉ ବିଜେ କୁଞ୍ଜବନଗଡ ଠାକୁରଙ୍କ ୧୪ଟି ପ୍ଲଟରୁ ବରସାହିର ଜଣେ ଦଲାଲ ୨ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ସେହିପରି ନୟାଗଡର ଗୋପୀନାଥ ଜୀଉଙ୍କ ନାଁରେ ବରସାହିରେ ଥିବା ୫ଟି ପ୍ଲଟରୁ ଦେଢ଼ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି ହୋଇଛି। ଅନ୍ୟ ଜଣେ ବ୍ୟକ୍ତି ବଡତଇଲା ଆର୍‌ଆଇ ସର୍କଲ ଗଡତଇଲା ପୋଇବାଡିର ଚକ୍ରଧର ମଳିକଙ୍କ ପୁତୁରା ଦର୍ଶାଇ ୧୧ଟି ପ୍ଲଟରୁ ୩ ଶହ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଦଶପଲ୍ଲା ବ୍ଲକ ଖଣ୍ଡପଡାର ମଦନ ମୋହନ ଜୀଉଙ୍କ ୭ଟି ପ୍ଲଟରୁ ୨.୮୬ କୁଇଣ୍ଟାଲ ଧାନ ବିକ୍ରି କରାଯାଇଛି। ପୁରୁଣା ଦଶପଲ୍ଲାର ବାଲୁଙ୍କେଶ୍ୱର ମହାଦେବ ଓ ଶ୍ରୀ ଗୋବିନ୍ଦ ଜୀଉ ଚକ୍ରଧରପୁରଙ୍କ ନାଁରେ ୨ଶହ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କର ଶରଣକୁଳ ଶାଖା, ବ୍ୟାଙ୍କ ଅଫ ବରୋଦା ସିନ୍ଦୂରିଆ, ଶରଣକୁଳ ଷ୍ଟେଟବ୍ୟାଙ୍କ ଶାଖାରୁ ନକଲି ଚାଷୀମାନେ ଟଙ୍କା ଉଠାଇବାରେ ସକ୍ଷମ ହୋଇଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର ଓ ଏଆର୍‌ସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, ବରସାହି ଧାନକିଣା ଦୁର୍ନୀତିର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

### ସୁରଟରୁ ବସ୍‌ରେ ଓଡ଼ଗାଁ ଫେରୁଛନ୍ତି ୩୬ ଶ୍ରମିକ

**ଓଡ଼ଗାଁ,୨୯।୪(ସ୍ୱ.ପ୍ର.):** ଓଡଗାଁ ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୩୬ ଜଣ ଶ୍ରମିକ ଏକ ବସ୍‌ରେ ସୁରଟରୁ ଫେରୁଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ଗାଁ ତହସିଲ ସାକେରୀ ଓ ଗିରିଡିପଲ୍ଲୀ ପଞ୍ଚାୟତ ଡହଙ୍ଗୀ ଗ୍ରାମର ୩୨ଜଣ ରହିଥିବାବେଳେ ପଡୋଶୀ ଗଞ୍ଜାମ ଜିଲା କରସିଙ୍ଗୀ ଗ୍ରାମର ୪ଜଣ ରହିଥିବା ସାକେରୀ ଗ୍ରାମର କାଳୁ ସେଠୀ ନାମକ ଯାତ୍ରୀ ପ୍ରକାଶ କରିଛନ୍ତି। ସେମାନେ ଗୁରୁବାର ରାତିସୁଦ୍ଧା ଓଡ଼ଗାଁରେ ପହଞ୍ଚିବେ ବୋଲି ସୂଚନା ଦେଇଛନ୍ତି । ଗୁଜରାଟ ରାଜ୍ୟ ସୁରଟ ଜିଲା ପ୍ରଶାସନର ୪୦ ନମ୍ବର ପାସ୍ ହାସଲ କରିବା ସହିତ ସୁରାଟରୁ ଓଡ଼ଗାଁ ପର୍ଯ୍ୟନ୍ତ ଆସିବା ଓ ଫେରିବା ନିମନ୍ତେ ଉଦ୍ଦିଷ୍ଟ ରହିଛି। ସମସ୍ତ ଶ୍ରମିକ ପହଞ୍ଚିବା ପରେ ସେମାନଙ୍କୁ ସଙ୍ଗରୋଧ ଗୃହରେ ରଖିବା ନିମନ୍ତେ ଆବଶ୍ୟକ ପ୍ରସ୍ତୁତି କରିବାକୁ ତହସିଲଦାର ବିଜୟିତା ସାମନ୍ତସିଂହାର ପ୍ରତିଶ୍ରୁତି ଦେଇଛନ୍ତି।

# ପଶ୍ଚିମବଙ୍ଗ ଫେରନ୍ତାଙ୍କ ସ୍ୱାବ୍ ସଂଗ୍ରହ

**ବରୀ,୨୯।୪(ସ୍ୱ.ପ୍ର):** ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳକୁ ପଶ୍ଚିମବଙ୍ଗରୁ ଫେରିଥିବା ୧୪୭ ଲୋକଙ୍କୁ ପଞ୍ଜୀକୃତ କରାଯାଇ ବୁଧବାର ସେମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିବା ବରୀ ବ୍ଲକ ପ୍ରଶାସନ ସୂଚନା ଦେଇଛି। ଏହି ବ୍ୟକ୍ତିମାନେ କ୍ୱାରାଣ୍ଟାଇନରେ ରହିଛନ୍ତି। ସ୍ୱାବ ସଂଗ୍ରହବେଳେ ବିଡିଓ ଶାଶ୍ୱତ ଯେନା, ସିଏଚ୍‌ସିର ଡାକ୍ତର କୌଶିକ ପାତ୍ର, ଜୀନତ ଦାସ, ମୁକୁନ୍ଦ ଚନ୍ଦ୍ର ନାୟକଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ୪/୫ ଦିନ ଭିତରେ ସ୍ୱାବ୍ ରିପୋର୍ଟ ଆସିବ ବୋଲି ପ୍ରଶାସନ କହିଛି। ତେବେ ପଶ୍ଚିମବଙ୍ଗ ଫେରନ୍ତାଙ୍କ ଉପରେ ପ୍ରଶାସନ କଡ଼ା ନଜର ରଖିଥିଲାବେଳେ ଅନ୍ୟ ରାଜ୍ୟରୁ କେତେଜଣ ଲୁଚି ପଳାଇ ଆସି ନାମ ପଞ୍ଜୀକରଣ କରି ନ ଥିବା ଜଣାପଡ଼ିଛି। ସେମାନଙ୍କ ନାମ ପଞ୍ଜୀକୃତ କରି ସ୍ୱାବ୍ ପରୀକ୍ଷା କରାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ୫୪ କର୍ମଚାରୀଙ୍କ ସ୍ୱାବ୍ ଟେଷ୍ଟ ପାଇଁ ଗଲା

**ନୟାଗଡ ଅଫିସ,୨୯।୪:** ନୟାଗଡ ପୌର ପରିଷଦର କର୍ମଚାରୀ ଓ ସଫେଇ କର୍ମଚାରୀ ପ୍ରମୁଖ ୫୪ଜଣଙ୍କ ସ୍ୱାବ୍ ପରୀକ୍ଷଣ ପାଇଁ ପଠାଯାଇଛି। ନୟାଗଡ ପିଟିଏସ୍‌ଠାରେ ଥିବା କୋଭିଡ୍ ୧୯ କେୟାର କେନ୍ଦ୍ରରେ ଏହି ଟେଷ୍ଟ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

**ରସୁଲପୁର,୨୯।୪(ଡିଏନଏ):** ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ବାରବାଟୀସ୍ଥିତ ଜଳସେଚନ ଡାକବଙ୍ଗଳା ପରିସରରେ ବୁଧବାର କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଥିଲା। ସାମାଜିକ କର୍ମୀ ଦେବୀପ୍ରସନ୍ନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କରୋନା ଯୋଦ୍ଧାଭାବେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧିର କୁମାର ସାହୁ, ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ସରୋଜ କୁମାର ସାହୁ, ଖବରଦାତା ରଞ୍ଜିତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତର ସମିତି ସଭ୍ୟ ଚୈତନ୍ୟ ନାୟକ, ସରପଞ୍ଚ ସୁରଜିତ ମହାନ୍ତି କରୋନା ଯୋଦ୍ଧାଙ୍କୁ ନଡିଆ ଦେଇ ସ୍ୱାଗତ କରିଥିଲେ। ଏହି ପରୀପ୍ରେକ୍ଷୀରେ ସହପାଠୀମାନେଗତ ୧୦ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶିକ୍ଷକ ଜିତେନ୍ଦ୍ର କୁମାର ବେହେରା (୨୮)ଙ୍କ ସ୍ମୃତିଚାରଣ କରିଥିଲେ। ଜିତେନ୍ଦ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ସ୍ମୃତି କମିଟି ପକ୍ଷରୁ ସଭାପତି ବିଶ୍ୱଜିତ ଦାସ, ସମ୍ପାଦକ ବିଶ୍ୱଜିତ ନାୟକ, ସଂଗ୍ରାମ ସାରଥି ପଣ୍ଡା, ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଅତିଥିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୃତ ଯୁବକଙ୍କ ବାପାଙ୍କୁ ସ୍ମୃତିକମିଟି ପକ୍ଷରୁ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

# ବିହାରରୁ ଓଡ଼ଗାଁ ସାଇକେଲ ଯାତ୍ରା



ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଦୁଇ ଶ୍ରମିକ।

**ଓଡ଼ଗାଁ,୨୯।୪(ସ୍ୱ.ପ୍ର.):** ଓଡ଼ଗାଁ ଏନ୍‌ଏସି ଛାମୁସାହି ଓ ରବିଗାଡିଆ ଗ୍ରାମର ଦୁଇ ମନ୍ଦିର ମିସ୍ତ୍ରି ପରିବାର କାମ କରିବାକୁ ବିହାର ଯାଇଥିବାବେଳେ ବୁଧବାର ସାଇକେଲ ଯୋଗେ ଗାଁକୁ ଫେରିଛନ୍ତି । ସେମାନେ ହେଲେ ସୋମନାଥ ସେନାପତି (୩୭) ଓ ମୁରଲୀ ସ୍ୱାଇଁ (୨୦)। କାରୋନା ଯୋଗୁ ଉଭୟଙ୍କୁ ସେଠାରେ ମାଲିକ କାମ କରିବାକୁ ମନା କରିଥିଲେ। ଫଳରେ ଚଳିବା ପାଇଁ କାଠିକର ପାଠ ହୋଇଥିଲା। ଶେଷରେ ଦୁଇଟି ସାଇକେଲ କିଣି ଗାଁକୁ ଫେରିବାକୁ ମନସ୍ଥ କରିଥିଲେ। ୨୦ ତାରିଖ ଭୋର ସମୟରେ ଗ୍ରାମ ଅଭିମୁଖେ ଯାତ୍ରା କରିଥିଲେ । ପ୍ରାୟ ୧୨୦୦କିମି ରାସ୍ତା ଅତିକ୍ରମ କରି ବୁଧବାର ଅପରାହ୍ନ ୩ଟାରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏନ୍‌ଏସି କାର୍ଯ୍ୟାଳୟରେ ଉଭୟଙ୍କ ସାଇକେଲ ବିଶୋଧିତ କରିବା ପରେ ସୋମନାଥଙ୍କୁ ସ୍ଥାନୀୟ କଲ୍ୟାଣମଣ୍ଡପ ସଙ୍ଗରୋଧ ଗୃହକୁ ୧୪ ଦିନ ନିମନ୍ତେ ପଠାଇ ଦିଆଯାଇଥିଲା। ମୁରଲୀଙ୍କୁ ରବିଗାଡିଆ ସରପଞ୍ଚ ଗୋଲକ ବିହାରୀଙ୍କ ସହିତ ପଞ୍ଚାୟତ ସଙ୍ଗରୋଧ ଗୃହରେ ରଖିବା ନିମନ୍ତେ ଏନ୍‌ଏସି ଅଧିକାରୀ ସୁବ୍ରତ କୁମାର ମହାପାତ୍ର ପଠାଇଦେଇଥିଲେ । ସେମାନଙ୍କ ଡାକ୍ତରୀ ପରୀକ୍ଷା କରିବା ସହିତ ଆବଶ୍ୟକ ପଡିଲେ ସ୍ୱାବ୍ ପରୀକ୍ଷା କରିବାକୁ ପଠାଯିବ ବୋଲି ଜଣାଯାଇଛି।

# ବ୍ୟାହତ ହୋଇପାରେ ରବି ଧାନ ସଂଗ୍ରହ

ଯାଜପୁର ଅଫିସ,୨୯।୪

- ମେ ପ୍ରଥମ ସପ୍ତାହରେ ଆରମ୍ଭ ହେବ ଧାନ କିଣା
- ପ୍ରତ୍ୟେକ ପ୍ୟାକ୍ସରେ ସାନିଟାଇଜର ରଖିବାକୁ ପରାମର୍ଶ
- ଅଧିକ ଚାଷ ଜମି ଦର୍ଶାଇ ଅର୍ଥ ଚଳୁ ମସୁଧା

ମେ ପ୍ରଥମ ସପ୍ତାହରୁ ଜିଲାରେ ଆରମ୍ଭ ହେବାକୁ ଥିବା ରବି ଋତୁ ଧାନ ସଂଗ୍ରହ କରୋନା ସଂକ୍ରମଣ ଯୋଗୁ ବ୍ୟାହତ ହୋଇପାରେ। ଧାନ ସଂଗ୍ରହ ହେଉଥିବା ୪ ବ୍ଲକ ଅଞ୍ଚଳକୁ ମେ ୧୦ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାନ ସଂଗ୍ରହ ପାଇଁ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ ପ୍ୟାକ୍ସ ପ୍ରବେଶ ପଥରେ ଅନ୍ୟୂନ୍ୟ ୧ ଲିଟର ସାନିଟାଇଜର ରଖିବାକୁ ଗୁରୁତ୍ୱ ଦିଆଯାଇଛି। ତେଣୁ ଆସ୍କା କୋପୋରେଟିଭ ସୁଗାର ଇଣ୍ଡଷ୍ଟ୍ରିଜ୍ ଲିଃର ସମ୍ପାଦକଙ୍କ ନିକଟରୁ ଆସନ୍ତା ୩୦ ତାରିଖ ସୁଦ୍ଧା ଆବଶ୍ୟକ ସାନିଟାଇଜର କିଣିବାକୁ ନିର୍ଦ୍ଦେଶ ହୋଇଛି। ତେବେ ଯାଜପୁର ଜିଲାରେ ରବି ଧାନ କିଣାରେ ଚାଷୀ ପଞ୍ଜୀକରଣ ସଂଖ୍ୟାକୁ ଅବଲୋକନ କଲେ ଏକ ବଡ଼ଧରଣର ଦୁର୍ନୀତିର ମସୁଧା ହେଉଥିବା ମନେହେଉଛି। ଜିଲାର ଫୁଡ୍ ପୋର୍ଟାଲର ତଥ୍ୟ ଅନୁସାରେ କୋରେଇ, ବିଞ୍ଝାରପୁର, ଦଶରଥପୁର, ଧର୍ମଶାଳା ଓ ଯାଜପୁର ବ୍ଲକରେ ୪୭୫୨ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଜଳସେଚିତ ଜମିରେ ଏକର ପିଛା ୧୯ କୁଇଣ୍ଟାଲ ଆଧାରରେ ପ୍ରାୟ ୧୪ ହଜାର କୁଇଣ୍ଟାଇ ଧାନ ସଂଗ୍ରହ ଲକ୍ଷ୍ୟ ରହିଥିବାବେଳେ ଚାଷୀ ପ୍ରତି ଧାନ ବିକ୍ରି ପ୍ରାୟ ୨.୯୪ କୁଇଣ୍ଟାଲ ହେଉଛି। କାଗଜପତ୍ରରେ ଚାଷ କରି ପ୍ରତ୍ୟେକ ଚାଷୀଙ୍କ ଅଧିକ ଜମି ଦର୍ଶାଇ ଆବଶ୍ୟକ ପାଣ୍ଠି ଚଳୁ କରିବାକୁ ଏହା ଏକ ଚକ୍ରାନ୍ତ ବୋଲି ଚାଷୀ ମହଲରେ ମତପ୍ରକାଶ ପାଉଛି।

ଜିଲାର ୧ଲକ୍ଷ ୪୫ ହଜାର ଚାଷ ଜମିରୁ ପ୍ରାୟ ୭୫,୯୭୪ ହେକ୍ଟର ଜମିରେ ଖରିଫ ଏବଂ ପ୍ରାୟ ୩୫ ହଜାର ହେକ୍ଟର ଜମିରେ ରବି ଚାଷ ପାଇଁ ଜଳସେଚିତ ହୋଇଥାଏ। ଏଥିରେ ୨୪,୦୫୫ ହେକ୍ଟର ଜମିରେ ବୃହତ୍ ଜଳସେଚନ, ୬୭୨୬ ହେକ୍ଟର ଜମିରେ କ୍ଷୁଦ୍ରଜଳସେଚନ, ୧୪,୦୯୪ ହେକ୍ଟର ଜମିରେ ଉଠାଜଳସେଚନ, ୧୮ ହଜାର ହେକ୍ଟର ଜମିରେ ବୋରୱେଲ, ୮୦୦ ହେକ୍ଟର ଜମିରେ ଡଗ୍ ୱେଲ ଓ ୨୩୦୦ ହେକ୍ଟର ଜମିରେ ଅନ୍ୟାନ୍ୟ ଉତ୍ସରୁ ଜଳସେଚିତ ହେଉଛି। ହେଲେ ବାସ୍ତବରେ ଏହାର ଅଧାରୁ ବି କମ୍ ଜମିରେ ଜଳସେଚିତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଓଡ଼ିଶା ଫୁଡ୍ ପୋର୍ଟାଲର ତଥ୍ୟ ଅନୁସାରେ କୋରେଇ ବ୍ଲକରେ ୪ ପ୍ୟାକ୍ସ ଓ ମହିଳା ଏସ୍‌ଏଚଜିରେ ୪୮୭ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ସେହିପରି ଯାଜପୁର ବ୍ଲକରେ ୧୪ ପ୍ୟାକ୍ସ ଓ ମହିଳା ଏସ୍‌ଏଚଜିରେ ୧୨୯୬ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଉଭୟ ବ୍ଲକରେ ମହାବୀର ଶକ୍ତି ଏସ୍‌ଏଚ୍‌ଜି ରବି ଧାନ ସଂଗ୍ରହରେ ସାମିଲ ହୋଇଛି। ଯାଜପୁର ବ୍ଲକର ୫୧ ଓ କୋରେଇ ବ୍ଲକର ୧୦୬ ଜଣ ଚାଷୀ ଏହି ଏସ୍‌ଏଚ୍‌ଜିରେ ପଞ୍ଜୀକରଣ କରିଛନ୍ତି। ବିଞ୍ଝାରପୁର ବ୍ଲକର ୩ ପ୍ୟାକ୍ସରେ ୨୮୯, ଦଶରଥପୁରରେ ୧୨ ପ୍ୟାକ୍ସ ଓ ମହିଳା ଏସଏଚଜିରେ ୨୪୩୫ଜଣ, ଧର୍ମଶାଳାରେ ୨ ପ୍ୟାକ୍ସ ଓ ମହିଳା ଏସ୍‌ଏଚଜିରେ ୨୪୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ଖରିଫ ଧାନ ସଂଗ୍ରହରେ ମହାବୀର ଶକ୍ତି ମହିଳା ଏସ୍‌ଏଚ୍‌ଜି ୯୩ଜଣ ଚାଷୀଙ୍କଠାରୁ ୫୨୭୫.୩୩ କୁଇଣ୍ଟାଲ ଧାନ ସଂଗ୍ରହ କରିଥିବା ଦର୍ଶାଯାଇଛି, ଯାହାକି ତଦନ୍ତ ସାପେକ୍ଷ ବୋଲି ଦାବି ଉଠିଛି। ଦଶରଥପୁର, ବିଞ୍ଝାରପୁର, ଯାଜପୁର ଓ ଧର୍ମଶାଳା ବ୍ଲକର କେତେଜଣ ପୁରୁଖା ଚାଷୀ ବୋରୱେଲ, ବୁଢା ଆନିକଟ କେନାଲ, ହାଇଲେବଲ ମହାନଦୀ କେନାଲ ଜରିଆରେ ରବି ଧାନ ଚାଷ କରନ୍ତି। ତେବେ ଚଳିତ ରବି ଧାନ ସଂଗ୍ରହ ନିମନ୍ତେ ଯେଉଁମାନଙ୍କ ନାମ ପଞ୍ଜୀକରଣ ଦର୍ଶାଯାଇଛି ସେମାନଙ୍କ ମଧ୍ୟରୁ ଶତାଧିକ ଚାଷୀଙ୍କ ଭାଗ୍ୟରେ ରବି ଧାନଚାଷ କରିବା ଜୁଟିନାହିଁ। ସେମାନଙ୍କ ନାମରେ ପୁଣି ଦୁର୍ନୀତି ମସୁଧା ହେଉଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ସହକାରୀ ଏଆରସିଏସ୍ ଶରତ ମଲ୍ଲିକଙ୍କୁ ପଚାରିବାରେ, ଯେଉଁଠି ରବି ଧାନ ଚାଷ ହେଉଛି ସେଠାରୁ ଧାନ ସଂଗ୍ରହ କରିବାକୁ ପ୍ୟାକ୍ସ ଓ ଏସ୍‌ଏଚ୍‌ଜିଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ଏସ୍‌ଏଚ୍‌ଜିଙ୍କ ବିଷୟରେ ସମବାୟ ସମିତି ବୁଝୁନାହିଁ। କୌଣସିଠାରେ ଚାଷୀ ପଞ୍ଜୀକରଣକୁ ନେଇ ଅନିୟମିତତା ହୋଇନାହିଁ ବୋଲି କହିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ମହିଳାଙ୍କ ଜୀବନ ଗଲା

ରାଇରଙ୍ଗପୁର,୨୯।୪(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଗୋରୁମହିଷାଣି ଥାନା ଅଧୀନ ବଡ଼ଖିରୀ ଗ୍ରାମରେ ମଙ୍ଗଳବାର ବଜ୍ରପାତ ହୋଇ ଗିଥ ବାସ୍କେ ନାମ୍ନୀ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ନିଜ ଘର ବାଡ଼ିରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା । ବୁଧବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମାମଲା(ନଂ.୭/୨୦୨୦) ରୁଜୁ ହୋଇଛି।

### ଦିବ୍ୟାଙ୍ଗଙ୍କୁ ବଳାତ୍କାର

ରାଇରଙ୍ଗପୁର,୨୯।୪(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଗୋରୁମହିଷାଣି ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୀଡ଼ିତା ଜଣଙ୍କ ତାଙ୍କ ଭଉଣୀ ଘରେ ରହୁଥିଲେ। ମଙ୍ଗଳବାର ଭଉଣୀ ଓ ଭିଣୋଇ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିବା ସୁଯୋଗରେ ଅଭିଯୁକ୍ତ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୩୧/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ରାଇରଙ୍ଗପୁର ମେଡିକାଲରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି।

### ନିୟମ ଉଲ୍ଲଂଘନ କରି ୯ ଗିରଫ

ଯୋଡ଼ା, ୨୯।୪ (ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ଥିବା ଏସେଲ ଖଣି ଓ ଜଜାଙ୍ଗସ୍ଥିତ ଜଜାଙ୍ଗ ଖଣିର ପରିବହନ କାର୍ଯ୍ୟକୁ ବନ୍ଦ କରିଥିବା ଅଭିଯୋଗରେ ପୋଲିସ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମଙ୍ଗଳବାର ପୂର୍ବାହ୍ନରେ ଜୁରୁଡିସ୍ଥିତ ଏସେଲ ଖଣିରୁ ପରିବହନ ବନ୍ଦ ଦାବିରେ ମୁଖ୍ୟ ଗେଟ୍‌କୁ ସ୍ଥାନୀୟ ଜୁରୁଡି ଓ ଜଜାଙ୍ଗ ପଞ୍ଚାୟତର ଲୋକେ ବନ୍ଦ କରିଦେଇଥିଲେ। ସେହିପରି ଜଜାଙ୍ଗ ଖଣିରେ ମଧ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଥିଲେ । ଏନେଇ ଦୁଇ ଖଣି କମ୍ପାନୀ ପକ୍ଷରୁ ପୋଲିସରେ ଅଭିଯୋଗ ହେବାରୁ ପୋଲିସ ଦୁଇଟି ପୃଥକ ମାମଲା (ନଂ. ୫୧/୨୦୨୦) ଓ (ନଂ.୫୨/୨୦୨୦) ରୁଜୁ କରିବା ସହିତ ୯ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।

# ସର୍ଭେଲାନ୍ସ କାର୍ଯ୍ୟ ତ୍ୱରାନ୍ୱିତ

## କଣ୍ଟେନମେଣ୍ଟ ଜୋନ୍‌ରେ ଉଡ଼ିଲା ଡ୍ରୋନ୍

ଭଦ୍ରକ ଅଫିସ, ୨୯।୪



ଏକ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଉଡ଼ୁଥିବା ଡ୍ରୋନ କ୍ୟାମେରା ।

ଭଦ୍ରକ ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୧୯ ଛୁଇଁବା ପରେ ଜିଲା ପ୍ରଶାସନ ବେଶ ତତ୍ପର ହୋଇଉଠିଛି। ସଂକ୍ରମଣ ରୋକିବା ତଥା ସନ୍ଦିଗ୍ଧଙ୍କ ଉପରେ ନଜର ରଖିବା ପାଇଁ ଜିଲା ପ୍ରଶାସନ କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ସର୍ଭେଲାନ୍ସ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷିତ ୨୧ଟି ପଞ୍ଚାୟତ ଅଞ୍ଚଳରେ ଡ୍ରୋନ୍ କ୍ୟାମେରା ଦ୍ୱାରା ସର୍ଭେଲାନ୍ସ କାର୍ଯ୍ୟ କରାଯାଉଛି। ମୁଖ୍ୟତଃ କୋଲକାତା ଫେରନ୍ତାଙ୍କ ଉପରେ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ବୁଧବାର ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା ଓ ରହଣିଆ, ଧାମନଗର ବ୍ଲକର କଲ୍ୟାଣୀ ଓ ଖଡ଼ିପଦା ପଞ୍ଚାୟତରେ ଡ୍ରୋନ୍ ଉଡ଼ାଯାଇ ଅମାନିଆଙ୍କ ଉପରେ ନଜର ରଖାଯାଇଥିଲା । ଏହି କଣ୍ଟେନ୍‌ମେଣ୍ଟ ଜୋନ୍‌ଗୁଡ଼ିକରେ ସାମାଜିକ ଦୂରତ୍ୱ, ପ୍ରଶାସନିକ ଅଧିକାରୀଙ୍କ ଗତିବିଧି ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ଭିଡିଓଗ୍ରାଫି କରୁଛି ଡ୍ରୋନ୍। ଅନ୍ୟପକ୍ଷେ ଭଦ୍ରକରେ ଲକ୍ ଡାଉନ କଟକଣା କୋହଳ କରାଯାଇଛି। ବୁଧବାରଠାରୁ ଘର ନିର୍ମାଣ ସକାଶେ ରଡ୍, ସିମେଣ୍ଟ, ଇଟା, ବାଲି, ଦୋକାନ ଖୋଲି ବିକ୍ରିବଟା କରାଯାଇ ପାରିବ ବୋଲି ପ୍ରଶାସନ ଅନୁମତି ପ୍ରଦାନ କରିଛି। ଏହି ଦୋକାନଗୁଡ଼ିକ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲିବ । ମାତ୍ର ବାସୁଦେବପୁର, ଚାନ୍ଦବାଲି, ଧାମନଗର ସହରାଞ୍ଚଳରେ ଉକ୍ତ ଦୋକାନ ସବୁ ସକାଳ ୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଏସି, କମ୍ପ୍ୟୁଟର, ଇଲେକ୍ଟ୍ରି, ପାଣି ପାଇପ୍ ମେକାନିକ୍‌ମାନେ ଘରକୁ ଘର ବୁଲି ମରାମତି କରିପାରିବେ ବୋଲି କୁହାଯାଇଛି। ସୂଚନା ଥାଉକି, ଭଦ୍ରକ ଜିଲାରେ ଚିହ୍ନଟ ହୋଇଥିବା ମୋଟ ୧୯ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ସୁସ୍ଥ ହୋଇସାରିଛନ୍ତି।ତଥାପି ଜିଲାକୁ ହଟ୍‌ସ୍ପଟ ତାଲିକାରେ ପରିଗଣିତ କରାଯାଇଛି।

# ଆବଦ୍ଧାଞ୍ଚଳରେ ଗଠନ ହେଲା ୩ ଟିମ୍



ଆବଦ୍ଧାଞ୍ଚଳରେ କର୍ମଚାରୀ, ଜନପ୍ରତିନିଧିଙ୍କ ସହ ବିଡିଓଙ୍କ ଆଲୋଚନା ।

ବନ୍ତ,୨୯।୪(ଡି.ଏନ୍.ଏ.):

ଭଦ୍ରକ ଜିଲା ବନ୍ତ ବ୍ଲକ ଚାରିଗାଁ ଗ୍ରାମରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରାଯିବା ସହ ସଂକ୍ରମଣ ନବ୍ୟାପିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ରେବେକା ବିଲୁଙ୍ଗ, ଜିପିଇଓ ନିଶିକାନ୍ତ ଖୁଣ୍ଟିଆ ଚାରିଗାଁସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚି ସରପଞ୍ଚ ବନମାଳୀ ବେହେରାଙ୍କ ଉପସ୍ଥିତିରେ ଆଶା, ଅଙ୍ଗନୱାଡି କର୍ମୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଘର ଘର ବୁଲି ସ୍ୱାସ୍ଥ୍ୟ, ଟ୍ରାଭେଲ୍ ହିଷ୍ଟ୍ରି, ୧୦୪ ପଞ୍ଜୀକରଣ ହୋଇଛି କି ନାହିଁ ସର୍ଭେଲାନ୍ସ ନିମନ୍ତେ ଆଲୋଚନା କରିଥିଲେ। ଏଥିସହ ଆବଦ୍ଧାଞ୍ଚଳକୁ ୩ଟି ସବ୍‌ଜୋନ୍‌ରେ ବିଭକ୍ତ କରି ୩ ଦିନ ମଧ୍ୟରେ ସର୍ଭେଲାନ୍ସ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୩ଟି ସବ୍‌ଜୋନ୍ ଦାୟିତ୍ୱରେ ୩ ଜଣ ଆଶାକର୍ମୀ ଓ ୩ ଜଣ ଶିକ୍ଷକ ରହିଥିବା ବେଳେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୫ ଜଣ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସୁପରଭିଜନ୍ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ସମ୍ପୃକ୍ତ ଆବଦ୍ଧାଞ୍ଚଳକୁ ତହସିଲଦାର ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଆଗରପଡ଼ା ଅଗ୍ନିଶମ ବାହିନୀ ପକ୍ଷରୁ ଉକ୍ତ ପଞ୍ଚାୟତକୁ ବିଶୋଧନ କରାଯାଇଛି ।

# ୪୦ରୁ ଅଧିକ ଶ୍ରମିକଙ୍କୁ ଅଟକ ରଖିଲା ପୋଲିସ

## ଚାଲି ଚାଲି ପଳାଇ ଆସିଥିଲେ

ବାରିପଦା ଅଫିସ, ୨୯।୪



ଅଟକଥିବା ଶ୍ରମିକମାନେ ।

ସାରା ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ଲକଡାଉନ ଚାଲିଥିବା ବେଳେ ବାହାର ରାଜ୍ୟରେ ଥିବା ଶ୍ରମିକମାନଙ୍କୁ ଆଣିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଭଳି ସ୍ଥଳେ ଶ୍ରମିକମାନେ ଅପେକ୍ଷା ନ କରି ପଳାଇ ଆସୁଥିବା ଦେଖିବାକୁ ମିଳୁଛି। ମୟୂରଭଞ୍ଜ ଜିଲାର ବିଭିନ୍ନ ସୀମା ସିଲ୍ ହେଲା ପରେ ମଧ ମଙ୍ଗଳବାର ରାତିରେ ୪୦ରୁ ଉର୍ଦ୍ଧ୍ୱ ଶ୍ରମିକ ଚାଲି ଚାଲି ଆସିଥିଲେ। ଖବର ପାଇ ପୋଲିସ ସେମାନଙ୍କୁ ବାଙ୍ଗିରିପୋଷି ଥାନା ଅଧୀନ କଳାବାଡ଼ିଆଠାରେ ଅଟକ ରଖିଛି। ଅଟକ ଶ୍ରମିକଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବା ବେଳେ ସେମାନେ ଢେଙ୍କାନାଳର ଏକ ଷ୍ଟିଲପ୍ଲାଣ୍ଟରେ କାମ କରୁଥିଲେ। ଲକ୍‌ଡାଉନ ଯୋଗୁ କାମ ବନ୍ଦ ହେବାରୁ ଠିକାଦାର ସେମାନଙ୍କୁ ସେଠାରୁ ବାହାର କରି ଦେଇଥିଲେ। ନିରୁପାୟ ହୋଇ ଏହି ଶ୍ରମିକମାନେ ୪ଦିନ ଭୋକ ଓପାସରେ ରହି ଶେଷରେ ଏକ ଟ୍ରେଲର ଯୋଗେ ଝାଡ଼ଖଣ୍ଡ ସୀମାରେ ପହଞ୍ଚିଥିଲେ । ସେଠାରୁ ଝାଡ଼ଖଣ୍ଡ ପୋଲିସ ତଡ଼ି ଦେବାରୁ ସେମାନେ ଜାମଶୋଳା ହୋଇ ବାଙ୍ଗିରିପୋଷି ଥାନା ଅଧୀନ କଳାବାଡିଆସ୍ଥିତ ଢାବା ନିକଟରେ ଚାଲି ଚାଲି ପହଞ୍ଚି ଥିଲେ। ଖବର ପାଇ ବାଙ୍ଗିରିପୋଷି ପୋଲିସ, ସ୍ଥାନୀୟ ସରପଞ୍ଚ ସୁମନ୍ତ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଶ୍ରମିକମାନଙ୍କର ଖାଇବା ଓ ରହିବା କଥା ବୁଝିଥିଲେ। ସେଠାରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯିବା ସହିତ ସେମାନଙ୍କୁ ଘରକୁ ପଠାଇଦେବା ପାଇଁ ଯୋଜନା ଚାଲିଥିବା ସୂଚନା ମିଳିଛି। ଫରିଦାବାଦ ଅଭିମୁଖେ ଯାଉଥିବା ଟ୍ରେଲର ଶ୍ରମିକମାନଙ୍କୁ ବେଆଇନ ଭାବରେ ଆଣି ଥିବାରୁ ଉକ୍ତ ଟ୍ରେଲରକୁ ପୋଲିସ ଜବତ କରିଛି। ତେବେ ସୀମାରେ ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଥିବା ବେଳେ ବାରମ୍ବାର ଏହିଭଳି ଘଟଣା ଘଟୁଥିବାରୁ ସୀମା ଜଗୁଥିବା ପୋଲିସ କର୍ମଚାରୀମାନଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା

କେନ୍ଦୁଝର, ୨୯।୪(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ବାଉରୀପଦା ପଞ୍ଚାୟତ ଅନ୍ତର୍ଗତ କେମ୍ପସଡା ଏବଂ ଏହାର ଆଖପାଖ ଅଞ୍ଚଳରେ ବୁଧବାର କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା ହୋଇଛି। ସ୍ଥାନୀୟ ଅଞ୍ଚଳରେ ପରିବା ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏହି ଅଞ୍ଚଳ ଅରଡେଇ ନଦୀକୂଳରେ ଥିବା ବେଳେ ଚାଷୀମାନେ ପ୍ରତ୍ୟେକ ବର୍ଷ ଖରାଦିନିଆ ପନିପରିବା ଚାଷ କରିଥାନ୍ତି। ଚଳିତବର୍ଷ କରୋନା ଲକ୍‌ଡାଉନ ଚାଷୀଙ୍କ ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଇଛି। ବୁଧବାର ଅପରାହ୍ନରେ ହୋଇଥିବା କୁଆପଥର ମାଡରେ ଚାଷୀଙ୍କ ଫସଲ ନଷ୍ଟ ହୋଇଯିବା ଯୋଗୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏ ଅଞ୍ଚଳରେ ବିଲାତି, ବାଇଗଣ, କଲରା, ଭେଣ୍ଡି, ବୋଇତାଳୁ, ତରଭୁଜ, ପୋଟଳ ଏବଂ ବିଭିନ୍ନ କିସମର ଶାଗ ସାଙ୍ଗକୁ ପାଳ ଛତୁ ଚାଷ କରାଯାଇଥାଏ।

## ଜଳେଶ୍ୱର ଆସିବାକୁ ପଞ୍ଜୀକରଣ କଲେ ୫୬୩୮ ଶ୍ରମିକ

ଜଳେଶ୍ୱର, ୨୯।୪ (ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ୩୫ ପଞ୍ଚାୟତର ପ୍ରାୟ ୨ଲକ୍ଷ ୧୦ହଜାର ଲୋକ ବସବାସ କରନ୍ତି। ଏଥିରୁ ୨୧ହଜାର ବ୍ୟକ୍ତି ଅନ୍ୟ ରାଜ୍ୟରେ ରହି କାର୍ଯ୍ୟ କରୁଥିବା ବେଳେ ୫ହଜାର ବ୍ୟକ୍ତି ଅନ୍ୟ ଜିଲାରେ ରହି କାର୍ଯ୍ୟ କରି ଆସୁଥିବା ସରକାରୀ ତଥ୍ୟରୁ ପ୍ରକାଶ। ଏହି ୩୫ ପଞ୍ଚାୟତର ୨୦୭ଟି ଗାଁର ୫୬୩୮ ବ୍ୟକ୍ତି ନିଜ ଗାଁକୁ ଫେରିବାକୁ ଅନଲାଇନ୍‌ରେ ପଞ୍ଜିକରଣ କରିଛନ୍ତି । ଏହି ବ୍ୟକ୍ତିମାନେ ଘରବାହୁଡା ହେଲେ କେତେ ସ୍ଥାନର ଆବଶ୍ୟକ ହେବ ସେନେଇ ପ୍ରଶାସନ ତତ୍ପର ହୋଇଉଠିଛି। ପୂର୍ବରୁ ପ୍ରତି ପଞ୍ଚାୟତରେ ଅନ୍ୟୁନ ଗୋଟିଏ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ୧୦ ବା ୧୫ଜଣଙ୍କ ରହିବାର ବ୍ୟବସ୍ଥା ରହିଥିଲା। ବହୁ ପଞ୍ଚାୟତରେ ୨୦୦ରୁ ଅଧିକ ବ୍ୟକ୍ତି ଏହି ଅସ୍ଥାୟୀ କେନ୍ଦ୍ରରେ ରହିବା ଲାଗି ନାମ ପଞ୍ଜିକରଣ କରିଛନ୍ତି। ପୂର୍ବରୁ ଖୋଲାଯାଇଥିବା କେନ୍ଦ୍ରଗୁଡିକରେ ରହିବା ଲାଗି ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ । ହାଇସ୍କୁଲରେ ଏପରି କେନ୍ଦ୍ର ଖୋଲାଯିବାର ସିଦ୍ଧାନ୍ତ ହୋଇଥିବା ବେଳେ ସବୁ ବିଦ୍ୟାଳୟରେ ସେପରି ଭିତ୍ତିଭୂମି ନାହିଁ। କିନ୍ତୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଗୋଟିଏ ଆକ୍ୱାଗାର୍ଡ, ଗୋଟିଏ ବଡ ଇନ୍‌ଭର୍ଟର କିଣି ଦିଆଯିବାର ବ୍ୟବସ୍ଥା ବିଡିଓ କରୁଥିବା ଜଣାଯାଇଛି। କିନ୍ତୁ ସରପଞ୍ଚମାନେ ଜିଲାପାଳଙ୍କ ଦାୟିତ୍ୱ ପାଇଥିବା ବେଳେ ସେମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏପରିକି ସେମାନଙ୍କୁ କିପରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ରଖାଯାଇ ଚିକିତ୍ସା କରାଯାଇପାରିବ ତାହା ପ୍ରଶାସନର ମୁଣ୍ଡ ବ୍ୟଥା ପାଲଟିଛି।

# ପ୍ରବାସୀ ଓଡ଼ିଆଙ୍କୁ ନେଇ ପୁଣି ବାହାରିଲା ବସ୍

## ସୁରଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୨୯।୪(ଡି.ଏନ.ଏ)



ଶେରଗଡ଼ ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ପ୍ରଶାସନିକ ଅଧିକାରୀ ଅନୁଧ୍ୟାନ କରୁଛନ୍ତି ।

ଗୁଜୁରାଟର ସୁରଟ ଜିଲା ପ୍ରଶାସନ ଅନୁମତିକ୍ରମେ ସେଠାରୁ ଓଡ଼ିଆମାନେ ବସ୍ ଯୋଗେ ଗଞ୍ଜାମ ଜିଲାକୁ ନିଜ ଖର୍ଚ୍ଚରେ ଫେରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୨୮ ଜଣଙ୍କୁ ନେଇ ଆସିଥିବା ୪ଟି ବସ୍ ସୋମବାର ବିଳମ୍ବିତ ରାତିରେ ଗଞ୍ଜାମରେ ପହଞ୍ଚିବାର ଅଛି। ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ଭୋରରେ ଅନ୍ୟ ୪ଟି ବସ୍ ସୁରଟର ଉଦ୍ଧାନରୁ ଓଡ଼ିଆ ଲୋକଙ୍କୁ ଧରି ଯାତ୍ରା ଆରମ୍ଭ କରିଛି। ଏହି ବସ ଗୁଡିକ ଜଗନ୍ନାଥପ୍ରସାଦ, ଡାକରଡ଼ା ଏବଂ ଓଡ଼ଙ୍ଗାକୁ ଆସିବ। ସେହିପରି ରାତିରେ ସୁରଟର ବିଭିନ୍ନ ସ୍ଥାନରୁ ଆଉ ୧୫ଟି ବସ୍ ଓଡ଼ିଶା ଅଭିମୁଖେ ବାହାରିବ ବୋଲି ଜଣାପଡିଛି। ଏସବୁ ବସ୍‌ରେ ଗଞ୍ଜାମ, ଭଦ୍ରକ ଓ ମୟୂରଭଞ୍ଜ ଜିଲାକୁ ଲୋକେ ଫେରିବେ ବୋଲି ସୂଚନା ମିଳିଛି। ଏମାନେ ବହୁ କଷ୍ଟରେ ଚଳୁଥିବା ଓ ଧାର, କରଜ କରି ବସ୍‌ଭଡା ଯୋଗାଡ଼ କରି ଭିଟାମାଟିକୁ ଫେରୁଛନ୍ତି। ପ୍ରବାସୀ ଓଡ଼ିଆ ସମାଜର କର୍ମକର୍ତ୍ତାମାନେ ସେମାନଙ୍କ ସୁରକ୍ଷା ନେଇ ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି ।

ସୁରଟରୁ ଓଡ଼ିଆମାନେ ନିଜ ଅଞ୍ଚଳକୁ ଫେରିବାକୁ ବ୍ୟାକୁଳ ହେଉଥିବା ବେଳେ ସେଠାରେ ଥିବା ବେଲଗୁଣ୍ଠା ବ୍ଲକ ବୋରି ଅଞ୍ଚଳର ଜଣେ ୪୦ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ସେ ହୃଦଘାତରେ ଗୁରୁତର ଅସୁସ୍ଥ ହୋଇ ପଡ଼ିବାରୁ ସୋମବାରଠୁ ଚିକିତ୍ସାଧୀନ ଥିଲେ ବୋଲି ଜଣାପଡିଛି। ଏପଟେ ବାହାର ରାଜ୍ୟ ଫେରନ୍ତାଙ୍କ ପାଇଁ ଜିଲାରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବସ୍ ଗୁଡ଼ିକ ଗଞ୍ଜାମ ଜିଲା ସୀମା ଭିତରେ ପଶିବା ପରେ ସିଧା ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ନିଆଯିବ। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯିବ। ବାଟରେ କୌଣସି ସ୍ଥାନରେ ବସ୍ ଅଟକିବ ନାହିଁ ବୋଲି ଉପଜିଲାପାଳ କହିଛନ୍ତି ।

## ବ୍ରହ୍ମପୁର

### ହ୍ରଦରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

କୋଦଳା,୨୯।୪(ଡି.ଏନ.ଏ.)

କୋଦଳା ହ୍ରଦରେ ବୁଡି ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହଜସାହିର ପ୍ରହ୍ଲାଦ ମୁନି (୬୪)। ବୁଧବାର ସକାଳୁ ପ୍ରହ୍ଲାଦ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। କିଛି ସମୟପରେ ମୃତଦେହ ଭାସିବାରୁ ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

### ତପ୍ତପାଣି ଘାଟିରେ ଓଲଟିଲା ଟ୍ରକ୍, ଡ୍ରାଇଭର ମୃତ

ପାଟପୁର,୨୯।୪,

ଗଞ୍ଜାମଗଜପତି ସୀମାନ୍ତ ପାଟପୁର ଥାନା ତପ୍ତପାଣି ଘାଟି ହରିଣ ପାର୍କ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୪ ଟାରେ ଏକ ଟ୍ରକ୍ ଓଲଟି ଘଟଣାସ୍ଥଳରେ ଡ୍ରାଇଭରଙ୍କର ମୃତ୍ୟୁ ହୋଇଛି। ସେ ହେଲେ ହିଞ୍ଜିଳିକାଟୁ ଥାନା ଅଙ୍କୋରଡା ଗ୍ରାମର ମନୋଜ କୁମାର ଗୌଡ଼। ଗଜପତି ଜିଲାରୁ ବ୍ରହ୍ମପୁର ଫେରୁଥିବା ଟ୍ରକ୍ (ନଂ ଓଡି୦୭ ଭି ୬୦୭୧) ବ୍ରେକ୍ ଫେଲ ହୋଇଯିବାରୁ ତାହା ଘାଟି ତଳକୁ ଖସି ପଡିଥିଲା। ଘଟଣାସ୍ଥଳରେ ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି। ପାଟପୁର ପୋଲିସ ଓ ସାନଖେମୁଣ୍ଡି ଦମକଳ ବାହିନୀ ପହଞ୍ଚି ଡ୍ରାଇଭର ମନୋଜଙ୍କ ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଟ୍ରକ୍ ଜବତ କରିଛନ୍ତି।



# ଛତ୍ରପୁର ହସ୍ପିଟାଲରେ ସାନିଟାଇଜେଶନ ଚାମ୍ବର

ଛତ୍ରପୁର,୨୯।୪(ଡି.ଏନ୍.ଏ.)




ସାନିଟାଇଜେଶନ ଚାମ୍ବର ମେଶିନ୍ ଶୁଭାରମ୍ଭ କରାଯାଉଛି ।

ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଅଟୋମେଟିକ ସାନିଟାଇଜେଶନ ଚାମ୍ବର ମେଶିନ କାର୍ଯ୍ୟକ୍ଷମ ହୋଇଛି। ଛତ୍ରପୁର ରୋଟାରି କ୍ଲବ ପକ୍ଷରୁ ଏହି ମେଶିନ ହସ୍ପିଟାଲକୁ ଦିଆଯାଇଥିଲା। ମେଶିନ ଶୁଭାରମ୍ଭ ବେଳେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଧାୟକ ସୁବାସ ଚନ୍ଦ୍ର ବେହେରା, ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ଲକ ଅଧକ୍ଷ ଏମ. ଧନଞ୍ଜୟ ରେଡ୍ଡୀ, ସୁପରିଣ୍ଟେଣ୍ଡେଣ୍ଟ କେ. ପାତ୍ର, କ୍ଲବର ନିରଞ୍ଜନ ପାତ୍ର, ପ୍ରସନ୍ନ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌କେସିଜିରେ ଜଣେ ଚେନ୍ନାଇ ଫେରନ୍ତା ଭର୍ତ୍ତି

ବ୍ରହ୍ମପୁର ଅଫିସ,୨୯।୪

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ବୁଧବାର ଜଣେ କରୋନା ସନ୍ଦିଗ୍ଧ ବ୍ୟକ୍ତି ଭର୍ତ୍ତି ହୋଇଛନ୍ତି। ସେ ଜଣେ ଡ୍ରାଇଭର। ୨ ଦିନ ତଳେ ଟ୍ରକରେ ମାଲ ନେଇ ଫୁଲବାଣୀ ଆସିଥିଲେ। ସେଠାରେ ସେ କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ଏ ବିଷୟରେ ପ୍ରଶାସନକୁ ଜଣାଇବା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଥିଲା। ବୁଧବାର ସନ୍ଦିଗ୍ଧଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହୋଇପାରି ନ ଥିଲା। ବୁଧବାର ମଧ୍ୟାହ୍ନରେ ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି ବୋଲି ମେଡିକାଲ ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେହିପରି କରୋନା ବ୍ୟାପିବା ପରେ ଗଞ୍ଜାମ ଜିଲାରେ ଏଯାବତ ୧୪୪୪ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ସ୍ଥିତ ଆର୍‌ଏମ୍‌ଆରସି ଓ ଏମ୍‌କେସିଜିର କରୋନା ପରୀକ୍ଷଣ କେନ୍ଦ୍ରକୁ ପଠାଯାଇଛି। ସେଥିମଧ୍ୟରୁ ୧୦୯୫ ଜଣଙ୍କ ରିପୋର୍ଟ ମିଳିଥିବା ବେଳେ ସମସ୍ତ ରିପୋର୍ଟ ନେଗେଟିଭ ରହିଛି। ବଳକା ନମୁନା ଗୁଡିକର ରିପୋର୍ଟ ଖୁବଶୀଘ୍ର ଆସିଯିବ ବୋଲି ମେଡିକାଲ ସୂତ୍ରରୁ ପ୍ରକାଶ।

## କୋଭିଡ୍ ନିୟମ ଉଲ୍ଲଂଘନ, ସିଲ୍ ହେଲା ଦୋକାନ

ଶଙ୍କରାଖୋଲ,୨୯।୪(ଡି.ଏନ୍.ଏ)

ଚକାପାଦ ବ୍ଲକ ଶଙ୍କରାଖୋଲଠାରେ ବୁଧବାର ସକାଳେ ସାମାଜିକ ଦୂରତା ରକ୍ଷା ନକରିବା ଅଭିଯୋଗରେ ଏକ ଦୋକାନକୁ ସିଲ୍ କରାଯାଇଛି। ଏସ୍‌ପି ପ୍ରତୀକ ସିଂ ପରିଦର୍ଶନ କରିବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଚକାପାଦ ତହସିଲଦାର ତଥା ମାଜିଷ୍ଟ୍ରେଟ ପ୍ରଣତୀ ପ୍ରିୟଦର୍ଶିନୀ ରାଉତ, ଟିକାବାଲି ଥାନାଅଧିକାରୀ ରେବତୀ ଶବର ପହଞ୍ଚି ଉକ୍ତ ଦୋକାନକୁ ସିଲ୍ କରିଛନ୍ତି। ଦୋକାନ ମାଲିକ ବାବୁଲା ସାହୁଙ୍କ ଠାରୁ ୧୪ ,୬୬୧ ଟଙ୍କା ଜରିମାନା ଆଦାୟ କରାଯାଇଛି। ଉକ୍ତ ଦୋକାନରେ ପରିବା ଓ ଷ୍ଟେସନାରୀ ସାମଗ୍ରୀ ବିକ୍ରି ହେଉଥିବାବେଳେ ଲୋକେ ଭିଡ ଜମାଇଥିଲେ। ପରେ ଏସ୍‌ପି ସିଂ ଅନ୍ୟଦୋକାନୀ ମାଲିକଙ୍କୁ ସାମାଜିକ ଦୂରତା ରଖିବା ସହ ମାସ୍କ ପିନ୍ଧିବାକୁ ତାଗିଦ୍ କରିଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସାମାଜିକ ଦୂରତା ରଖି ଚାଉଳ ନେବାକୁ କହିଥିଲେ।

## ବ୍ଲକ ଅଧକ୍ଷ ଦାୟିତ୍ୱ ନେଲେ ରାମାକାନ୍ତ

ଦାରିଙ୍ଗବାଡ଼ି,୨୯।୪(ଡି.ଏନ୍.ଏ)

ଦାରିଙ୍ଗବାଡ଼ି ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନଙ୍କ ସଭ୍ୟପଦକୁ କୋର୍ଟ ରଦ୍ଦ କରିବା ପରେ ବୁଧବାର ଉପାଧକ୍ଷ ରମାକାନ୍ତ ବଳିଆର ସିଂ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାପାଳ ଡ. ବୃନ୍ଦା ଡିଙ୍କ ନିର୍ଦ୍ଦେଶକ୍ରମେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ରମାକାନ୍ତ ତାଙ୍କ ସମର୍ଥକଙ୍କ ଗହଣରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବାପରେ ବିଡିଓ ଡ.ଜଗଦୀଶ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ କର୍ମଚାରୀ ସ୍ୱାଗତ କରିଥିଲେ। ତାଜୁଙ୍ଗିଆ ସମସତି ସଭ୍ୟା ରୁଦା ମଲ୍ଲିକ, ପୂର୍ବତନ ବ୍ଲକ ଅଧକ୍ଷ ଯୁନସ ପ୍ରଧାନ, ତିଆଡ଼ି ନାୟକ, କାଳିପ୍ରସାଦ ମଲ୍ଲିକ, ଚକ୍ରଧର ମଲ୍ଲିକଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ।

## ଶୈବପୀଠରୁ ଚୋରି

ଦିଗପହଣ୍ଡି,୨୯।୪(ଡି.ଏନ୍.ଏ.)

ଦିଗପହଣ୍ଡି ଥାନା ପିତାମ୍ବରପୁର ଗ୍ରାମ ନୀଳକଣ୍ଠେଶ୍ୱର ଶୈବପୀଠରୁ ସୋମବାର ରାତିରେ ଚୋରି ହୋଇଛି। ଶିବଲିଙ୍ଗ ମଥାରେ ଥିବା ରୁପାଚନ୍ଦ୍ର, ଦାନହୁଣ୍ଡି, ତମ୍ବାଢୋଳ, ପିତଳ ଥାଳି ଆଦି ଦୁର୍ବୃତ୍ତମାନେ ଲୁଟି ନେଇଥିବା ପୂଜକ ମୀନକେତନ ରଣା କହିଛନ୍ତି। ପୂଜକଙ୍କ ମଙ୍ଗଳବାର ଭୋରରୁ ଦେଖିବା ପରେ ଗାଁ ଲୋକଙ୍କୁ ଜଣାଇଥିଲେ। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଥାନାରେ ଏତଲା ଦିଆଯାଇଛି।

## ଯୋଗାଣ ସହାୟିକାଙ୍କୁ ଆକ୍ରମଣ ଘଟଣା: ଥାନାରେ ମାମଲା

ପାଟପୁର,୨୯।୪

ପାଟପୁର ଥାନା ଉତ୍ତାଜଗନ୍ନାଥପୁର ଗ୍ରାମରେ ସୋମବାର ମଧ୍ୟାହ୍ନ ଭୋଜନ ଚାଉଳ ବଣ୍ଟନବେଳେ ପଞ୍ଚାୟତର ଯୋଗାଣ ସହାୟିକାଙ୍କୁ ଆକ୍ରମଣ ନେଇ ପାଟପୁର ଥାନାରେ ମାମଲା ହୋଇଥିଲା। ଏହି ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଦୁଇ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କରୁ ବୁଧବାର ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଓସ୍କାର୍ଡ ବ୍ୟାଙ୍କ ସଭାପତି ତଥା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଭ୍ୟ ଯୋଗେନ୍ଦ୍ର ସ୍ୱାଇଁ ତାଙ୍କ ବିପକ୍ଷ ଗୋଷ୍ଠୀର ଦୁଇ ଜଣଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ଶିବରାମଙ୍କ ମା' ମଧ ଯୋଗେନ୍ଦ୍ର ଓ ଗୌରୀ ଶଙ୍କର ତ୍ରିପାଠୀଙ୍କ ନାଁରେ ଏତଲା ଦେବାପରେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ, ଯୁବକ ଗିରଫ

ପୁରୁଷୋତ୍ତମପୁର,୨୯।୪(ଡି.ଏନ.ଏ.)

କରୋନା ସଚେତନତା ବେଳେ ପୁରୁଷୋତ୍ତମପୁର ତହସିଲଦାରଙ୍କୁ ଆକ୍ରମଣ ଅଭିଯୋଗରେ ପୁରୁଷୋତ୍ତମପୁର ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କଇଁଠଡା ଗ୍ରାମର ଲୋକନାଥ ପ୍ରଧାନ (୨୨)। ପୁରୁଷୋତ୍ତମପୁର ଅତିରିକ୍ତ ତହସିଲଦାର ସୁନିଲ କୁମାର ଟୁଡୁ ଓ ଜନ୍ମେଜୟ ସାହୁ ମଙ୍ଗଳବାର ସନ୍ଧ୍ୟାରେ କୋଭିଡ୍ ଡ୍ୟୁଟିରେ ବିଭିନ୍ନ ଗାଁ ବୁଲୁଥିଲେ। କଇଁଠଡା ନିକଟରେ ଲୋକନାଥ ଓ ଅନ୍ୟଜଣେ ଯୁବକ ମାସ୍କ ନ ପିନ୍ଧି ଯାଉଥିବାରୁ ତାଙ୍କ ବାଇକକୁ ଅଟକାଇଥିଲେ। ଲୋକନାଥ ଅତିରିକ୍ତ ତହସିଲଦାର ସୁନିଲ କୁମାର ଟୁଡୁଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଅନ୍ୟ ଯୁବକ ଜଣକ ଚମ୍ପଟ ମାରିଥିଲେ। ୨ ଅତିରିକ୍ତ ତହସିଲଦାର ଓ ତାଙ୍କ ଚାଳକ ଲୋକନାଥଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଲୋକନାଥଙ୍କଠାରୁ ୧୦ ଲିଟର ଦେଶୀମଦ ଓ ବାଇକ ଜବତ କରି ଗିରଫ କରିଥିଲା। ଅତିରିକ୍ତ ତହସିଲଦାର ସୁନିଲ କୁମାର ଟୁଡୁଙ୍କ ଏତଲା ଆଧାରରେ ନଂ.୧୦୧/୨୦ରେ ମାମଲା ରୁଜୁ ଲୋକନାଥଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି।

ଧରିତ୍ରୀ
DHARITRI
ଗୁରୁବାର, ୩୦ ଏପ୍ରିଲ, ୨୦୨୦

## ୩ ମାସ ପର୍ଯ୍ୟନ୍ତ ମାଗଣା ରାଶନ

**ଅନୁଗୋଳ ଅଫିସ, ୨୯।୪:** ଅନୁଗୋଳ ଜିଲାରେ ଥିବା ଗରିବ ଲୋକଙ୍କୁ ୩ମାସ ଯାଏ ମାଗଣା ରାଶନ ପ୍ରଦାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ବ୍ୟକ୍ତିପିଛା ମାସକୁ ୫ କିଲୋଗ୍ରାମ ଚାଉଳ ଓ କାର୍ଡ ପିଛା ୧ କିଲୋ ଡାଲି ମାଗଣାରେ ପ୍ରଦାନ କରାଯିବ। ହିତାଧିକାରୀମାନେ ନିକଟରେ ଥିବା ଡିଲରଙ୍କ ଠାରୁ ସାମଗ୍ରୀ ନେବାବେଳେ କୌଣସି ପ୍ରକାରର ମୂଲ୍ୟ ଦେବେ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



## ସଂକ୍ଷେପରେ

### ଫେରନ୍ତାଙ୍କ ସ୍ୱାବ୍ ସଂଗ୍ରହ



**ବଇଣ୍ଡା, ୨୯।୪(ଡି.ଏନ.ଏ.):** ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟଠାରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପରେ ବାହାର ରାଜ୍ୟରୁ ଫେରିଥିବା ଶ୍ରମିକଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ସୁରଟରୁ ସାଇକେଲ ଯୋଗେ ଆସିଥିବା ୬ ଶ୍ରମିକଙ୍କ ସମେତ ୧୨ ଜଣଙ୍କଠାରୁ ବୁଧବାର ସ୍ୱାବ୍ ପରୀକ୍ଷା ନିମନ୍ତେ ନିଆଯାଇଛି। ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସରୋଜ କୁମାର ନନ୍ଦଙ୍କ ସମେତ ଏକ ସ୍ୱାସ୍ଥ୍ୟ ଟିମ୍ ସ୍ୱାବ୍ ସଂଗ୍ରହ କରିଥିଲେ।

### କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା



**ବଆଁରପାଳ, ୨୯।୪(ଡି.ଏନ.ଏ.):** କରୋନା ଯୋଦ୍ଧା ତଥା ନାଲ୍‌କୋ ଥାନା ଅଧିକାରୀ ସରୋଜିନୀ ସାମ୍ବାଡ଼ା ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ଗିରାଙ୍ଗ ଗ୍ରାମବାସୀ ଏବଂ ନାଲ୍‌କୋନଗର ଅଞ୍ଚଳର ସାମାଜିକ କର୍ମୀମାନଙ୍କ ପକ୍ଷରୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନାଲ୍‌କୋ କୋଅପରେଟିଭ ସୋସାଇଟିର ପୂର୍ବତନ ସଭାପତି ମୁନା ସାମଲ, ପ୍ରକାଶ ବେହେରା, ଗୋପାଳ ମଲ୍ଲିକ, ଶିବରାମ ସେଠୀ, ପାର୍ଥ ମିଶ୍ର, ଦୁଃଖବନ୍ଧୁ ଗଡନାୟକ, ଦୟାନିଧି ସାମଲ, ହାଡିବନ୍ଧୁ ସାମଲ, ପ୍ରଭାସ ସାମଲ ପ୍ରମୁଖ ସମ୍ବର୍ଦ୍ଧନା ସହ ଧନ୍ୟବାଦ ଜଣାଇଥିଲେ।

### ଅଧିକ ସତର୍କ ହେଲା ପ୍ରଶାସନ

**ଅନୁଗୋଳ ଅଫିସ, ୨୯।୪:** ପଡ଼ୋଶୀ ଜିଲା କେନ୍ଦୁଝର ଓ ଦେବଗଡ଼ରେ ବୁଧବାର କରୋନା ପଜିଟିଭ ଚିହ୍ନଟ ପରେ ଅଧିକ ସତର୍କ ହୋଇଉଠିଛି ଅନୁଗୋଳ ଜିଲା ପ୍ରଶାସନ। ଜିଲାର ସୀମାରେ ଯାଞ୍ଚ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ଏ ନେଇ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ଅନୁଗୋଳ ଜିଲା ବର୍ତ୍ତମାନ ସୁଦ୍ଧା ଗ୍ରୀନ ଜୋନ୍‌ରେ ରହିଛି। ସେଥିପାଇଁ କଟକଣାକୁ କୋହଳ କରାଯାଇଛି। ଯଦି କୌଣସି ପଜିଟିଭ୍ ମାମଲା ଆସେ ତାହେଲେ ପୂର୍ବପରି ଲକ୍‌ଡାଉନ୍ କଟକଣାକୁ କଡ଼ାକଡ଼ି କରାଯିବ।

### ୧ ହଜାର ଟଙ୍କା ଦାନ କଲେ ଚାଷୀ



**ଛେଣ୍ଡିପଦା, ୨୯।୪(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ବାହାଲସାହି ପଞ୍ଚାୟତ ମାଝିଗୋହିରାପଶି ଗ୍ରାମର ଚାଷୀ ଦେବାନନ୍ଦ ମାଝି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଦେବାନନ୍ଦ ବିଡିଓ ସୁନୀଲ କେର୍କେଟାଙ୍କ ମାଧମରେ ଏହି ସହାୟତା ଦେଇଥିବା ପ୍ରକାଶ କରିଛନ୍ତି।

### ୯୨ ଭୋକିଲା ପରିବାରକୁ ଆହାର



**ଅନୁଗୋଳ ଅଫିସ, ୨୯।୪:** ଅନୁଗୋଳ ସହର ଠାରୁ ୭୦ କିଲୋମିଟର ଦୂରରେ ଥିବା ମହାନଦୀ କୂଳ ମାଛୁଆର ବସ୍ତିର ୯୨ ପରିବାରକୁ ଉଦ୍ୟମ ଫାଉଣ୍ଡେସନ୍ ପକ୍ଷରୁ ଚାଉଳ, ଚୂଡ଼ା, ଚିନି, ଡାଲି, ବିସ୍କୁଟ, ସାବୁନ ଆଦି ବଣ୍ଟନ କରାଯାଇଛି। ଏହାବାଦ ଉକ୍ତ ସଙ୍ଗଠନ ପକ୍ଷରୁ ୨୬ ଦିନ ହେବ ଜିଲାରେ ବିଭିନ୍ନ ଗ୍ରାମର ଅସହାୟ ଲୋକଙ୍କୁ ଏପରି ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ବୁଲା ଗୋରୁ, ଷଣ୍ଢ, କୁକୁରଙ୍କୁ ମଧ୍ୟ ଖାଇବାକୁ ଦିଆଯାଉଥିବା ଫାଉଣ୍ଡେଶନର ବାପୁଜୀ ପ୍ରଧାନ କହିଛନ୍ତି। ବିଶ୍ୱଜିତ ମିତ୍ର, ପ୍ରଦ୍ୟୁମ୍ନ କୁମାର ପ୍ରଧାନ, ଦିବ୍ୟରଞ୍ଜନ ସାହୁ, ଭବାନୀ ଶଙ୍କର ପ୍ରଧାନ, ସ୍ୱତସୋମ ପ୍ରଧାନ, ଜନ୍ମେଜୟ ମିଶ୍ର, ଆଲୋକ ଚାନ୍ଦ ସାହୁ ଓ ରତନ କୁମାର ସାହୁ ପ୍ରମୁଖ ଖାଦ୍ୟ ବଣ୍ଟନରେ ସହଯୋଗ କରୁଛନ୍ତି।

# ସଫେଇ ବାହାନାରେ ଜମିଲା ଭୋଜି

**ଅନୁଗୋଳ ଅଫିସ, ୨୯।୪**



ଅନୁଗୋଳ କଳାକେନ୍ଦ୍ର।

- କଳାକେନ୍ଦ୍ରରେ କଟକଣା ଉଲ୍ଲଂଘନ
- ପୌରକର୍ମଚାରୀଙ୍କ ସହ ଥିଲେ ନେତା, ଠିକାଦାର
- ଖୋଲତାଡ଼ କରିବେ ନିର୍ବାହୀ ଅଧିକାରୀ

ଲକ୍‌ଡାଉନ୍ କଟକଣାକୁ ଉଲ୍ଲଂଘନ କରିଛନ୍ତି ଅନୁଗୋଳ ପୌରପାଳିକାର କେତେଜଣ କର୍ମଚାରୀ। ଡିସ୍ ସଫେଇ ବାହାନାରେ ସେମାନେ କଳାକେନ୍ଦ୍ରରେ ବୁଧବାର ଭୋଜିର ଆୟୋଜନ କରିଥିବା ଏବେ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଭୋଜିରେ ବିଜେଡିର କିଛି ନେତା ଓ କେତେଜଣ ଠିକାଦାର ସାମିଲ ଥିବା କୁହାଯାଉଛି।

ଅନୁଗୋଳ ସହରରେ ଥିବା କଳାକେନ୍ଦ୍ରରେ ବିଭିନ୍ନ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବୈଠକ କରାଯାଇଥାଏ। ତେବେ କରୋନା ପାଇଁ ଏବେ ସେସବୁ ବନ୍ଦ ରଖାଯାଇଛି। କିନ୍ତୁ ପୌର କର୍ମଚାରୀମାନେ ଏହାକୁ ଗୋଦାମରେ ପରିଣତ କରି ଦେଇଛନ୍ତି। ଅଳିଆ ସଫା ଗାଡ଼ି ଠାରୁ ଆରମ୍ଭ କରି ବିଜୁଳି ବିଭାଗର ବିଭିନ୍ନ ସାମଗ୍ରୀ ଏହି କଳାକେନ୍ଦ୍ରରେ ରଖାଯାଇଛି। ତେବେ ବୁଧବାର ପୂର୍ବ ପ୍ରସ୍ତୁତି ମୁତାବକ କଳାକେନ୍ଦ୍ରରେ ଭୋଜିର ଆୟୋଜନ କରାଯାଇଥିଲା। କିନ୍ତୁ ଚାବି ପୌରପାଳିକାର ସଫେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟରେ ଥିବାରୁ ଡିସ୍ ସଫେଇ ବାହାନାରେ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ କଳାକେନ୍ଦ୍ରର ଚାବି ମଗାଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ଭୋଜିଭାତ। ପାଖାପାଖି ୧୦ରୁ ୧୫ ଜଣ ଏଥିରେ ସାମିଲ ହୋଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କିଛି ଜାଣି ନ ଥିବା କହିଛନ୍ତି। ତେବେ ଘଟଣାକୁ ଅତି ଗୁରୁତ୍ୱର ସହ ନେଇ କଳାକେନ୍ଦ୍ରକୁ ଯାଇଥିବା କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। ଗୁରୁବାର ଏ ନେଇ ଖୋଲତାଡ଼ କରାଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି।

## ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ

**ଅନୁଗୋଳ ଅଫିସ, ୨୯।୪–** କରୋନାର ମୁକାବିଲା ପାଇଁ ଅନୁଗୋଳର ସାହିତ୍ୟିକମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଛନ୍ତି। ୨୦୧୮ କବି ଗଡ଼ନାୟକ ପୁରସ୍କାର ବିଜେତା ଗାଳ୍ପିକ ଗୌରହରି ବେହେରା ୫ ହଜାର ଓ ୨୦୧୯ ପବିତ୍ରମୋହନ ସ୍ମୃତି ସମ୍ମାନ ବିଜେତା ଅବସରପ୍ରାପ୍ତ ଶିକ୍ଷାବିତ୍ ଶୈଳେଶ ଚନ୍ଦ୍ର ଦାସଗୁପ୍ତ ୩୭ ହଜାର ୧୬୧ ଟଙ୍କାର ଚେକ୍ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଉଦ୍ଦେଶ୍ୟରେ ପିଡି ଅତୁଲ୍ୟ କୁମାର ଚମ୍ପତିରାୟଙ୍କୁ ପ୍ରଦାନ କରିଛନ୍ତି। ଏଥିପାଇଁ ଦୁଇ ସାହିତ୍ୟିକଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହି ଅବସରରେ ଅନୁଗୋଳ ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ଉପସ୍ଥିତ ଥିଲେ।



ପିଡିଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

## ସରକାରୀ ଓକିଲ ଦେଲେ ୭୦ ହଜାର

**ଅନୁଗୋଳ ଅଫିସ, ୨୯।୪–** ଅନୁଗୋଳ କୋର୍ଟରେ କାର୍ଯ୍ୟରତ ସରକାରୀ ଓକିଲମାନେ କରୋନା ମୁକାବିଲା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଜିଲାପାଳଙ୍କ ଜରିଆରେ ୭୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସରକାରୀ ଓକିଲ ପି.ପି. ପ୍ରଦୀପ କୁମାର ଦାଶ, ଆଡିଶିନାଲ୍ ପି.ପି. ତାପସ ରଞ୍ଜନ ମିଶ୍ର ଓ ପ୍ରଦୀପ କୁମାର ଭୂତିଆଙ୍କ ସହ ଆସିଷ୍ଟାଣ୍ଟ ପି.ପି. ପ୍ରକାଶ ମହାପାତ୍ର ଏବଂ ସ୍ୱରୂପ କୁମାର ସିଂହ ଏହି ସହାୟତା ରାଶି ପ୍ରଦାନ କରିଥିଲେ।



ଜିଲାପାଳଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

## କରୋନା ଲଢ଼େଇରେ ମୋନାଲିସା

**ଢେଙ୍କାନାଳ ଅଫିସ, ୨୯।୪**

କରୋନା ଲଢ଼େଇରେ ସାମିଲ ହୋଇଛନ୍ତି ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ଏସ୍‌ବିଆଇ ଶାଖା ମହୁଲଖୋଲି ଗ୍ରାହକ ସେବା କେନ୍ଦ୍ରର ସ୍ୱତ୍ତ୍ୱାଧିକାରିଣୀ ମୋନାଲିସା ରାଉତ। ତାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ଅଞ୍ଚଳବାସୀ କରୋନାକୁ ନେଇ ସଚେତନ ହେଉଛନ୍ତି। ଏହାର ପ୍ରଭାବରେ ବୁଧବାର ଗ୍ରାହକ ସେବାକେନ୍ଦ୍ରକୁ ଆସୁଥିବା ଲୋକମାନେ ସରକାରଙ୍କ କୋଭିଡ୍–୧୯ ସମ୍ପର୍କିତ ନିର୍ଦ୍ଦେଶାବଳୀ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ବ୍ୟାଙ୍କ ଏବଂ ଗ୍ରାହକ ସେବା କେନ୍ଦ୍ର ଜରିଆରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ମହିଳା ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରାଯାଉଛି। ଏଥି ଲାଗି ବହୁ ଗ୍ରାହକ ସେବାକେନ୍ଦ୍ରକୁ ଆସୁଛନ୍ତି। ତେବେ ଗହଳି ଯୋଗୁ ସଂକ୍ରମଣ ଆଶଙ୍କା ଥିବାରୁ ମୋନାଲିସା ସମସ୍ତଙ୍କୁ ସଚେତନ କରାଉଛନ୍ତି। ନଗଦ ନେଣଦେଣ ପୂର୍ବରୁ ଏବଂ ପରେ ହାତକୁ ଭଲଭାବେ ଧୋଇବା, ବାହାରକୁ ବାହାରିଲେ ମାସ୍କ ବ୍ୟବହାର କରିବା, ଗ୍ରାହକ ସେବା କେନ୍ଦ୍ରରେ ସାମାଜିକ ଦୂରତା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱ ଦେଉଛନ୍ତି। ଏଥିସହ ହିତାଧିକାରୀଙ୍କୁ ମାସ୍କ ଏବଂ ସାବୁନ ବଣ୍ଟନ କରୁଛନ୍ତି। ଗରିବ, ଅସହାୟଙ୍କୁ ଶୁଖିଲା ଖାଦ୍ୟ ଏବଂ ରାଶନ ଯୋଗାଇ ଦେଉଛନ୍ତି। କରୋନା ମହାମାରୀ ସମୟରେ ମୋନାଲିସାଙ୍କ ଏପରି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ଗ୍ରାହକ ସେବା କେନ୍ଦ୍ରରେ ମହିଳାମାନେ ସାମାଜିକ ଦୂରତା ରକ୍ଷା କରି ଛିଡ଼ା ହୋଇଛନ୍ତି।

## ଜଳିଗଲା ବ୍ଲକ ସଭାଘର

**ପାଲଲହଡା, ୨୯।୪(ଡି.ଏନ.ଏ.)**

ପାଲଲହଡା ବ୍ଲକ ସଭାଘରେ ବୁଧବାର ଅଗ୍ନିକାଣ୍ଡ ଘଟି ସମସ୍ତ ଆସବାବପତ୍ର ସହ ଅନ୍ୟାନ୍ୟ ଉପକରଣ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସ୍ଥାନୀୟ ଉପଜିଲାପାଳ ଅଜିତ କୁମାର ପ୍ରଧାନ, ବିଡିଓ ରବିନାରାୟଣ ମାଝି, ସମିତିସଭ୍ୟ ଦିଲୀପ ଉଦାବଳ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

## ସମୀକ୍ଷା କଲେ ଉପଜିଲାପାଳ

**କଣିହାଁ, ୨୯।୪(ଡି.ଏନ.ଏ.)**

ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ବୁଧବାର କଣିହାଁ ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପଞ୍ଚାୟତଗୁଡ଼ିକରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରର ବ୍ୟବସ୍ଥା ଯାଞ୍ଚ କରିବା ସହ ସାଧାରଣ ଜନତାଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଡିଓ ରମେଶ କୁମାର ଜେନା ଉପସ୍ଥିତ ଥିଲେ।

## ବିପୁଳ ନକଲି ମଦ ଜବତ, ୨ ଗିରଫ

**ପରଜଙ୍ଗ, ୨୯।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ମହାବିରୋଡ଼ ଅଞ୍ଚଳରୁ ପରଜଙ୍ଗ ପୋଲିସ ବୁଧବାର ବିପୁଳ ପରିମାଣର ନକଲି ମଦ, ମଦ ତିଆରି ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମହାବିରୋଡ ଅଞ୍ଚଳର ଉପେନ୍ଦ୍ର ସାହୁ ଏବଂ ଝିଲିର ସିଦ୍ଧାନ୍ତ ବେହେରା। ପୋଲିସ କହିଛି, ଉଭୟେ ଦୀର୍ଘଦିନ ହେଲା ଚୋରାରେ ନକଲି ବିଦେଶୀ ମଦ ତିଆରି କରୁଥିଲେ। ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୨୨୦ ନକଲି ବିଦେଶୀ ମଦ ବୋତଲ, ଠିପି, ଲୋଗୋ, ମଦ ତିଆରିରେ ବ୍ୟବହୃତ ରାସାୟନିକ ସାମଗ୍ରୀ ଜବତ କରାଯାଇଛି। ଚଢ଼ାଉରେ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଥାନାଧିକାରୀ ସନ୍ତୋଷ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ଜବତ ମଦ ସହ ଗିରଫ ଅଭିଯୁକ୍ତ।

## କ୍ୱାରାଣ୍ଟାଇନ ବ୍ୟବସ୍ଥା ତଦାରଖ



କଣିହାଁ ଡାକ୍ତରଖାନା ପରିଦର୍ଶନ କରୁଛନ୍ତି ବିଧାୟକ।

**କଣିହାଁ, ୨୯।୪(ଡି.ଏନ.ଏ.)** ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ବୁଧବାର କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସମସ୍ୟା ସମ୍ପର୍କରେ ଡାକ୍ତରମାନଙ୍କୁ ପଚାରି ବୁଝିଥିଲେ। ଏଥିସହ ସେ ନିର୍ବାଚନମଣ୍ଡଳୀର ୧୯ଟି ପଞ୍ଚାୟତରେ ହୋଇଥିବା ସଙ୍ଗରୋଧ କେନ୍ଦ୍ର ଅନୁଧ୍ୟାନ କରିଥିଲେ। ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବିଧାୟକଙ୍କ ସହ ବ୍ଲକ ବିଜେଡି ସଭାପତି କୈଳାସ ସାହୁ ଉପସ୍ଥିତ ଥିଲେ।

## ଆମ୍ବ ଡାଳ ପଡ଼ି ବୃଦ୍ଧ ମୃତ

**ଛେଣ୍ଡିପଦା, ୨୯।୪(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଖମାର ବରସାହିରେ ଆମ୍ବଡାଳ ପଡି କୃଷ୍ଣ ବେହେରାଙ୍କ ମୃତ୍ୟୁ ହୋଇଛି। ଆମ୍ବ ଡାଳ କାଟିବା ବେଳେ ତାହା ତାଙ୍କ ଉପରେ ପଡିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

## ଏବିଭିପି ବାଣ୍ଟିଲା ଷ୍ଟୁଡେଣ୍ଟ କିଟ୍

**ଢେଙ୍କାନାଳ ଅଫିସ, ୨୯।୪**

ଢେଙ୍କାନାଳ ଜିଲାରେ ଲକ୍‌ଡାଉନ୍ ନିୟମ କଡାକଡି ପାଳନ କରାଯାଉଥିବାବେଳେ ଛାତ୍ରୀଛାତ୍ରମାନେ ପାଠ୍ୟ ଉପକରଣ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନଜରରେ ରଖି ଏବିଭିପି ପକ୍ଷରୁ ବୁଧବାର ୩୦ ଛାତ୍ରୀଛାତ୍ରଙ୍କୁ ଷ୍ଟୁଡେଣ୍ଟ କିଟ୍ ବଣ୍ଟନ କରାଯାଇଛି। ଜିଲା ସଂଯୋଜକ ଭି. ସୂର୍ଯ୍ୟରୋଶନଙ୍କ ଉପସ୍ଥିତିରେ ନଗର ସମ୍ପାଦକ ଅରଜିତ ପଟ୍ଟନାୟକ, ସିଦ୍ଧାର୍ଥ ଜେନା, ଅରୂପ ପଟ୍ଟନାୟକ, ହରମୋହନ ବେହେରା, ସୂର୍ଯ୍ୟମଣି ଜେନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



# ସୁରଟରେ ଓଡ଼ିଆ ଯୁବକ ମୃତ

**ପରଜଙ୍ଗ, ୨୯।୪(ଡି.ଏନ.ଏ.)**

- ସୂତାକଳରେ ଶ୍ରମିକ ଭାବେ କାମ କରୁଥିଲେ
- ୪ ମହଲା ଛାତରୁ ଖସିପଡ଼ିବାରୁ ମୃତ୍ୟୁ
- ମୃତଦେହ ଆଣିବାକୁ ନିବେଦନ କଲେ ପରିବାର



ଆଲୋକ ନାୟକ।

ଗୁଜରାଟର ସୁରଟରେ କାମ କରୁଥିବା ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କିଳି ଗ୍ରାମର ଜଣେ ଯୁବକଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ମୃତକ ହେଲେ କୁମୁଦ ନାୟକ ଓ ଅନୁଡି ନାୟକଙ୍କ ସାନ ପୁଅ ଆଲୋକ। କୌଣସି କାରଣରୁ ରହୁଥିବା କଲୋନୀର ୪ ମହଲା ଛାତରୁ ଖସିପଡିବାରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଲକ୍‌ଡାଉନ୍ ସମୟରେ ପୁଅର ଏପରି ମୃତ୍ୟୁରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି। ପୁଅର ମୃତଦେହ ଆଣିବା ଲାଗି ବ୍ୟବସ୍ଥା କରିବାକୁ ସେମାନେ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି।

ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉଚ୍ଚଶିକ୍ଷା ପରେ ଆଲୋକ ପରିବାର ପ୍ରତିପୋଷଣ ପାଇଁ ସୁରଟ ପଳାଇଥିଲେ। ସେଠାରେ ଏକ ସୂତା କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସୁରଟର ପାଣ୍ଡେସରସ୍ଥିତ ସୁଧା କଲୋନୀରେ ଏକ ୪ ମହଲା କୋଠାରେ ରୁମ ନେଇ ରହୁଥିଲେ। ଲକ୍‌ଡାଉନ୍ ଯୋଗୁ ସେ ଘରକୁ ଆସି ପାରି ନ ଥିଲେ ହେଁ ପରିବାର ସହ ଯୋଗାଯୋଗରେ ଥିଲେ। ମଙ୍ଗଳବାର ରାତିରେ ମଧ୍ୟ ସେ ଫୋନରେ ଘର ଲୋକଙ୍କ ସହ କଥା ହୋଇଥିଲେ। ହେଲେ କଥା ହେବାର କିଛି ସମୟ ପରେ ଆଲୋକ ଛାତରୁ ଖସି ପଡିଥିବା ପରିବାର ନିକଟରେ ଖବର ପହଞ୍ଚିଥିଲା। ତାଙ୍କ ସହଯୋଗୀ ଓ କେତେଜଣ କମ୍ପାନୀ କର୍ମଚାରୀ ଆଲୋକଙ୍କୁ ସୁରଟ ସ୍ମିମରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ମଧ୍ୟରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଅକୁ ଶେଷଥର ଦେଖିବାକୁ ମୃତଦେହକୁ ଘରକୁ ଆଣିବା ଲାଗି ତାଙ୍କ ମା’ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଫଟୋରେ ଖବର...




ଆଠମଲ୍ଲିକ ବ୍ଲକ ମାଧପୁରର ସାପ୍ତାହିକ ହାଟ ସ୍ଥାନୀୟ ଖେଳପଡିଆକୁ ସ୍ଥାନାନ୍ତର ହୋଇଛି। ଆଠମଲ୍ଲିକ ପୋଲିସ ତରଫରୁ ଏ ନେଇ ବ୍ୟବସ୍ଥା କରାଯାଇଥିଲା। ସାମାଜିକ ଦୂରତା ରଖି ପରିବା କିଣିବା, ମାସ୍କ ପିନ୍ଧିବାକୁ ପୋଲିସ ପକ୍ଷରୁ ମାଇକ ଯୋଗେ ସଚେତନ କରାଯାଇଥିଲା।



କରୋନା ମୁକାବିଲା ପାଇଁ ଢେଙ୍କାନାଳ ରୋଟାରି କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଜିଲାପାଳଙ୍କ ଜରିଆରେ ୫୧ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଉଛି।

## ଶଟର ପକାଇ ବ୍ୟବସାୟ

**ଅନୁଗୋଳ ଅଫିସ, ୨୯।୪**

ଅନୁଗୋଳ ସହରରେ କେଉଁ ଦୋକାନ କେତେବେଳେ ଖୋଲିବ ସେ ନେଇ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ସହରର କେତେଜଣ ବ୍ୟବସାୟୀ ଉକ୍ତ ନିୟମର ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ବିଶେଷକରି କେତେକ କପଡ଼ା, ବାସନ ଦୋକାନୀ ଓ ଗଦି ତକିଆ ଆଦି ସାମଗ୍ରୀ ବିକୁଥିବା ବ୍ୟବସାୟୀ ସକାଳୁ ଦୋକାନ ଖୋଲି ଭିତରେ ଗରାଖଙ୍କୁ ରଖି ଶଟର ପକାଇ ଦେଉଛନ୍ତି। ପରେ ସୁବିଧା ଦେଖି ଗରାଖଙ୍କୁ ବାହାର କରୁଛନ୍ତି। କିଛିଦିନ ହେଲା ସେମାନେ ଏପରି ବ୍ୟବସାୟ କରୁଛନ୍ତି। ବାହାରୁ ଶଟର ପଡ଼ିଥିବାରୁ ଏ ନେଇ ପ୍ରଶାସନ କି ପୋଲିସ ଜାଣିପାରୁ ନାହିଁ। ଲକ୍‌ଡାଉନ ନିୟମ ଉଲ୍ଲଂଘନ କରି ଏପରି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନୁଗୋଳ ପୋଲିସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**



## ମିଛ ଖବର ପରିବେଷଣ, ୩ ଯୁବକ ଗିରଫ

ବଲାଙ୍ଗୀର ଅଫିସ,୨୯।୪: ବଲାଙ୍ଗୀର ଜିଲା ଏବେ ଗ୍ରୀନ୍ ଜୋନ୍‌ରେ ରହିଛି। ଏହାସତ୍ତ୍ୱେ କେତେକ ହଟଚମଟକାରୀ ଅସାମାଜିକତତ୍ତ୍ୱ କରୋନା ସଂକ୍ରମଣ ସମ୍ପର୍କରେ ମିଛ ଖବର ପରିବେଷଣ କରି ଜନସାଧାରଣଙ୍କୁ ଆତଙ୍କିତ ଓ ବିଭ୍ରାନ୍ତ କରୁଛନ୍ତି । କିଛିଦିନ ତଳେ ସୋସିଆଲ ମିଡିଆରେ ବଲାଙ୍ଗୀର ଜିଲା ଲାଠୋର ପଞ୍ଚାୟତର ଏକ ଶିଶୁକନ୍ୟାକୁ କରୋନା ପଜିଟିଭ ଚିହ୍ନଟ କରାଯାଇଥିବା ନେଇ ମିଛ ଖବର ପରିବେଷଣ କରାଯାଇଥିଲା। ଏକ ନିର୍ଦ୍ଦିଷ୍ଟ ଟିଭିର ଲୋଗୋ ବ୍ୟବହାର କରି ଏଭଳି ମିଛ ଖବର ପରିବେଷଣ କରିବା ପରେ ଜିଲାରେ ହଇଚଇ ସୃଷ୍ଟି ହୋଇଥିଲା । ଏ ନେଇ ବଲାଙ୍ଗୀର ପୋଲିସ ଅନୁସନ୍ଧାନ କରିବା ପରେ କିଛି ଅସାମାଜିକ ତତ୍ତ୍ୱ ଏଭଳି ମିଛ ଖବର ପରିବେଷଣ କରିଥିବା ଜଣାପଡିଥିଲା। ଏହି ମିଛ ଖବର ପରିବେଷଣ ମାମଲାରେ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ସଇଁତଲା ଥାନା ଡଙ୍ଗରପଡାର ସତ୍ୟାନନ୍ଦ ଭୋଇ (୩୦), ଦେଓଗାଁ ଥାନା ଅଧୀନ ପିପଲପଦର ମହାକୁରପାଲିର ବବୁଲୁ ମହାକୁର (୨୩) ଓ ବିଲାସପୁର ଗାଁର ଆନନ୍ଦ ଓରଫ୍ ଅନୋଦ ମହାକୁର (୨୭)।

# ଚାଷୀଙ୍କୁ କୃଷି ଶ୍ରମିକ ଚିନ୍ତା

ଏବେ ବରଗଡ଼ ଜିଲାରେ ରବି ଧାନ ଅମଳ ସମୟ ଉପନୀତ । କୃଷି ବିଭାଗ ତଥ୍ୟ ଅନୁସାରେ ଜିଲାରେ ଏଥର ୭୯ହଜାର ହେକ୍ଟର ଜମିରେ ଧାନ ଫସଲ କରାଯାଇଛି। ସେଥିରୁ ଅଧିକାଂଶ ଅମଳକ୍ଷମ ଅବସ୍ଥାକୁ ଆସିଗଲାଣି। ଅଳ୍ପ କେତେକ ସ୍ଥାନରେ ଧାନ ଅମଳ ଆରମ୍ଭ ହୋଇଛି । ଅନେକ ଅଞ୍ଚଳରେ କୃଷି ଶ୍ରମିକ ଅଭାବରୁ ଧାନ ଅମଳ ହୋଇପାରୁନାହିଁ। ସାଧାରଣତଃ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଜିଲାରୁ କୃଷି ଶ୍ରମିକମାନେ ବରଗଡ଼ ଜିଲାକୁ ଆସି ଧାନ ଅମଳ କାମ କରିଥାନ୍ତି । ମାତ୍ର ଲକ୍ ଡାଉନ୍ ଯୋଗୁ ଏଥର ସେମାନଙ୍କ ଆସିବାରେ ଅନିଶ୍ଚିତତା ଦେଖାଦେଇଛି। କେତେକ ସ୍ଥାନରେ ହାର୍ଭେଷ୍ଟର ମାଧ୍ୟମରେ ଧାନ ଅମଳ ଚାଲିଥିଲେ ହେଁ ସବୁ ଚାଷୀଙ୍କ ପାଇଁ ତାହା ସମ୍ଭବପର ନୁହେଁ ।

### ଶ୍ରମିକ ନ ମିଳିଲେ ଉଜୁଡ଼ିବ ଫସଲ



୨୦ ଏକର ଜମିରେ ଧାନ ଫସଲ କରିଛି । ୧୨ଏକର ଧାନ ପାଚିଗଲାଣି । ଶ୍ରମିକ ମିଳୁନାହାନ୍ତି ବୋଲି ଅମଳ କରିପାରୁନାହିଁ । ବାହାରୁ ଶ୍ରମିକ ଆସୁନାହାନ୍ତି। ବାହାରୁ ଶ୍ରମିକ ଆଣିବାକୁ ବିଡ଼ିଓ ନା ତହସିଲଦାର ଅନୁମତି ଦେବେ, ତାହା ମଧ୍ୟ ଆମେ ଜାଣିନାହୁଁ । ଆଗକୁ ପୁଣି ବର୍ଷା ସମ୍ଭାବନା ରହିଛି । ସରକାର କିମ୍ବା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନ ନେଲେ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯିବ।

**–ସୁରେଶ ନେକାଣ୍ଟି, ଚାଷୀ**

### ସରକାର ଜାତୀୟ ସମ୍ପତ୍ତି ଘୋଷଣା କରନ୍ତୁ



ସରକାର ନିଜ ଦାୟିତ୍ୱରୁ ଓହରି ଯାଇଛନ୍ତି । ଲକ୍ ଡାଉନ୍‌ର ଶେଷ ପର୍ଯ୍ୟାୟରେ କୃଷିକ୍ଷେତ୍ରରେ ତାହା ନାମକୁ ମାତ୍ର କୋହଳ କରି ଚାଷୀ ଉପରେ ସବୁ ବୋଝ ଲଦି ଦେଇଛନ୍ତି। କରୋନା, ପୋଲିସ ଭୟରେ ଶ୍ରମିକ ଆସୁନାହାନ୍ତି । ସରକାର ଚାଷୀଙ୍କ ସମସ୍ତ ଅମଳକ୍ଷମ ଧାନ, ପରିବାକୁ ଜାତୀୟ ସମ୍ପତ୍ତି ଘୋଷଣା କରନ୍ତୁ ଏବଂ ଅମଳଠାରୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରନ୍ତୁ।

**–ରମେଶ ମହାପାତ୍ର, ଚାଷୀନେତା**

### ଯାଞ୍ଚ ପରେ ଶ୍ରମିକ ଆଣିବାକୁ ଅନୁମତି



କୃଷି ଶ୍ରମିକ ଆଣିବା ପାଇଁ ସରକାର ବିହିତ ପଦକ୍ଷେପ ନେଇଛନ୍ତି। ଚାଷୀମାନେ କେବଳ ରାଜ୍ୟ ଭିତରୁ ଶ୍ରମିକ ଆଣିପାରିବେ । ଏଥିପାଇଁ ଚାଷୀଙ୍କୁ ପ୍ରଥମେ ସ୍ଥାନୀୟ ତହସିଲଦାରଙ୍କ ପାଖରେ ଗାଡ଼ି ଏବଂ ଶ୍ରମିକଙ୍କ ଉପରେ ପଞ୍ଜୀକରଣ କରିବାକୁ ହେବ। ତାହା ଯାଞ୍ଚ ହେବା ପରେ ଜିଲାପାଳ ଶ୍ରମିକ ଆଣିବାକୁ ଅନୁମତି ଦେବେ। ଶ୍ରମିକଙ୍କୁ ଯେଉଁ ଗାଡିରେ ଅଣାଯିବ ସେଥିରେ କେବଳ ନିର୍ଦ୍ଧାରିତ ସିଟ୍ ତୁଳନାରେ ଏକ ଚତୁର୍ଥାଂଶ ଆସିପାରିବେ। ଚାଷୀ ଗାଡି ଭଡା ଏବଂ ସରକାର ଗାଡିର ଇନ୍ଧନ ଖର୍ଚ୍ଚ ବହନ କରିବେ।

**–ଦୀନବନ୍ଧୁ ଗାନ୍ଧୀ, ଜିଲା ମୁଖ୍ୟ କୃଷି ଅଧିକାରୀ**

### ସରକାର କୃଷି ଶ୍ରମିକ ଯୋଗାଡ଼ କରନ୍ତୁ



କୃଷି ଶ୍ରମିକ ଅଭାବ ଏଥର ବଡ଼ ସମସ୍ୟା ହୋଇଛି । ଚାଷୀଙ୍କ ସେତିକି ସମ୍ବଳ ନାହିଁ ଯେ ଜିଲା ବାହାରୁ ବସ୍ ଯୋଗେ ଏଠାକୁ ଶ୍ରମିକ ଆଣିବେ। ସରକାର ଏହାର ବ୍ୟବସ୍ଥା କରିବା ଦରକାର । ସେହିପରି ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରଶାସନ ଶ୍ରମିକଙ୍କୁ ଧାନ ଅମଳରେ ନିୟୋଜନ କରୁ । ଏହା ହେଲେ ଯାଇ ଚାଷୀଙ୍କ ପ୍ରତି ସରକାରଙ୍କ ଆନ୍ତରିକତା କେତେ ଅଛି, ତାହା ଜଣାପଡ଼ିବ।

**–ଜୟକୃଷ୍ଣ ସାହୁ, ଚାଷୀନେତା**

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼)



ଧର୍ମଗଡ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

## ୩୩ ପରିବାର ଉଚ୍ଛେଦକୁ ବିରୋଧ

ପର୍ଲା,୨୯।୪(ଡି.ଏଡ଼.ଏ.)

କଳାହାଣ୍ଡି ଜିଲା ସଦର ବ୍ଲକ ତଥା ଶଗଡା ସଂରକ୍ଷିତ ଜଙ୍ଗଲ ଜମିରେ ଘରଦ୍ୱାର କରି ରହି ଆସୁଥିବା ୩୩ ଆଦିବାସୀ ପରିବାରକୁ ବନ ବିଭାଗ ଉଚ୍ଛେଦ କରିଛି। ଯୁଗସାଇପାଟଣା ପଞ୍ଚାୟତ, ନେହେଲା ଓ ଶଗଡା ପଞ୍ଚାୟତର ମାଖାଗୁଡା ଗ୍ରାମର ଏହି ପରିବାର ଅମାବଲସା ବିଟ୍ ଓ ରାକେଶଦୁଣ୍ଡା ଜଙ୍ଗଲର ଅଲମାଠାରେ ରହି ଆସୁଛନ୍ତି। ହେଲେ ଶୁକ୍ରବାର ପୋଲିସ ଫୋର୍ସ ଓ ସଦର ଉପଜିଲାପାଳଙ୍କ ଉପସ୍ଥିତିରେ ସେମାନଙ୍କ ଘର ଭାଙ୍ଗି ଜବରଦଖଲ ଉଚ୍ଛେଦ କରାଯାଇଛି। ଏଣୁ ଏମାନେ ଏବେ ନିକଟସ୍ଥ ଲବଣିସରଠାରେ ଗଛ ମୂଳରେ ଆଶ୍ରୟ ନେଇଛନ୍ତି। ଦିନବେଳେ ପ୍ରଚଣ୍ଡ ଖରାରେ ଏମାନେ ଝାଳନାଳ ହୋଇ ଶିଝୁଛନ୍ତି। ସନ୍ଧ୍ୟାରେ କାଳବୈଶାଖୀରେ ଭୟଭୀତ ହୋଇ ରହୁଛନ୍ତି। ଏଭଳି ପରିସ୍ଥିତିରେ ଏମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଥଇଥାନ କରାଯିବା ପରିବର୍ତ୍ତେ ଉଚ୍ଛେଦ ଘଟଣାକୁ ବିଭିନ୍ନ ମହଲରେ ଦୃଢ ନିନ୍ଦା କରାଯାଉଛି। ଜଙ୍ଗଲ ଜମି ପଟ୍ଟା ପାଇଁ ଏମାନେ ବାରମ୍ବାର ଜିଲା ପ୍ରଶାସନକୁ ଲିଖିତ ଭାବରେ ଜଣାଇ ଆସିଛନ୍ତି। ହେଲେ କୌଣସି ଲାଭ ହେଉନି। ତେବେ ଏ ନେଇ ଧର୍ମଗଡ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଥାଶୀଘ୍ର ଏମାନଙ୍କ ଥଇଥାନର ବ୍ୟବସ୍ଥା ସହ ଖାଦ୍ୟପେୟ ଯୋଗାଇ ଦେବାକୁ ଦାବି କରାଯାଇଛି। ସେହିଭଳି ଯେଉଁମାନେ ଏଭଳି ଦୁଃସମୟରେ ସେମାନଙ୍କୁ ଉଚ୍ଛଦ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଆଇନଜୀବୀ ଦିଗମ୍ବର ଦୁରିଆ, ଚକ୍ରଧର ବେନୁପାଣି, ଧୀମାନ ଢଗ ନାଏକ ଓ ଯୁଗେଶ ତାଣ୍ଡି ଦାବି କରିଛନ୍ତି।

**ଫଟୋରେ ଖବର**



ଗାଁ ମୁହାଁ ଶ୍ରମିକ: ୧୨ଜଣ ଶ୍ରମିକ ଅନୁଗୋଳରୁ ପାଦରେ ଚାଲି ଚାଲି ବିହାର ରାଜ୍ୟ ବୋଧଗୟାକୁ ଫେରୁଛନ୍ତି ।

## ସୀମାବର୍ତ୍ତୀ ଜଙ୍ଗଲ ପ୍ରବେଶ ପଥ ସିଲ୍

ଲଖନପୁର,୨୯।୪(ଡି.ଏନ୍.ଏ)

ମହାମାରୀ କରୋନାକୁ ନେଇ ସାରା ବିଶ୍ୱ ଚିନ୍ତିତ। ଏହାର ସଂକ୍ରମଣ ରୋକିବାକୁ ନେଇ ସାରାଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଯେମିତି ରାଜ୍ୟ ଓ ରାଜ୍ୟ ବାହାରୁ ସନ୍ଦିଗ୍ଧମାନେ ଜିଲାରେ ଅବାଧ ଭାବେ ପ୍ରବେଶ ନ କରିବେ ସେ ନେଇ ଜିଲା ପ୍ରଶାସନ ତରଫରୁ ପଡୋଶୀ ଛତିଶଗଡ ରାଜ୍ୟ ଓ ପଡୋଶୀ ଜିଲା ସୁନ୍ଦରଗଡ ଏବଂ ସମ୍ବଲପୁର ଜିଲା ସୀମାକୁ ପୂର୍ବରୁ ସିଲ୍ କରାଯାଇଛି। ଏହିସବୁ ରାସ୍ତାରେ ପୋଲିସ୍ ପହରା ଜାରି ରହିଛି। ହେଲେ ଏଭଳି କଡାକଡି ପହରା ସତ୍ତ୍ୱେ ମଧ୍ୟ ଜଙ୍ଗଲ ରାସ୍ତାରେ ଆସି ଲୋକେ ଜିଲାରେ ପ୍ରବେଶ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ସରୋଜ କୁମାର ସାମଲ ସୀମାବର୍ତ୍ତୀ ଜଙ୍ଗଲ ରାସ୍ତାକୁ ସିଲ୍ କରିବା ପାଇଁ ଡିଏଫ୍‌ଓ ଲଳିତ ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ବଳରେ ବେଲପାହାଡ ରେଞ୍ଜର ସୁବାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାରଠାରୁ ଝାରସୁଗୁଡା ଓ ସୁନ୍ଦରଗଡ ଜିଲାକୁ ସଂଯୋଗ କରୁଥିବା ଲଖନପୁର ବ୍ଲକ୍‌କୋଇଲିଘୋଘର ଫରେଷ୍ଟ ରୋଡ୍ ଓ ସୁନ୍ଦରଗଡ ଜିଲା ବେତଝରଣ ହିମଗିରି ଫରେଷ୍ଟ ରୋଡ୍‌କୁ କାଠ, ବାଉଁଶ ବାଡ ଦେଇ ସିଲ୍ କରାଯାଇଛି। ଏହିସବୁ ରାସ୍ତାରେ ଜଙ୍ଗଲ ସୁରକ୍ଷା କର୍ମଚାରୀମାନେ ଜଗି ରହିଛନ୍ତି। ସମ୍ବଲପୁରରୁ ଝାରସୁଗୁଡା ଜିଲାକୁ ସଂଯୋଗ କରୁଥିବା ରମ୍ପେଲା ସେତୁ ଦେଇ ସନ୍ଦିଗ୍ଧମାନେ ଅବାଧରେ ଯାତାୟାତ କରୁଛନ୍ତି। ଏହାକୁ ରୋକିବାରେ ଉଭୟ ଜିଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ଢିଲା ଦେଉଥିବା ଅଭିଯୋଗ ହେଉଛି। ଫଳରେ କରୋନା ସଂକ୍ରମଣ ନିୟନ୍ତ୍ରଣ କ୍ଷେତ୍ରରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ସୁନ୍ଦରଗଡ ଜିଲାକୁ ସଂଯୋଗ କରିଥିବା ବେତଝରଣ ଫରେଷ୍ଟ ରାସ୍ତାକୁ ସିଲ୍ କରାଯାଇଛି।

# ମେ ୧୫ରୁ ଖୋଲିବ ଧାନମଣ୍ଡି

ସୋନପୁର,୨୯।୪(ନି.ପ୍ର.)

**ସୁବର୍ଣ୍ଣପୁର ଜିଲା**

ରବିଋତୁ ଧାନ ସଂଗ୍ରହ ପାଇଁ ସୁବର୍ଣ୍ଣପୁର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ନୀତି ନିର୍ଦ୍ଧାରଣ ବୈଠକ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ ୧୫ ତାରିଖରୁ ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତ ଥର ୫ଟି ମାର୍କେଟ୍ ୟାର୍ଡ, ୫୪ଟି ପ୍ୟାକ୍ସ ଓ ୨୬ଟି ମହିଳା ଏସ୍‌ଏଚ୍‌ଜି ଜରିଆରେ ଯୋଗାଣ ନିଗମ ଧାନ ସଂଗ୍ରହ କରିବ। କଷ୍ଟମ ମିଲିଂ ମାଧ୍ୟମରେ ସୁବର୍ଣ୍ଣପୁର ଜିଲାର ୪୧ ମିଲର୍ସ ସାମିଲ ହେବେ। ଆବଶ୍ୟକ ହେଲେ ଅନ୍ୟ ଜିଲାର ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶୀଘ୍ର ମୌସୁମୀ ଆଗମନ ଓ ଅଦିନିଆ ବର୍ଷାକୁ ଦୃଷ୍ଟିରେ ରଖି ଜୁନ୍ ୧୫ ସୁଦ୍ଧା ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଶେଷ କରିବାକୁ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୁରୁତ୍ୱାରୋପ କରିଥିଲେ। ଧାନ ସଂଗ୍ରହ କାର୍ଯ୍ୟକୁ ଶୀଘ୍ର ସାରିବା ପାଇଁ ପ୍ୟାକ୍ସଗୁଡିକ ସମ୍ପ୍ରସାରଣ କେନ୍ଦ୍ର(ମଣ୍ଡି) ଜରିଆରେ ଧାନ ସଂଗ୍ରହ କରିବାକୁ ଚାଷୀ ପ୍ରତିନିଧି ସଜ୍ଜନ ପଣ୍ଡା ଦାବି ଜଣାଇଥିଲେ। ତେବେ ଭଲ ଅମଳ ହେବାର ସମ୍ଭାବନା ଥିବା ବେଳେ ଏକର ପ୍ରତି କେତେ ପରିମାଣରେ ଧାନ ସଂଗ୍ରହ ହେବ, ତାହା ବୈଠକରେ ଚୂଡାନ୍ତ ହୋଇପାରି ନ ଥିଲା। ଗତଥର ଏକର ପ୍ରତି ୨୬କୁଇଣ୍ଟାଲ ନିର୍ଦ୍ଧାରିତ ହୋଇଥିଲା । ଏହି ପରିମାଣ ଏଥର ବୃଦ୍ଧି କରିବାକୁ ମତପ୍ରକାଶ ପାଇଥିଲା। ଜିଲାର ମିଲର୍ସମାନେ ଗତ ଖରିଫ ଧାନ ସଂଗ୍ରହର ମାତ୍ର ୬୨ ଶତକଡା କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେଇଛନ୍ତି। ଏଫସିଆଇ ଓ ଆରଆରସି ଗୋଦାମ ଖାଲିଥିଲେ ମଧ୍ୟ ଚାଉଳ ସଂଗ୍ରହ ହେଉ ନ ଥିବାରୁ ସମସ୍ୟା ହେଉଛି। ବୀରମହାରାଜପୁର ବିଧାୟକ ତଥା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ମିଲର୍ସଙ୍କ ଚାଉଳ କିଭଳି ଏଫସିଆଇ ଓ ଆରଆରସି ନେବ ସେ ଦିଗରେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ସମୟ ଅବଧି ବୃଦ୍ଧି କରିବା ଓ କଟ୍‌ନି ଛଟ୍‌ନି ରୋକିବା ଦିଗରେ ପଦକ୍ଷେପ ନେବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। କୋଭିଡ-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ମଣ୍ଡିରେ ଚାଷୀ, ଏସଏଚଜି ମହିଳା ଓ ପ୍ୟାକ୍ସ କର୍ମଚାରୀ ସାମାଜିକ ଦୂରତା ଅବଲମ୍ବନ ସହିତ ମାସ୍କ, ରୁମାଲ, ଗାମୁଛାରେ ମୁହଁକୁ ଘୋଡାଇ ରଖିବାକୁ ପରାମର୍ଶ ଦିଆଯାଇଛି। ଜିଲାର ୩୫୯୭୭ହେକ୍ଟର ଜମିରେ ଧାନଚାଷ ହୋଇଛି। ୨୨୭୩୨ଚାଷୀଙ୍କ ପଞ୍ଜୀକରଣ ନବୀକରଣ ହୋଇଛି। ୬୦୦୬ ଚାଷୀ ନୂତନ ଭାବେ ପଞ୍ଜୀକରଣ କରିଥିବା ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୬୬ହଜାର ୯୧୧ ମେଟ୍ରିକ ଟନ ଧାନକ୍ରୟ ପାଇଁ ରାଜ୍ୟ ସରକାର ଟାର୍ଗେଟ୍ ଦେଇଛନ୍ତି। ଧାନକ୍ରୟର ୭ଦିନ ପୂର୍ବରୁ ଚାଷୀଙ୍କୁ ଅନଲାଇନରେ ଟୋକନ ଇସ୍ୟୁ କରାଯିବ। ଟୋକନ ଯେପରି କ୍ୟାନସେଲ ନ ହୁଏ ଚାଷୀ ଓ ମିଲର୍ସ ଯତ୍ନବାନ ହେବାକୁ ଜିଲାପାଳ ତଥା କମିଟି ଅଧକ୍ଷ ମୋନିଷା ବାନାର୍ଜୀ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ଜେନା, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଆସ୍ତେରିଆ କେର୍କେଟା, ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ବୀରମହାରାଜପୁର ସମ୍ପାଦକ କିଶୋର ନାଏକ ଏବଂ ମିଲର୍ସ ପ୍ରତିନିଧି ଉପସ୍ଥିତ ଥିଲେ ।



ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀକକ୍ଷରେ ବୁଧବାର ଅନୁଷ୍ଠିତ ଧାନସଂଗ୍ରହ ବୈଠକରେ ଉପସ୍ଥିତ ଲୋକପ୍ରତିନିଧି, ଜିଲାପାଳ ଓ ଅନ୍ୟ ଅଧିକାରୀ।

## କୋମନା ସହରକୁ ବିଶୋଧନ କରାଗଲା

କୋମନା,୨୯।୪(ଡି.ଏନ୍.ଏ.)

ବୁଧବାର ଭୋରରୁ ଅଗ୍ନିଶମ ବିଭାଗ ତରଫରୁ କୋମନା ସହରକୁ ସମ୍ପୂର୍ଣ୍ଣ ଭାବେ ବିଶୋଧନ କରାଯାଇଛି । ସହରର ପ୍ରତ୍ୟେକ ଦୋକାନ ବଜାର, ବସଷ୍ଟାଣ୍ଡ ସମେତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, କୃଷି ବିଭାଗ, ଭାରତୀୟ ଷ୍ଟେଟବ୍ୟାଙ୍କ, ଅସ୍ଥାୟୀ କରୋନା ସ୍ୱାସ୍ଥ୍ୟ ଶିବିର, କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ବି ବିଶୋଧନ କରାଯାଇଛି । ଏଥିରେ ଅଗ୍ନିଶମ ବିଭାଗ ଅଧିକାରୀ ଗୌତମ କିଶାନ, ଫାୟାରମ୍ୟାନ ଚିନ୍ତାମଣି ଜାତି, ତେନରାଜ ମାଝି, ରବିଚନ୍ଦ୍ର ଭୁଏ, ରାମାନନ୍ଦ ନାଏକ, ସୁରେନ୍ଦ୍ର କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ଜୁଆ ଆଡ୍ଡାରେ ଚଢ଼ାଉ, ୧୧ ଗିରଫ

ବଲାଙ୍ଗୀର ଅଫିସ, ୨୯।୪

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାହାରପାଲି ଜଙ୍ଗଲରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୧୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୮୫୯୦ ଟଙ୍କା, ୮ଟି ବାଇକ, ୧୦ଟି ମୋବାଇଲ ଫୋନ୍ ଏବଂ ଜୁଆ ସାମଗ୍ରୀ ଜବତ ହୋଇଛି । ଏ ନେଇ ସଦର ଥାନାରେ ମାମଲା (ନଂ. ୧୪୧/୨୦) ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଆଗଲପୁରର କୃଷ୍ଣ ମେହେର, ଯୋଗୀନ୍ଦ୍ର ମେହେର, ଲୁଚକିବାହାଲର ତ୍ରିନାଥ ସାହୁ, ଝାରମୁଣ୍ଡାର ସୁଶୀଲ କୁମାର ବେହେରା, ସୁରେନ୍ଦ୍ର କଣ୍ଡେ, ମନୋଜ କୁମାର ଅଗ୍ରୱାଲ, ମହାରପାଲିର ମହାନନ୍ଦ ପୁଟେଲ, ସରଗାଡର ଚନ୍ଦ୍ରମଣି ନାଗ, ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିର ବିପିନ ସାହୁ, ବରଗଡ ଜିଲା ଅଇଁଲାବାହାଲର ସୁରେନ୍ଦ୍ର ବାଗ, ଜଗଲପାଟର ରଫୁଫ୍ ମହମ୍ମଦ । ଏସଆଇ ଝସକେତନ ଭୋଇଙ୍କ ନେତୃତ୍ୱରେ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା ।



ଜୁଆ ଆଡ୍ଡାରୁ ଜବତ ଟଙ୍କା, ମୋବାଇଲ ଫୋନ୍ ଓ ଜୁଆ ସାମଗ୍ରୀ ।

# ଧାନରେ ଅଜଣା ରୋଗ, ଚିନ୍ତାରେ ଚାଷୀ

ସମ୍ବଲପୁର, ୨୯।୪ (ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ଓ ଯୁଯୁମୁରା ବ୍ଲକ କୁକୁଡାପାଲି ଅଞ୍ଚଳରେ ଅଜଣା ରୋଗରେ ଧାନ ଚାଷ ନଷ୍ଟ ହେଉଛି। କୀଟନାଶକ ସିଞ୍ଚନ କଲେ ମଧ ପ୍ରତିକାର ହୋଇପାରୁନାହିଁ। ଏହାକୁ ନେଇ ଚାଷୀ ସଂଗଠନ କୃଷି ବିଭାଗର ଦୃଷ୍ଟି ଆକର୍ଷଣ କରିବା ପରେ ବୁଧବାର ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ରାୟଙ୍କ ସହିତ ଏକ ଟିମ୍ ଉକ୍ତ ଅଞ୍ଚଳ ପରିଦର୍ଶନ କରିଛି। ଚାଷୀଙ୍କ ସହ ଟିମ୍ ଆଲୋଚନା କରି ଧାନ କେଣ୍ଡାର ନମୁନା ସଂଗ୍ରହ କରିଛନ୍ତି। କୀଟନାଶକ ସିଞ୍ଚନ କରିବାକୁ ପରାମର୍ଶ ଦେଇଛନ୍ତି। ହେଲେ ଚାଷୀମାନେ କରାମାଡ ଓ ରୋଗରେ ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଦାବି କରିଛନ୍ତି। ଚାଷୀ ବିପିନ ଭୋଇ, କ୍ଷୀରୋଦ ମହାନନ୍ଦ, ରାହାସ ମହାନନ୍ଦ, ହାଲୁଆ ମହାନନ୍ଦ, କୃଷ୍ଣ ଭୋଏ ପ୍ରମୁଖଙ୍କ କ୍ଷେତକୁ କୃଷି ବିଭାଗ ଟିମ୍ ପରିଦର୍ଶନ କରିଛି। ସୂଚନାଯୋଗ୍ୟ, ଏପ୍ରିଲ ୨୧ ତାରିଖ ଅଦିନିଆ ବର୍ଷା ଓ କରାମାଡରେ ଫସଲ ନଷ୍ଟ ହୋଇଛି। ଏବେ ଯାହା ବଞ୍ଚିଛି ସେଥିରେ ଅଜଣା ରୋଗରେ ଦେଖା ଦେଇଛି। ଏଣୁ ଚାଷୀ ଚିନ୍ତିତ ହୋଇ ପଡ଼ିଛନ୍ତି।



ସମ୍ବଲପୁର ଯୁଯୁମୁରା ବ୍ଲକ କୁକୁଡାପାଲିରେ କୃଷି ବିଭାଗ ଟିମ୍ ଧାନ କ୍ଷେତ ପରିଦର୍ଶନ କରୁଛନ୍ତି ।

## ସଂକ୍ଷେପରେ

### ଗଛ ପଡ଼ି ରାସ୍ତା ଅବରୋଧ

ପଡ଼ିଆ,୨୯।୪: ମାଲକାନଗିରି ଜିଲା ସୀମାନ୍ତ ପଡ଼ିଆ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବଲୀଳା ରଚିଛି। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବହୁ ଗଛ ଉପୁଡ଼ି ପଡ଼ିବା ସହ ଅନେକ ଘରର ଟିଣ ଓ ଆସବାବପତ୍ର ଉଡ଼ିଯାଇଥିବା ଜଣାପଡ଼ିଛି। ଏମ୍‌ଭି-୫୯, ପପୁଲୁର, ସିଲାକଟା ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ଅନେକ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ପାଇ ପଡ଼ିଆ ଅଗ୍ନିଶମ ବିଭାଗ ଅଧକ୍ଷ ବିରେନ୍ଦ୍ର କୁମାର ସିଂ କର୍ମଚାରୀଙ୍କ ସହାୟତାରେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ସଫା କରିଛନ୍ତି।

### ଖବରଦାତାଙ୍କ ମାତୃ ବିୟୋଗ

ପାରଳାଖେମୁଣ୍ଡି,୨୯।୪(ସ୍ୱ.ପ୍ର.): ଗଜପତି ଜିଲା 'ଧରିତ୍ରୀ' ଖବରଦାତା ରଶ୍ମିରଞ୍ଜନ ମିଶ୍ରଙ୍କ ମା' ସରସ୍ୱତୀ ଦେବୀଙ୍କ ମଙ୍ଗଳବାର ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ୨୭ ତାରିଖରେ ସେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ମଙ୍ଗଳବାର ଅପରାହ୍ନ ୩ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ସକାଳେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ଲକ୍ଷ୍ମୀନାରାୟଣ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପୂର୍ବତନ ନଗରପାଳ ପି. କ୍ରିଷ୍ଣା, ପ୍ରଧାନ ଶିକ୍ଷକ ଡ. ବୃଷକେତୁ ଦାସଙ୍କ ସମେତ ବହୁ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

### ଘରେ ରହି ପାଠ ପଢ଼ିବାକୁ ପିଲାଙ୍କୁ ବୁଝାଇଲେ ପିଡି

ଚିତ୍ରକୋଣ୍ଡା,୨୯।୪(ଡି.ଏନ.ଏ.)- ମାଲକାନଗିରି ଜିଲା ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ବୁଧବାର ଚିତ୍ରକୋଣ୍ଡା ବ୍ଲକ ଗସ୍ତ କରି କରୋନା ମୁକାବିଲା ନେଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଚିତ୍ରକୋଣ୍ଡା ଅଞ୍ଚଳର କେତେକ ସ୍ଥାନ ବୁଲି ସେ ସାମାଜିକ ଦୂରତା ରକ୍ଷା କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ମଧ ତଦାରଖ କରିଥିଲେ। ସମସ୍ତଙ୍କୁ ଚାଉଳ ଓ ଭତ୍ତା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ରେଖାପାଲି କଲୋନୀ ଗ୍ରାମକୁ ଯାଇ ଘରେ ରହି ପାଠ ପଢିବାକୁ ପିଲାଙ୍କୁ ବୁଝାଇ ବହି ବାଣ୍ଟିଥିଲେ। ତାଙ୍କ ସହ ବିଡିଓ ଲରିମନ ଖରସେଲଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୮ ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ, ଜଣେ ଅଟକ

ନବରଙ୍ଗପୁର,୨୯।୪(ବି.ପ୍ର.)- ନବରଙ୍ଗପୁର ଜିଲା ଏସପିଙ୍କ ନିର୍ଦ୍ଦେଶରେ ବୁଧବାର ଏକ ସ୍ୱତନ୍ତ୍ର ଟିମ୍ ଉମରକୋଟ ସହର ଏକ ଦୋକାନ ଉପରେ ଚଢ଼ାଉ କରି ବିପୁଳ ପରିମାଣରେ ଗୁଟଖା ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ବ୍ରବସାୟୀଙ୍କୁ ଅଟକ ରଖାଯାଇଛି। ଜବତ ଗୁଟଖାର ମୂଲ୍ୟ ୮ ଲକ୍ଷ ୨୭ ହଜାର ୨ଶହ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଡିଏସପି ଜିସି ବୁରୁଦା, ପ୍ରତ୍ୟୁଷ ମହାପାତ୍ର ଓ ଉମରକୋଟ ଆଇଆଇସିଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

## ସ୍ତ୍ରୀ-ଛୁଆଙ୍କଠୁ ଦୂରରେ ରଖିଛି କରୋନା

**ବୈପାରୀଗୁଡ଼ା,୨୯।୪(ଡି.ଏନ୍.ଏ.)**

ଘରେ ସ୍ତ୍ରୀ ସହ ଦୁଇଟି ଛୋଟ ଝିଅ। ମାସେରୁ ଅଧିକ ହେବ ବାପାଙ୍କୁ ନ ଦେଖି ଝିଅମାନେ ଅଥୟ ହୋଇ କାନ୍ଦୁଛନ୍ତି। ପରିବାର ଲୋକଙ୍କୁ ଭେଟିବା ପାଇଁ କିମ୍ବା ପନିପରିବା ଆଣିବାକୁ ଗଲେ ଲୋକେ ବାରଣ କରୁଛନ୍ତି। ଛୋଟ ଛୁଆଙ୍କୁ ଗେଲ କରିବାକୁ ଇଚ୍ଛା ହେଉଥିଲେ ବି ବାଧା ଦେଉଛି ସାମାଜିକ କଟକଣା। ରନ୍ଧନ ଗ୍ୟାସ ପରିବହନରେ ନିୟୋଜିତ ଥାଇ ପରିବାର ସହ ମିଶିପାରୁ ନ ଥିବା ଜଣେ ଟ୍ରକ୍ ଚାଳକଙ୍କ ଏ ହେଉଛି କୋହଭରା କଥା।

ବୈପାରୀଗୁଡ଼ା ବ୍ଲକ ଅମଳାଭଟ୍ଟା ଗ୍ରାମର ରମେଶ ମାଝି ସ୍ଥାନୀୟ ଅଞ୍ଚଳର ରନ୍ଧନ ଗ୍ୟାସ ଏଜେନ୍ସିରେ ବହୁ ଦିନ ତଳୁ ଡ୍ରାଇଭର ଅଛନ୍ତି। ଗ୍ୟାସ ଟାଙ୍କି ଆଣିବା ପାଇଁ ସେ ଅଧିକାଂଶ ଦିନ ବିଶାଖାପାଟଣା ଯାଆନ୍ତି। ଏହି ଦାୟିତ୍ୱଟି ପୂର୍ବରୁ ପେଟ ପୋଷୁଥିବା ବେଳେ ଏବେ ତାହା ପରିବାରଠାରୁ ବିଚ୍ଛେଦ କରିଛି। କରୋନା ଆତଙ୍କ ପରେ ସେ ପରିବାର ଲୋକଙ୍କୁ ଭେଟିବାକୁ ଗଲେ ଗାଁ ଭିତରକୁ ଲୋକେ ଛାଡୁନାହାନ୍ତି। ଗାଁ ଲୋକେ ଜଣାଇବା ପରେ ସ୍ଥାନୀୟ ସରପଞ୍ଚ ମଧ୍ୟ ତାଙ୍କୁ ଲୋକଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ମାସେରୁ ଅଧିକ ହେବ ସେ ବାଧହୋଇ ଗ୍ୟାସ ଡିପୋରେ ଏକା ଏକା ରହୁଛନ୍ତି। ମାସିକ ୧୦ ହଜାର ଟଙ୍କା ଦରମାରେ ସେ ଜୀବନକୁ ବାଜି ଲଗାଇ ଏବେ ଲୋକଙ୍କ ପାଇଁ କାମ କରୁଛନ୍ତି, କିନ୍ତୁ ସମାଜ ତାଙ୍କୁ ଯେପରି ଅଣଦେଖା କରୁଛି ତାହା ତାଙ୍କୁ ମର୍ମାହତ କରିଛି। ସେପାଖେ ରମେଶଙ୍କ ଅନୁପସ୍ଥିତିରେ ଛୋଟ ପିଲାଙ୍କ ସହ ତାଙ୍କ ସ୍ତ୍ରୀ ଦୁଃଖକଷ୍ଟରେ ରହୁଛନ୍ତି।


ପରିବାର ସହ ରମେଶ। (ଫାଇଲ୍ ଫଟୋ)

**ରନ୍ଧନ ଗ୍ୟାସ୍ ପରିବହନ କରୁଥିବା ଟ୍ରକ୍ ଚାଳକଙ୍କ ଦୁଃଖ**

## 'ଗ୍ରାମରେ କରୋନା ପୂରାଇ ଦେବୁନି'


ସଂଘର ସଦସ୍ୟମାନେ ଗ୍ରାମବାସୀଙ୍କୁ ଶପଥପାଠ କରାଉଛନ୍ତି।

**ଚିତ୍ରକୋଣ୍ଡା,୨୯।୪(ଡି.ଏନ.ଏ.)**

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ଗ୍ରାମବାସୀ କରୋନା ରୋଗକୁ ଗ୍ରାମରେ ପ୍ରବେଶ କରାଇ ନ ଦେବାକୁ ବୁଧବାର ଶପଥ ନେଇଛନ୍ତି। ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନ ସହଯୋଗରେ ଧୂଳିପୁଟ ପଞ୍ଚାୟତରେ କରୋନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଗ୍ରାମବାସୀ ଗ୍ରାମ ଦେବତାଙ୍କୁ ସାକ୍ଷୀ ରଖି ଶପଥ ନେଇଥିଲେ। ପରେ ଗ୍ରାମକୁ ସାନିଟାଇଜ କରାଯାଇଥିଲା। ଧୂଳିପୁଟ, ମାଳିଗୁଡା ଏବଂ ଲୁହାରାମ ଗ୍ରାମର ସମସ୍ତ ଗ୍ରାମବାସୀଙ୍କୁ ମୁହଁରେ ଲଗାଇବାକୁ ମାସ୍କ ଏବଂ ହାତ ଧୋଇବାକୁ ସାବୁନ ସହ ଚୂଡ଼ା, ଆଳୁ, ଚିନି, ବିସ୍କୁଟ,ସୋୟା ବଡ଼ି ବଣ୍ଟାଯାଇଥିଲା। ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ବିଡ଼ିଓ ଲରିମନ ଖରସେଲ ଉପସ୍ଥିତ ଥିଲେ। କନିଷ୍ଠ ଯନ୍ତ୍ରୀ ଶିବାଶିଷ ବିଶ୍ୱାସ, ପିଇଓ ହେମନ୍ତ କୁମାର ଭୂୟାଁ, ବିପିଏମ ପର୍ଶୁରାମ ବେହେରା, ରାକେଶ ମହାରଣା, ସାମାଜିକ କର୍ମୀ ସ୍ମୃତି ରଞ୍ଜନ ନାୟକ ପରିଚାଳନା କରିଥିଲେ।

## ସଙ୍ଗରୋଧ ଗୃହ ଛାଡ଼ି ପଶୁ ଡାକ୍ତରଖାନାରେ ୨ ବୃଦ୍ଧ

**ସେମିଳିଗୁଡ଼ା,୨୯।୪(ସ୍ୱ.ପ୍ର.)**

**ରଖାଇଦେଲେନି ଗ୍ରାମବାସୀ**

ସେମିଳିଗୁଡ଼ା ବ୍ଲକ ପରଜାମୁଥାଇ ପଞ୍ଚାୟତ ପାଟଖମରା ଗ୍ରାମସ୍ଥିତ ନୂଆଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୋଭିଡ୍ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ବାହାରୁ ଆସୁଥିବା ଲୋକଙ୍କୁ ସେଠାରେ ୧୪ ଦିନ ସଙ୍ଗରୋଧ କରି ରଖାଯିବା କଥା। କିନ୍ତୁ ଏହାକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ପରଜାମୁଥାଇ ଗ୍ରାମର ୬୦ ଓ ୬୫ ବର୍ଷୀୟ ଦୁଇଜଣ ବୃଦ୍ଧ ଦୀର୍ଘ ଦିନରୁ ଆନ୍ଧ୍ରପ୍ରଦେଶର ସାଲୁର ନିକଟସ୍ଥ ତନମ ଗ୍ରାମରେ କଦଳୀବାଡ଼ିରେ କାମ କରୁଥିଲେ। ଦେଶସାରା ଲକ୍‌ଡାଉନ ପରେ ବିଭିନ୍ନ ଅସୁବିଧା ହେବାରୁ ସେମାନେ ଗତ ସପ୍ତାହରେ ଗାଁକୁ ଫେରିବା ପରେ ଉଭୟଙ୍କୁ ନୂଆଗୁଡା ଅସ୍ଥାୟୀ କେନ୍ଦ୍ରରେ ରଖାଯାଇଥିଲା। କିନ୍ତୁ ଗ୍ରାମବାସୀ ଏବେ ସେମାନଙ୍କୁ ବିରୋଧ କରି ଉକ୍ତ କେନ୍ଦ୍ରରେ ତାଲା ପକାଇବା ସହ କୌଣସି ଖାଦ୍ୟ ଦେଇ ନ ଥିଲେ। ଖବର ପାଇ ସେମିଳିଗୁଡ଼ା ବିଡିଓ ସବ୍ୟସାଚୀ ବେହେରା, ତହସିଲଦାର ଶରତ ମାଝୀ ଓ ନନ୍ଦପୁର ଥାନା ଅଧିକାରୀ କପିଳେଶ୍ୱର ବେହେରା ଉକ୍ତ ଗ୍ରାମରେ ପହଞ୍ଚି ଲୋକଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିବାରୁ ଦୁଇ ବୃଦ୍ଧଙ୍କୁ ଶେଷରେ ଗ୍ରାମସ୍ଥିତ ପ୍ରାଣୀ ଚିକିତ୍ସାଳୟରେ ନେଇ ରଖାଯାଇଥିବା ଜଣାପଡ଼ିଛି।

## ୫୫ ରିପୋର୍ଟ ନେଗେଟିଭ୍

**ପାରଳାଖେମୁଣ୍ଡି,୨୯।୪(ସ୍ୱ.ପ୍ର.)**– ପଡୋଶୀ ଆନ୍ଧ୍ର ପ୍ରଦେଶ ରାଜ୍ୟ ଶ୍ରୀକାକୁଲମ ଜିଲା ପୁରୁଣାପାଟଣା ଅଞ୍ଚଳରେ ଚିହ୍ନଟ ୩ କରୋନା ପଜିଟିଭ୍ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ଗଜପତି ଜିଲାର ୫୫ ଜଣଙ୍କ ସ୍ୱାବ ରିପୋର୍ଟ ନେଗେଟିଭ୍ ଆସିଛି। ଏ ନେଇ ବୁଧବାର ଗଜପତି ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି, ଶ୍ରୀକାକୁଲମ୍ ଜିଲାରେ ଆଉ ଦୁଇ ତିନୋଟି ପଜିଟିଭ୍ ମାମଲା ଆସିବା ସମ୍ଭାବନା ରହିଛି। ଗଜପତି ଜିଲା ଏହାର ସୀମାନ୍ତବର୍ତ୍ତୀ ଜିଲା ହୋଇଥିବାରୁ ଏଠାରେ ଲକ୍‌ଡାଉନ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ଜିଲାର ଗାରବନ୍ଧ ଠାରୁ ଆରମ୍ଭ କରି ଗୁଣୁପୁର ପର୍ଯ୍ୟନ୍ତ ପ୍ରାୟ ୭୦ରୁ ୮୦ କିମି ଅଞ୍ଚଳରେ ପୋଲିସ କଡ଼ା ନଜର ରଖିଛି ବୋଲି ଜିଲାପାଳ କହିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

**ନବରଙ୍ଗପୁର,୨୯।୪(ବି.ପ୍ର.)**

ନବରଙ୍ଗପୁର ବ୍ଲକ ଭତରା ସିଉନୀ ପଞ୍ଚାୟତର ଭତରା ଗ୍ରାମ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଗାତକୁ ଖସି ପଡିବାରୁ ଚାଳକ ଦୁର୍ଜନ ଭତରାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ତାଙ୍କ ସହ ଥିବା ନିଲମ କେଉଟ ଗୁରୁତର ହୋଇଛନ୍ତି। ଏଏସଆଇ ଅଶୋକ ଦେଓ ପହଞ୍ଚି ମୃତଦେହ ଜବତ କରି ଗୁରୁତର ନିଲମଙ୍କୁ ଜିଲା ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଜନ ଓ ନିଲମ ଭତରା ଗ୍ରାମର । ସେମାନେ ନବରଙ୍ଗପୁର ଆସି ଗ୍ରାମକୁ ଫେରୁଥିଲେ।

## ସଙ୍ଗରୋଧ ଗୃହରୁ ଅନ୍ତେବାସୀଙ୍କ ଘରବାହୁଡ଼ା


ଟିକିରିରୁ ଶ୍ରମିକଙ୍କୁ ଗାଡ଼ି ଯୋଗେ ପଠାଯାଉଛି।

**ଟିକିରି/କୋଲନରା, ୨୯।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ହାଇସ୍କୁଲସ୍ଥିତ ସଙ୍ଗରୋଧ ଗୃହରେ ଥିବା ୧୬ ଜଣ ଅନ୍ତେବାସୀ ନିଜ ଗାଁକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ନବରଙ୍ଗପୁର ଜିଲାର ୧୧ ଜଣ ଓ ଆନ୍ଧ୍ରପ୍ରଦେଶର ୫ ଜଣ ଥିଲେ। ଗତ ୨୯ ତାରିଖ ବିଶାଖାପାଟଣାରୁ ବଡ଼ମାଲ ଯାଉଥିବା ୫ ଜଣଙ୍କୁ ଟିକିରି ନିକଟସ୍ଥ ତୋଟାଗୁଡ଼ା ଛକରେ ଧରାଯାଇ କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଯାଇଥିଲା। ସେହିପରି ଗତ ୩୦ ତାରିଖରେ ରାୟଗଡ଼ାରୁ ଚାଲିଚାଲି ଯାଉଥିବା ନବରଙ୍ଗପୁରର ୧୧ ଜଣଙ୍କୁ ଓଷପଡ଼ାରୁ ଉଦ୍ଧାର କରାଯାଇ ଟିକିରି ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ବୁଧବାର ସେମାନଙ୍କୁ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲ, ବିଡିଓ ସୁଧାକର ରଇତ, ଏବିଡିଓ ବଳରାମ ପାତ୍ର, ତହସିଲଦାର ଶରତ ଶବର, ଟିକିରି ଥାନା ଅଧିକାରୀ ସୁଜ୍ଞାନୀ ସାହୁ, ଟିକିରି ସରପଞ୍ଚ କୁମାରୀ ପିଡିକାଙ୍କ ଉପସ୍ଥିତିରେ ବିଦାୟ ଦିଆଯାଇଛି। ସେହିପରି କୋଲନରା ବ୍ଲକ ଥେରୁବାଲି ଆଶ୍ରୟସ୍ଥଳୀରୁ ୫ ଜଣ ଶ୍ରମିକଙ୍କୁ ଗଞ୍ଜାମର ବେଲଗୁଣ୍ଠା ବ୍ଲକ ଆମ୍ୱପୁଆ ଗାଁ ଓ ସୁରୀ ପଞ୍ଚାୟତର ଜାମୁକେଲିବାଡ଼ି ଆଶ୍ରୟସ୍ଥଳୀରୁ ଗଜପତି ରାୟଗଡ଼ ବ୍ଲକ ଜଲଙ୍ଗ ଗାଁକୁ ୪ ଜଣ ଶ୍ରମିକଙ୍କୁ ଗାଡ଼ି ଯୋଗେ ସ୍ଥାନାନ୍ତର କରିଛି ରାୟଗଡ଼ା ଜିଲା ପ୍ରଶାସନ। ଏହି ସମୟରେ କୋଲନରା ବ୍ଲକ ଅଧକ୍ଷା ଗୀତା କଣ୍ଡାଗରି, ବିଡିଓ ତାପସ ଭୋଇ, ଏବିଡିଓ କେ. ଶିବ ଗୋପାଳରାଓ, ବିଏସ୍‌ଏସ୍‌ଓ ଶ୍ରୀକାନ୍ତ ପାଣିଗ୍ରାହୀ, ଜିପିଇଓ ରମେଶ ଚନ୍ଦ୍ର ଯୋଶୀ, ପିଇଓ ଭି. ମୁରଲିକ୍ରିଷ୍ଣା ଉପସ୍ଥିତ ଥିଲେ।

## ବୁଲା ଗୋରୁଙ୍କୁ ଖାଦ୍ୟ ଦେଉଛନ୍ତି ଯୁବଗୋଷ୍ଠୀ

**କାଲିମେଲା,୨୯।୪(ଡି.ଏନ.ଏ.)**

 କରୋନା ଦ୍ୱାରା ସମସ୍ତେ ପ୍ରଭାବିତ। ମଣିଷ, ଗୋରୁଙ୍କଠାରୁ ଆରମ୍ଭକରି ପ୍ରତ୍ୟେକ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ଦୋକାନବଜାର ବନ୍ଦ ଥିବାରୁ ଗୋରୁଙ୍କ ସହ ଅନ୍ୟ ପ୍ରାଣୀମାନେ ଖାଦ୍ୟ ଅଭାବରୁ ଏଣେତେଣେ ବୁଲୁଛନ୍ତି। ଏହାକୁ ହୃଦୟଙ୍ଗମ କରି କାଲିମେଲା ତହସିଲ ଉଣ୍ଡୁକୋଣ୍ଡା ଗ୍ରାମର କେତେଜଣ ଯୁବକ ପରସ୍ପର ମଧ୍ୟରେ ଅର୍ଥ ଆଦାୟ କରି ରାସ୍ତାରେ ବୁଲୁଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗୋରୁ ଓ ଷଣ୍ଢଙ୍କୁ ଖାଦ୍ୟ ଖାଇବାକୁ ଦେଇଛନ୍ତି। ଆର୍‌ଆଇ ସରୋଜ ସାମଲଙ୍କ ନେତୃତ୍ୱରେ ସାମାଜିକ କର୍ମୀ କାମସେନ ପ୍ରଧାନ,ଆକାଶ ପ୍ରଧାନ,ଆନନ୍ଦ ମାଳ, ରାକେଶ ସରଦାର, ଜୟଦେବ ଦାସ, ସୁନୀଲ ସରଦାର, ଲକ୍ଷ୍ମଣ କାର୍ତ୍ତାମୀ, ରଞ୍ଜନ ବିଶ୍ୱାସ, ରାଜୁ କାର୍ତ୍ତାମୀ,ଇର୍ମା କବାସୀ,ସମୀର ମଣ୍ଡଳ, ନିତ୍ୟାନନ୍ଦ ରାୟ ପ୍ରମୁଖ ପନିପରିବା, ଘାସ, ନଡ଼ା, କୁଣ୍ଡା ଆଦି ସଂଗ୍ରହକରି ସେମାନଙ୍କୁ ଖାଇବାକୁ ଦେଉଛନ୍ତି । ସେମାନଙ୍କ ଏପରି ମହତ କାମ ସାଧାରଣରେ ଆଲୋଚନାର ବିଷୟ ହୋଇଛି।


ବୁଲା ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି ଯୁବଗୋଷ୍ଠୀ।

## କୋରୁକୋଣ୍ଡା, ବାଲିମେଳାକୁ ଫେରିବେ ୧୫୯୪ ଶ୍ରମିକ

**କୋରୁକୋଣ୍ଡା, ୨୯।୪(ଡି.ଏନ୍.ଏ.)**

ପ୍ରବାସୀ ଓଡ଼ିଆଙ୍କୁ ରାଜ୍ୟକୁ ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବାହାର ରାଜ୍ୟରୁ ଫେରିବାକୁ ଚାହୁଁଥିବା ଓଡ଼ିଆ ଲୋକ ଏନେଇ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିବେ। ଲକ୍‌ଡାଉନ ଅବଧି ଶେଷ ହେବା ପରେ ପଦକ୍ଷେପ ନିଆଯିବ। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ୧୨ ପଞ୍ଚାୟତର ୧୫୧୪ ଜଣ ଏବଂ ବାଲିମେଳା ଏନଏସି ଅଞ୍ଚଳର ୮୦ ଶ୍ରମିକ ନିଜ ଅଞ୍ଚଳକୁ ଲକ୍‌ଡାଉନ ପରେ ଆସିବେ। ଫେରନ୍ତା ଶ୍ରମିକଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରଖାଯିବ। ମିଳିଥିବା ତଥ୍ୟ ଅନୁଯାୟୀ ବାଲିମେଳା ଏନ୍‌ଏସି ଅଞ୍ଚଳର ୮୦, କୋରୁକୋଣ୍ଡା ୧୨୯, ଚିତପରି-୩ର ୫୦,ଡୁଡାମେଟା ୯୪, କମୱାଡା ୧୬୯, ମାରିୱାଡା ୧୨୫, ନୀଳକଣ୍ଠେରୁ ୮୭, ପୁରୁଣା ଚିମିତାପଲି ୩୦, ପୋଟ୍ରୋଲ ୮୨, ତରଲାକୋଟା ୮୦, ତୁମୁସପଲି ୯୯, ନାକାମାମୁଡି ୨, ସୋମନାଥପୁର ପଞ୍ଚାୟତର ୪୮ ଜଣ ଶ୍ରମିକ ଫେରିବା ପାଇଁ ଅନ୍‌ଲାଇନରେ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ପାଇଁ ବ୍ଲକ ପ୍ରଶାସନ ପଞ୍ଚାୟତ ସ୍ତରରେ ଦ୍ୱିତୀୟ ଓ ତୃତୀୟ ଆଇସୋଲେଟେଡ୍ କେନ୍ଦ୍ର ପ୍ରସ୍ତୁତିରେ ଲାଗିପଡିଛି।

## ମଦ ଦୋକାନ, ଟାଇଲ ଗୋଦାମରୁ ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

**ଜୟପୁର,୨୯।୪(ଡି.ଏନ୍.ଏ.)**

ଲକ୍‌ଡାଉନ ବେଳେ କୋରାପୁଟ ଜିଲା ଜୟପୁର ସଦରଥାନା କୁମୁଲିପୁଟସ୍ଥିତ ମଦ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ପ୍ରାୟ ସାଢେ ୫ ଲକ୍ଷ ଟଙ୍କାର ବିଦେଶୀ ମଦ ଚୋରି ହୋଇଛି। ଦୋକାନ ମ୍ୟାନେଜର ଅମ୍ବିକା ପ୍ରସାଦ ଭୁକ୍ତା ସଦରଥାନାରେ ଏନେଇ ଏତଲା ଦେଇଛନ୍ତି। କୁମୁଲିପୁଟ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଦୋକାନ ବନ୍ଦ ଥିବାବେଳେ ଏହାର ଟିଣ ଛପର ବାହାର କରାଯାଇ ଦାମୀ ମଦ ଚୋରି ଯାଇଛି। ମାମଲା ରୁଜୁ ସହ ଏହାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶିବ ଶଙ୍କର ସାହୁ କହିଛନ୍ତି। ସେହିପରି ସଦରଥାନା ବାରିଣିପୁଟସ୍ଥିତ ଘର ତିଆରି ଉପକରଣ ଗୋଦାମରୁ ୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଟାଇଲ୍ସ ଫ୍ଲୋର, ୱାଲ ଟାଇଲ୍ସ ଚୋରି ହୋଇଥିବା ଗୋଦାମ ମାଲିକ ଆଶିଷ ଶର୍ମା ଏତଲା ଦେଇଛନ୍ତି। କିନ୍ତୁ ଗୋଦାମ ଗୃହ ତାଲା ଭଙ୍ଗା କିମ୍ବା କାନ୍ଥ କଣା କରାଯାଇ ନ ଥିବାବେଳେ ଲକ୍ଷାଧିକ ମୂଲ୍ୟର ସାମଗ୍ରୀ ଚୋରି ହେବା ଉପରେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସଦରଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଗ୍ରାହକଶୂନ୍ୟ ନର୍ସରି, ନଷ୍ଟ ହେଉଛି ଚାରା

**ଜୟପୁର,୨୯।୪(ନି.ପ୍ର.)**

ପାଖାପାଖି ୪୦ ଦିନର ଲକ୍‌ଡାଉନ। ସ୍ୱାସ୍ଥ୍ୟକୁ ଆଖି ଆଗରେ ସମାଜର ସବୁ ବର୍ଗର ଲୋକେ ସିନା ଘର ଭିତରେ ରହିଛନ୍ତି, କିନ୍ତୁ ସେମାନଙ୍କ ଜୀବନ ଜୀବିକା ଏବେ ହୁଡ଼ିବାକୁବସିଲାଣି। ଜୟପୁର ନିକଟସ୍ଥ ତେଲିଗୁଡ଼ାର ପାୟଲ ନର୍ସରୀ ସେହିଭଳି ସମସ୍ୟା ଭୋଗିଛି। ଲକ୍‌ଡାଉନ ଯୋଗୁ ସେମାନଙ୍କ ଚାରା ବିକ୍ରି ହୋଇପାରୁ ନାହିଁ।

କୋଲକତା ନିକଟସ୍ଥ ଦିଘା ଗ୍ରାମର ସଞ୍ଜୟ ଜେନା ଜୟପୁର ତେଲିଗୁଡ଼ାରେ ୨ ଏକର ଜମି ଲିଜ ନେଇ ଫୁଲ ଓ ଫଳ ଚାରା ଲଗାଇଛନ୍ତି। କୋଲକତା, ପୁନେ, ବେଙ୍ଗାଲୁରୁରୁ ଛୋଟ ଚାରା ଆଣି ତେଲିଗୁଡ଼ା ନର୍ସରିରେ ଲଗାଇବା ସହ ତାକୁ ବଡ଼ଚାରାରେ ପରିଣତ କରନ୍ତି। ସେହି ଚାରାରେ ଫୁଲ ଓ ଫଳ ଧରିବା ପରେ ବଜାରକୁ ନେଇ ବିକ୍ରି କରନ୍ତି। ଏହି ନର୍ସରିରେ ୨୫୦ ପ୍ରକାର ଫୁଲ ଓ ଶତାଧିକ ଫଳଚାରା ଲଗାଯାଇଛି। ଏସବୁ ଚାରାରେ ଫୁଲ ଫଳ ଧରିବା ପରେ ତାକୁ ଜୟପୁର, କୋରାପୁଟ, ସେମିଳିଗୁଡ଼ା, ନବରଙ୍ଗପୁର, ଉମରକୋଟ, ଗୋବିନ୍ଦପାଲିରେ ବିକ୍ରି କରାଯାଏ। ପୂର୍ବରୁ ଦୈନିକ ୬ରୁ ୭ ହଜାର ଟଙ୍କାର ଚାରା ବିକ୍ରି ହେଉଥିଲା। ଏବେ ଲକ୍‌ଡାଉନ ଯୋଗୁ କେହି ବାହାରି ପାରୁନାହାନ୍ତି କି କେହି ଗ୍ରାହକ ମଧ ନର୍ସରିକୁ ଆସୁନାହାନ୍ତି। ଫଳରେ ଚାରା ନଷ୍ଟ ହେବାକୁ ଲାଗିଲାଣି। କିନ୍ତୁ ଲକ୍‌ଡାଉନ ପାଇଁ ସବୁ କିଛି ହୁଡ଼ିଛି। ଏହି ନର୍ସରିରେ ୮ ଜଣ ଶ୍ରମିକ କାମ କରୁଥିବା ବେଳେ ସେମାନଙ୍କୁ ଦୈନିକ ମଜୁରି ଦେଇପାରୁ ନାହାନ୍ତି ମାଲିକ। ଶ୍ରମିକମାନେ ମଧ୍ୟ ବାହାର ରାଜ୍ୟର ହୋଇଥିବାରୁ ପ୍ରଶାସନ ପାଖରୁ ସେମାନଙ୍କୁ କିଛି ସହାୟତା ମିଳିପାରୁ ନାହିଁ। ଲକ୍ଷାଧିକ ଟଙ୍କାର ଚାରା ନଷ୍ଟ ହେବାକୁ ବସିଛି।


ବିଭିନ୍ନ ଫୁଲ, ଫଳ ଚାରା ଲାଗିଥିବା ନର୍ସରି।

## ପାଣି ପାଇଁ ରାସ୍ତାକୁ ଓହ୍ଲାଇଲେ ମହିଳା

**ପାପଡ଼ାହାଣ୍ଡି,୨୯।୪ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତର ଖଲିଗୁଡ଼ା ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗ୍ରାମରେ ପାଇପ ଯୋଗେ ଜଳ ଯୋଗାଣ ହୋଇଛି ,ମାତ୍ର ପମ୍ପ ଡ୍ରାଇଭରଙ୍କ ମନମାନି ଯୋଗୁ ଠିକ୍ ରୂପେ ଜଳ ଯୋଗାଣ ହୋଇପାରୁନି। ଏନେଇ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଗ୍ରାମବାସୀ ବାଧହୋଇ ବୁଧବାର ରାସ୍ତାକୁ ଓହ୍ଲାଇ ପ୍ରତିବାଦ ଜଣାଇଛନ୍ତି। ୨୦୧୯ରେ ଖଲିଗୁଡ଼ା ଗ୍ରାମରେ ବୋର୍‌ୱେଲ ଖୋଳାଯାଇ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟରତ ପମ୍ପ ଡ୍ରାଇଭର ଏହି ବୋର୍‌ୱେଲ ପାଣିକୁ ନିଜ ଜମିରେ ମଡାଉଥିଲେ। ଏନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ ପମ୍ପ ଡ୍ରାଇଭର କିଛି ଶୁଣି ନ ଥିଲେ। ଗ୍ରାମବାସୀ ପଞ୍ଚାୟତ ଅଧିକାରୀ ଓ ସରପଞ୍ଚଙ୍କୁ ଜଣାଇବା ପରେ ପଞ୍ଚାୟତ ଏ ବାବଦ ବିଦ୍ୟୁତ୍ ବିଲ୍ ଦେବାକୁ ମନାକରି ପମ୍ପ ଡ୍ରାଇଭରଙ୍କୁ ଡକାଇ ବୁଝାଶୁଝା କରିଥିଲେ। ଏହା ସତ୍ତ୍ୱେ ଡ୍ରାଇଭର ଜଣକ କିଛି ଶୁଣି ନ ଥିଲେ। ଶେଷରେ ଗ୍ରାମବାସୀ ଗତ ୨୪ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ଫୋନ୍‌ରେ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ବିଡିଓଙ୍କୁ ମଧ ଲିଖିତ ରୂପେ ଜଣାଇଥିଲେ। ଜିଲାପାଳ ଓ ବିଡିଓଙ୍କୁ ଜଣାଇଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଭତରା ସାହି, ଖ୍ରୀଷ୍ଟିଆନ ସାହି ଓ ଜାନି ସାହିରେ ନଳକୂଅ ରହିଛି, ହେଲେ ନଳକୂପରୁ ଠିକ୍‌ରେ ପାଣି ବାହାରୁନାହିଁ। ହାଣ୍ଡିଏ ପାଣି ପାଇଁ ଲୋକଙ୍କୁ ଘଣ୍ଟାଏ ଅପେକ୍ଷା କରିବାକୁ ପଡୁଥିବା ଗ୍ରାମର ଅରୁଣ ବୈପାରୀ, ମହାନ୍ତି ରୂପଚାନ୍ଦ, ସୁବାସ ହିରନ, ଆର୍ତ୍ତ ଛାତି, ସୁଶାନ୍ତ ବୈପାରୀ, ପ୍ରସନ୍ନ ହିଆଳ, ଉରିଆଲ ମଣି, ଅକ୍ଷୟ ଚନ୍ଦ୍ରା ପ୍ରମୁଖ ପ୍ରକାଶ କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି।


ଷ୍ଟାଣ୍ଡପୋଷ୍ଟ ନିକଟରେ ମହିଳାମାନେ ହାଣ୍ଡି ରଖି ପ୍ରତିବାଦ କରୁଛନ୍ତି।

- ପମ୍ପ ଡ୍ରାଇଭର ଚଳାଇଛନ୍ତି ମନମାନି
- ପାଇପ ଯୋଗେ ଜଳ ଯୋଗାଣ ବାଧାପ୍ରାପ୍ତ
- ଅଭିଯୋଗ କଲେ ଶୁଣୁନି ଜିଲା, ବ୍ଲକ ପ୍ରଶାସନ

ଧରିତ୍ରୀ
DHARITRI



## ସଂକ୍ଷେପରେ

### ସାମ୍ନାକୁ ଆସୁଛି ଦୈନିକ ୧୮ ନିୟୁତ ମାଲ୍‌ୱେର



**ନୂଆଦିଲ୍ଲୀ,୨୯।୪:** ଗତ କିଛି ସପ୍ତାହ ମଧ୍ୟରେ ଦୈନିକ ୧୮ ନିୟୁତ ମାଲ୍‌ୱେର ସାମ୍ନାକୁ ଆସୁଥିବା ଜଣାପଡ଼ିଛି। କୋଭିଡ୍-୧୯ ଆଳରେ ସାଇବର ଅପରାଧୀମାନେ ଲୋକଙ୍କୁ ଠକିବାକୁ ଏଭଳି ଷଡ଼ଯନ୍ତ୍ର କରୁଥିବା ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ଗୁଗଲ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। କୋଭିଡ୍-୧୯ ସମ୍ପର୍କିତ ସିକ୍ୟୁରିଟି ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ଗୁଗଲ ପକ୍ଷରୁ ଏକ ନୂଆ ୱେବ୍‌ସାଇଟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନ ଉକ୍ତ ୱେବ୍‌ସାଇଟ ଇଂଲିଶ ଏବଂ ହିନ୍ଦୀରେ ଉପଲବ୍ଧ ରହିଛି। ଏହାକୁ ଅନ୍ୟ ଆଞ୍ଚଳିକ ଭାଷାରେ ଶୀଘ୍ର ଉପଲବ୍ଧ କରାଯିବ ବୋଲି ଗୁଗଲ ପକ୍ଷରୁ କୁହାଯାଇଛି।

### ଭୋଡାଫୋନକୁ ରିଫଣ୍ଡ ଲାଗି ଆଇଟି ବିଭାଗକୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୨୯।୪:** ୨୦୧୪-୧୫ ଆସେସମେଣ୍ଟ ବର୍ଷରେ ଭୋଡାଫୋନକୁ ୭୩୩ କୋଟି ଟଙ୍କାର ରିଫଣ୍ଡ ପ୍ରଦାନ କରିବା ଲାଗି ସୁପ୍ରିମକୋର୍ଟ ଆୟକର ବିଭାଗ(ଆଇଟି)କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪-୧୫ ଠାରୁ ୨୦୧୭-୧୮ ଯାଏ ୪୭୫୯.୦୭ କୋଟି ଟଙ୍କାର ରିଫଣ୍ଡ ଦେବା ଲାଗି ଭୋଡାଫୋନ ପକ୍ଷରୁ ଦାବି ହୋଇଥିଲେ। ଏହି ମାମଲାର ଶୁଣାଣିକରି ସର୍ବୋଚ୍ଚ ନ୍ୟାୟାଳୟ ୨୦୧୪-୧୫ର ରିଫଣ୍ଡ ରାଶି ଦେବାକୁ କହିଛନ୍ତି। ୪ ସପ୍ତାହ ମଧ୍ୟରେ ରିଫଣ୍ଡ ରାଶି ପ୍ରଦାନ ନେଇ କୁହାଯାଇଛି।

# ବ୍ୟାଙ୍କ ଜମା ଆଡ଼କୁ ନିବେଶକ

ମୁମ୍ବାଇ,୨୯।୪

ଡେଟ୍ ବର୍ଗରେ ମିଳୁଥିବା ଲାଭକୁ ଦେଖିଲେ ଗୋଟିଏ ସମୟରେ ପୁଞ୍ଜି ବଜାରର ନିବେଶକଙ୍କ ଏହା ଏକ ଅନ୍ୟତମ ପ୍ରମୁଖ ନିବେଶ ବିକଳ୍ପ ରହି ଆସିଥିଲା। ମାତ୍ର ଫ୍ରାଙ୍କଲିନ୍ ଟେମ୍ପଲଟନ ଭଳି ହାଇ ପ୍ରୋଫାଇଲ କମ୍ପାନୀ ଏହାର ୬ ଡେଟ୍ ସ୍କିମ୍‌କୁ ବନ୍ଦ କରିବାକୁ ଘୋଷଣା ପରେ ନିବେଶକଙ୍କ ମଧ୍ୟରେ ଡେଟ୍‌କୁ ନେଇ ପୂର୍ବାପେକ୍ଷା ଆଶଙ୍କା ବଢ଼ିଛି। ସେମାନେ ଏହି ଫଣ୍ଡଗୁଡ଼ିକରୁ ଟଙ୍କା କାଢ଼ି ନେଇ ବ୍ୟାଙ୍କରେ ଜମା କରୁଛନ୍ତି। ସୁରକ୍ଷାକୁ ବିଚାରକରି ନିବେଶକ ବ୍ୟାଙ୍କ ଜମା ଆଡ଼କୁ ମୁହାଁଉଛନ୍ତି ବୋଲି ଜଣେ ବ୍ୟାଙ୍କିଙ୍ଗ୍ ଶିଳ୍ପ ବିଶେଷଜ୍ଞ କହିଛନ୍ତି।




- ଡେଟ୍ ଫଣ୍ଡକୁ ନେଇ ଆଶଙ୍କା ବଢ଼ୁଛି
- ୧.୯୫ ଲକ୍ଷ କୋଟି ଉଠାଇ ନେଇଛନ୍ତି
- କିଛି ଘଟଣାକୁ ନେଇ ଭୟଭୀତ ନ ହେବାକୁ ନିବେଶକଙ୍କ ପରାମର୍ଶ

ବ୍ୟାଙ୍କଗୁଡ଼ିକର ପ୍ରଚଳିତ ଜମା ସ୍କିମ୍‌ଗୁଡ଼ିକରେ ବର୍ତ୍ତମାନ ଜମା ପରିମାଣ ବଢ଼ିଥିବା ଦେଖାଯାଉଛି। ସୂଚନାଯୋଗ୍ୟ କୋଭିଡ୍-୧୯ ଯୋଗୁ ବଜାରରେ ଲିକ୍ୟୁଡିଟି ଅଭାବ ହେବାରୁ ଫ୍ରାଙ୍କଲିନକୁ ଏହାର ସ୍କିମ୍ ବନ୍ଦ କରିବାକୁ ପଡ଼ିଲା। ଏହି ଫଣ୍ଡଗୁଡ଼ିକର ଆସେଟ ବେସ୍ ପ୍ରାୟ ୨୮ ହଜାର କୋଟି ଟଙ୍କା ରହିଛି। ଡେଟ୍ ମ୍ୟୁଚୁଆଲ ଫଣ୍ଡରୁ ଲୋକ ଏବେ ଟଙ୍କା ଉଠାଇ ନେଉଥିବା ବେଳେ ବ୍ୟାଙ୍କ ଜମା ବଢ଼ୁଛି। ପୁଞ୍ଜିବଜାରର ସମସ୍ୟାକୁ ସମାଧାନ କରିବା ଦିଗରେ ସରକାର ହସ୍ତକ୍ଷେପ କରିବା ନେଇ ବିଶେଷଜ୍ଞ କହିଛନ୍ତି। ମ୍ୟୁଚୁଆଲ ଫଣ୍ଡରୁ ଲୋକମାନେ ଟଙ୍କା କାଢ଼ିନେଉଥିବାରୁ ଅର୍ଥ ବ୍ୟାଙ୍କରେ ଜମା ହେଉଛି ବୋଲି ଇଣ୍ଡସ ଇଣ୍ଡ ବ୍ୟାଙ୍କ ସିଇଓ ସୁମନ୍ତ କଥପଲିଆ କହିଛନ୍ତି। ଏବେ ଅଧିକ ଅର୍ଥ ବ୍ୟାଙ୍କରେ ଜମା ହେଉଥିବାରୁ ଜମା ହାର ବ୍ୟାଙ୍କଗୁଡ଼ିକ କମାଉଛନ୍ତି। ଫେବୃୟାରୀ ୨୦୧୯ ପରଠାରୁ ବ୍ୟାଙ୍କଗୁଡ଼ିକ ଜମା ଉପରେ ହାର ପ୍ରାୟ ୪୫% ହ୍ରାସ କରିଛନ୍ତି। ଏଭଳି ସ୍ଥିତିରେ ମଧ୍ୟ ଲୋକମାନେ ଅଧିକ ପରିମାଣର ଅର୍ଥ ଜମା କରୁଛନ୍ତି। ଏପ୍ରିଲ ଗତ ୨ ସପ୍ତାହରେ ଜମା ହାର ୯.୪% ବଢ଼ିଛି। ଏହା ଗତ ବର୍ଷ ସମାନ ସମୟରେ ୭.୯୩% ରହିଥିଲା।

ଲୋକଙ୍କ ଦ୍ୱାରା ଜମା ପରିମାଣ ନିମ୍ନ ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି छୁଇଁବ ବୋଲି ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓ ମତବ୍ୟକ୍ତ କରିଛନ୍ତି। ଗତ ମାସରେ ଲୋକମାନେ ଡେଟ୍ ସେଗ୍‌ମେଣ୍ଟରୁ ୧.୯୫ ଲକ୍ଷ କୋଟି ଟଙ୍କା ଉଠାଇ ନେଇଛନ୍ତି। ବ୍ୟାଙ୍କ ଜମାରେ ସୁରକ୍ଷା ଏବଂ କ୍ରେଡିଟ୍ ରିସ୍କ ଭଳି ପ୍ରସଙ୍ଗ ନ ଥିବାରୁ ଲୋକମାନେ ଡେଟ୍‌ରେ କିଛି ଫାଇଦା ଥିଲେ ମଧ୍ୟ ଟଙ୍କା ଉଠାଇ ନେଉଛନ୍ତି। ଖୁଚୁରା ନିବେଶକଙ୍କ କ୍ଷେତ୍ରରେ ଏଭଳି ସ୍ଥିତି ଦେଖାଯାଉଛି। ସାଙ୍କଟମ୍ ୱେଲଥ ମ୍ୟାନେଜମେଣ୍ଟ ସହ ପ୍ରତିଷ୍ଠାତା ପ୍ରତୀକ ପନ୍ତ କହିଛନ୍ତି ଯେ, ଡେଟ୍ ନିବେଶର ନିରାପତ୍ତାକୁ ବିଚାରକରି ନିବେଶକ ନିଷ୍ପତ୍ତି ନେଉଥିବା ଦେଖାଯାଉଛି। ମୋଟାମୋଟି ଭାବେ କହିବାକୁ ଗଲେ ଡେଟ୍ ଫଣ୍ଡ ବର୍ଗ ଭଲ ରହିଛି। ମାତ୍ର କିଛି ଘଟଣାକୁ ସବୁ କିଛି ଭାବି ନେବା ସହ ନିବେଶକ ଯଦି ଛାନିଆ ହୋଇଯିବେ ତେବେ ସବୁ ନିଷ୍ପତ୍ତି ତାଙ୍କ ଉପରେ ହିଁ ରହିବ।

# କ୍ଷତିଗ୍ରସ୍ତ କ୍ଷେତ୍ରଗୁଡ଼ିକୁ ପ୍ୟାକେଜ

**ନୂଆଦିଲ୍ଲୀ, ୨୯।୪:** ବର୍ତ୍ତମାନ ଚ୍ୟାଲେଞ୍ଜିଂ ସ୍ଥିତିରେ କ୍ଷତିଗ୍ରସ୍ତ ଶିଳ୍ପକ୍ଷେତ୍ରଗୁଡ଼ିକୁ ସରକାର ପ୍ୟାକେଜ ପ୍ରଦାନ କରିବେ। ଏ ନେଇ ବିସ୍ତୃତ ଭାବେ ବିଚାର କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏ ଦିଗରେ ଶୀଘ୍ର ନିଷ୍ପତ୍ତି ନେବ ବୋଲି କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡକରୀ ବୁଧବାର ସୂଚନା ଦେଇଛନ୍ତି। ରିୟଲ ଇଷ୍ଟେଟ ସଂଘ ନାରେଡକୋ ସହ ସେ ଭିଡିଓ କନ୍‌ଫରେନ୍ସି ଯୋଗେ ଆଲୋଚନା କରିଛନ୍ତି। ତାଙ୍କ ସହ ଜଡ଼ିତ କ୍ଷେତ୍ରଗୁଡ଼ିକରେ ଉପୁଜିଥିବା ସମସ୍ୟାକୁ ନେଇ ସେ ସରକାରଙ୍କୁ ଅବଗତ କରାଇଛନ୍ତି। ଏ ଦିଗରେ ଚୂଡ଼ାନ୍ତ ନିଷ୍ପତ୍ତି ପିଏମ୍‌ଓ ନେବ ବୋଲି ସେ ମତ ରଖିଛନ୍ତି। ସେ କହିଛନ୍ତି, ସରକାର ଶିଳ୍ପ ସହ ଛିଡ଼ା ହୋଇଛନ୍ତି ଯାହାବି ପଦକ୍ଷେପ ନିଆଯିବ ସେ ନେଇ ଲୋକମାନେ ଜାଣିପାରିବେ। ସରକାର ବିଭିନ୍ନ ଦିଗକୁ ନେଇ ବିଚାର କରୁଥିବା ବେଳେ ଯାହା ସମ୍ଭବ ସେ ଦିଗରେ ପଦକ୍ଷେପ ନେବେ। ସେହିଭଳି ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଲାଗି ଏକ ସ୍ୱତନ୍ତ୍ର ନୀତି ଆଣିବାକୁ ସରକାର ଯୋଜନା



**ବିଚାର କରୁଛନ୍ତି ସରକାର**

ରଖିଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏବେ ଚାଇନାକୁ ନେଇ ବିଶ୍ୱ ସ୍ତରରେ ଯେଉଁଭଳି ଭାବନା ସୃଷ୍ଟି ହୋଇ ତାର ଲାଭ ଭାରତୀୟ ଶିଳ୍ପଜଗତ ନେବାର ସୁଯୋଗ ରହିଛି। ଦେଶର ଏମ୍‌ଏସ୍‌ଏମ୍‌ଇଗୁଡ଼ିକ କୃଷିଭିତ୍ତିକ ଶିଳ୍ପ ଉପରେ ଫୋକସ କରିବା ନେଇ ସେ ଆହ୍ୱାନ ଦେଇଛନ୍ତି।

# ଋଣ ମାଫ୍‌କୁ ନେଇ ପ୍ରଶ୍ନ ଉଠାଇଲେ ଚିଦାମ୍ବରମ

**ନୂଆଦିଲ୍ଲୀ,୨୯।୪:** ନୀରବ ମୋଦି, ମେହୁଲ ଚୋକ୍‌ସି ଏବଂ ବିଜୟ ମାଲ୍ୟାଙ୍କ ଭଳି ବ୍ୟକ୍ତିବିଶେଷ ବ୍ୟାଙ୍କରୁ ବହୁ କୋଟି ଟଙ୍କାର ଋଣ ଠକେଇକରି ଏବେ ବିଦେଶରେ ରହୁଛନ୍ତି। ସରକାର କାହିଁକି ସେମାନଙ୍କ ଋଣକୁ ରାଇଟ ଅଫ୍ କରିଛନ୍ତି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ତଥା କଂଗ୍ରେସ ନେତା ପି.ଚିଦାମ୍ବରମ ପ୍ରଶ୍ନ କରିଛନ୍ତି। ପଳାତକଙ୍କ ଋଣ ମାଫ୍ ନ ହେଉ ବୋଲି ସେ ଦାବି କରିଛନ୍ତି। ଅଧିକାଂଶ ଋଣ ଉପା ସରକାରଙ୍କ ଅମଳରେ ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନ ତାକୁ ଅସୁଲ କରିବାକୁ ପଦକ୍ଷେପ ନିଆଯାଉଛି



ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ। ଏହାର ଉତ୍ତର ଚିଦାମ୍ବରମ ରଖିଛନ୍ତି । ସାଧାରଣତଃ ପଳାତକଙ୍କ ଲାଗି ଋଣ ମାଫ୍ ସୁବିଧା ନ ଥାଏ। ମାତ୍ର ସରକାର କାହିଁକି ଏହାକୁ ଲାଗୁ କରାଇଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସରକାର ପଳାତକଙ୍କ ୬୮ ହଜାର କୋଟି ଟଙ୍କା ଋଣ ଛାଡ଼ କରିଥିବା ନେଇ କଂଗ୍ରେସ ପକ୍ଷରୁ ଅର୍ଥମନ୍ତ୍ରୀଙ୍କ ପ୍ରତିକ୍ରିୟା ଲୋଡ଼ାଯାଇଥିଲା। ଏହାର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ, ରାହୁଲ ଗାନ୍ଧୀ ରାଇଟ ଅଫ୍ ଏବଂ ଛାଡ଼ ମଧ୍ୟରେ ତଫାତ ଜାଣିବା ଉଚିତ। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଖିଲାପକାରୀଙ୍କୁ ସରକାର କାହିଁକି ଏତେ ଦରଦ ଦେଖାଉଛନ୍ତି। ଏ ଦିଗରେ ପ୍ରଧାନମନ୍ତ୍ରୀ ନିଜର ନୀରବତା ଭାଙ୍ଗନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି।

# ଏସ୍‌ବିଆଇ ମହିଳା ସଂଘ ପକ୍ଷରୁ ରିଲିଫ୍ ବଣ୍ଟନ



**ଭୁବନେଶ୍ୱର, ୨୯।୪:** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ମହିଳା ସଂଘ ଭୁବନେଶ୍ୱର ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। କୋଭିଡ୍-୧୯ ଯୋଗୁ ଫସି ରହିଥିବା ଲୋକଙ୍କ ଲାଗି ସଂଘ ପକ୍ଷରୁ ଏଭଳି ବ୍ୟବସ୍ଥା ହାତକୁ ନିଆଯାଇଛି। ଭୁବନେଶ୍ୱର ୟୁନିଟ-୮ ସ୍ଥିତ ନାରାୟଣ ବସ୍ତି ଏବଂ ଦେହୁରୀ ବସ୍ତିରେ ଶୃଙ୍ଖଳା ଖାଦ୍ୟ ପ୍ୟାକେଟ ଯୋଗାଣ ହୋଇଛି। କ୍ଲବର ସଭାପତି ପ୍ରବୀଣା କାଲାଙ୍କ ତତ୍ତ୍ୱାବଧାନରେ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି।

# ଭାରତ ଉପରେ ୟୁଏସ୍ କମ୍ପାନୀଙ୍କ ନଜର

**ନୂଆଦିଲ୍ଲୀ,୨୯।୪:** ମହାମାରୀ ଯୋଗୁ ସମସ୍ୟା ଉପୁଜୁଥିବାରୁ ୟୁନାଇଟେଡ୍ ଷ୍ଟେଟସ ଅଫ୍ ଆମେରିକା (ୟୁଏସ୍)ର କମ୍ପାନୀଗୁଡ଼ିକ ପରିଚାଳନାରେ ସମସ୍ୟା ସାମ୍ନା କରୁଛନ୍ତି। ଏହି ସ୍ଥିତିରେ କିଛି କମ୍ପାନୀ ଚାଇନାରୁ ବାହାରି ଆସିବାକୁ ଚାହୁଁଛନ୍ତି। କମ୍ପାନୀଗୁଡ଼ିକର ନଜର ଏବେ ଭାରତ ବଜାର ଉପରେ। ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟସ ସହ କମ୍ପାନୀଗୁଡ଼ିକ ବୈଠକ କରିଛନ୍ତି। ଯଦି କୌଣସି ଆମେରିକୀୟ କମ୍ପାନୀ ଭାରତ ଆସିବାକୁ ଇଚ୍ଛୁକ ସେମାନଙ୍କ ଲାଗି ରେଡ୍ କାର୍ପେଟ ପ୍ରସ୍ତୁତ ରଖିବାକୁ ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟଗୁଡ଼ିକୁ ସୋମବାର ପରାମର୍ଶ ଦେଇଥିଲେ।

## ଖେଳ ଖବର

### ଭାରତୀୟ ଟି୨୦ ଫ୍ରାଞ୍ଚାଇଜ୍ ମାଲିକ ବାସନ୍ଦ

**ନୂଆଦିଲ୍ଲୀ, ୨୯।୪ (ପି.ଟି.):** ଭ୍ରଷ୍ଟାଚାର ଅଭିଯୋଗରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବୁଧବାର ଦୀପକ ଅଗ୍ରୱାଲଙ୍କୁ ୨ବର୍ଷ ବାସନ୍ଦ କରିଛି। ଭାରତର ଏହି ବିଜ୍‌ନେସମ୍ୟାନ ୨୦୧୮ରେ ୟୁଏଇରେ ଅନୁଷ୍ଠିତ ଟି୧୦ ଲିଗ୍‌ର ଏକ ଫ୍ରାଞ୍ଚାଇଜ୍ ମାଲିକ ଥିଲେ। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ନେଇ ଚାଲିଥିବା ତଦନ୍ତ କାର୍ଯ୍ୟରେ ସେ ବାଧା ସୃଷ୍ଟି କରିଥିବା ସ୍ୱୀକାର କରିବାରୁ ଦଣ୍ଡକୁ ଦେଢ଼ବର୍ଷକୁ ହ୍ରାସ କରାଯାଇଛି। ଆଇସିସିର ଦୁର୍ନୀତି ନିରୋଧୀ ୟୁନିଟ (ଏସିୟୁ) ଦ୍ୱାରା ତଦନ୍ତ ଚାଲିଥିବାବେଳେ ଅଗ୍ରୱାଲ ତଦନ୍ତ ପାଇଁ ଆବଶ୍ୟକ ପଡ଼ୁଥିବା ତଥ୍ୟ ଓ ସୂଚନାକୁ ଟ୍ୟାମ୍ପରିଂ କିମ୍ବା ନଷ୍ଟ କରିଦେବାକୁ ଚେଷ୍ଟା କରିଥିଲେ। ଦୁର୍ନୀତି ନିରୋଧୀ ଟ୍ରିବ୍ୟୁନାଲରେ ଅଗ୍ରୱାଲଙ୍କ ମାମଲାର ଶୁଣାଣି ହୋଇଥିଲା। ତାଙ୍କର ଉତ୍ତର ସନ୍ତୋଷଜନକ ଥିଲା। କୌଣସି ମ୍ୟାଚରେ ସେ ଜନସ୍ୱାର୍ଥ ଅବା ବ୍ୟବସାୟିକ ହାନି କଲା ଭଳି କାର୍ଯ୍ୟ କରି ନ ଥିବା ତଦନ୍ତକାରୀ ଅଧିକାରୀମାନଙ୍କର ହୃଦ୍‌ବୋଧ ହୋଇଥିଲା।

### ଅଲିମ୍ପିକ୍ସ ପାଇଁ କୋଭିଡ୍-୧୯ ଟିକା ଜରୁରୀ ନୁହେଁ

**ସିଡନୀ,୨୯।୪ (ଏପି):** ଅଲିମ୍ପିକ୍ସ ଆୟୋଜନ ପାଇଁ କୋଭିଡ୍-୧୯ ଟିକା ଜରୁରୀ ବୋଲି କେତେକ ବୈଜ୍ଞାନିକ ଓ ଡାକ୍ତର ପରାମର୍ଶ ଦେଇଛନ୍ତି। ଏ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଥିବାବେଳେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଏହାକୁ ସେତେଟୋ ଗୁରୁତ୍ୱ ଦେଉ ନାହିଁ। ଟୋକିଓ ଅଲିମ୍ପିକ୍ସ ପାଇଁ ନିଯୁକ୍ତ ଆଇଓସି କୋର୍ଡିନେଶନ କମିଶନ ମୁଖ୍ୟ ଏଭଳି ପ୍ରସ୍ତାବକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଅଷ୍ଟ୍ରେଲିଆର ଆଇଓସି କମିଟି ମେମ୍ବର ସଦସ୍ୟ ଜନ୍ କୋଟ୍ସ ଏଥିରେ ମଧ୍ୟ ଏଥିରେ ସହମତ ନୁହନ୍ତି ବୋଲି କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶ ତଥା ପରାମର୍ଶ ଅନୁଯାୟୀ ଆମେ କାର୍ଯ୍ୟ କରୁଛୁ ବୋଲି ସେ କହିଛନ୍ତି। ଟିକା ମିଳିଲେ ନିଶ୍ଚିତ ଭାବେ ଭଲ ହେବ। ତେବେ ଆମେ ଡବ୍ଲ୍ୟୁଏଚ୍‌ଓ ଓ ଜାପାନ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଅନୁସାରେ ନିଷ୍ପତ୍ତି ନେବୁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ସ୍ୱାସ୍ଥ୍ୟ, ସୁରକ୍ଷା ଉପରେ ରିଣ୍ଟୁଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୯।୪(କ୍ରୀଡ଼ା ପ୍ରତିନିଧି)

ବିଶ୍ୱରେ କରୋନା ଭାଇରସ୍ ସଂକ୍ରମଣର ପ୍ରଭାବ ବିଭିନ୍ନ କ୍ରୀଡ଼ା ସଂଘ ମୁଖିଆମାନଙ୍କ ଚିନ୍ତା ବଢ଼ାଇବାରେ ଲାଗିଛି। କେବଳ ସମୟକୁ ଅପେକ୍ଷା ବ୍ୟତୀତ ଅନ୍ୟଗତି ନାହିଁ। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ। ଖେଳାଳିମାନେ ରାଜ୍ୟର ଅର୍ଦ୍ଧାଧିକ ଜିଲାରେ ଗୃହ ମଧ୍ୟରେ ଆବଦ୍ଧ ଥିବାରୁ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଆଦି ସୋସିଆଲ ମିଡିଆ ଜରିଆରେ ଖେଳାଳିଙ୍କ ସହ ଭାବର ଆଦାନ ପ୍ରଦାନ କରାଯିବା ସହ ଭିଡିଓ ମାଧ୍ୟମରେ ଟିପ୍ସ ଦିଆଯାଇ ସେମାନଙ୍କୁ ଫିଟ୍ ରଖିବା ପାଇଁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି ରାଜ୍ୟ ଟେନିସ କ୍ରିକେଟ ସମ୍ପାଦକ ତଥା ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ପଦବୀର ଅଧିକାରୀ ରିଣ୍ଟୁ ମିତ୍ର ।

ରିଣ୍ଟୁଙ୍କ କହିବା ଅନୁସାରେ କୋଭିଡ୍-୧୯ ଯୋଗୁ ମାର୍ଚ୍ଚ ୧୮ରୁ ୨୨ ପର୍ଯ୍ୟନ୍ତ କୁଚିଣ୍ଡାରେ ହେବାକୁଥିବା ଫେଡେରେଶନ କପ୍, ଚଣ୍ଡିଗଡ଼ ଚାମ୍ପିୟନ୍ସ ଟ୍ରଫି, ଗୁଜରାଟରେ ୧୭ ବର୍ଷରୁ କମ୍ ଜାତୀୟ ସିନିୟର, ନାସିକ୍‌ରେ ୧୪ ବର୍ଷରୁ କମ୍ ଜାତୀୟ ଟେନିସ କ୍ରିକେଟ ପ୍ରତିଯୋଗିତା ବାତିଲ ହୋଇଛି। ଉଭୟ ମହିଳା ଓ ପୁରୁଷ ବିଭାଗର ୩ଟି (ସିନିୟର ଏବଂ ୧୪ ଓ ୧୭ ବର୍ଷରୁ କମ୍) କାଟେଗୋରିରେ ଖେଳୁଥିବା ପିଲାମାନେ ଏବେ ରାଜ୍ୟର ବିଭିନ୍ନ ଜିଲାରେ ଗୃହାବଦ୍ଧ ଜୀବନ ବିତାଉଛନ୍ତି। ସ୍ଥିତି ସୁଧୁରିବାପରେ ଜାତୀୟ ପ୍ରତିଯୋଗିତା ଖେଳିବାକୁ ସେମାନେ ବ୍ୟାକୁଳ ହୋଇ ଅପେକ୍ଷା କରିଛନ୍ତି। "ଆମେ ସେମାନଙ୍କୁ ଫୋନ୍, ହ୍ୱାଟ୍ସଅପ୍ ଗ୍ରୁପ୍, ଫେସ୍‌ବୁକ୍ ମାଧ୍ୟମରେ ଏବଂ ଜୁମ୍ ସଫ୍ଟୱେର ଜରିଆରେ ଭିଡିଓ କନ୍‌ଫରେନ୍ସି କରି ବିଭିନ୍ନ ଟିପ୍ସ ଦେଉଛୁ ଏବଂ ଫିଟ୍ ରଖିବାକୁ ଉଦ୍ୟମ କରୁଛୁ। ପିଲାମାନେ ଘରେ ଫିଟ୍‌ନେସ ଟ୍ରେନିଂ କରୁଛନ୍ତି। ଭାବର ଆଦାନ ପ୍ରଦାନ ଦ୍ୱାରା ଦଳଗତ ମନୋଭାବ ମଧ୍ୟ ବଜାୟ ରହି ପାରିଛି। ମହିଳା ଖେଳାଳିଙ୍କ ସହ ରାଜ୍ୟ ଆସୋସିଏଶନ କୋଷାଧ୍ୟକ୍ଷ ରାଗିଣୀ ମିତ୍ର କ୍ରମାଗତ ସମ୍ପର୍କରେ ରହିଛନ୍ତି। ଅଧିକାଂଶ ସମୟ ଦଳୀୟ ବୈଠକ ଅନୁଷ୍ଠିତ ହେଉଛି। ଏଥିରେ କର୍ମକର୍ତ୍ତାଙ୍କ ସହ ପିଲାମାନେ ମଧ୍ୟ ଅଂଶଗ୍ରହଣ କରି ସେମାନଙ୍କ ମତ ରଖୁଛନ୍ତି। ଛାତ ଉପରେ ହେଉ କିମ୍ବା ଘର ଭିତରେ ସ୍ଥାନ ଦେଖି ପିଲାମାନଙ୍କୁ ଅଭ୍ୟାସ ପାଇଁ କୁହାଯାଇଛି। ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ପାଇଁ ଆମେ ଭିନ୍ନ ଯୋଜନା ପ୍ରସ୍ତୁତ କରିଛୁ" ବୋଲି ସେ କହିଛନ୍ତି।

ଟେନିସ କ୍ରିକେଟକୁ ନେଇ ଜାତୀୟ ସ୍ତରୀୟ ଅଧିକାରୀମାନେ ମଧ୍ୟ ଏବେ ବେଶ୍ ଚିନ୍ତିତ ବୋଲି ରିଣ୍ଟୁ କହିଛନ୍ତି। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ସମ୍ପାଦକ କହ୍ନେୟା ଗୁଜ୍ଜର ଏବଂ ୪ ଜୋନ୍‌ର ଡାଇରେକ୍ଟର( ପୂର୍ବାଞ୍ଚଳ-ରିଣ୍ଟୁ ମିତ୍ର, ପଶ୍ଚିମାଞ୍ଚଳ-ସୁରେନ୍ଦର ଗୁଜ୍ଜର, ଉତ୍ତରାଞ୍ଚଳ-ବୀରେନ୍ଦ୍ର ଶର୍ମା, ଦକ୍ଷିଣାଞ୍ଚଳ-ଗୋପାଳ ମାଖିଜା)ଙ୍କୁ ନେଇ ସୋସିଆଲ ମିଡିଆ ମାଧ୍ୟମରେ ବୈଠକ ହେଉଛି। ଟେନିସ କ୍ରିକେଟର ବର୍ତ୍ତମାନର ସ୍ଥିତି, ଭବିଷ୍ୟତର ଯୋଜନା ସମ୍ପର୍କରେ ଏହି ବୈଠକରେ ଆଲୋଚନା ହେଉଛି। ମାତ୍ର ୪ ବର୍ଷ ମଧ୍ୟରେ ଟେନିସ କ୍ରିକେଟର ଏକ ସମୃଦ୍ଧ ପରିବାର ତିଆରି ହୋଇଛି। ତାହା ଯେପରି ସୁସ୍ଥ ଏବଂ ସୁରକ୍ଷିତ ରହିପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ ନିର୍ଦ୍ଦେଶାବଳୀକୁ ପାଳନ କରି ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବୁ ବୋଲି ରିଣ୍ଟୁ କହିଛନ୍ତି।

# ଥୋମାସ୍, ଉବର କପ୍ ଫାଇନାଲ୍ସ ପୁଣି ଘୁଞ୍ଚିଲା

**ନୂଆଦିଲ୍ଲୀ, ୨୯।୪ (ପି.ଟି.):** ଦ୍ୱିତୀୟଥର ପାଇଁ ଥୋମାସ ଓ ଉବର କପ୍ ଫାଇନାଲ୍ସକୁ ଘୁଞ୍ଚାଯାଇଛି। କରୋନା ପାଇଁ ଏହି ଦୁଇ ଟୁର୍ନାମେଣ୍ଟକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଘୋଷଣା କରିଛି। ଏବେ ଏହି ଦୁଇଟି ଟିମ୍ ଚାମ୍ପିୟନଶିପ୍ ଡେନ୍‌ମାର୍କର ଆରହସରେ ଅକ୍ଟୋବର ୩ ଓ ୧୧ ତାରିଖ ମଧ୍ୟରେ ଆୟୋଜନ ହେବ ବୋଲି ବିଡବ୍ଲ୍ୟୁଏଫ୍ କହିଛି।

ପ୍ରଥମ ଏହି ଟୁର୍ନାମେଣ୍ଟ ମେ ୧୬ରୁ ୨୪ ତାରିଖରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ମାର୍ଚ୍ଚ ୨୦ ତାରିଖରେ ଏହାକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା ଓ ଏହି ଟୁର୍ନାମେଣ୍ଟକୁ ଅଗଷ୍ଟ ୧୫ରୁ ୨୩ ତାରିଖ ମଧ୍ୟରେ ଆୟୋଜନ କରାଯିବ ବୋଲି ସେତେବେଳେ ଘୋଷଣା କରାଯାଇଥିଲା। କରୋନା ଭାଇରସ ସଂକ୍ରମଣ ତଥା ମହାମାରୀ କାରଣରୁ ଏହି ଟୁର୍ନାମେଣ୍ଟଗୁଡ଼ିକୁ ସେପ୍ଟେମ୍ବର ପୂର୍ବରୁ ଆୟୋଜନ କରିବା ସମ୍ଭବ ନୁହଁ ବୋଲି ବିଡବ୍ଲ୍ୟୁଏଫ୍ କହିଛି।

ଇତିମଧ୍ୟରେ ଡେନ୍‌ମାର୍କ ସରକାର ଅଗଷ୍ଟ ପର୍ଯ୍ୟନ୍ତ ସର୍ବସାଧାରଣ ବହୁ ସଂଖ୍ୟାରେ ଏକାଠି ହେବା ପ୍ରକ୍ରିୟାକୁ ବାରଣ କରିଛନ୍ତି। ଫଳରେ ଅଗଷ୍ଟରେ ଏହି ଟୁର୍ନାମେଣ୍ଟ ଆୟୋଜନ କରିବା ଅସମ୍ଭବ ହୋଇପଡ଼ିଛି। ତେଣୁ ବିଡବ୍ଲ୍ୟୁଏଫ୍, ବ୍ୟାଡମିଣ୍ଟନ ଡେନମାର୍କ, ଟୁର୍ନାମେଣ୍ଟ ଆୟୋଜକ, ସ୍ପୋର୍ଟ୍ସ ଇଭେଣ୍ଟ ଡେନମାର୍କ ଓ ସ୍ଥାନୀୟ ଆରହୁସ ସରକାର ମିଳିତ ଭାବେ ଅକ୍ଟୋବରକୁ ଏହି ଟୁର୍ନାମେଣ୍ଟ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆଥ୍‌ଲେଟ, ଷ୍ଟାଫ୍, ଭଲ୍ୟୁଣ୍ଟିୟର୍ସ, ଜଜ୍ ଓ ପୂରା ବ୍ୟାଡମିଣ୍ଟନ ସମୁଦାୟର ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଆମେ ପ୍ରାଥମିକତା ଦେଉଛୁ ବୋଲି ବିଡବ୍ଲ୍ୟୁଏଫ୍ ସାଧାରଣ ସମ୍ପାଦକ ଜେନେରାଲ ଥୋମାସ ଲୁଣ୍ଡ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ), ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ଆମେ ଏହି ନିଷ୍ପତ୍ତି ନେଇଛୁ ।

# ହସିଙ୍କ 'ଶ୍ରେଷ୍ଠ ଶତ୍ରୁ ଏକାଦଶ' ଦଳରେ ସଚିନ, କୋହଲି, ସେହ୍ୱାଗ

**ସିଡ୍‌ନୀ, ୨୯।୪(ପି.ଟି.):** ଅଷ୍ଟ୍ରେଲୀୟ ପୂର୍ବତନ ବ୍ୟାଟ୍ସମ୍ୟାନ ମାଇକ ହସି ତାଙ୍କର ସର୍ବଶ୍ରେଷ୍ଠ ଶତ୍ରୁ ଏକାଦଶ (ବେଷ୍ଟ ଅଫ୍ ଏନିମିଜ୍ ଇଲେଭେନ)ଘୋଷଣା କରିଛନ୍ତି। ଏଥିରେ ସେ ୩ଜଣ ଭାରତୀୟ ଖେଳାଳିଙ୍କୁ ସାମିଲ କରିଛନ୍ତି। ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ, କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଓ ଏବେକାର ଅଧିନାୟକ ବିରାଟ କୋହଲିଙ୍କୁ ସେ ତାଙ୍କର ଏହି ଏକାଦଶରେ ସାମିଲ କରିଛନ୍ତି। ୨୦୦୫ରୁ ୨୦୧୩ ହସି ଟେଷ୍ଟ କ୍ରିକେଟରେ ସକ୍ରିୟ ଥିଲେ। ଯେଉଁ କ୍ରିକେଟରମାନଙ୍କ ବିରୋଧରେ ଟେଷ୍ଟ ଖେଳିଛନ୍ତି ସେମାନଙ୍କ ମଧ୍ୟରୁ ଖେଳାଳି ଚୟନ କରି ସେ ଏହି ଦଳ ଘୋଷଣା କରିଛନ୍ତି।

ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ



ପାଇଁ ସେହ୍ୱାଗଙ୍କୁ ଦଳରେ ନେଇଛନ୍ତି ବୋଲି ୪୪ ବର୍ଷୀୟ ହସି କହିଛନ୍ତି।

**ହସିଙ୍କ ଶ୍ରେଷ୍ଠ ଶତ୍ରୁ ଏକାଦଶ:** ବୀରେନ୍ଦ୍ର ସେହ୍ୱାଗ, ଗ୍ରେମ୍ ସ୍ମିଥ୍, ବ୍ରାଏନ ଲାରା, ସଚିନ ତେନ୍ଦୁଲକର, ବିରାଟ କୋହଲି, ଜ୍ୟାକ କାଲିସ୍, କୁମାର ସଙ୍ଗାକାରା, ଡେଲ୍ ଷ୍ଟେଇନ୍, ମର୍ନି ମୋର୍କେଲ, ଜେମ୍ସ ଆଣ୍ଡରସନ ଓ ମୁଥିଆ ମୁରଲିଧରନ।

# ଓଡ଼ିଶା ଏଫ୍‌ସି ସହ ଶୁଭମଙ୍କ ଚୁକ୍ତି ମିଆଦ ବୃଦ୍ଧି

ଭୁବନେଶ୍ୱର, ୨୯।୪(କ୍ରୀଡ଼ା ପ୍ରତିନିଧି)

ଯାହା ଆଶା କରାଯାଉଥିଲା ତାହା ହିଁ ହେଲା। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଗତ ସିଜନଠାରୁ ଭୁବନେଶ୍ୱର ଭିତ୍ତିକ ହୋଇଥିବା ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି ପ୍ରତିଭାସମ୍ପନ୍ନ ଓଡ଼ିଆ ଫୁଟବଲ ଖେଳାଳି ଶୁଭମ୍ ଷଡ଼ଙ୍ଗୀଙ୍କ ସହ ଚୁକ୍ତିମିଆଦ ବୃଦ୍ଧି କରିଛି। ବୁଧବାର ହୋଇଥିବା ଚୁକ୍ତି ଅନୁସାରେ ୧୯ ବର୍ଷୀୟ ଶୁଭମ୍ ୨୦୨୩ ପର୍ଯ୍ୟନ୍ତ କ୍ଲବ ପକ୍ଷରୁ ଖେଳିବେ। "ଶୁଭମ୍ ୧୭ ବର୍ଷର ହୋଇଥିବାବେଳେ କ୍ଲବ ସହିତ ଯୋଡ଼ି ହୋଇଥିଲେ। ସେ ଜଣେ ବିଚକ୍ଷଣ ପ୍ରତିଭାଧାରୀ ହୋଇଥିବାରୁ ପ୍ରଥମ ଖେଳାଳିଭାବେ ଆମେ ତାଙ୍କୁ ଆସ୍ପିରେ ଏକାଡେମୀକୁ ପଠାଇଥିଲୁ। ସମୟ ବଢ଼ିବା ସହ ସେ କ୍ରମେ ଅଭିଜ୍ଞ ହୋଇଛନ୍ତି ଏବଂ ଆଗାମୀ ଦିନରେ ଆହୁରି ଚମତ୍କାର



ଖେଳିବେ ବୋଲି ଆମର ଆଶା ରହିଛି। ଚଳିତ ବର୍ଷ ତାଙ୍କ ପ୍ରଦର୍ଶନ ଦର୍ଶନୀୟ ଥିଲା। ଏହା ତାଙ୍କ ପାଇଁ ଆରମ୍ଭ ମାତ୍ର। ସେ ବହୁତ ଆଗକୁ ଯାଇପାରିବେ ବୋଲି ପ୍ରମାଣିତ କରି ସାରିଛନ୍ତି। କଠିନ ପରିଶ୍ରମ ସହ ଧୈର୍ଯ୍ୟ ରଖିଲେ ଜଣେ ନିଜ ସ୍ୱପ୍ନ ସାର୍ଥକ କରିପାରିବ ବୋଲି ଶୁଭମ୍ ପ୍ରମାଣିତ କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ପାଇଁ ସେ ଆଦର୍ଶ ସାଜିଛନ୍ତି" ବୋଲି କ୍ଲବ ସଭାପତି ରୋହନ ଶର୍ମା ପ୍ରକାଶ କରିଛନ୍ତି।

ଚୁକ୍ତି ମିଆଦ ବୃଦ୍ଧିରେ ଶୁଭମ୍ ସ୍ୱାଭାବିକ ଖୁସି ଜାହିର କରିଛନ୍ତି। "ଆଗାମୀ ୩ ବର୍ଷ ପାଇଁ ଓଡ଼ିଶା ଏଫ୍‌ସି ସହିତ ରହିବା ନିଶ୍ଚିତ ହୋଇଥିବାରୁ ମୁଁ ବହୁତ ଖୁସି। କଳିଙ୍ଗ ଷ୍ଟାଡିୟମରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ମୁଁ ବହୁତ ଉପଭୋଗ କରିଛି। କ୍ଲବ ପାଇଁ ଆଗାମୀ ଦିନରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ। ଚୁକ୍ତି ବଢ଼ାଇଥିବାରୁ ଏବଂ କ୍ରମାଗତଭାବେ ସମର୍ଥନ ଦେଇ ଆସିଥିବାରୁ କ୍ଲବ ମ୍ୟାନେଜମେଣ୍ଟ ନିକଟରେ ମୁଁ କୃତଜ୍ଞ। ଆଗାମୀ ଦିନରେ ପଡ଼ିଆରେ ଭଲ ଖେଳି କ୍ଲବ ଏବଂ ମୋ ରାଜ୍ୟକୁ ଗର୍ବିତ କରିବାକୁ ଚେଷ୍ଟା କରିବି" ବୋଲି ଶୁଭମ୍ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ



ସ୍ୱର୍ଗତା ନଳିନୀପ୍ରଭା ନାଥ
କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୨୭।୧୨।୧୯୫୪
ତିରୋଧାନ: ୨୧।୦୪।୨୦୨୦
ଅସମୟରେ ଆମକୁ ଛାଡ଼ି ବହୁତ ଦୂରକୁ ଚାଲିଗଲୁ। ତୋର ସ୍ନେହ, ଶ୍ରଦ୍ଧା, ଲଭପାଇବା ଚିରସ୍ମରଣୀୟ ହୋଇ ରହୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
:ଶୋକସନ୍ତପ୍ତ:
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୬୮୬୦



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ